# ପ୍ରାଚୀନ ଓଡ଼ିଆ କବିତା

ସଂପାଦନା :
ଶ୍ରୀ ଚନ୍ଦ୍ରମୋହନ ମହାନ୍ତି

ଓଡ଼ିଶା ସାହିତ୍ୟ ଏକାଡେମୀ

# ପ୍ରାଚୀନ ଓଡ଼ିଆ କବିତା

ସଂକଳକ :
ଶ୍ରୀ ଯତୀନ୍ଦ୍ରମୋହନ ମହାନ୍ତି

ଓଡ଼ିଶା ସାହିତ୍ୟ ଏକାଡେମୀ

ପ୍ରାଚୀନ ଓଡ଼ିଆ କବିତା

ସଂକଳକ : ଶ୍ରୀ ଯତୀନ୍ଦ୍ରମୋହନ ମହାନ୍ତି

ପ୍ରକାଶକ : ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର-୭୫୧୦୧୪

ମୁଦ୍ରଣ : ରାଷ୍ଟ୍ରଭାଷା ପ୍ରେସ୍
କଟକ-୧

ପ୍ରଥମ ପ୍ରକାଶ : ୧୯୮୪—୧,୦୦୦

ମୂଲ୍ୟ : ଅଠେଇଶ ଟଙ୍କା

**PRACHINA ODIYA KAVITA**

*Compiled by* **Shri Jatindramohan Mohanty**

*Published by* **Orissa Sahitya Akademi**
Bhubaneswar 751014

*Printed at* Rastrabhasha Press
Cuttack-1

*First Edition* : **1984 - 1,000**

Price : **Twentyeight Rupees**

# ଉପୋଦ୍‌ଘାତ

ଖ୍ରୀଷ୍ଟୀୟ ଦଶମ-ଏକାଦଶ ଶତାବ୍ଦୀର "ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ"(?) ବା 'ଚର୍ଯ୍ୟାପଦ' ଠାରୁ ୧୭ଶ-୧୮ଶ ଶତାବ୍ଦୀ ପର୍ଯ୍ୟନ୍ତ ଆଠ-ନଅ-ଶତର ଓଡ଼ିଆ କାବ୍ୟ-ସମ୍ପଦର କେତେକ ନିର୍ବାଚିତ ଅଂଶ ଏହି ସଂକଳନରେ ସନ୍ନିବେଶିତ ହୋଇଅଛି। ଉପାଦେୟ ତଥା ଜିଜ୍ଞାସୁ ପାଠକ-ମାନଙ୍କୁ ଆଠ-ନଅଶତରେ ଓଡ଼ିଆ କାବ୍ୟୈଶ୍ୱର୍ଯ୍ୟ ସମ୍ବନ୍ଧ ଏହା କେତେକ ପରିମାଣରେ ପରିଚିତ କରାଇବ—ସନ୍ଦେହ ନାହିଁ।

ଆଧୁନିକଯୁଗର ଓଡ଼ିଆ କାବ୍ୟ-ସମ୍ପଦ ଅନ୍ୟ ଭାରତୀୟ ଭାଷାର କାବ୍ୟ-ସମ୍ପଦ ସହିତ ତୁଳନାତ୍ମକ ଦୃଷ୍ଟିରୁ ନ୍ୟୂନ ନୁହେଁ। କିନ୍ତୁ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ-ସମ୍ପଦର ଐଶ୍ୱର୍ଯ୍ୟ ଭାରତୀୟ ସାହିତ୍ୟରେ ଯଥାର୍ଥରେ ଅତୁଳନୀୟ। ସାରଳାଦାସଙ୍କୁ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରେ ସ୍ଥାପିତ କରାଯାଇଅଛି; ଯଦ୍ୟପି କେତେକାଳୀନ ଶିଳାଲେଖର ପ୍ରମାଣ ଦୃଷ୍ଟିରୁ ସେ ସୂର୍ଯ୍ୟବଂଶୀ ସମ୍ରାଟ କପିଳେନ୍ଦ୍ର ଦେବ (୧୫ଶ ଶତାବ୍ଦୀ-କର ଦରବାରୀ ମଧ୍ୟ ହୋଇ ପାରନ୍ତି। ସାରଳାଦାସ ଓଡ଼ିଆ ସାହିତ୍ୟର ଆଦିକବି ରୂପେ ସ୍ୱୀକୃତ ଓ ସମ୍ମାନିତ। କିନ୍ତୁ ସାରଳାଦାସଙ୍କ ପୂର୍ବରୁ ଓଡ଼ିଆରେ ସାହିତ୍ୟ ରଚନାର ଅନୁଶୀଳନ ନଥିଲେ, ସାରଳା ଏକାନ୍ତିକ ପ୍ରଚେଷ୍ଟାରେ "ମହାଭାରତ" ଭଳି ଏକ ବିଶାଳ, ମୌଳିକ, ଜାତୀୟ-ରୂପାୟିତ ଗ୍ରନ୍ଥ ରଚନା କରିପାରି ନଥାନ୍ତେ। ବତ୍ସାଦାସଙ୍କ 'କଳସା ଚଉତିଶା' ଓ ମାର୍କଣ୍ଡଦାସଙ୍କ "କେଶବ କୋଇଲି" ପ୍ରାକ୍-ସାରଳାଯୁଗର ରଚନା ବୋଲି ଧରି ନିଆଯାଇଅଛି। ବସ୍ତୁତଃ "କେଶବ କୋଇଲି"ରେ ବ୍ୟବହୃତ 'ସପନୀ' 'ଦପନୀ' ଭଳି ଶବ୍ଦ ସାରଳାଙ୍କ ପୂର୍ବକାଳୀନ/ଲୁପ୍ତ ଓଡ଼ିଆ ଶବ୍ଦ, ଏଥିରେ ସନ୍ଦେହ ନାହିଁ। ତୁଳନାତ୍ମକ ସାହିତ୍ୟ-[illegible]

ଦୃଷ୍ଟିରୁ ବିଚାରକଲେ ମାର୍କଣ୍ଡ ରଚିତ 'କେଶବ କୋଇଲି' ଏହି ରଚନା ଅନ୍ୟ ଭାରତୀୟ ସାହିତ୍ୟରେ ବିରଳ । ସାରଳାଦାସଙ୍କ ମହାଭାରତ, ସଂସ୍କୃତ ମହାଭାରତର ଅନୁବାଦ ନୁହେଁ । ମୂଳ ବା ସଂସ୍କୃତ ମହାଭାରତର ଢାଞ୍ଚା ମଧ୍ୟରେ ଓଡ଼ିଆ ଜାତିର ଇତିହାସ, ସଂସ୍କୃତି, ଲୋକକଥା, ଆଧ୍ୟାତ୍ମିକ ବିଶ୍ୱାସ ପ୍ରଭୃତିକୁ ଭର୍ତ୍ତିକରି ସେ ପ୍ରକୃତ ଓଡ଼ିଆ ଜାତିର ମହାଭାରତ ସାରଳାଦାସ ରଚନା କରିଅଛନ୍ତି । ତୁଳନାତ୍ମକ ଇତିହାସ ଦୃଷ୍ଟିରୁ ବିଚାର କଲେ, ସାରଳାଙ୍କ ସମସାମୟିକ କାଳରେ ଅନ୍ୟ କୌଣସି ଭାରତୀୟ ଭାଷା-ସାହିତ୍ୟରେ ଏପରି ବିପୁଳ ଉଦ୍ୟମ ପରିଲକ୍ଷିତ ହୁଏ ନାହିଁ । ସାରଳାଦାସଙ୍କ ମହାଭାରତରେ କେବଳ ଅନର୍ଗଳ ମୌଳିକତା ନାହିଁ, ଏଥିରେ ମଧ୍ୟ ସ୍ଥାନେ ସ୍ଥାନେ ଅଛି ବର୍ଣ୍ଣାଢ୍ୟ କବିତ୍ୱ । 'ଗଦାପର୍ବ'ରେ ବର୍ଣ୍ଣିତ "ଦୁର୍ଯ୍ୟୋଧନର ଉକ୍ତନଦୀ ସନ୍ତରଣ" ତାହାର ସାକ୍ଷ୍ୟ ବହନ କରିଥାଏ । ଏହାର ମୌଳିକତା ଓ କବିତ୍ୱ, ଆଧୁନିକଯୁଗର ପ୍ରବର୍ତ୍ତକ କବିବର ରାଧାନାଥ ରାୟଙ୍କୁ ମୁଗ୍ଧ ପ୍ରଭାବିତ ଓ ଅନୁପ୍ରେରିତ କରିଅଛି । ଜଗନ୍ନାଥଦାସଙ୍କ 'ଭାଗବତ' କେବଳ ଅନାବିଳ ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟରେ ପୂର୍ଣ୍ଣ, ସ୍ୱତନ୍ତ୍ର ଭି କାବ୍ୟ ସୌନ୍ଦର୍ଯ୍ୟରେ ମଧ୍ୟ ସେହିଭଳି ଉଜ୍ଜ୍ୱଳ, ଏଥିରେ ସନ୍ନିବିଷ୍ଟ 'ବର୍ଷା' ପଦ୍ୟଟି ତାହାର ସାମାନ୍ୟ ଉଦାହରଣ ମାତ୍ର ।

ଷୋଡ଼ଶ ଶତାବ୍ଦୀରେ, ଓଡ଼ିଶାରେ ସଂସ୍କୃତ କାବ୍ୟତତ୍ତ୍ୱ ଓ ରଚନା ଚୂଡ଼ାନ୍ତ ସ୍ପର୍ଶ କରିଥିବାବେଳେ, କବି ନରସିଂହ ସେଣ ଓଡ଼ିଆରେ ଛନ୍ଦୋବଦ୍ଧ କାବ୍ୟରଚନାର ଉଦ୍ୟମ ଆରମ୍ଭ କରିଥିଲେ । "ପରିମଳ" ଏହାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ । ପରବର୍ତ୍ତୀ କାଳରେ ବିଷ୍ଣୁଦାସ, ଧନଞ୍ଜୟ ଭଞ୍ଜ, ଶିଶୁଶଙ୍କର ଦାସ, ପ୍ରତାପ ରାୟ, ଦେବଦୁର୍ଲ୍ଲଭ ଦାସ, କାର୍ତ୍ତିକ ଦାସ, ଦନାଇ ଦାସ ଓ ପୁରୁଷୋତ୍ତମ ଦାସ ପ୍ରମୁଖ କବିମାନଙ୍କ କାବ୍ୟକୃତିରେ ଆଦି-ମଧ୍ୟଯୁଗର ଓଡ଼ିଆ-କାବ୍ୟ ପରିପୁଷ୍ଟ ହୋଇଥିଲା । ଅନ୍ୟ କୌଣସି ଭାରତୀୟ ଭାଷା-ସାହିତ୍ୟରେ ମଧ୍ୟ ଏକଶତାବ୍ଦୀମାନଙ୍କରେ ମୌଳିକ କାବ୍ୟ ରଚିତ ହୋଇଥିବାର ପ୍ରମାଣ ଏ ଯାବତ୍ ମିଳିନାହିଁ । ଏହି ଯୁଗର

କାବ୍ୟମାନଙ୍କରେ ସ୍ଥାନେ ସ୍ଥାନେ, ଉପମା, ଉତ୍ପ୍ରେକ୍ଷା ଓ ଶ୍ଳେଷ ପ୍ରଭୃତିର ଚମତ୍କାର ପଦ-ବିନ୍ୟାସ, ଅନଳଙ୍କାରିକ ସ୍ଥଳରେ ଯେପରି ସମ୍ପାଦିତ ହୋଇଅଛି, ତାହା ଏହି କାବ୍ୟଗୁଡ଼ିକର କବିତ୍ୱକୁ ପ୍ରାସାଦଗୁଣ-ଯୁକ୍ତ ଓ ଲାବଣ୍ୟମୟ କରି ପାରିଅଛି । ଏହି କାବ୍ୟସବୁ ଅନେକ ଓଡ଼ିଆ କାବ୍ୟର ସ୍ନିଗ୍ଧ ସୁକୁମାର ରୂପ ବହନ କରିଥାଏ । ସପ୍ତଦଶ ଶତାବ୍ଦୀର ଶେଷଭାଗକୁ ଓଡ଼ିଆକାବ୍ୟ କ୍ରମେ ଆଳଙ୍କାରିକ ପ୍ରଭାବ ପ୍ରଭାବିତ ହୋଇ ଉପେନ୍ଦ୍ର ଭଞ୍ଜ ଓ ଅଭିମନ୍ୟୁ ସାମନ୍ତସିଂହାରଙ୍କ ରଚନାରେ ଚୂଡ଼ାନ୍ତ ସ୍ପର୍ଶ କରିଥିଲା । କିନ୍ତୁ ଧନଞ୍ଜୟଭଞ୍ଜଙ୍କଠାରୁ ଊନବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ କାଳକୁ ଓଡ଼ିଆକାବ୍ୟର ଇତିହାସରେ ଆଳଙ୍କାରିକ-ଯୁଗ ବା ରୀତିର ମଧ୍ୟଯୁଗ ରୂପେ ଚିହ୍ନିତ କରାଯାଇପାରେ । ମାତ୍ର ସେ ଯୁଗର ରଚନା ଏହି କବିତା-ଗୁଚ୍ଛର ଅନ୍ତର୍ଭୁକ୍ତ ନୁହେଁ । ହୁଏତ ତାହା ସ୍ୱତନ୍ତ୍ର ଭାବରେ ପ୍ରକାଶିତ ହେବ । ତା' ନହେଲେ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟସାହିତ୍ୟର ପରିଚୟ ଅସମ୍ପୂର୍ଣ୍ଣ ରହିଯିବ ।

ସୁରେନ୍ଦ୍ର ମହାନ୍ତି
ସଭାପତି
ଓଡ଼ିଶା ସାହିତ୍ୟ ଅକାଦମୀ

# ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ

( ୧ )

( ରାଗ-କାମୋଦ )

ଭୁସୁକୁ ପାଦାନାମ୍—

ଅଧରାତି ଭର କମଳ ବିକସଉ
ବତିଶ ଜୋଇଣୀ ତସୁ ଅଙ୍ଗ ଉହ୍ଲସଉ ।
ଚାଲିଅ ଷସହର ମାଗେ ଅବଧୂଇ
ରଅଣହୁ ସହଜେ କହେଇ ।
ଚାଲିଅ ଷସହର ଗଉ ନିବାଣେ
କମଳିନି କମଳ ବହଇ ପଣାଲେଁ ।
ବିରମାନନ୍ଦ ବିଲକ୍ଷଣ ଶୁଧ
ଜୋ ଏଥୁ ବୁଝଇ ସୋ ଏଥୁ ବୁଧ ।
ଭୁସୁକୁ ଭଣଇ ମଇ ବୁଝିଅ ମେଳେଁ
ସହଜାନନ୍ଦ ମହାସୁହ ଲୀଳେଁ ।

[ ଜୋଇଣୀ—ଯୋଗିନୀ; ଷସହର—ଶଶଧର, ଚନ୍ଦ୍ର; ରଅଣହୁ—ରମଣରୁ; ନିବାଣେ—ନିର୍ବାଣେ; ପଣାଲେଁ—ପ୍ରଣାଳୀରେ ]

( ୨ )

( ରାଗ-ଦେଶାଖ )

କାହ୍ନୁ ପାଦାନାମ୍—

ନଗର ବାହ୍ୱିରେ ଡୋମ୍ବି ତୋହୋରି କୁଡ଼ିଆ
ଛୋଇଁ ଛୋଇ ଜାଇସୋ ବ୍ରାହ୍ମଣ ନାଡ଼ିଆ ।

ଆଲୋ ଡୋମ୍ବି ତୋଏ ସମ କରିବ ମ ସାଙ୍ଗ
ନିଘିଣ କାହ୍ନା କାପାଳି ଜୋଇ ଲଙ୍ଗ ।
ଏକ ସେ ପଦୁମା ଚୌଷଠି ପାଖୁଡ଼ୀ
ତହିଁ ଚଢ଼ି ନାଚଅ ଡୋମ୍ବୀ ବାପୁଡ଼ୀ ।
ହାଲେ ଡୋମ୍ବି ତୋ ପୁଛାମି ସଦଭାବେ
ଆଇସସି ଜାସି ଡୋମ୍ବୀ କାହାରି ନାବେଁ ।
ତାନ୍ତି ବିକଣଅ ଡୋମ୍ବୀ ଅବର ନା ଚଙ୍ଗିଡ଼ା
ତୋହୋର ଅନ୍ତରେ ଛାଡ଼ି ନଡ଼ ପେଡ଼ା ।
ତୁହ୍ଲେ ଡୋମ୍ବୀ ହାଁଉ କପାଳୀ
ତୋହୋର ଅନ୍ତରେ ମୋଏ ଘେଣିଲି ହାଡ଼େର ମାଳୀ ।
ସରବର ଭଞ୍ଜିଅ ଡୋମ୍ବୀ ଖାଅ ମୋଲଣ
ମାରମି ଡୋମ୍ବୀ ଲେମି ପରାଣ ।

[ କାହ୍ନା—କାହ୍ନୁ; ଲଙ୍ଗ—ଲଙ୍ଗଳା; ପଦୁମା—ପଦ୍ମ; ଚଙ୍ଗିଡ଼ା—ଚଙ୍ଗୁଡ଼ି; ନଡ଼—ନଟ; ପେଡ଼ା—ପେଟିକା; ହାଁଉ—ମୁଁ; ମୋଲଣ—ମୃଣାଳ ]

( ୩ )

( ରାଗ-ପଟମଞ୍ଜରୀ )

କାହ୍ନୁ ପାଦାନମ୍—

ଆଲିଏଁ କାଲିଏଁ ବାଟ ରୁନ୍ଧେଲା
ତା ଦେଖି କାହ୍ନୁ ବିମନ ଭଇଲା ।
କାହ୍ନୁ କାହିଁ ଗାଇ କରିବ ନିବାସ
ଜେ ମନ ଗୋଅର ସୋ ଉଆସ ।
ତେ ତିନ ତେ ତିନ ତିନ ହୋ ଭିନ୍ନା
ଭଣଇ କାହ୍ନୁ ଭବ ପରିଚ୍ଛିନ୍ନା ।
ଜେ ଜେ ଆଇଲା ତେ ତେ ଗେଲା
ଅବଣା ଗବଣେ କାହ୍ନୁ ବିମନ ଭଇଲା ।

ତେଣ ସେ କାହ୍ନୁ ନଅଡ଼ି ଏଦନଅର ବହିଁଲ
ଭଣଇ କାହ୍ନୁ ମୋହ୍ନ ଅନ୍ତି ନ ପଇସଇ ।

[ ଆଳଏଁ—ଭ୍ରମର; ଗୋଅର—ଗୋଚର; କୁଆଦ—ଆକାଶ ଓ କୁଦାସ; ଅବଣା ଗବଣେ—ଗମନାଗମନେ; ନଅଡ଼ି—ନିକଟେ; ମୋହ୍ନ ଅନ୍ତି—ମୋ ହୃଦରେ ]

( ୪ )

( ରାଗ-ପଟମଞ୍ଜରୀ )

ଲୁଇ ପାଦାନାମ୍—

କାଆ ତରୁବର ପଞ୍ଚ ବି ଡାଳ
ଚଞ୍ଚଳ ଚିଏ ପଇଠା କାଳ ।
ଦିଢ଼ କରିଅ ମହାସୁହ ପରିମାଣ
ଲୁଇ ଭଣଇ ଗୁରୁ ପୁଚ୍ଛିଅ ଜାଣ ।
ସଅଳ ସମାହିଅ କାହି କରିଅଇ
ସୁଖ ଦୁଖେତେଁ ନିଚିତ ମରିଅଇ ।
ଏଡ଼ି ଏଉ ଛାନ୍ଦକ ବାନ୍ଧ କରଣକ ପାଟେର ଆସ
ସୁନ ପାଖ ଭିତି ଲେହୁରେ ପାଶ ।
ଭଣଇ ଲୁଇ ଆମ୍ହେ ଝାଣେ ଦିଠାଁ
ଧମଣ ଚମଣ ବେଣି ପିଣ୍ଡି ବଇଠା ।

[ କାଆ—କାୟା; ଚିଏ—ଚିତ୍ତ; ସଅଳ—ସକଳ; ସମାହିଅ—ସମାଧିତ; ସୁନ—ଶୂନ୍ୟ; ଝାଣେ—ଧ୍ୟାନେ ]

( ୫ )

( ରାଗ-ପଟମଞ୍ଜରୀ )

ଲୁଇ ପାଦାନାମ୍—

ଭବ ନ ହୋଇ ଅଭାବ ଣ ଜାଇ
ଅଇସ ସଂବୋହେ କୋ ପତିଆଇ ।

ଲୁଇ ଭଣଇ ବଟ ଦୁଲକ୍ଖ ବିଣାଣା
ତିଅ ଧାଏ ବିଲସଇ ଉହ ଲାଗେ ଣା ।
ଜାହେର ବାଣଚିହ୍ନ ରୁବ ଣ ଜାଣୀ
ସୋ କଇସେ ଆଗମ ବେଏଁ ବଖାଣୀ ।
କାହେରେ କିଷ ଭଣୀ ମଇ ଦିବି ପିରିଚ୍ଛା
ଉଦକ ଚାନ୍ଦ ଜିମ ସାଚ ନ ମିଚ୍ଛା ।
ଲୁଇ ଭଣଇ ମଇ ଭାଇବ କିଷ
ଜା ଲଇ ଅଚ୍ଛମ ତା ହେର ଉହ ଣ ଦିସ ।

[ ଭବ—ଅସ୍ତିତ୍ୱ; ସଂବୋହେ—ସଂବୋଧେ; ଦୁଲକ୍ଖ—ଦୁର୍ଲକ୍ଷ୍ୟ; ବିଣାଣା—ବିଜ୍ଞାନ; ତିଅ—ତିନି; ଧାଏ—ଧାତୁ; ବାଣଚିହ୍ନ—ବର୍ଣ୍ଣଚିହ୍ନ; ଣ—ନ; ବେଏଁ—ବେଦେ; ପିରିଚ୍ଛା—ପରୀକ୍ଷା ଓ ପ୍ରଶ୍ନ; ଜିମ—ଯେମିତି; ଉହ—ତର୍କ ]

( ୨ )

( ରାଗ-ବଳାଡ୍ଡି )

ଶବର ପାଦାନାମ୍—

ଉଁଚ୍ଚ ଉଁଚ୍ଚ ପାବତ ତହିଁ ବସଇ ସବରୀ ବାଳୀ
ମୋରଙ୍ଗି ପୀଚ୍ଛ ପରହିଣ ସବରୀ ଗୀବତ ଗୁଞ୍ଜରୀ ମାଳୀ ।
ଉମତ ସବରୋ ପାଗଳ ସବରୋ ମା କର ଗୁଳୀ ଗୁହାଡ଼ା ତୋହୌରି
ଣିଅ ଘରିଣୀ ଣାମେ ସହଜ ସୁନ୍ଦରୀ ।
ଣାଣା ତରୁବର ମୌଳିଲରେ ଗଅଣତ ଲାଗେଲି ଡାଳୀ
ଏକେଲୀ ସବରୀ ଏ ବଣ ହିଣ୍ଡଇ କର୍ଣ୍ଣ କୁଣ୍ଡଳ ବଜ୍ରଧାରୀ ।
ତିଅ ଧାଉ ଖାଟ ପାଡ଼ିଲା ସବରୋ ମହାସୁହେ ସେଜ ଛାଇଲୀ
ସବରୋ ଭୁଜଙ୍ଗ ଣଇରାମଣୀ ଦାରୀ ପେହ୍ମରାତି ପୋହାଇଲୀ ।
ହିଅ ତାମ୍ବୋଲା ମହାସୁହେ କପୁର ଖାଇ
ସୁନ ଣେରାମଣି କଣ୍ଠେ ଲଇଆ ମହାସୁହେ ରାତି ପୋହାଇ ।

ଗୁଣ୍ଡୁବାକ୍ ପୁଚ୍ଛିଅଁ ଦଇ ନଅମଣ ବାଣେ
ଏକେ ଶର ସନ୍ଧାନେଁ ବନ୍ଧଣ ବନ୍ଧଣ ପଉମଣିବାଣେ ।
ଭ୍ରମର ପବନେ ଗନ୍ଧୁଆ ବେଗେ
ଶିଖରର ସିହର-ପଣ୍ଡ ପରସନ୍ତେ ପବନେ ଜେଲୁଡ଼ିବ ଜଇଜେ ।

[ ପାବତ—ପର୍ବତ; ମୋହରଙ୍ଗୀ—ମୟୂରଙ୍ଗ; ଗୀବତ—ଗ୍ରୀବା; ଭ୍ରମର—ଭ୍ରମଣ; ଗୁହଡ଼ା—ଗୁହାରି; ଶିଅ—ନିଜ; ଗଗଣାନ୍ତ—ଗଗନାନ୍ତ; ଝିଣ୍ଡଲ—ଦେହ୍ଣୁଲ; ଖାଟ—ଖଟ; ସେଜ—ସେଜ; ନୈରାମଣି—ନୈରାମ୍ଯା; ପ୍ରେମ୍ଣ—ପ୍ରେମ; ହୃଅ—ହୃଦୟ; ତାମ୍ବୋଳ—ତାମ୍ବୁଳ; ସୁନ—ଶୂନ୍ୟ; ନଅମଣ—ନଅ ମନ; ପଉମଣିବାଣେ—ପରମନବାଣେ; ସିହର—ଶିଖର ]

*

# ଶ୍ରୀ ଶୀଶୁ ବେଦ

ଶୂନ ମୋହର ପୁର ଅଲଗ ବିଲଗ
ନିରସ୍ତଂ ନିରନ୍ତର ସେହୁ ଅଲଗ
ସିସୁମ୍ନା ମଧ୍ୟେ ସତୋଜ ପ୍ରକାଶ
ବସନ୍ତ ନାଥେ ସେହିଁ ସିଧଙ୍କର ବିଶ୍ୱାସ । ୧ ।

କାଳ କମଳ ନିରଞ୍ଜନ ଭଜନ୍ତେଂ
ଶୂନକର ଠାବରେ ବାସ ।
ସେହିଁ ଗୁରୁ ସେବା ପ୍ରଭୁ ପ୍ରଭୁ କରି ବୁଝାଇଲିଂ
ସେ ଗୁରୁ ମୁହିଂ ତାଙ୍କ ଦାସର ଦାସ । ୨ ।

ସପତ ସମୁଦ୍ରେ ଥିଲି ନ ଖାଇଲି ନୀର
ମାତାର ଗର୍ଭେ ଥାଇ ନ ଖାଇଲି କ୍ଷୀର
ଯେତେବେଳେ ଅଇଲି ତେତେବେଳେ ଦେହଂ ଅଛି
ତା ସଙ୍ଗେ ଗରବେ ଦୁଅ ଗୁରୁମୁଖେ ପୁଛି । ୩ ।

ନସ୍ୱନ ମନ ପୁର ଶୂନକର ନଡ
ନସ୍ୱନ ମନ ପୁର ମଧ୍ୟେ ତତ
ନସ୍ୱନ ଭିତରେ ମନୁଆ ବସେ
ବ୍ରହ୍ମକୋଟି ତତ ସହସ୍ରଂ ପ୍ରକାଶେ । ୪ ।

ପବନ ଚାଳିଚିବେ ସତ୍ତ୍ୱତନ୍ତ୍ର ଫୁଟିବେ
ତତ ରସ୍ତବେ ଶୁଣିବାକ ପାଣି ।
ଚନ୍ଦ୍ର ସୂର୍ଯ୍ୟ ଯେଉଁ ଯୋଗୀ ଚିହ୍ନି ପାଠ ପାରଲ
ସେ ଯୋଗୀ ଅଟ ଗରୁଡ଼ ହଂସାଣୀ । ୫ ।

ଭୂଦେଗିଣ୍ଡ ଅନ୍ତ୍ରଗିଣ୍ଡ ଶୂନ୍ୟଗିଣ୍ଡ ମେଳା
ବନ୍ତ୍ରୀ ତତ୍ତ୍ୱବନ୍ଧ ପାଦ୍ମତମାଳା
ଯେବଣ ସେ ବନ୍ତ୍ରୀ ନାଦ୍ୱାରସ ଖାଇ
ତେଜ ପଛେ ଜଗିଲେ ଗଗନେ ସମ୍ଭାଳି । ୬ ।

ଯହୁଁ ଦେଖନ୍ତେ ମନ ଥିରେ ଥା
ଆଉ ଖଣ୍ଡକେ ପରମ ପଦ ପା
ମାହାଦେବ ପୂଜନ୍ତ ଯା । ୭ ।

ଅକଳଙ୍କ ମନ ଅସ୍ମୀଭୂତ ଥାଇ
ପୁରେ ନ ପୁରେ ଯାଇ ନ ଯାଇ ।
ଧଡ଼ ଧଡ଼ି ଲୁହନ୍ତୁ ଘୋଡ଼ିଛଣ୍ଡନ୍ତେ
ପିଣ୍ଡ ଛୁଟ ପ୍ରାଣ କେବେ ହେଁ ନ ଯାନ୍ତେ । ୮ ।

ମନ ବାନାରେ ପବନ ଖେଳା
ତା ଭୁଲେ ଖୁବ ନ ଯାଇ ।
ଶକ୍ତି କୁଣ୍ଡଳ ସଙ୍ଗି ମୂଳକମଳ ସ୍ପର୍ଶିଲେ
ସହେ ନମସ୍କ ବୋଲାଇ । ୯ ।

ମନେ ମନେ ଥିବା ଭେଦ ନ କହିବା
ପିଇବା ଶୀତଳ ନୀର
ଖାଇ ଛତ୍ର ପ୍ରସନ୍ନେ ଅମୃତ ଭୁଞ୍ଜିବା
ପିଇବା ଅମୃତ ଛୀର । ୧୦ ।

ମନ ମରଇତ ଯାଅଁଇ ପ୍ରାଣ
ମନ ମରଇ ତ କଇଲ ଧ୍ୟାନ
ମନ ଇନ୍ଦ୍ର ସେବେ ପ୍ରକୃତି ନିବାରଇ
ତାହା ସୁଖେ ବ୍ରହ୍ମ ତାକୁ ବସ୍ତ୍ରଇ । ୧୧ ।

ପବନ ଥିବାନ୍ତେ ଆଶା ଛେଦାଇ
ମନ ଥିବାନ୍ତେ କାମନା ଛୁଟଇ
ସୁରତି ଅଟଳ ବାନ୍ଧିଲ ଜାଣି
ତେ ସେ ପିଣ୍ଡକୁ ଧରଇ ପ୍ରାଣ । ୧୨ ।

ଖୋଜିଲେ ପାଇ ଧୂଳରେ ଗମିଲେ
ବାପୁଡ଼ାଇ ପାଉ ମନ କାଅଁଇ ପାଇଲେ

କାଳ ବିକାଳ ଦୁ ସାଧିଲା ସେତେ ଘାର
ଯମ ସଙ୍ଗାକୁ ତେ ପାଣି ବୁଡ଼ାଇ ଯାଉ । ୧୩ ।

ଅଷ୍ଟ ପାଥ କଳେବର ଷଟର
କାହ୍ନିଂ ଆଇଂ ଆ ସେ ବଅଇ ଉଭବ ।
ତତ ପ୍ରାଚତ ଜପାଜପ କାହ୍ନିଂ
ମଦେଲଣ ପ୍ରାଣ କାହ୍ନିଂ ସମ୍ଭାଇ । ୧୪ ।

ସର୍ବ ତଜନ୍ତେ ନ ତଜଇ ସେତୁ
ଅନୁଦିଶ ବରିଷନ୍ତେ ନ ଭିଜଇ ସେତୁ
ଖଡ଼ଗେ ଖାଣନ୍ତେ ନ ଲାଗଇ ରେଖ
ସେ ସେ ଘରତେ ଗୁରୁମୁଖେ ଦେଖ । ୧୫ ।

ଶବଦ ବୋଲାଇଲ ନିଶବଦେ ନଦା
ସେବକ ଶବଦେ ସ୍ୱେଂ ଉତଚନା
ଶବଦ ଯାଇ ନିଶବଦର ପ୍ରାଣ
ଶବଦ ନିଶବଦ ସ୍ୱେକଇ କାସ । ୧୬ ।

ମର ମର ପଣ୍ଡିତେ ମରଣ ସେ ମିଠା
ସେଜଣ ମରଣକୁ ଗୋରେଖ ଦର୍ଶୁ
ମରନ୍ତେଣ ଜୀବ ଟିକାକ ଯାନ୍ତିଂକ
ଯାଉଂ ଜାଉଂ ଲକ ସମର୍ପି ତନ୍ତିଂକ । ୧୭ ।

ଓଡ଼ାଣ ବୁଡ଼ିକ ରସ ଉଜାଲିଂକେ
ଧାନେ ଧ୍ୟାନେ ନଚଉଇ କାଷ୍ଠେ
ମାହାରସ ସୋଷିବେ ଗୁଞ୍ଜି ନ ଖସିବେ
ନାଥ ବଦନ୍ତି କରିଅଛୁ ଜୀବନକୁ ଅପାସେ । ୧୮ ।

ତରୁ ବନ୍ଧିଲେ ପବନାଦବଳ ଉର୍ଦ୍ଧେ ଘୁରଇ ନାହିଁ
ସହଜେ ଯୋଗୀ ନଦସ୍ପୁ ସିଦ୍ଧ ମନ ପବନ ସ୍ୱେବନ୍ଧ ଠାବ । ୧୯ ।

ଗଗନ ଅଭ୍ୟନ୍ତର ଶୂନ୍ୟର ନିରନ୍ତର
ମନ ପବନ ଥିର ରହିଆ
ଦେଖୁ ଅଗୋଚର ମନ ଧବଳିଁତ
ଯେ ତତ୍ତ୍ୱ ସଦଗୁରୁ କହିଆ । ୨୦ ।

ଯେତେକୁ ଦଶା ନ ଧରଇ ଶୀର
ତେତେକ୍ଷଣ ମନ ପବନ କରି ଥିର
ଧରେ ମଧ୍ୟେ ଶରିର ସମଧରି ଜାଣି
ତେବେ ସେ ପିଣ୍ଡକୁ ଧରତେ ପ୍ରାଣ । ୨୧ ।

କେବଣ ତତ୍ତ୍ୱେ ରହଇ ସମୀର
କେବଣ ତତ୍ତ୍ୱେ ମନ ହୋଇ ଥିର
କେବଣ ତତ୍ତ୍ୱେ ଲାଗଇ ସୁସ୍ୱାଦ
କେବଣ ତତ୍ତ୍ୱେ ଲାଗଇ ସମାଧି । ୨୨ ।

ବୁଦ୍ଧି ତତ୍ତ୍ୱେ ମନ ହୋଇ ଥିର
ନାଭି ତତ୍ତ୍ୱେ ରହଇ ସମୀର
କଣ୍ଠ ତତ୍ତ୍ୱେ ଲାଗଇ ସ୍ୱାଦ
ଗଗନ ତତ୍ତ୍ୱେ ଲାଗଇ ସମାଧି । ୨୩ ।

ନାଦ ସ୍ୱମକନ୍ତି ତତ୍ତ୍ୱଂର ତତ୍ଶ ତିଅଂଶା
ଯୋଗ ନୋହଇ ସର୍ବ ଜନା
ରେଖ ନାହିଁ ରୂପ ନାହିଁ ଗତି ନାହିଁ ଛାୟା!
ଜଗତେ ବ୍ୟାପିତ ଯେଉଁକଇ କାୟା ।
ଭୁଲାନ୍ତି ଅଶ୍ୱାସ ତିତ୍ରବକୁ ଗନ୍ଧୁଆ
ବାଳ ରେଖ ପ୍ରମାଣେ ଅଛି ବଢ଼ି ଘନୁଆ
ଲବଣୀ ଦୁଂ କୋମଳ ସୂତୀ ନାହିଁ ଫୁଟେ
ଅପଣଶୀ ବାତ୍ସଲ୍ୟ କଳୁ ନାହିଁ ଛୁଟେ । ୨୪ ।

ରକ୍ଷା କରନ୍ତୁ ମୀନ ଚଉରଙ୍ଗିଙ୍କ
ଗୋରକ୍ଷ ଅବଧୂତ
ମନ ମଚ୍ଛନ୍ଦ୍ର ସୁରେଶ୍ୱର ଚେତନା
ଚଉରଙ୍ଗି ଜ୍ଞାନ ଗୋରକ୍ଷ ନାଥ ।

ଯେବଣ ତତ ସଂକ୍ଷେ ପ୍ରକାଶଇ
ଯେବଣ ଭବ ଜନ୍ମ ମରଣ ବିନାଶଇ
ଯେବଣ ତତ ସ୍ୱପନେ ଦୂତରେ ଧରଇ
ବଦନ୍ତି ଈଶ୍ୱରେ ସେ କେବେହେଁ ନ ମରଇ । ୨୪ ।

*

# ଅମର କୋଷ

ବନ୍ଦଇଁ ଶିବସ୍ୱାନାଥ ମୂଳ ଶମ୍ଭୁ ବନ୍ଦଇ
ବନ୍ଦଇଁ କନ୍ଥଡ଼ନାଥ ଗମ୍ଭର ଗମ୍ଭୀର ।
ବନ୍ଦଇଁ ଜାଳାନ୍ଧର ଜ୍ଞାନଚକ୍ଷୁ ଚରମଣି
ବନ୍ଦଇଁ ଗୋବିନ୍ଦଚନ୍ଦ୍ର ମହାଲକ୍ଷ ନୃପମଣି
ବନ୍ଦଇଁ କୃଷ୍ଣୀପାଦ ଯେଉଁ ନିର୍ବାଣୀ ।
ବନ୍ଦଇଁ ନନ୍ଦନ୍ଦ୍ର ରାଜା ବିକ୍ରଚନ୍ଦ୍ର
ସତ୍ୟବାଦୀ ବନ୍ଦଇଁ ଧର୍ମ ସୁକେଶ୍ୱି ନରେନ୍ଦ୍ର ।
ବନ୍ଦଇଁ କୃଷ୍ଣ ଉଦେଶ୍ୱର ନବଲକ୍ଷ ଜାଗ୍ରଏ
ଯେଉଁଙ୍କ ଅନ୍ତର ମାଣ୍ଡୁଇ ଖଇଲିକଲ ଫଳ ପ୍ରାଏ ।
ଶିଶୁର ସୁନାର ଯେମନ୍ତ ବନ୍ଧୁ ପାଏ

ଷ୍ଟୁର ନ ଭେଟଇ ବ୍ୟାଧି ନ ଖାଏ
ସର୍ପିଣୀ ଦେଖି ଧୂଳି ପଳାଏ ।
ବାବୁ ସମ୍ଭୁ ଗମ୍ଭୀର ଗମ୍ଭୀର
ମୂର୍ତ୍ତିମୂଳେ ଅଚେତନ ଦେବାଇବାକ ଥିର ।
ନାସିକା ଘଣ୍ଟିକା ସୁଷୁମ୍ନା ସନ୍ଧି
ନାଦବିନ୍ଦୁ ସଞ୍ଚାରଇତନ ଯେ ଶମ୍ଭରେ କରଇ ବନ୍ଦୀ ।
ଯେ ଜାଣଇ ଅନାଦିନାଥର ବାଣୀ
ଏହି ଲକ୍ଷଣେ ଯେହି ଆଦେଶ କହନ୍ତି ।
ଆଦେଶ ଆଦି ପୁରୁଷ
ଆଦେଶ ଗୁରୁ ଚରଣେ
ଆଦିରୂପେ ଆଦିନାଥ ମାତୃଂମୋର ମତ୍ସ୍ୟେନ୍ଦ୍ରନାଥ ।
ଜ୍ଞାନ ଘରତେ ଚୌରଙ୍ଗୀନାଥ ।
ଘଟ ଘରତେ ଶ୍ରୀ ଗୋରେଖନାଥ ।
ଯତ୍ନ ଗୋରେଖ ପକ୍ଷ କଟେ ଆଉ
ଏବେ ଘଟେ ଆଉଁଶ ଦେଖି ନାହିଁ ବଇରି
ଉତ୍ତର, ଦକ୍ଷିଣ ପୂର୍ବ ପଶ୍ଚିମ ରୁଦ୍ରଶାନ୍ତ ରୁଦ୍ରବାଣୀ
ଚୌରାଶି ଲକ୍ଷ ଜୀବ ଜାଣି ।

ଅଗତ ଅକାଶ ପିବନ୍ତି ପବନ ପାଣି
ଶ୍ରୀ ଗୋରେଖନାଥ ପାଦୁକା ସ୍ୱାହାଂ, ଓଁ ନମଃ ।

ଦେଖ ଦେଖ ପୁତା ଅଦେଖ ଦେଖ
ଅଭୁଲଭୁଲ ଅମାପମାପ ଅଖାଇବଂ ଖାଇଂବ ।
ଅବୁଝ ଭଗ ବିଂଶୋକା ମଦର ମାୟାନପୁନ ମୁଦ୍ରାବନ୍ଧ କର
ନାସିକାରେ ପବନ ଲୁଚିଲ ଚନ୍ଦ୍ରଦରେ ସୂର୍ଯ୍ୟକୁ ନାଳ ।
ସାଧ ସାଧ ଯୋଗୀ ଓଁଦ୍ୱାଟ ଜାଣି
ସେଜେଣି ଟଳମଟଳ କାୟା ଦେଖାଇଂବ ନବାଣି
ପ୍ରାଦେକାଇଂ ପୁତା ବାଇ ବଣ ବୋଲି
ଅଙ୍କୁଳ ପୁତା ସୁଦ ସଦୃଂ ବୋଲି ।
ତହିଂର ଉପରକୁ ବୋଲି ଶୁକଳ ବେଗମଙ୍ଗଳ
ଖଣ୍ଡ ଗଣ୍ଡି କ ବୋଲି ପୁତା ତଣ୍ଟଣଂ କୁଣ୍ଡଳ
ତହିଂର ଉଦରକାଇଂ ମାନସାଂଗ ବୋଲି ।
ଆଣ୍ଠୁକୁ ଝଞ୍ଜରୀ ଢାଙ୍କ ବୋଲି
ଜଙ୍ଘକୁ ବିକୁଟ ସଦୃଂ ବୋଲି ।
ତହିଂର ଉପରକୁ ଚନ୍ଦ୍ର ଚକୋର ବୋଲି
ତସ୍ତୁଅଳଇ ଭଦ୍ରଚନ୍ଦ୍ର ବୋଲି
ତହିଂରକାଇ ଅଣ୍ଡ ପ୍ରମାଣୀ ବୋଲି ।
ତହିଂର ତଳକାଇ ପିଙ୍ଗି କୁର୍ଦ୍ଦର ସ୍ଥାନ
ତହିଂର ଉପରକୁ ବଡ଼ମାନନ୍ଦ ମାନସଣ ।
କୁର୍ଣ୍ଣ କୁର୍ଣ୍ଣ ପୁତାରେ ଲଙ୍କଗର ବସ୍ତର
ତହିଂର ଉପରେ ବସଇଂ କମଳ ଚନ୍ଦ୍ର ଦେବତା
ଅଗ୍ନିକ ବାଇ ଉଜାଇଂ
ଶୁଣ ଶୁଣ ଦେଖ ସେ ଅଗ୍ନି ତ୍ରିବେଣୀ ଜଳେ ସେ ସ୍ଥାଣ ଥାଇ ।
ଜଳରେ ଭେଦ ଯେତେବଂ କୃଷ୍ଣଂ ଦ୍ୱାରେ ପୁକାଇଂ ।
ସେ ସେ ଶୋଷେକ ଯୋଗ ମୁଦ୍ରା ଅଟଇଂ ବାଥ କାୟାଂ ଶୁଖାଇ
ତହୁଂ ଛାଙ୍କି ଆଣେ ମୁଖେ ଦେଇ ଜାଣ
ଦେଖ ଦେଖ ପ୍ରଜଳନ୍ତ ଅଗ୍ନି ଜଳିଲା ସପତ ପାତାଳ ।

ଶୁଣ ପୁତା ଅମର କୋଷର କଥା
ହୃଦସ୍ଥ ଚକ୍ର ଉପରେ ପରମ ଆତ୍ମା ପ୍ରାଣଲିଙ୍ଗଙ୍କୁ ସେବ ପ୍ରକଟ ।
ଶୁଣ ପୁତା ମେଳରେ ନବ କାଷ୍ଠୀର ବାଟ
ହୃଦସ୍ଥକୁ ଦେଖି ଗୋଲ୍ଲଘାଟ ।
ତହିଁର ଉପରେ ଅଲେଖ ଆତ୍ମା କରନ୍ତି ଭେଟ
ତହିଁର ଉପରେ ବସଇ ଚଉଂଷଠି କୋଟି ।
ଚଉଷଠି କୋଟିର ପୁତା ଜାଣି ଆସି ବାଟ
ତହିଁରେ ଆଜ ଏ ନିରଞ୍ଜନର ପଡ଼ିଅଛୁ ବଜ୍ରକବାଟ ।
ଶୁଣ ଶୁଣ ନୋଲରେ ଘଣ୍ଟିକା ଦ୍ୱାରର ଥାନ
ଯହିଁ ସେ କିଙ୍କିଣୀ ଥାଇ ନ ଶୁଣଇ ବ୍ରହ୍ମସ୍ଥାନ ।
ଶୁଣ ପୁତା ଲୋଲରେ ଶୀତଳ ଜ୍ଞାନଙ୍କର ବନ
ତହିଁର ଉପରେ କଳକାଳ ଦୂତେ ପାଉଛନ୍ତି ଫାନ୍ଦ ।
ତହିଁର ଉପରେ ଜ୍ଞାନଚନ୍ଦ୍ରର ଥାନ
ତହିଁକି ଲକ୍ଷ୍ୟେ କରୁଛନ୍ତି ସିଦ୍ଧ ମୁନିମାନ ।
ତହିଁର ଉପରେ ଶୂନ୍ୟଗିରିମାନ ପ୍ରକାଶି
ତହିଁ ସେ ଅମରର ପୁରେ ଅଛନ୍ତି ପାଇଣା ବସି ।
ନାସିକା ଦ୍ୱାରେ ପୁତା ଶୂନ୍ୟ ପୁରୁଷର ଥିତି
ତାହାଙ୍କୁ ଧ୍ୟାନେ କରି ବଞ୍ଚ ପାଇଲୁ ପରମ ବିଭୂତି ।
ତହିଁର ଉପରେ ଜଣସ୍କୁ ଗିରିମାନ
ତହିଁ ଘରେ ଭ୍ରମର ଗୁମ୍ଫା ବଧାନ ।
ଭୂକି ଦେଖ ଆଉଂ ଭ୍ରମରଗୁମ୍ଫନ କରେ ତଣି
ଧ୍ୟାନ ଲକ୍ଷ୍ୟେ କରି ନ ବାଉଳ ସମାଧି ।
ଚଢ଼ିଆ ଭ୍ରମରକୁ ସେଦିନ ଚେତନ ନ ଥାଇ
ଦେଖ ଦେଖ ପୂର୍ଣ କାୟା ଶୂନ୍ୟରେ ଲୁଚଇଂ ।
ତହିଁ ଉପରେ ବସଇଂ ଟେମ୍ପୁ ଗିରିମାନ
ତହିଁ ସେ ଚତୁସ୍ତୂର୍ଯ୍ୟ କରୁଛନ୍ତି ଆତ୍ମଜ୍ଞାନ ।
ଟେମ୍ପୁ ଗିରି ଉପରେ ପୁତାରେ ଅରଣ୍ୟ ଅପାର
ତହିଁ ସେ ପ୍ରକୃତିମାନେ କରୁଛନ୍ତି ଘର ।

ସେଠାକୁ ଲକ୍ଷ୍ୟ ସୂତାରେ ଉଡ଼ୋଇ ଜକାଶି
ଅରଣ୍ୟ ବୋଧ୍ୟ ଜରୁ ବନ୍ଧର ସାତତାଳ ପାଣି
ସୋଗ ବସୁଣରେ ଯୋଗୀଜନମାନ
ଚାହାଁ ହୋଇ ଭଜନପାଉ ଘାଟ ମଧୁବନ ହୋଇଲ ନାମ ।

ମଧୁବନ ରକ୍ଷା ଶଙ୍ଖଗୁପତ ବୃକ୍ଷ ମନ
ତଳ୍ପଂର ଉପରେ ଡାକୁରଣ୍ଟ ହୋଇଲ ନାମ ।
ଦେଖ ଦେଖ ସୁତାରେ ସାମାନ୍ୟ ସେ ଗଛର ଆଦିମୂଳ
ଜଳ୍ପଂର ପାଣି ବଢ଼ାଇଲେ ବୃକ୍ଷମୂଳ ହୋଇବଟି ଶୀତଳ ।
ବୃକ୍ଷ ଉପରେ ବଦ୍ଧଙ୍ଗମାନ
ସେ ସେ ବଦ୍ଧଙ୍ଗମ ଭଙ୍ଗିଲେ ଈଶ୍ୱରଙ୍କର ଯୋଗଧ୍ୟାନ ।

ପଦ୍ମନେତ୍ର ସୁତାରେ ଚୋରି ଜେବି ଅମର କୋଷ ଝଗୁର
ଛ ଛଦ ବନ୍ଧନ ପଞ୍ଚମୁନା ନାସିକ ସଂଧି ।

ମାସ୍ତ୍ରୀ ମଣ୍ଡଳ ଅବଦେଳ ଶବଦ
ଦଶଦ୍ୱାର ରୁନ୍ଧି ସୁତାରେ କାୟା ସ୍ଥିର ହେବ ।
ସେତେବେଳେ ସେ ସରୁମଣ୍ଡପ ହୋଇଣ ହେବ ସେଳଦ ।
ଜଳ୍ପଂର ଉପରେ କୁଣ୍ଡଳ ନାମେ ସର୍ପେକ ଅଛି ।
ସେ ସର୍ପର ଛୁଇଲେ ଅତ ମଞ୍ଜୁଆଳ

ଶୁଖିଲ କାୟା ହୋଇବ ବୃଷାଳ ।
ପ୍ରକୃତ ବଟୀ ହୋଇବ ତାଆ ଡଇଡ଼ବ ବଧୀ
ବେକୁ ମନ୍ତ୍ରଂର ତାଆ ଡଇଡବ ଛନ୍ଦ ।

ତନ ତନୁଡ଼ୀ ମଧ୍ୟେ ଜମାଣିଆ ପାଞ୍ଚଗୁଣ ଶାଳ
ଘଣ୍ଟ ଘଣ୍ଟଣି ଫଳ ପ୍ରକୃତ ବାସନା ଅପାର
ଶୂନ୍ୟ ଦେଖ ସୁତାରେ ଅଲେଖ ପିଣ୍ଡର ଜମାର ।
ଚାଇଲ ନାସ୍ତ୍ରାର ବସ୍ତୁର
ଗିରିବର ଶୋଧ କାୟା କନ୍ଦର୍ପ ମଣ୍ଡ ଏଣ୍ଡଳକ ଗଣ୍ଡି
ସେବଣ ସେ ଗଣ୍ଡି ଭଙ୍ଗେ ନ ପଞ୍ଚି ।
ତାଳୀ ତଣ୍ଡ ଉପରେ ଅଦେଗିର ହୋଇ

ଯାହାଙ୍କ ଧାଏ କଲେ ଅନ୍ତମୁଖ ହୋଇଂ
ତାହାଙ୍କର ବାଏଁ ବସିଛ କଉର୍ଣ୍ଣ ନାମେ ଶକ୍ତିଆଉ
ତାହାଙ୍କୁ ଧରତେ ହୋଇଲେ ଯାଇଂ ଭବନଦ ପାର ।
ତାହାଙ୍କର ଉପରେ ପୃଷ୍ଠରେ ଆସ ପରକାଶୀ
ସେ ଦେବାସୁର ଖୋଜ ତା ନ ଜାଣି ।
ସେ ନସ ଯୋଗ ଦୃଢ଼େ ଦେବାକ ମନ
ସେଠାରୁ ଜାତ ହୋଇଅଛି ଅଣବ୍ରଣ ପବନ ।
ଅଣବ୍ରଣ ପବନ ନିରନ୍ତରେ ଉଜାଣିଲ
ଆହୁଂଟ ହାଥ କାସ୍ୱା ତଣ୍ଡେ ବୁଲୁଥାଇ ।
ଋଷୁଣ ବୁଝିଲେ ସେଙ୍କ ସେ ଶୂନ୍ୟ ।୧୬୦।
ଅଲେଖ ଓଳିଂ ମାପିଲେ ଦ୍ୱାଦଶ ଅଙ୍ଗୁଳ ହଂସାର ପବନ ।
ମହାଭୂଷ ପୃଣରେ ତାହାଙ୍କ ସେ ଆଧାର ।
ଶୁଣ ଶୁଣ ଲୋଇଂରେ ବାମ କମଳ ସ୍ଥିତି ।
ସୁଷୁମ୍ନା ଡାହାଣେ ଲୁଦ୍ଧ ଧାଇଲାକ ତେତେବେ
ଛମନ୍ତୁ ପରିହରନ୍ତ ଧାଏ ନ ଲାଗିଲାକ ତେତେବେ ।
କୁଳ କୁଣ୍ଡଳୀ ଜିହ୍ୱର ସ୍ୱରଇ ପୂରଇ
ତାହାଙ୍କ ଲାଗିଲେ ସେ ପିଣ୍ଡ କେବେହେଂ ନ ମରଇ ।
ଭଙ୍ଗୁଂ ଖସିଲେ ସମ୍ଭାଳ ନ ସ ର
ତାହାଙ୍କଂ ଲାଗିଅଛି ପିଷୁମ୍ନା ଶାହାର ।
ତାହାଙ୍କର ଉପରେ ବ୍ୟୋମ ଆକାଶ ।୧୭୦।
ତାହାଂ ସେ ବାଇଂଦ ପାନେ କରିଛନ୍ତି ଆଶ ।
ଦୂଇନସୁରନ ପୁଛାରେ ଦେଖିବ ନପାରି
ସଚନ ଲୋଡନେ ଜ୍ଞାନ ଶବ୍ଦର ।
ଶୁଣ ପୁତା ଲେଖନର ବଖାର ବସ୍ତର
ସେମନଙ୍କ କାନ୍ତ ଜାଗି ତୋହର ଦଇ ।

ଲେଖ ଉବାଚ—

ଲେଖ ହେବଇ ଶୁଣ ଅଣାକାର ପୁରୁଷ
କେଉଂଠାଇଂ ଥାଇଂ ହେଲ ଯୋଗ ଉପଦେଶ ।

ଗିରିବରମାନେ ଜଗମ ଗରଥାନ
ତତ୍ତ୍ୱଂ ବର୍ଣ୍ଣି ସାଧିଲେ ସାରବାକ ଜ୍ଞାନ
ଚେଲାର ପଚାରଇ ଶୁଣିମା ଗୋସାଇଁ
ବଳୁ ଆଧାରେକ ପରମହଂସ ରହଇ ।

ଆଦିନାଥ ଉବାଚ—

ସଦଗୁରୁ ବୋଲନ୍ତି ଶୁଣ ପୁତ୍ରା ଚେଲା
ଭବ ଅନ୍ଧକାରେ ପୁତ୍ରାରେ ମନ୍ତ୍ର ଖେଳ ତତ୍ତ୍ୱଂ ସାର ।
ଗରମ ହଂସ ଉଡ଼ିଲା ଗିରିବାରୁ ମୁଦଳି
ଶୂନ୍ୟ ଭୁଷା ଶୂନ୍ୟାଇଂ କେଉଂଠେ ନ ଲଗିଲା ।
ଅଛଇ ମାଣି ଶୂନ୍ୟେ ସନ୍ଧାର
ତୋତେ ଭୁଷା ଦେବରେ ବଜନନ୍ତ ହୋଇ ।
ଶୁଣି ପୁତ୍ରା ଚେଲାଇରେ ଆଗ ଭୁଷା ଦେବା
ଏଛ କଇଂ ପୁତ୍ରା କଣସ୍ତୁ କୋଷ୍ଠ ନ ଦେଖ ।
ଚଞ୍ଚଳ ମନ ନସ୍ତେ ଲୁଜାଇ
ଭୁଷା ବନ୍ଧନେ ଭୂଷିବୁତି ବାଇ ।
ସ୍ୱର୍ଣ୍ଣ ଘରେ ତନୁ ପୁତ୍ରାରେ ଚିନ୍ତାମଣି ନେଉନ
ଭଣ୍ଡ ପୋଷ ପାଇଲା ଜାସ୍ତା ସମସ୍ତ ସତନେ
ଆହାର ଛାଡ଼ି କଣ ଦସ୍ତା ସେବେ ପାଇବୁ
ଜାସ୍ତାକୁ ବଳଷ ଭୁଷା କୁଳରେ ଖାଇବୁ ।

ଚେଲା ଉବାଚ ·—

ଚେଲାଇ ପଚାରଇ ଗୁରୁ ହେ ଭୁଷା ଖାଇବ କେଉଁଣେ ଏହା
ଅନେହେନେ ଅଗ୍ନିରେ ପକାଇବୁ ପୁତ୍ରା ତାହା ।
ଜଳ ତେବୁ ବୃକ୍ଷ ବୃତ୍ତାନ୍ତେନ
ଗୁରୁ କାହିଲୁ ସେବେ ହେମାଜୋଗନେ ବୁଝି
ତେବେ ସେ ଖଅଂ ନେଉଥନେ ସୁତେଂ ସିବେ ଉଡ଼ି ।
ଚେଲାଇ ପଚାରଇ ଗୁରୁ ହେ କହାଇଲେକ ବାରଂ

ପିମ୍ପୁଡ଼ି ବାଟେ କାହିଂ ଚାହୁଁଥା ସମ୍ଭାଳିଂ
ଯୁ ଯୁଗେ ସତ୍ୟବରେ ହେବେ ଚାହୁଁଥା ପ୍ରାଣୀ ସାଇଂ ।

ଆଦିନାଥ ଉବାଚ—

ଶୁଣ ଶୁଣ ପୁତା ଜେଇସରେ ପିମ୍ପୁଡ଼ି ଯାଏ ବାଟ କଢ଼ାଇ
ଅଦୃଷ୍ଟ ଅଶ୍ରୁତ ପୁତା ନ ପାଇ ଥାନ୍ତି ଚୋଇଂ ।
ଯେବେ ସେ ହିଣ୍ଡୁଣେ ପଡନ ଚୋଇବାକ ଦେଖି
ନାସିକା ଘାଣେ ଯେବେ ଲୁଣିତ ପାଇବାଇଂ ।
ଜେତ ଦେଶେ ଯତୀ ସ୍ୱାଭବ ଚାଲି ଚାଲୁ
ଅଷ୍ଟଂଶିଖ ଚରଣ ପୁତା ଶୃଙ୍ଗଶିଖ ଛିଣ୍ଡି
ଯାହାକର ଛିଣ୍ଡିଲେ ପିଣ୍ଡ ଚୋଇବ ମୃତ୍ୟୁ ମୁକତ । ୧୨ ।
ଦେଖ ଦେଖ ପୁତା ମାୟା ସଂସାର ରଂଜିଲା
କାହିଂ ଥିଲା ସେ କାହିଂ ରହିଲା ।
ପୁଷ୍ପିତ ହଂସ ଯିବ ମୋହନଦେବ ଲୁଚିଗଲା ସୃଷ୍ଟି କାହିଂ
ତାହା ନ ଛିଣ୍ଡିଲୁ ବାଲ୍ୟ ଆଦି ପଥ ଚୋଇଂ ।
ନ ଶିଖିଲୁ ନୟନେ ପାଳତ ନ ପାଇଲା ।
ଯେଣେ ସେ ଯେଣି ଲୁଆଇ ସମଙ୍କର ଧାଡ଼ି
ତାତନକ ଯୋଡ଼ି ଜଣଂ ମନ ତାକର ଜଗାଇ । ୧୨୨ ।

*

## 'କେବଣ ମୁନିକୁମର'

### କପିଳେନ୍ଦ୍ର ଦେବ

କେବଣ ମୁନିକୁମର ପରଶୁ ଧରିଣ କର
ବାମେଣ ଶୋଭଇ ଧନୁଶର ଗୋ ।
ତୋମେଣ ବୋଲଇ ସବୁ କ ଳୁ ସେ ନୋ ବଧିଲୁ ତାତ
ଆଜ ନଗ୍ଧାର ଜେଳବଲି ମାଥ ମା ।
ଶୁଣ ସଜନ ହୋ, କଏ ତୋର ସାନଜ୍ୟ ଶ୍ଚିତ୍ର କହେ ନା ।
ଏ ତୋର ଚନ୍ଦ୍ରବଦନ ମେଘେ କା ଢାଙ୍କିଲ ଜନ୍ମ
ତାହା ଦେଖି ଝୁରଇ ମୋ ମନ ମା ।
ଆବର ଦେଖଇ ଅଛି ସାନଜ୍ୟ ତୋ ଲୁହର ବୃଷ୍ଟି
ମୁଖ ଦେଖି ଦେବକୁ ଶୃଙ୍ଗାର ମା ।

('ପରଶୁରାମ ବ୍ୟାୟୋଗ' ସଂସ୍କୃତ ନାଟକରୁ ଗୃହୀତ)

*

# କଳସା ଚଉତିଶା

## ବଛା ଦାସ

କହନ୍ତି କାମିନୀ ଶୁଣ ହେମନ୍ତନନ୍ଦିନୀ,
କାହିଁ ବର ବରିଲୁ ଭୁବନ ଚିନ୍ତାମଣି ।
କୁଳ ମୂଳ ଗୋତ୍ର ଆଦି ନାହିଁ ଜାଣି ତା'ର
କନକ ନବଘାଟରେ ବୁଢ଼ା ବସିଛି ମଧ୍ୟର । ।୧।

ଖୁଂ ଖୁଂ ଖାସ ମାରାଟେଦଣ ହେଲ୍‌ଅଛି ଧଇଁ
ଖର ନିଶ୍ୱାସ ବୁଢ଼ାର ମାଥ ଲାଗେ ଭୁଇଁ ।
ଖଣ୍ଡିଆ ଯୋଗୀର ସଙ୍ଗେ ନାହିଁ ସ୍ଥାନ ତା'ର
ଝଣ୍ଡିଆ ବଳଦ ବୁଢ଼ା ବାନ୍ଧିଛି ଖାଖର । ।୨।

ଗୋଲ ହାତ ଖଣ୍ଡେ ପୁଲ ଗନ୍ତୁଛି ନିସ୍ତନ
ଗଣ୍ଡସ୍ଥଳେ ଲମ୍ବଇ ମୁଦ୍ରର ଦରଶନ ।
ଗଧାନକୁଷ୍ଟ ହୋଇଲାନି ଦେଖିଲେ ତା' ମନ
ଗୁଣ ଲକ୍ଷଣ ବୁଢ଼ାର ନାହିଁ ତଥୁ ଗଣ । ।୩।

ଘର ତା'ର କେବଣ ଦେଶରେ ତଥ୍ୟ ନାହିଁ
ଘଟାଇଲ ବିଭା ଆଣି ଏମନ୍ତ କରିଲ ।
ଘଟ ଘଟ ହୋଇ ନାକ ବହଇ ଝୁଣ୍ଡିର
ଘନ ଜଟା କେଶ ଏକ ବାନ୍ଧିଛି ମୁଣ୍ଡର । ।୪।

ନ ଭଲ ମନୁଷ୍ୟ ସେ ନ ଦେଖେ ନୟନ
ନିକଟେ ଦେଖିଲେ ନ ଶୁଣେ ତା' ହେନ କର୍ଣ୍ଣ ।
ନଖ ମୁଖ ଚକ୍ଷୁ ପ୍ରାଣ ପଶିଲା ଏତର
**ନୂଆ ଖଣି ଖଣା ଗ୍ରାସେ ଧଣ୍ଡୁଛି ଉଦର ।** ।୫।

ଚଉଦିଗ ମାଣ୍ଡଣ ବୁଢ଼ା ବସିଛି ମଧ୍ୟେଣି
ଚଉପାଶେ ବେଢ଼ିଛନ୍ତି ଦେବତା ବ୍ରାହ୍ମଣ ।
ଚତୁର ବୁଢ଼ାକୁ ଦେଖି ଚକିତ ହୋଇଲୁ
ଚିନ୍ତାସାଗରରେ ପଶି ନିଶ୍ଚେ ବୁଡ଼ିଲୁ । ।୬।

ଛିନ୍ନ ଅଙ୍ଗେ ଛିଣ୍ଡାକନ୍ଥା ଲଗିଛି ତାହାର
ଛାର ପାଂଶୁ ଲେପୁଏ ଲେପିଛି ଶଙ୍କର ।
ଛଡ଼ଅଛି ସର୍ପମାନଙ୍କ ମୁଣ୍ଡେ ଆଭରଣ
ଛନ୍ଦେକ ଭେଳକ ବୁଢ଼ା ଲଗାଇଲୁ ଜାଣି । ।୭।

ଜଙ୍ଗମକୁ ପ୍ରାପତ ହୋଇଲୁ ଚନ୍ଦ୍ରମୁଖି
ଯାହା ତୋର କପାଳରେ ବିଧି ଅଛି ଲେଖି ।
ଯୁବାକାଳେ ଯଉଁ ଭୋଗ ଭୁଞ୍ଜିବୁ ନା ଯାହା
ଜାଣୁ ଜାଣୁ ଜଙ୍ଗମ ଗୋଟାକୁ ହେଲୁଁ ବାହା । ।୮।

ଝୁମୁଝୁମୁ କାନ ଶୁଣି ବାଗୁଡ଼ି ବୋଲୁଏ
ଝିମକୁଣ ଅଛି କରେ ତ୍ରିଶୂଳ ଗୋଟାଏ ।
ଝୁଲି ହୋଇ ଝିଙ୍କି ହୋଇ ପଡ଼ୁଛି ଭୁଲାଇ
ଝିଅ କି ନାତୁଣୀ ପ୍ରାପ୍ତେ ଖଟିବୁ ଗୋ ଭୁଞ୍ଜି । ।୯।

ଞପଚେଣ କହେ କଥା ଈକୁଟିଣ ବାକ୍ୟ
ନ ଆସଇ ବାଣୀ ତାର ଦୁର୍ବୁଦ୍ଧି ହୋଏ ଅନ୍ତ ।
ଞଣ ବାଡ଼ି ଛୁରି ତାକୁ ନ ମିଳେ ଲଣ୍ଡାଣ
ଞଣାକାଳେ ଯେ ଦେଖିଲେ ଲଜ୍ଜେ ଭଣ୍ଡାର । ।୧୦।

ଟଳଟଳ ହୋଇ ଟେକି ବସି ନ ପାରଇ
ଟାକୁଆ ଗାଲ ଖାକୁଆ ଦାନ୍ତ ଆଖି କାଢ଼ି ।
ଟଳମଳ ହୋଇ ଟା' ଲଗଇ ବେକ କାନ୍ଧ
ଟାକର ଶର୍ମିଷ୍ଠି ଯେ ଅଟନ୍ତି ଅଘାଟନ । ।୧୧।

ଠୁଳ କରିଥିବା ଭିକ୍ଷା ମାଗିବାର ଧନ
ଠକିଥିଲା ଦେବ ବୋଲି ହେମନ୍ତ ସୁଜନ ।
ଠକର ସ୍ୱଭାବ ଯେ ଯେ ଲଗାଇଲା ଆଣି
ଠାବେ ଦେଖୁ ନାଚଗଲୁ ହେମନ୍ତଦୁଲଣୀ । ।୧୨।

ଡାକ'ଏ ବନାଳୁଅଛି ଥାଏ କେଳ ଡୋଳର
ଡମ୍ବର ଡାକୁଆ ଦେଖ କରିବୁ କେତେ ଘର ।

ଡମ୍ବୁରୁଧରଙ୍କୁ ସେବା କଲୁ ଭରମାଣି
ଡଗର ବର ପାଇଲୁ ଦେଲେ ଶୂଳପାଣି । । ୧୩ ।

ଢୋର ତପସ୍ୱୀକ ମା ଗୋ ବଳାଇଲୁ ଚିତ୍ତ
ଢୋକବା ଯୋଗୀଙ୍କ ମା ଗୋ ହୋଇଲୁ ପ୍ରାପତ ।
ଢମାଳି ନ କର ମୁଁ ଯେ କହୁଅଛି ସତ
ଢାଳେ ଦେହକୁ ନାଶଗଲା ହେମନ୍ତବୃକ୍ଷତ । । ୧୪ ।

ଣଣାଇଲେ ସ୍ୱପ୍ନେ ଭାଷ୍ଟିଁ ବଟରଖ ବରଣ
ଣଣାମନୁଷ୍ୟ ଯେ ସେ ଅଛିଁକ ଅପ୍ରାବନ ।
ଣଣଣ ସାରିଲେ ମାଏ ଝିଏ ବୁଝେଁ ହୋଇ
ଣଣ୍ଡଦାଣ୍ଡରେ ଶୀଘ୍ରେ ଦେଖାଇଲେ ନେଇ । । ୧୫ ।

ତ୍ରସ ତରବର ବାଳୀ ବାଜିଲା ପୁରର
ତଡ଼ିତେ ପଡ଼ିଲା ଭଳ ନଗର ତା' ମନ୍ଦର ।
ତତକ୍ଷଣେ ତୋଳି ଧଇଲେ ତାହାଙ୍କର ଦାସୀ
ତୁଷଣେ ମିଳିଲେ ମାଏ କଣ୍ଠରେ ତା' ଆସି । । ୧୬ ।

ଥରହର କରି ମାଏ ବୋଲନ୍ତି ବଚନ
ଥିର କର ମନ ମା ଗୋ ନୋହ ଅଚେତନ ।
ଥିଲୁ ଏତେ କାଳେ ମୋର ବୁଲଣୀ ହୋଇଣ
ଥଳ ସଞ୍ଜୀବନ କାଳେ ଦେଉଛି ଜୀବନ । । ୧୭ ।

ଦଇବ କରି କହୁଛି ଶୁଣ ମୋର ମାଏ
ଦଣ୍ଡେ ତରଣି ଧରଣି ଔଷଧଙ୍କ ପାଏ ।
ଦାରିଦ୍ର୍ୟ ଘୁଚ ବୁଢ଼ାକୁ ଯେବେ ମୋତେ ଦେବୁ
ଦୁଇ ନୟନରେ ମୋର ମରଣ ଦେଖିବୁ । । ୧୮ ।

ଧସ୍ତ ଧସ୍ତ ହୋଇ ମାଏ ଝିଅ ବୋବାଇଲେ
ଧାଈ ମୁଦ୍ଗରସୁଲ୍ମମାନେ ତଙ୍କ ପାଇଲେ ।
ଧାଇଁ ଆସି ତତକ୍ଷଣେ ମିଳିଲେ ସ୍ୱଜନ
ଧର୍ମ ପୁଣ୍ୟକାଳେ କଥା କହୁଛ ସ୍ୱେଦନ । । ୧୯ ।

ନାସ୍ତିକ ସଂସାର ମଧ୍ୟେ ସଜାଇ କୁମର
ନିର୍ଲଜ୍ଜ ବୁଢ଼ାକୁ ସୁନ୍ଦରୀକ ବର କର ।
ନୋହିଲେ ବୁଢ଼ାକୁ ମାଏ ଝିଅ ଦୁହେଁ ହୋଇ
ନୋହିଲେ ମରିବୁ ସ୍ୱହସ୍ତରେ ବିଷ ଖାଇ । ।୨୦।

ପଞ୍ଚ ସେଣ ମାଣିକ୍ୟ ମୁକୁତା ସୁନା ନାହିଁ
ଖୋଢ଼୍ ଟୋଢ଼୍ ଗଢନ ତବର ସଜା ହୋଇ ।
ପିଅର ଜନମା ଭୁସ୍ତ ଗଢନ ଧନ ତ
ଚାକୁଆ ବୁଢ଼ାକୁ ଦେଇ ଦେଣି ଲୋଢ଼ ବଣ୍ଠି । ।୨୧।

ପରମାଣ ଦେଇଛନ୍ତି ହେମନ୍ତ ରାଜନ
ପାଇ କେତେ କଣ୍ଠିତା ଦେଇ ସେହୁ କଣ୍ଡଜଣ
ପାଟିଳଣ ଲାଗିବା ପରେ ତାହାଙ୍କର ଗୁଣ
ପରେ ଯେବେ ଦେବଲେ ଗୌରୀ ପାଇବ କାରଣ । ।୨୨।

ବସ୍ତ୍ର ନକର ମାଏ ଝିଅ ଦୁହେଁ ତୁମ୍ଭେ
ବଳକ ମନରୁ ଭୁଜ କହୁଅଛୁଁ ଆମ୍ଭେ ।
ଭୁଞ୍ଜା ବସ୍ତ୍ର ଦେବତାଏ ଛନ୍ତି ତାଙ୍କୁ ବେଢ଼ି
ବଡ଼ ଭାଗ୍ୟବନ୍ତ ଗୌରୀ ପୂଣ୍ୟେ ଅଛୁ ବଢ଼ି । ।୨୩।

ଭାଲପଟେ ଲେଖନ ଯା କରିଛି ବିଧାତା
ଭଲ ଭାଗ୍ୟବନ୍ତ ଗୌରୀ ଆମ୍ଭର ଦୁହିତା ।
ଲୋକଜନର ଦେଲେ ରାଣୀ ମିଳିଲେ ଆସି
ଭିତରେ ମଙ୍ଗଳାଙ୍କ ସଜ୍ଜା ଭିଆଣ କରସି । ।୨୪।

ମହାଦେଈ ମନବ୍ୟଥା ଛଡ଼ାଇ ବଚନ
ମିଳିଲେ ଯେ ସର୍ବଜନ ବାହାର ଅସ୍ଥାନ ।
ମଙ୍ଗଳଣ କଲେ ଦଶ୍ୱିଁ ହଳଦୀ ଚନ୍ଦନ
ମଙ୍ଗଳ ମଧୁରି ଶଙ୍ଖ ବାଜେ ଘନ ଘନ । ।୨୫।

ସୁବର୍ଣ୍ଣ ସକଳ ମିଳି ହୁଳହୁଳି ଦେଲେ
ଜଗମୋହନାକ ଦିବ୍ୟ ବେଶ କରାଇଲେ ।

ଯାଈ ଫୁଲ କନକର ଖୋପାରେ ଖୋସିଲେ
ସଘନେ କସ୍ତୁରୀ ଟିକା କପାଳରେ ଦେଲେ । ।୨୬।

ରତ୍ନ ଓଢ଼ଣୀ ଚୂଡ଼ା ମଥାରେ ସୀମନ୍ତ
ସୁମ ଅଷ୍ଟଖେଦ ଚୂଡ଼ା ନାକେ ଗଜମୋତି ।
ରୁଣ୍ଟୁଣି ବାଜୁଅଛି ପଦରେ ନୂପୁର
ସୁଗବଦନ ଲୋଚନେ ରଞ୍ଜିଲେ କଜ୍ଜଳ । ।୨୭।

ଲଳାଟକ ସ୍ଫାଟିକ ପିନ୍ଧି ନେତେ ଭୂଷଣ
ଲାବଣ୍ୟ ଚନ୍ଦ୍ରବଦନୀ ଲକ୍ଷେ ଲକ୍ଷ୍ମୀ ଗୁଣ ।
ଲବଣ ଚର୍ତୁଦ୍ଦିଗ ପୂଜା ଆଣି ବନ୍ଦାଇଲେ
ଲଳନେ ମଙ୍ଗଳ ଗୀତ କାମିନୀ ଗାଇଲେ । ।୨୮।

ବୃଦ୍ଧା ଆରତ୍ରୀ ନହାଇଣ ବେଦୀରେ ବସିଲେ
ବରଙ୍କୁ ସେ ଦାଣ୍ଡେଜଣ ଡୋଲ ବସାଇଲେ ।
ବାଦ୍ୟ ବର୍ଗ ବଢ଼ି ବାଦ୍ୟ ଅପ୍ସରା ନୃତ୍ୟା
ବସିଲେ କନ୍ୟାଦାନ୍ତେ ବାଳୀ ଶେଷ ପିତା । ।୨୯।

ଶୀତରେଣ ବାନ୍ଧିଲା ମୁକୁଟ ପଞ୍ଚଶାଖା
ଶୋଭାପ୍ରଭୁ ଭୁଜା ଶାସ୍ତ୍ରୁ ଶାସ୍ତ୍ରୁ ଶଙ୍ଖ ମର୍ଦ୍ଦା ।
ଶାସ୍ତ୍ର ଆଦି କମଣ୍ଡଳୁ ଦଣ୍ଡ ନବାକାର ଗୁଡ଼ିଲେ
ପରେ ଥାଇଣ ଭୁଜା ଶୋଭା ବସାଇଲେ । ।୩୦।

ସତ୍ତ୍ୱାଦେଶ ଦ୍ଵାନ୍ତ ଯୋଡ଼ିଣ ହେଲେଣ ସେ ଦାସୀ
ସମ୍ମୁଖରେ ଦେବକନ୍ୟା ଏ ଗଲେ ଖେଣ୍ଡା ପୁରୀ ।
ସତ୍ତ୍ୱାବେଶ ନାରୀ ମିଳ କୁଆ ଦେଖାଇଲେ
ସମ୍ମୁଖେଣ ବର-କନ୍ୟା ବେଢ଼ିଲୁ ଉଠିଲେ । ।୩୧।

ସମସ୍ତେ ବସିଣ ପଞ୍ଚ ପ୍ରାସାଦ ସାରିଲେ
ସପ୍ତ ସଙ୍ଖାଣ୍ଡୁଣୀମାନେ ମଙ୍ଗଳାର୍ଥ୍ୟା କଲେ ।
ସୁରଗଣେ ବର କନ୍ୟା କହନ୍ତି ସ୍ତବ
ଦେଖାଣ ଦାଉଣ୍ଡନ୍ତି ପୁଟେଁ ରତ୍ନ କାମଦେବ । ।୩୨।

ହେମନ୍ତର ଘୃଣୀ ଦେଖି ସନ୍ତୋଷ ହୋଇଲେ
ହୀନ ଚରଣଶ ଦେଶ ସନ୍ତୁଂ ସଜାଇଲେ ।
ହୋଇଲେ ସନ୍ତୋଷ ଯେ ସଜନ ଲୋକ ଦେଖି
ଭାଗ୍ୟ କରୁଛନ୍ତି ସ୍ୱପ୍ନ ସଙ୍ଗାକ୍ରୁଣୀ ଦେଖି । ।[illegible]।

ସକଳେ ତଜ୍ଞୁଠି ଯାଇ ଜାଦବେଶନ ଚଲେ
ଛୁ' ଯାତ ଅସ୍ତୁମଙ୍ଗଳା ଉତ୍ସବ ଯାଇଲେ ।
ଛିତେଜ ଠାକୁର ଯେ କଟିକାରେ ଭ୍ରିତ
ସ୍ତୁ ତ୍ରବ୍ଧଙ୍କ କଣ୍ଠାଦାଯ କଳସା ପଢନ୍ତି । ।[illegible]।

*

# କେଶବ କୋଇଲି

## ମାର୍କଣ୍ଡ ଦାସ

କୋଇଲି, କେଶବ ଯେ ମଥୁରାକୁ ଗଲା,
    ଯାହା ଦୋଷେ ଗଲା ପୁଅ ବାହୁଡ଼ି ନ ଆଇଲା ଲୋ, କୋଇଲି ।
କୋଇଲି, ଖଣ୍ଡକ୍ଷୀର ଦେବ ମୁଁ କାହାକୁ,
    ଖାଇବାର ପୁଅ ଗଲା ମଥୁରାପୁରକୁ ଲୋ, କୋଇଲି ।
କୋଇଲି, ଗଲା ପୁଅ ବାହୁଡ଼ି ନ ଆଇଲା,
    ଜନମ ତ ବୃନ୍ଦାବନ ଶୋଭା ନ ପାଇଲା ଲୋ, କୋଇଲି ।
କୋଇଲି, ଘର ମୋର ନ ମଣନ୍ତି ନନ୍ଦ,
    ଘଟଣ ନ ଘଟେ ପୁର ନ ଥିଲେ ଗୋବିନ୍ଦ ଲୋ, କୋଇଲି ।
କୋଇଲି, ନନ୍ଦ ଦେବ ପାଥାରେ ଗଢ଼ିଲା,
    ନନ୍ଦନେ ଅକ୍ରୂର ଦେଇ ରଥେ ବସାଇଲା ଲୋ, କୋଇଲି ।୧୦।

କୋଇଲି, ଚନ୍ଦ୍ରଆଭ କଟିସ୍ଥ ମେଖଳୀ,
    ଚନ୍ଦନ ବୋଳଇଲେ ଶ୍ରୀ ଗୋପପୁର ବାଳୀ ଲୋ, କୋଇଲି ।
କୋଇଲି, ଛନ୍ଦେକ ମୁଁ ନାଇଲି ଗୁନ୍ଥବେ,
    ଛନ୍ଦି ଅବା ଗଲେ କୃଷ୍ଣ ଦେଖନ୍ତି ସଭାବେ ଲୋ, କୋଇଲି ।
କୋଇଲି, ଧୂତପଣେ ଆଇଲା ଅକ୍ରୂର,
    ଯାହା ବୋଲି ଭଣ୍ଡିନେଲା ବସାଇ ରଥର ଲୋ, କୋଇଲି ।
କୋଇଲି, ଝୁଲୁ ଝୁଲୁ ଲୁହ ନ ରହିଲା,
    ଝଗଡ଼ା ସାରଣ କୃଷ୍ଣ ମଥୁରା ରହିଲା ଲୋ, କୋଇଲି ।
କୋଇଲି, ନିଶାକାଳେ ଘର ମାଗେ ସୁଦ,
    ନସୁନ ଟେକଣ ତାକୁ ବଉଥାନ୍ତି ନନ୍ଦ ଲୋ, କୋଇଲି ।୨୦।

କୋଇଲି, ଟହ ଟହ ହସୁଥାନ୍ତି ବୋଲେ,
    ଟଳଟଳ ହେଉଥାନ୍ତି ଧୂଳିବାର ବେଳେ ଲୋ, କୋଇଲି ।
କୋଇଲି, ଠଣ ଯେ ସୁନ୍ଦର ବେଣୀ ଗୋଏ,
    ଠକ ଭଣ୍ଡି ଗଲେ କୃଷ୍ଣ ନଇଲେ ବେଢ଼ାଏ ଲୋ, କୋଇଲି ।
କୋଇଲି, ଡାକିଲେ ଗୁଆଳ ଯେତେ ଶାସି,
    ଡାଳରବୃକ୍ଷୁଆ ଘାଟେ ଖେଳୁଥାନ୍ତି ହସି ଲୋ, କୋଇଲି ।

କୋଇଲି, ତାଙ୍କୁ ଥାନ୍ତି ମାଏ ଯଶୋବନ୍ତୀ
ତାନେ ବଢ଼ଇଲା ମୋର ପୁତ୍ର ଶିଶୁପନ୍ତ ଲୋ, କୋଇଲି ।
କୋଇଲି, ଅନେକ ଛୁଂପିଲା ଦୁଷ୍ଟ କଂସ,
ଅଣଦେଖା କରିଣ ଆପଣେ ଗଲା ନାଶ ଲୋ, କୋଇଲି
କୋଇଲି, ତନୁରେ ତା ଲେପଇ କୁଙ୍କୁମ,
ତନୟ ଖେଳାଉଥାନ୍ତି ରାଇ ବଳରାମ ଲୋ, କୋଇଲି !
କୋଇଲି, ଅନ ଗୁଣି ଖୀରମାନ ଦେଲି,
ଅଥର ଭାଳକୁ ସୁଖ ଦେଖି ନ ପାରିଲି ଲୋ, କୋଇଲି !
କୋଇଲି, ଦଉଡ଼ିରେ ବାନ୍ଧିଲି ପୁତ୍ରକୁ
ଦାମୋଦର ପୁଣି ଗଲେ ମଥୁରାପୁରକୁ ଲୋ, କୋଇଲି ।
କୋଇଲି, ଧନ୍ୟ ସେହୁ ଦଇବକୀ ନାରୀ,
ଧର୍ମ ଥିଲା ପୁଣ୍ୟ ଗୋଟି ହୋଇଲା ତାହାରି ଲୋ, କୋଇଲି ।
କୋଇଲି, ନ ଶୋଭଇ ଗୋପପୁର ମୋର,
ନାରାୟଣ ବଳାବନ୍ତ ମଥୁରା ନଗର ଲୋ, କୋଇଲି
କୋଇଲି, ପରଶ ପୁରୁଷ ମୋ ମାଧୋଇ,
ପରଶ ମୁଁ ଦେଖିଥିଲି କୃଷ୍ଣମୁଖ ସୁଁଧି ଲୋ, କୋଇଲି ।
କୋଇଲି, ପଳିବାକୁ ନାହିଁ ମୋର ଆଶ,
ପଳିବାରୁ ପଳ ଗଲା ବସୁଦେବ ପାଶ ଲୋ, କୋଇଲି ।
କୋଇଲି, ବନ୍ଧୁତ ସହିଲି ତାଙ୍କ ଅଳି,
ବଢ଼ାଇ ଶରଧା ଗୁଣି ଗଲେ ବନମାଳୀ ଲୋ, କୋଇଲି !
କୋଇଲି, ଛଣ୍ଡି ମୋତେ ଗଲେ ଦେବକି ପୋଏ,
ରାଇ ତାଙ୍କ ବଳରାମ ନଇଲେ ବେଢ଼ାଏ ଲୋ, କୋଇଲି ।
କୋଇଲି, ମଥୁରାକୁ ଯିବି ମୁଁ କି ଥାଇଁ,
ମାଧବ ମଧୁସୂଦନ ଆଣିବ କଢ଼ାଇ ଲୋ, କୋଇଲି
କୋଇଲି, ଯିବେ ସେ ଆସିବେ ବୋଲି ଗଲେ,
ଜଗତଜୀବନ ପ୍ରଭୁ ବାହୁଡ଼ି ନଇଲେ ଲୋ, କୋଇଲି ।
କୋଇଲି, ରତ୍ନ ବସ୍ତ୍ର ଅଳଙ୍କାରମାନ,
ରାମ କୃଷ୍ଣ ଶ୍ରୀଅଙ୍ଗକୁ ଦିଅଣି ଶୋଭାବନ ଲୋ, କୋଇଲି !

କୋଇଲି, ଲକ୍ଷ୍ମୀକାନ୍ତ ଅଟେ ନାରାୟଣ,
ଲଗନରେ ନାମ ଦେଲେ ଗାର୍ଗବ ବ୍ରାହ୍ମଣ ଲୋ, କୋଇଲି ।
କୋଇଲି, ବୃନ୍ଦାବନ ନ ଦେଖାଇଲୁ ମୋର,
ବଣ୍ଟା କଏ ଦେଖାଇବ ସମୁଦ୍ରର ଖୀର ଲୋ, କୋଇଲି ।
କୋଇଲି, ଶ୍ରୀମନ୍ତ ସୁରୁଷ ଦେ ମାଧୋଇ,
ଶିରୀରଙ୍କ ଗଣ୍ଡାନ୍ତୁ ନଦ ଦେଖିଲି ବାଇ ଲୋ, କୋଇଲି ।୨୦।
କୋଇଲି, ଶଶୀ ଯେସନ୍ତେ ଦିନୁ ଦିନୁ ଷୀଣ,
ତେସନ୍ତକ ଷୀଣ ଦେହଲି ମୋ ନଦ ଗଜନ ଲୋ, କୋଇଲି ।
କୋଇଲି, ଯାଉ ଦିନ ଇନ୍ଦ୍ର ବୃଷ୍ଟି କଲା,
ସପତ ବରଷ ପୁଅ ମନ୍ଦର ଧଇଲା ଲୋ, କୋଇଲି ।
କୋଇଲି, ତାଙ୍କୁ ଯେ ମାରଇ ପୁଅ କୃଷ୍ଣ
ମୁଖରେ ଦେଖିଲା ତାର ସପତ ବ୍ରହ୍ମାଣ୍ଡ ଲୋ, କୋଇଲି ।
କୋଇଲି, ଷୋଡ଼ଶୀ ବାଦଶୀ ଭୁଜଦଣ୍ଡ,
ଷମା କର ଦୋଷ ମୋର ଭଣେ ମାରକଣ୍ଡ ଲୋ, କୋଇଲି ।୨୪।

*

# ସାରଳା ମାଳଶ୍ରୀ

## ସାରଳା ଦାସ

ଆପଦ ଖଣ୍ଡିନୀ ମାଗୋ ବିପଦ ନାଶିନୀ
ଦୁଃସହ ଦୁର୍ଗତିରୁ ତେଜ କାତ୍ୟାୟନୀ ।
ପରମ ଯୋଗେଶ୍ୱରୀ ଗୋ ଆଦ୍ୟ ଯେ ଅପର୍ଣ୍ଣା
ମହାମାୟେ ମାହେଶ୍ୱରୀ ଅନାଦି ଅନ୍ନପୂର୍ଣ୍ଣା । ।୧।

ଦୁର୍ଗତି ତାରିଣୀ ମାଗୋ ଆପଦ ଖଣ୍ଡିଣୀ
ଦୁଃସହ ଦୁର୍ଗତି ନାଶି ଈଶ୍ୱର ଗୋସାମଣୀ ।
ସଂସାରୀର କ୍ଳେଶ ମାଗୋ ଘଞ୍ଚ ଦୁଃଖେ ଦୁଃଖୀ
ଦୁର୍ଗତି ତାରିଣୀ ମାଗୋ ଶରତ ଚନ୍ଦ୍ରମୁଖୀ । ।୨।

ଲୋହିତ କର୍କଶ ବଦନା ମାଗୋ ଅଭୟେ ମଙ୍ଗଳା
କରୁଣାବଳ୍ଳୀ ମାଗୋ ତୁମ୍ଭେ ସେ ସର୍ବମଙ୍ଗଳା ।
ଜଗତର ମାତ ଗୋ ଭୂତର ମାତଙ୍ଗୀ
ଜଗତ୍ ଜନନୀ ମାଗୋ ଭବଭୂମସଙ୍ଗୀ । ।୩।

ଯୋଗେଶ ଯୋଗେଶ୍ୱରୀ ମାଗୋ ମହାଜ୍ଞାନ ରୂପୀ
ବ୍ୟାଘ୍ର ମୃଗ ଶାର୍ଦ୍ଦୂଳ ଚଡ଼ି ଗଗନରେ ଖେପି
ପ୍ରଫୁଲ୍ଲ ଅରବିନ୍ଦ ଚରଣତଳ କାନ୍ତି
ତ୍ରାକ ଉମ୍ମୁକ୍ତ ମାଗୋ ବିକଶିତ ବେଣୀ । ।୪।

ଜଳଧର ମେଦୁର ଜିଣି ଯାହାର ଅଙ୍ଗ ଶୋଭ
ସର୍ବଜ୍ଞ ସୁଦେଶ୍ୟ ମାଗୋ ମୋହଗ ସର୍ବଦେବ ।
ଚଉଦିଶେ ବାଜୁଳ ମାଗୋ ଚଉଦିଶେ ଗଗନ ଖେଟି
ପ୍ରେକ କାୟା ଅନ୍ତେ ମାଗୋ ଅର୍ଦ୍ଧକାୟା ବ୍ୟାପି । ।୫।

ଶ୍ୟାମ ଭ୍ରମର ବେଣୀ ବିକଶିତ ନେତ୍ର
କାମିନୀ କାମଦେଶୀ ଆବର ନିତ୍ୟ ମାତା ।
ମମ ସର୍ବ ପାପ ମାଗୋ ମମ ଆପଦ ଛିନ୍ଦି
ସଦା ସନ୍ତୁଷ୍ଟି ହେଉ ମାଗୋ ମଙ୍ଗଳ ଚଣ୍ଡୀ । ।୬।

ଦଧି ବାମନ ଅନୁକୂଳ ସମସ୍ତ ଅନୁକୂଳେ
ଜଗନ୍ତ ପୂଜେ ଯାହା ମାଗୋ ତୁମ୍ଭ ସର୍ବମଙ୍ଗଳେ ।
ଭବ ସମୁଦ୍ରତାରେ ଯେ ଜନମ୍ୱେ ଭଜନ୍ତି
ଜୟ ଜୟ ଦୁର୍ଗା ମାଗୋ ଅନ୍ନପୂର୍ଣ୍ଣା ପାବନ୍ତି । ।୭।

କରନ୍ତୁ ରକ୍ଷେ ଯେ ଜନମ୍ୱେ ଡାକୁନ୍ତି
ବଦନ୍ତୁ ଯାଉଜା ଦାସ ଭକ୍ତ ଶୁଦ୍ରମୁନି । ।୮।

*

# ଦେବୀ ବନ୍ଦନା

## ସାରଳା ଦାସ

ଜମ୍ୱୁ ଦ୍ୱୀପ ଭୁଞ୍ଜ ଖଣ୍ଡ ଓଡ୍ର ରାଷ୍ଟ୍ର ମଣ୍ଡଳେ
ଭୁବନେଶ୍ୱର ଲିଂଗ ଜାନ ଭୁବନା-ନଗର ଦକ୍ଷିଣ କୂଳେ ।
କଲିଙ୍ଗାର ନଜ ଭୂମି ପାଟଣତ୍ରି ଗ୍ରାମର ବାଣସ୍ଥି
କୁଶଭଦ୍ରୀ ଦାଣ୍ଡିକା କ୍ଷେତ୍ର ପୁଣ୍ୟକାରୀ ।
ଶ୍ରୀ ପରମେଶ୍ୱର ଲିଂଗ ମଣ୍ଡପଧ୍ୱର ନଟେ
ଗଙ୍ଗା ସୁପର ପର୍ବତ ମାଳ ବାନ୍ଧବଟେ ।
ବାନରେ ରାମ କୃଷ୍ଣ ଶଙ୍ଖଚକ୍ରା ଭୂଜର ବାହ୍ଵା
ନୃସିଂହ ବାଉଁଶୀ ମହମ୍ମ ଦରଷଲୁ ଯୋଗାନନ୍ଦେ ମହାଭୟା ।
ଜଗ ନାଗ ଧୁଂମ୍ଭିଣୀ ଭୈରବୀ ନଭେଙ୍କି ପୂଜା
ପ୍ରତିଷ୍ଠିତ ଖଟଙ୍କ ଶ୍ରୀ କପିଳେଶ୍ୱର ମହାରାଜା । । ୧୦ ।

ଶ୍ରୀ ଗଙ୍ଗା ସୁଦରୁ ଗିରି ଉତ୍କଳ ନସ୍ତବନ୍ତ
ସାର ଭୂମି ଭୁବ ଖଣ୍ଡ ମୃତକର ଲଣାନ୍ୟ ଆନନ୍ଦ ।
ଚନ୍ଦ୍ରଭାଗା ଦାମୋଦର ଦେବୀଙ୍କ ନଗ ଯୋଷ୍ଟି
ବୃଦ୍ଧ ମାତା ନଂଗାଳୁ ସେ ମଣ୍ଡପଟରେ ଥାଇଂ ପୁଣ୍ଟି ।
ସେ ନଦୀରେ ଭୁଞ୍ଜରିଣ ସାଙ୍ଗଇ
ଜଗନ୍ନାଥଙ୍କ ଦାଣ୍ଡେ ଠାକୁରାଣୀ ଜ୍ୱାଳାମୁଖ ।
ଲକ୍ଷ୍ମୀଙ୍କର ଅନୁଜ ସେ ଶୀତଳା ନାମେ ଗ୍ରାମେ
ବଟେଶ ମାହେଶ୍ୱରୀ ପାର୍ବତୀ ଚଣ୍ଡୀ ନାମେ ।
ମହାଯୋଗେଶ୍ୱରୀ ସେ ଶକ୍ତି ବଇଷ୍ଣବୀ
ପ୍ରତ୍ୟକ୍ଷ ଦିଅ ଦାଅଇ ସେ ପରମ ଦାରାବୀ । । ୨୦ ।

ବାଞ୍ଛା ପାଏଁ କ ସେ ଦେବୀର ଅଟଇ
ପାଷାଣ ହୋଇ ଦର ବାଞ୍ଛା ଡାକିବ ପୂଜଇ ।
ସର୍ବ ମଙ୍ଗଳା ଭୁବନାରାଣୀ ଦରଦ୍ୱାରୀ
ଭୁକ୍ତି ଅର୍ଥ ଶୁଣିକ ନିଏ ନରାପ୍ତ କୃପାକାରୀ ।
ଶ୍ରୀ ଦାରେଣା ଚଣ୍ଡୀ ନାମେ ସେ ଅଟନ୍ତି ମହାଦେବୀ
ତାହାଙ୍କର ପୁତ୍ର ମୁହିଂ ସାରଳା ଦାସ କବି ।

ପ୍ରସନ୍ନେଣ ଆଜ୍ଞା ଦେମାତେ ଦେହେଲେ ଶୀକାଦେମୁଷ
ଲକ୍ଷ ଭୁ ଜପିବାଏ ଶ୍ରୀ ମହାଭାରତ ଜଣ ।
ଶୁଣି ଭୂପଜନେ ନ ଧର ଆନ ଶଙ୍କା ।୩୦।
ଜନ୍ମେଣ ମୃତ୍ୟୁଶ ମୃତ୍ୟୁଂ ନୋହଇ ପଣ୍ଡିତ ।
ଏକ ଲକ୍ଷ୍ୟେ ଭକ୍ତିଣ ଶୁଣନ୍ତି ସାବଧାନେ
ଚିହ୍ନିବାକୁ ପାରେନ ସବୁ ଦୁଷ୍କୃତ ମାନେ ।

X X X

ନମସ୍ତେ କାତ୍ୟାୟନୀ ଗୋ ରକ୍ତୀକ ବାସୀ
ଦେବାଙ୍କର ତେଜ ବେଳେଣ ଯାହାର ଶରୀର ପ୍ରକାଶି ।
ସହସ୍ର ଭୁଜେଣ ସହସ୍ର ଆୟୁଧ
ମାନସେ ଭୂଧର ଅସୁର କଲୁ ବଧ ।
ଅରୁଣ ଚିଙ୍ଗଳାକ୍ଷୀ ଗୋ ନାଶକର ଦର୍ପଭଞ୍ଜି
ନବ କୋଟି କାତ୍ୟାୟନୀ ଯାହାର ଶରୀରୁ ଉପୁଜି ।
ଅଘୋର ମୁଖ ଗୋ ଝଟ ଝଟ ହାସ ମୁଖୀ
ଆକାଶ ଖଟ୍ୱାଙ୍ଗ କି ନକ୍ଷତ୍ର ନୟନ ଆଖି । ।୪୦।
ଡିଣ୍ଡି ଡ଼ିଣ୍ଡି ବାଦ୍ୟ ଗୋ ଭୁବନେ ଡମ୍ବରୁ
ଶମଶାନ କ୍ଷେତ୍ରମଣ୍ଡ ଗୋ ନଚେ ଅସ୍ଥିମାଳା ଉରୁ ।
ହାଣ ହେ ମାର ଡାକେଶ୍ୱରୀ ଭାକେ ଚୋଳ
ରଣ ରଙ୍ଗ ମଣ୍ଡନ ଗୋ ନାଚନ୍ତି କୁଳଦେବୀ ।
ଶବସନ ଯାମ୍ନା ଗୋ ପତ୍ର ମାଗାଙ୍ଗୀ
ରସନ ଝଟ ଲହଡ଼ୀ ତାଡ଼ ଲତି ରଙ୍ଗି ।
ଆକାଶେ ଦୃଷ୍ଟି ଯାହାର ପାତାଳେଣ ଦୃଷ୍ଟି
ବାହାନ ଉଲ୍ଲୁ ଗୋ ବଜ୍ରନଖ ପିଠି ।
ନାଳିକା ଭାମ ଶ୍ରେଣୀ ଗୋ ଲୋଷ୍ଟମ ଦୂଲଣା
ଭିତ୍ତିଙ୍କମାଳା ଘୃତେଣ ଗୋ ବାହୁଟି କଙ୍କଣା । ।୫୦।
ଖଟ୍ୱାଙ୍ଗ କୁଣ୍ଡଳୀ ଘଣ୍ଟଣୀ ଘୁଙ୍ଗୁର
ବକ୍ଷସ୍ଥଳେ ଲମ୍ବଇ ଯାହାର ମଣ୍ଡାରମାଳ ହାର ।

ତଣ୍ଟୁଟ, ଘୁଣ୍ଟୁଟ ଭଣି ଭଗଣାଣ ଶ୍ଳୋକ
ଷ୍ଠାଜେଣୀ ନେଷଣୀ ଗୋ ରକ୍ତ କୁଟ୍ଟାହଣୀ ।
ଚଣ୍ଡଘଣ୍ଟା ମହାମାୟୀ ଗୋ ଭଜନ୍ତୁ କରୁଣା
ଟହଟହ ହାସ ଗୋ ମହାପିଙ୍ଗଳା ମହାତପା ।
ଯୋଗେଶ ଯୋଗେଶ୍ୱରୀ ଗୋ ଜମ୍ବୁ ଜମ୍ବୁ ଭୋଗାବଣୀ
ଆଦିତ ଖଣ୍ଡଣୀ ଗୋ ସୁରଲୋକ ରକ୍ଷଣୀ ।
ଶ୍ରୀଚଣ୍ଡୀ ସାରଳା ସର୍ବମଙ୍ଗଳା ଶରଧାରେ
ଶ୍ରୀ ମହାଭାରଥ ଆଦିପର୍ବ ସମାରେ । ।୨୦।
ସର୍ବମଙ୍ଗଳା ନାମ ଗୋଟି ନମାତ୍ରର ହୃଦରେଥାଏ
ଶୁଦ୍ରମୁନି ସାରଳା ଦାସକୁ ଉଧର ଧର ପୋଷମାଏ । ।୨୧।

( 'ମହାଭାରତ,' ଆଦିପର୍ବରୁ ଗୃହୀତ )

*

# ଶିବସ୍ତୁତି

## ସାରଳା ଦାସ

ସାର୍ଥରେ ସ୍ନାହାନ କରି ବିଶ୍ୱନାଥଙ୍କୁ କଲେ ସ୍ତୁତି
ଜାଜ ଅର୍ଣ୍ଣି ମହାଲିଙ୍ଗ ଜୟ ତୁ କାଶୀପତି ।
ଭୂତପତି ପ୍ରଳୟ ହେତା ତତ୍ତ୍ୱଂ ନାସ୍ତିଂ ଆନ
ଅନେକ ଉଦ୍ଧାରଣ ଜୟ ତୁ ତ୍ରିଲୋଚନ ।
ବାଇଲ ଦାହାଦେବ ଭ୍ରମନ୍ତି ଅନୁଗ୍ରହେଣ ମତ ହେଲା
ଭୈରବ ରୂପ ଧରି ପାଇଲ ମହାଖେଳା ।
ଜମକାର ନନ୍ଦନ ଅନଙ୍ଗ କାମଦେବ
ତାହାଙ୍କୁ ଦହିଲ ତୁ ପିତାର ଅସ୍ତବ ।
କରାଳମୁ ପ୍ରକୃତ ତୁ ନ ଜାଣୁ ଦେବ କନ୍ଥ
ନାରଦ୍ଧଣର ଅସ୍ତବେ ତୁ ନାନକୁଣ୍ଠ ଭାଷି ।
ସ୍ୱାମି କାଶୀପତି ନାଶ ଗଲ୍ ତୋହୋର କୁଟବୁଦ୍ଧି
ଦୟା ସାଗର ନାଥ ତୁ ଶୁଙ୍ଗାର ବାସନ୍ଧି ।
ହେମକା ତରଣେଣ ଚତୁର୍ଦ୍ଦ୍ଧ ଜ ତ୍ରିଲୋଚନ ସନ୍ତୁ ହେସ ବଦନ
ନାମ ବିଶ୍ୱନାଥ ତୁ ଗଙ୍ଗାର ରମଣ ।
ଖପର କୋଠାର ହେଜ ମହାମନ୍ତ୍ର ଖେଳା
ଡମ ଡମ ଡମ୍ବରୁ ମଲୁଆଳ ଖେଳା ।
ଚଣ୍ଡିକା ମଲୁଆଳ ଯୋଗିନୀ ଘୋର ରଡ଼ି
ପ୍ରେତ ପିଶାଚ ବେତାଳମାନଙ୍କ ଦେଶ ଖେଡ଼ି ।
ରକ୍ତବର୍ଣ୍ଣ ହାସ ଦ୍ୱନ୍ଦ୍ୱର କପାଳୀ
ରକ୍ତ ବସନ ସିନ୍ଦୁର ରଜତ ମହାରୂପାଳୀ ।
ଅପୂର୍ବକର ନାଟ ଶକ୍ତି ଜାଜାନ୍ତ ହେଲା
ବୃଷଭ ବାହାନ ନାଥ ତେଜ ଅନର୍ଗଳା ।
ଅସାସ୍ତୁମ ମହାତମା ଜାଣୁ ମହାମନ୍ତ୍ର
ଅନନ୍ତା ପ୍ରକୃତ ନାଥ ପର ଦୁଃଖେଣ ହନ୍ତା ।
ସିନ୍ଦୁର ବଲେପନ ଅଣାକାର ରୂପ
ସଗୁଣ ବୃଷ ସ୍ୱଦେଶ କନ୍ଦର୍ପ ସନ୍ତୃପ ।

କେ ମାତ ପିତା କେ ଭ୍ରାତା କେ ଭଗିନୀ
ନାଚନ୍ତି ଗାବନ୍ତି ଭଣ୍ଡ ଗୀତ ଦେଇ ।
କଣ୍ଠା ବାଜଣ୍ଡି ସେ ଡମ ଡମ ଡମ୍ବୁର
କେ କୋଳାହଳ କରନ୍ତି କେ ନାଚନ୍ତି ବିପୁର । । ୩୦ ।
ଜିଶାସ୍ୟେକ ସାଣୋଦେଶୁକ ଭୈରବ ବେତାଳ
ନନ୍ଦୀ ମହାକାଳ ଚଣ୍ଡ ପ୍ରଚଣ୍ଡ ଦେବାଳତ ।
ଜମ୍ବୁନ୍ତକ ଅଜମ୍ବୁନ୍ତକ କାଳୁ ମଲ୍ଲ ବୋଧପାକ
ଛନମନ୍ତ୍ରିର କାଳ କାଦମ୍ବରୀ ପାନେ ମତ୍ତବ୍ୟେକ ।
ଧୂଧୂକାର ତାଣ୍ଡବ ପରଚଣ୍ଡ ସେ ଯୋଗୀ
ଅବଧୂତ ନାଥ ପିଙ୍ଗଳ ବଇରାଗୀ ।
ବକ ଭେକା ମାତ୍ସ୍ୟେଂଶ ଭେକା ଆବର ଗୋଣ୍ଡାବକ
ଶଣ୍ଢଇଁପକ୍ଷ ଭେକାନାଥ ନାନା ରଙ୍ଗଣ ବେଳ ।
ଟିଣ୍ଡକାର ବଜ୍ରକ ମହା ଭଇରବ ମୂରତି
ଶୁଦ୍ଧ ମୁଣ୍ଡ ହାଡମାଳା ଦାସ ଅଟଳ ପ୍ରକୃତି । । ୫୧ ।

('ମହାଭାରତ', ଆଦିପର୍ବରୁ ଗୃହୀତ)

*

# କୁନ୍ତୀ, ଦୁର୍ବାସା ଓ କର୍ଣ୍ଣଜନ୍ମ ଉପାଖ୍ୟାନ

## ସାରଳା ଦାସ

ବଇବସ୍ୱତ ମନୁ ପୁଚ୍ଛା କଲେ ଅଗସ୍ତିଙ୍କି
ପଣ୍ଡୁଙ୍କୁ କେମନ୍ତେ ବଶ୍ୟ କଲେ କହିବା ସ୍ପଷ୍ଟ ଭାବ ।
ଶୁଣ ହେ ମହାତମା ସୁଗାତ୍ରେକ ପୁରୁଷ
ପଣ୍ଡୁର ଚରିତ ଶୁଣିମା ଅମିୟ ଦିବ୍ୟ ରସ ।
ସିଂହପୁର ନଗ୍ରେ କୁନ୍ତିଭୋଜ ନୃପତି
ତାହାର ଘରଣୀ ନାମ ଅଟଇ ଜମ୍ବୁବତୀ ।
ମଦନ ମହାଦେବଙ୍କ ସେ ଅଟଇ କୁମାରୀ
ନଗରର ପୁରଜ ସେ ଅଟଇ ଅଧିକାରୀ ।
କୁନ୍ତିଭୋଜ ରାଜାର ସେ ପୋଷିଲ ଦୁହିତା
ସ୍ନେହାସ୍ତେ ନୃପତି ନାମ ଧଲେ ତାହାକୁ କୋଇନ୍ତା । ।୧୦।
ବଡ଼ାଇ ସୁନ୍ଦର ସେ ଅଟଇ ଭାଗ୍ୟବନ୍ତୀ
ଅଙ୍ଗ ସୁନ୍ଦର ସେ ଅତୁଳାଗ୍ରିତ ଯୁବତୀ ।
ସୁତ ନ ଥାଇ ସେ କୁନ୍ତିଭୋଜ ରାଜାର
ସେବା ଦୂଲକୀକ ତା'ର ସ୍ତ୍ରୀଗ ସେ ଅପାର ।
ବୃଷଭ ମାସ ସପ୍ତମୀ ବୃହସ୍ପତି ବାର
ଗୁରୁ ପୁଷ୍ୟା ସେ ଅମୃତ ଯୋଗ ସେ ଶନର ।
ବବ ନାମେ କରଣ ସେ ଶୂଳ ନାମେ ଯୋଗ
ବୃଷଭ ସଂକ୍ରାନ୍ତିକ ଭେଟ ଶନ ଯୋଗ ।
ସେମନ୍ତ ସମୟେଣ ଦୁର୍ବାସା ମହାଋଷି
କୁନ୍ତିଭୋଜ ରଜା କଟକେ ପ୍ରବେଶ ହୋଇଲେ ଆସି । । ୨୦ ।

ଦେଖି କୁନ୍ତିଭୋଜ ରଜା ପାଦଅର୍ଘ୍ୟ ଦେଲ
ନିସ୍ତରିଲ ମହାତମା ହେ ଆଜନ୍ମର ମୋତେ ଭଲ ।
ଅନେକ କାର୍ଯ୍ୟ ସୁଫଳ ହୋଇଲା ଆଜ ମୁକୁ
ମୁଂ କ୍ଷମ ହୋଇବି କି ତୋର ପାଦପଦ୍ମ ପଖାଳିବାକୁ ।
ଦୁର୍ବାସାଙ୍କୁ ପ୍ରଣିପାତ ଭୁ ଅଙ୍କୁ ନା ବୁଝନ୍ତେ
ପାଦ ଅମାନତ୍ୟ ଖଟି ଅଛନ୍ତି ନା ସକଳେ ।

ସମସ୍ତ କୁଶଳ ହୋଇ ବୋଇଲେ କୁନ୍ତଧ୍ୱଜ
ଜୀବନ ସୁଫଳ ମୁନି ହେ ଦେଖିଲି ମୁଁ ତୋତେ ଆଜ ।
ଦୁର୍ବାସାଏ ବୋଇଲେ ଆମ୍ଭେ ଆଇଲୁ ତୋହୋର ରାଜ୍ୟକୁ
ଚତୁର୍ମାସ୍ୟା ବଞ୍ଚିବୁ ବସା ଖଣ୍ଡିଏ ଦେବୁ ମୁକୁ ।
ବଞ୍ଚାଇ ସମ୍ପଦ ଜାଣ ଦେଖିଲୁ ତୋର ପୁଣ
ରହିବାକୁ ତୃଷ୍ଣା ଯେ କଲୁ ଆମ୍ଭର ।
କୁନ୍ତଧ୍ୱଜ ବୋଇଲେ ମୁଁ ଜପ କରିବି
ଲୁହାଇଲେ ତୁମ୍ଭନ୍ତ ଭଗତ ହୋଇ ନୁଆଁଇବ ।
ଯାଅ ବୋଲି ବୋଇଲେ ତୋର କୋପ ଉପୁଜିବ ତନୁ
ଜାଣି ଅନୁଗ୍ରହ ମୋ'ତେ କରିବା ତପୋଧନୁ ।
ଦଶ ସହସ୍ର ଯୋଜନେ ମୁଁ ଅଟଇ ଅଧିକାରୀ
ବଂଶ ଭ୍ରାଅ ସୁତ ନାହିଁ ମା ମୋହରି ।
ରାଜ୍ୟ ଚନ୍ଦ୍ରାବେଣ ନ ପୁଣି ଚାହେଁଶାଇ ତୋତେ
ତୁ ଈଶ୍ୱର ସମାନେ ମହାମୁନି ନପୁଣ କୋପ କରୁ ମୋତେ ।
ଦୁର୍ବାସାଏ ବୋଇଲେ ତୁ କାହୁଁ ଆମ୍ଭଙ୍କୁ ସେବା କରିବୁ
ତୋହୋର ଜଣ ଆମ୍ଭଙ୍କୁ କେଣେ ତୁ ଦେଉଥିବୁ ।
ଆଶ୍ରମ ଗୋଟିକ ଲିପିବ ଅଗଣା ସେଠି ଦେବ
ଘାଣି ଝୁରିଏ ଆଣିମ ଫୁଲ ପୂଜାରେ ତୋଳ ଦେବ ।
ଡାଳିଟା ବସ୍ତ୍ର ଖଣ୍ଡି ପଖାଳିବ ନେଇ
ସେ ତେବେ କରିଣ ସେଠି ଆମ୍ଭଙ୍କୁ ଉଭା ହୋଇ ।
କୁନ୍ତଧ୍ୱଜ ବୋଇଲେ ମୁଁ ଆନକୁ କିଂପାଇ ଦେବ
ଦେବକୀ ଦୁହିତା ଗୋଟିଏ ମୋହୋର ତୁମ୍ଭଙ୍କୁ ଥାଏ ସେବ ।
ଦୁହିତାଙ୍କୁ ଗଜ ନପ ଆଗ୍ୟାଁ ଦେଲେ କୁନ୍ତଧ୍ୱଜ
ଆଶ୍ରମ ଖଣ୍ଡିଏ କଲେ ନଗ୍ରଭ ବାହିଜ ।
ବୋଇଲ୍ରାଏ ହୋଇଥାଇ ବିନୟ ଭକତେ
ଦୁର୍ବାସା ଋଷିଙ୍କି ସେବା କରଇ ଅନୁବ୍ରତେ ।
ବିଶ ସ୍ନାନରେ ଅଗଣା ଠାଆଁରି
ତୋମଡ଼ୁ ନେଇଜ ହେଉ ଝୁକାଇ ଘସି କରି ।

ନଭଗ୍ରତ ପାଇଲା ଆମ୍ବଫଳ ଲୁଣତେ ଆଣିଲ ସାଞ୍ଚି
ଉଷାନ ପୀଡ଼ାରେ ଶୁଖାଇ ପାଲଟା କାଟନ୍ତି ।
ଗଣ୍ଡ ଉମ୍ବାପାଣୀ କଟୋରା ମାଜଇ ଆସ୍ତିକେ
ଆଶ୍ରମ ଖଣ୍ଡିକ ଲେପଇଂ କୃଷ୍ଣ ଗୋମୟରେ ।
ବଭ୍ରୁକ ଗୁଣ୍ଡାରେ ମେଦଇ ସଞ୍ଚ କରି
ଫଳ ଗୁଣ୍ଡାରେ ଆଣଇ ସେ ବେଲ ପଣସୁ ପାରି ।
ବାଳୁତ ବୟସ ସେ ରାଜାର କୁମାରୀ
ସୁଶ୍ରମ୍ଭା ଫଟେ ଆଇ ଋଷିଙ୍କି ସେବା କରି ।
ଋଷି ରାଜେ ସମାଧିରେ ବସିଥାନ୍ତି ଯେ ଘରରେ
କପାଟ ଗୋଟି ପାଞ୍ଚ କୋଇନ୍ତା ବସିଥାଇ ବାହାର ଦୁଆରେ ।
କୋଇନ୍ତାର ଭକତେ ଅନେକ ସନ୍ତୋଷ ଦୁର୍ବାସା
ନାନା ତୀର୍ଥକୁ ମୁନି ନ କଲେ ମନାସା ।
କୁନ୍ତଭୋଜ ରାଜ୍ୟେ ମୁନି ରହିଲେ ନିଶ୍ଚିନ୍ତେ
ଚତୁର୍ମାସ୍ୟାକୁ ବୋଲି ରହିଲେ ସାଂବତ୍ସର ପର୍ଯ୍ୟନ୍ତେ ।
ମଜ୍ଜଦଧି ତୀର୍ଥେ ଅର୍ଦ୍ଧୋଦୟ । ଗଡ଼ ଚାଦ ଶୁଣି
ଦକ୍ଷିଣ ମଜ୍ଜଦଧିକ ସମସ୍ତେ ଯାଉଛନ୍ତି ତୀର୍ଥ କରି ।
କୁନ୍ତଭୋଜ ରାଜାର ଅଗ୍ରତେ ମିଳିଲେ ତପୋଧନେ
ଦଣ୍ଡ କମଣ୍ଡଳ ମୁନି ତାମ୍ର ପାତ୍ର ହସ୍ତେ ।
ଦେଖିଣ ଉଠିଲା ସେ ମଣ୍ଡପର ସ୍ୱାମୀ
ମୁନିଙ୍କର ଚରଣେ ସେ ହୋଇଲା ପ୍ରଣାମି ।
ସେହିକାଳେ ଅନୁଗ୍ରହ ମୋତେ କଲେକ ଦୁର୍ବାସା
ସମସ୍ତେକ ଆସିଣ ପୂରିଲା ମନାସା ।
ଦୁର୍ବାସା ବୋଇଲେ ଆମ୍ଭେ ସେହିଠାରୁ ସେ ଅଇଲୁ
ପାଞ୍ଚ ବରଷ ହୋଇଲା ତୋର ରାଜ୍ୟରେ ରହିଲୁ ।
ବୋଲଇ ନୃପତି ଶୁଣିଲ ତପୋଧନେ
ସେମନ୍ତ ହୋଇ କେ ତୋତେ ହୋଇଛି ଭକତି ।
ଦୁର୍ବାସାରେ ବୋଇଲେ ବଡ଼ ସୁଲକ୍ଷଣ ଯୋଉଥିଲୁ
କୋଇନ୍ତାଙ୍କର ଭକତେ ନାନା ତୀର୍ଥ ଉପେକ୍ଷିଲୁ ।

ଆମ୍ଭେ ତୋହର ପୁରେ ଅନେକ ଖାଇଲୁ ସୁଖ
ଅହୋ କୁନ୍ତିଭୋଜ ତୋତେ ପ୍ରାପତ ହୋଇବ ଶତ ପୁତ୍ର ।
ସୋମବଂଶ ସୁଲକ୍ଷଣୀ ହୋଇବ ତୋହର କନ୍ୟା
ସାର୍ଯ୍ୟ ପ୍ରଦାନ କରନ୍ତୁ ସେହାକୁ ଧର୍ମ ଯେ ଦେବତା ।
ଧର୍ମବଳେ ବଳବନ୍ତ କ୍ଷତ୍ରୀ ହୋଇବ ତୋର ପୁତ୍ର ହୋଇବ ଜାତ
ପଞ୍ଚ କଟକରେ ଠାକୁରାଣୀ ହୋଇବ ତୋ ଦୁହିତ ।
ସେ ପ୍ରତେକ ବର ଦେଇ ଚଳନ୍ତି ବ୍ରହ୍ମଋଷି
କୋଇନ୍ତାଏ ଗୋଡ଼ାଇଛନ୍ତି ସେ ମୁନିଙ୍କ ପଛକତି
ସହସ୍ର ଶିଷ୍ୟ ମହାତ୍ମାଏ ପଶିଲେ ବନସ୍ତରେ
କୋଇନ୍ତାଏ ଗୋଡ଼ାଇ ଅଛନ୍ତି ପଞ୍ଚକୋଶ ପର୍ଯ୍ୟନ୍ତରେ ।
କୋଇନ୍ତାଏ ଛୁଙ୍କିଲେ ବନସ୍ତରେ ପୁଛି
ଧାଇଁଯାଉ ଦୁର୍ବାସାଏ ପଛଂଲେ ଲେଉଟି ।
ଦୁର୍ବାସାଏ ବୋଇଲେ ତୁ ଗୋଡ଼ାଇ ଅଛୁ ଆଣି
ଆମ୍ଭନ୍ତ ଛାଡ଼ି ତୋହୋର ଶକ୍ତି ନ ବଳଇ ଯାଇ ।
ବାହୁଡ଼ି ଯାଅ ମା' ଗୋ ନ ପଶ ବନସ୍ତକୁ
ବ୍ୟାଘ୍ର ଭଲ୍ଲୁକ ଅଛନ୍ତି ନାଶ କରିବେଟି ତୁକୁ ।
କୋଇନ୍ତାଏ ବୋଇଲେ ମୁଂ ଈଶ୍ୱର ସମାନେ ଋଷିଙ୍କି ସେବା କଲି
ସେତେ କାଳ ସେବା କରି ମୁଂ ସେ ନିସ୍ତାର ନହୋଇଲି ।
ବାଲି କୂଡ଼ ବୋହିଁସେ କୁଡ଼ାଇ ପଶ ମେଲିସେ ଜଳଂରେ ଦେଇ
ଲଏ କରି ସେବିଲି ପ୍ରସନ୍ନ ହେଲ୍ଳି ।
ତୋହୋର ଯଶ ଋଷିଙ୍କ ସେତେକାଳ ସେବା କଲି
ନିସ୍ତାର ହୋଇଲି ମୁଂ କିଛି ନ ପାଇଲି ।
ଦୁର୍ବାସାଏ ବୋଇଲେ ତୁ ତ ତୁମ ହୋଇଥିଲୁ
ପାଣ୍ଡବରତ ଯେ ସେବା କରି କିଛି ହୁଂ ନ ମାଗିଲୁ ।
ମହାମନ୍ତ୍ର ଯାତେ ଗୋ ନ ଦେଉଁଛି ଯାତ
ଆମ୍ଭେ ବସିଥିଲୁ ସେହାର କାର୍ଯ୍ୟ ପାଣ୍ଡିଂ କରୁ ।
ସେତେବେ ହୋ ମହାତମା ମୋତେ ଅନୁଗ୍ରହ କରିବା
ତ୍ରିଶ ଆମ୍ଭେ ମହାକାଳ ପଦାର୍ଥକ ହେବା ।

ଦୁର୍ବାସାରେ ବୋଇଲେ ଗୋ ସେ ତୋହୋର କଣ୍ଠ
ତେବେ ଅବଶ୍ୟ ସେମନ୍ତେ ସୁନ୍ଦର ତୋର ପୂରିବ ମନବାଞ୍ଛା ।
ମୂଢ଼ଂ ବାଳ ସ୍ତ୍ରୀଏ ମୁନି ହେ ନ ଜାଣଇଁ ସନ୍ଦେହ
ଜାଣି ମହାତ୍ମା ମୋତେ କରିବା ଅନୁଗ୍ରହ ।
ଦୁର୍ବାସାରେ ବୋଇଲେ ଗୋ ଆଣି ସ୍ତ୍ରିଙ୍କର ସେପରି ବ୍ରତ
ସୁନ୍ଦର ଭ୍ରଷ୍ଟା ହୋଇବ ସୁଭଗ୍ୟଂ ପଣ୍ଡିତ ଖ୍ୟାତିବନ୍ତ ।
ସୁପୁତ୍ର ହୋଇବ ତୋର ଅତିଅନ୍ତ ବଳବନ୍ତ ।
ସାଂଗ୍ରାମକୁ କେତେବେହେଂ ନୋହିବ ପଲ୍ଲଗତା ।
ସେପୁତେନେଜ ବାଞ୍ଛି ସ୍ତ୍ରୀଙ୍କର ପ୍ରକୃତି
ସୁନ୍ଦର ସ୍ୱରୂପ ଦେଖିଲେ ହୋଅନ୍ତି ମୋହମତି ।   । ୧୬୦ ।
ଆରମ୍ଭ ତେବେ ତୋତେ ମହାମନ୍ତ୍ର ଜପମାଳୀ
ସେହି ଦେବୁ କରି ତୁ ଥାଅସି ସମ୍ଭାଳି ।
ବେଜ୍ୟା ଗର୍ଭେଣ ଯେ ସୁମରିବୁ ଯାହାକୁ
ସେ ଆସି ପ୍ରସନ୍ନ ହୋଇବ ଜାଣ ତୁକୁ ।
ଯଦ୍ୟପି ବ୍ରହ୍ମା ଇନ୍ଦ୍ର ସୂର୍ଯ୍ୟ ପବନ ସେ ବଶ୍ଯ
ମୂର୍ଛନା ପାଠି ପ୍ରାଣ ଦିବ ନ ଥିଲେ ତା' ପଞ୍ଚଂ ।
ଜପମାଳୀ ଦେଇଣ ସେ ଗଲେ ବ୍ରହ୍ମସତ୍ତ
ଅନ୍ତର୍ଦ୍ଧାନେ ମହାତ୍ମା ଗଲେ ତତକ୍ଷଣାନ୍ତ ।
ଦୁର୍ବାସାଙ୍କ ବଚନ ସେହିଦେଖ ଶୁଣି
ବଳିର କରଇ ସେ କୁନ୍ତିଭୋଜର ଦୁଲଣୀ ।   । ୧୭୦ ।
ସେ ମହାଯନ୍ତ ସେତେ ମାନା ତେଇ ଗଲେ ମୋତେ
ସେଥିର ତଦନ୍ତ ମୁଁ ଜାଣିମି କେମନ୍ତେ ।
ଯମୁନା କୂଳେ ଦେଖା ଶାଳପତ୍ର ଶେଜ୍ୟା ଯୋଡି କଲେ
ମେଲୁ ସୂର୍ଯ୍ୟ ହୃଅନ୍ତେ କରଣାର ସୁମରିଲେ ।
ଅନ୍ତର୍ଦ୍ଧାନେ ଦେବ କରଣାର ଆସନ କମ୍ପିଲା
ଦୁର୍ବାସାଙ୍କ ମହାମନ୍ତ୍ର ସେ ବୋଇଲା ସୁମରିଲା ।
ମୁଁ ସେହା ବଞ୍ଚାଇ ନ ଦିବ କେମନ୍ତେ
ବଳେ ବରଣ୍ଡ ନାଗସୂଣ କୋଇଲାଙ୍କ ଶେଜ୍ୟାଗତେ ।

କୋଇନ୍ତାଙ୍କୁ କରତାର ଧଇଲେ ନିଜ କୋଳେ
ମୁଖ ଚୁମ୍ବନ ଦେଲେ ମଦନ ରସ ଖେଳେ ।
କରପଦ୍ମ ଯୋଡ଼ିଣ ବୋଇଲେ ଭୋଜର କୁମାରୀ
କେଟି ତୁ ମହାତମା ମୋତେ କହା ଭାରି ଭରି ।
ବୋଲନ୍ତି ଆରେ ମୁହିଁ ସେ କରତାର ତରଣି ନାରାୟଣ
ଋଷିଙ୍କର ମହାମନ୍ତ୍ରେ ମୋତେ କଲୁ ସୁମରଣ ।
ସ୍ୱେଦେ ମୋତେ ଶୃଙ୍ଗାର ଦେବୁ ନାରେ ବାଳୀ
ଅନେକ ବାଟେ ତାଙ୍କୁ କହାଇ କଲେ ଅଂଶୁମାଳୀ ।
କୋଇନ୍ତାଏ ବୋଇଲେ ମୁଁ ଅବଶାଳ ଅଛଇ ଅରଜବସ୍ତ
ତୁ ବରପାଳ ହୋଇ ମୋତେ କରୁଛୁ ଅଘାତ ।
ଜଗତରନାଥ ବୋଇଲେ ତୁ ମହାବୁଦ୍ଧି କଲୁ
ଅଲଗି ବାମା ହୋଇ ମୋତେ କିମ୍ପେ ସୁମରିଲୁ ।
କେଣୁ କରତାର ମୁଁ ସୁମରିଲି ଋଷିବିଦ୍ୟା ପରୀକ୍ଷ ନିମନ୍ତେ
ସୁରଯାଗ ନାଥ ତୁ ମୋତେ ଖମିବୁ କେମନ୍ତେ ।
ତରଣି ବୋଇଲେ ଦୁର୍ବାସାଙ୍କର ମହାମନ୍ତ୍ର କେତୁ ମେଣ୍ଟି
ଅବଶ୍ୟ ପ୍ରାଣ ହାରିବ ମୁର୍ଦ୍ଧନା ଯାଇ ଫାଟି ।
ତୁ ମୋତେ ସୁମରଣା କଲୁ ନ ବସୁର
ରମଣ ନ କଲେ ମୁଁ ତ ନ ଯାଇ ବାହୁଡ଼ି ।
ଯମୁନା ନଦୀଘାଟରେ ଗହନ ଅଟବୀ
କୋଇନ୍ତାଙ୍କୁ ଶୃଙ୍ଗାର କରିଲେ କରତା ଆଦିଦେବା ।
ଶାନ୍ତ ମୂର୍ତ୍ତି ହୋଇଣ ଯେ କମଳଲୋଚନ
ଇନ୍ଦ୍ର ବଢ଼ାଇଲେ ସେ ଭଗର ସମାନ ।
ଅକାଳର କନ୍ୟା ସେ ଅଛଇ ପୁଡ଼ିବନ୍ଧ
ପୁଡ଼ିନାଡ଼ି ସ୍ୱରୂପେଣ ଜପଗ୍ଧ କରିଲ ଦେବ ।
ଦିବସନସାସ୍ତ ସେ ହୋଇଣ ଦେବା ଦେବୀ
ଅଟାଂନ କାଳିନ୍ଦୀ ସେ କାମେଣ ଅଶ୍ୱ ।
କଣ୍ଠର ଶୃଙ୍ଗାର ସେ କଲେ କରତାରେ
ବାହୁଡ଼ି ନ ଗଲେ ଦେବ ଦୁର୍ବାସାଙ୍କ ମନ୍ତ୍ରରେ ।

ଷାଣ୍ଢ ଗରଜ ଶାଳରେ ସେ ଖେଳର ଭୂମାଶ୍ଚ
ଚଳଚ୍ଛଳ ହୋଇ ଦେଖ ଅନେକ ଜନସ୍ ଭର ।
ଦେଖ କରଭାର ନାଥ ନ ଛୁଡ଼ ଦୋର ଷାଣ୍ଢ
ଅମୋଘ ହେତ ଦେବ ମୋହୋର ଗର୍ଭେ ରକ୍ଷକ ଆତ୍ମଜ । ୧୭୦ ।
ଅବିଶ୍ୱାସ ଜଣ୍ୟା ଆବର ଅରଜବଶ୍ଚ
ଆବର ଗର୍ଭେ ମୋହୋର ରକ୍ଷକ ସନ୍ତତ ।
ପିତାର ବଚନ ମୁଂ ରକ୍ଷିବ କେମନ୍ତେ
ଆବର ପ୍ରତାପ ଦେଖ ହୋଇବାକ ମୋତେ ।
ଛାଉଥି କୁଳକୁ ଉତ୍ସନକ ବସ୍ତୁ ଜଗ
ଅନୁଗ୍ରହ କରି ଦେବ ଗର୍ଭେ ନ ଛାଡ଼ ବୋ ଷାଣ୍ଢ ।
ଏନକର ନାଥ ବୋଇଲେ ଶୋ ଭିଉଣୀ ଭଲେ
ଲଘ ଭଘ ଦୋଷ ହୋଅଇ ଷାଣ୍ଢ ନ ଛାଡ଼ିଲେ ।
କୋଇଲ୍ତା ବୋଇଲେ ଯେବଣ ଷାଣ୍ଢ ଛାଡ଼ିବୁ ଏନକର
ସଞ୍ଚୟ ଉତପତ୍ତି ହୋଇ ସେ କୁମର । । ୧୮୦ ।
କୋଇଲ୍ତାଙ୍କର ବଚନ ଶୁଣିଣ ନରସ୍ତ
ଭାଳିଲ ମହାରେଶ ଗର୍ଭେଣ ନ ସଞ୍ଚ ।
ଷାଣ୍ଢ ଛାଡ଼ନ କାଳେ ଦେଖ ଗାଢ଼ୋଣ କୋଳ କଲ
ଅନେକ ଭଙ୍ଗ ସ୍ୱାମୀ ଶୃଙ୍ଗାର ରସ୍ ଏଲ ।
ଛାପନ୍ଥ ପୋଡ଼ିଲ କୋଇଲ୍ତାଙ୍କର ଗର୍ଭଗତ
ନରସ୍ତ ବୋଇଲେ ପୁତ୍ର ଜାତ ହୋଇଛନ୍ତି ତୋତେ ।
କୋଇଲ୍ତା ବୋଇଲେ ଦେଖ ଦେବ ଉଦାସ୍ତ ଜାତ ନ ହୋଇ ସନ୍ତତ
ଏବ ଗଳକେ ମୁଂ ସେ ହୋଇବ ଅସ୍ତ ।
କୁଳକୁ ଦୂଷିତ କଲ ସେ ମୋହୋର ଦୁଷ୍କୃତୀ ପଣେ
ବଚନ ଦେଖି ଦୟା କଲେ ନରସ୍ତ ନାସ୍ତୁତେଣ । । ୧୯୦ ।

କର୍ଣ୍ଣ ଦ୍ୱାରେ ଷାଣ୍ଢ ସେ ଛେଡ଼ିଲେ ଉତାଣି
ସ୍ୱେଦନେକ ଅଛି ସେ ପୁତ୍ରକୁ ନବାଣି ।
ମହା ଅମୋଘ ରେତ ଅସ୍ଥ ସେ ଷାଣ୍ଢ
କର୍ଣ୍ଣ ବାଟେ ସଞ୍ଚ ଉତ୍ପନ୍ନିଲ ଆତ୍ମଜ ।

ଦେଖିଣ ପରମ ସ୍ୱାନନ୍ଦ ହୋଇଲେ ଜନକନନ୍ଦନ
କୋଳ କରି ନାମ ଦେଲେ ତାହାର ସାରକଣ୍ଠି ।
କତେକେଣ ବୁଝିଲେ ସ୍ୱାମୀ ଅମୃତ କୃଷ୍ଣର ବେଳ
ତାହାରେ ଗୋପ୍ୟାନ କଲେ ଅମୃତ ଅଭେଦ କବଚ ମଣି ।
ଶରୀରେ ଲେପନ କଲେ ବଜ୍ର ଯେ ଛଇରି
କତେକେଣ କୁମରର ମହାବୃଦ୍ଧ ମନ୍ତ୍ର ପଢ଼ି ।
ଆକୁଞ୍ଚିତ କେଶ ଉପାଶିଲା ପାଟିଆ କଟାଳ
ଝଟେଶ୍ୱର ଚକ୍ଷୁ ନାସା ସୁନ୍ଦର ଗଣ୍ଡସ୍ଥଳ ।
ଶାର୍ଦ୍ଦୂଳ ଆକର୍ଷଣ ବଶଇ ଶଙ୍ଖର ସଦୃଶ
ହସ୍ତୀର ଥୋର ହସ୍ତ ଜିଣି ବଶଇ ବେନ ଭୁଜ ।
ଆରକ୍ତ ବେନ ଲୋଚନ ବିସ୍ମିତ ବେନ ନେତ୍ର
ଜନକ କନ୍ଧ ପଟଳ ସେହ୍ଲୁ ଓଷ୍ଠ ପ୍ରବାଳ ।
ଅପୂର୍ବ ତମାଳକାନ୍ତି ଜାଣି ବଶଇ ଅଙ୍ଗକାନ୍ତି
ଜଙ୍ଘ କଦଳୀ ଜାନୁ ସେହୁପର ସୁନ୍ଦର ଗୋଟି ।
ସୁନ୍ଦର ଦୁସଦ ଅଙ୍ଗୁଳାଶ୍ରିତ ନଖା
ଅନଙ୍ଗ ସୁନ୍ଦର ଜାଣି ତେଜ ଅନର୍ଗଳା ।
ନାନା ଶସ୍ତ୍ର ତୋର ଶରୀରେ ନ ଫୁଟୁ
କୋଟି ପରଶୁ କୃପାଣ ତୋ ଶରୀରେ ନ କାଟୁ ।
ରଣେ ଅଭସ୍ତ୍ର ତୁ ହୁଅସିବେ କୁମର
ଦାନବଃ ପାବକର ତୁ ହୋଅସି ମହାସାର ।
ଯେତେବେଳେ ଚରଣଚକ୍ର ତୁ ରଥରେ ବସିଥିବୁ
ତ୍ରୈଲୋକ୍ୟ ଜଣନ୍ତି ତୋତେ ସଂଗ୍ରାମେ ଯୋଦ୍ଧା ଯେ ରେ ବାବୁ ।
ଅନେକ ବିଦ୍ୟା ତାକୁ ଦେଇଣ ମାଉଚଣ୍ଡି
ଉଦସ୍ତ୍ର ଟୀଣ ଖେଣ୍ଡ ବକାଟିଲେ ଉଦଣ୍ଡି ।
କୁମାର କୋଳେ ଧରି ସେ ଶେଖର କୁମାରୀ
କିସ ବୁଦ୍ଧି କରିବି ବୋଲିଣ ମନରେ ବିଚାରି ।
ଏତୁ ଦୁଃଖ ପୁଅ ଗୋଟିକ ମୁଁ କେମନ୍ତ କରିବି
ପିତା ମାତା ପ୍ରମୁଖରେ ମୁଁ କ ବୋଲି ବୋଲିବି ।

ଅବଶ୍ୟ ସନ୍ତୁଷ୍ଟେ ମୋତେ ବାକୃତ ପୁତ୍ରକଲ ଦେଖି
ବୋଲିବେ କାହୁଁ ପାଇଲୁ ତୁ ସେ ପୁତ୍ର ଗୋଟିକ ।
ମାତା ପିତାଙ୍କ ଆଗରେ ମୁଂ କେମନ୍ତେ କହିବ ମିଥ୍ୟା
ସତ କହିଲେ ତ ହୋଇବ ଲଜ୍ୟା ଅପ୍ରମିତା ।
ପରଦାରସ୍ପୃଶୀ ବୋଲି ବେନ୍ଧୁ ପ୍ରଦାନ ନୋହିବେ
ସମସ୍ତେ ହେଂ ଦୁର୍ବାସା ଋଷିଙ୍କ ଦୋଷ ଦେବେ ।
ବୋଲିବେ ମୁନିଙ୍କ ସଙ୍ଗେ ଯେ ଥିଲାକ ସମସ୍ତେ
ଦୁର୍ବାସାଙ୍କର ରମଣେ ଯେ ଜନ୍ମିଲା ତନୟେ । ।୨୩୦।
ସେ ଜପାମାଳୀ ଥିଲେ କାର୍ତ୍ତିକ ମୋର ସୁତ
ଅନେକ ବାଟେ ମୁଂ ଯେ କରିବ ପୁତ୍ର ଉତପତି ।

କରେଣ ଯେଣ ଦେବୀ କର୍ଦ୍ଦମ ଲେଉଟସ୍ତେ
ଆପଣେ ଗଢ଼ିଲେ ଦେବୀ ମଞ୍ଜୁଷ ଗୋଟିଏ ।
ତହିଁର ଭିତରେ ସେ ପୁତ୍ରକଲ ଭରି
ଯମୁନା ନଦୀକଲ ସେ ଦେଲେ ଫିଙ୍ଗି କରି ।
ସୁତଙ୍କ ବାଜ ଆଦିତ୍ୟ ପ୍ରାୟେ ତେଜ ଯେବଣ ତନୟେ
କର୍ଣ୍ଣର ତେଜ ଲାଗି କର୍ଦ୍ଦମ ହୋଇଲା ସୁବର୍ଣ୍ଣ ମଞ୍ଜୁଷର ପ୍ରାୟେ ।
ଯମୁନା ନଦୀରେ ସେ ଗଲା ଭାସୁତଆଇ
ଶ୍ରଣାନ୍ୟ ମୁଖ ହୋଇ ଯାଉଛି ହେଠ ବୁଡ଼ି ହୋଇ । ।୨୪୦।
ବାରୁଣୀବନ୍ତ ତହିଁ ଢେଉଭରଣ ପୁଣି
ସେ ମଞ୍ଜୁଷ ଲାଗିଲା ଯାଇ ଅଧିରଥଙ୍କ କୋଣି । ।୨୪୧।

('ମହାଭାରତ', ଆଦିପର୍ବରୁ ଗୃହୀତ)

*

# ଦୁର୍ଯୋଧନର ରକ୍ତନଦୀ ସନ୍ତରଣ

## ସାରଳା ଦାସ

ସର୍ବ ନିଶବଦ ହୋଇଲେ ରଣରଙ୍ଗଭୂଇଁ
ବେଢ଼ିଣ ମେଲଛନ୍ତି ତଳଦଣ୍ଡ ଭଣେ ହେଁ ବେଢ଼ ଗାଇଂଲୁ ପାର୍ଶ୍ୱେ ।
ବାହୁଡ଼ନ୍ତି ପାଣ୍ଡବେ ଯେ କରିଣ ଜୟଶଙ୍ଖ ଧ୍ୱନି
ମହାଘୋର ଶବଦ ଯେ ଶୁଭଇ ସ୍ୱର୍ଗ ଭେଦି ।
ଡେରଖଣ୍ଡ ପ୍ରବେଶ ହୋଇଲେକ ଆସି ନିଶି
ରଣ ଜୟେ କରି ପାଣ୍ଡବେ ଇନ୍ଦ୍ରପ୍ରସ୍ଥେ ଯାଇ ପଶି ।
ସ୍ୟମନ୍ତର ସମସ୍ତେ ବିଜୟେ କଲେ ସର୍ବଯୋଗୀ
ଚଉଷଠୀ କୋଟି ଯୋଗୀ ନବ କୋଟି କାତ୍ୟାୟନୀ ।
ରୁଦ୍ରାୟଣୀ ମୂର୍ତ୍ତି ନବ କୋଟି ଭଇରବୀ
ବ୍ରହ୍ମାୟଣୀ ମୂର୍ତ୍ତି ଅନମ୍ବର୍ତ୍ତ ଯେ ଦେବୀ ।
ପାଞ୍ଚଲକ୍ଷ ମୂର୍ତ୍ତି ଯେ ଅଛନ୍ତି ଇନ୍ଦ୍ରାୟଣୀ
ଚଉଦଲକ୍ଷ ରୂପ ହୋଇଲେ ନାରାୟଣୀ ।
ବେନଲକ୍ଷ ଡାକୋଣୀ ଶଂଚଲକ୍ଷ ଶ୍ରୋଣେଶ୍ୱା
ବୃଦେକ ପିଶୁଣୀ ଦେବେକ ରୂପ ବରେଣ୍ୟା ।
ନବଲକ୍ଷ ମୂର୍ତ୍ତି ଯେ ଦେବୀ ସୁମୁଣ୍ଡା
ମୁଣ୍ଡପିଣ୍ଡ ଆଭୋରଣ କରେ ଖପର ଦଣ୍ଡା ।
କଂକାଳୀ ମୂର୍ତ୍ତି ଯେ ନବକୋଟି ଦେବୀ
ବେତାଳୀ ମୂରତି ଯେ ପଞ୍ଚକ ସମ୍ବର୍ତ୍ତି ।
ଅନନ୍ତ ବିଜୟା ଯେ ଭାରେଣୀ ତ୍ରିପୁରା
ଉଷେଣୀ ଘଷେଣୀ ଅମ୍ବିକା ଶୂଳକା ଉଗ୍ରତାରା ।
ମର୍ଦ୍ଦନ ଧୂମ୍ର ଯେ ବଜ୍ରଘୋଷ ଦାଶତ୍ରି
ଅସ୍ଥିବଳ ହୋଇଣ ନାଚନ୍ତି ଯେମନ୍ତା ନାଟ ଶାସ୍ତ୍ରି ।
ଡାକନ୍ତି ଡାକେଶ୍ୱରୀ ଯେ ଶବଦ କଳକଳ
ଉଠନ୍ତି ମେଘ ମେଘା ଯେ ଧାଅନ୍ତି ତୁଳତୁଳ ।
ସମସ୍ତ ଦେବୀମାନେ କାଳୁଣୀବନ୍ତେ ରୁଣ୍ଡ
ଦଶନବ ଶୁଣନ୍ତେ କଂପଇ ବ୍ରହ୍ମାଣ୍ଡ ।

ଆହା ଚଉଡନ ଯନ୍ତୁଁ ନଗରକ ହୋଇଲ କୁରୁକ୍ଷେତ୍ର ଭୂଇଁ
ଘଣ୍ଟଡକୁ ବାହାର ହୋଇଲୁ ମାନଗୋବିନ୍ଦଦାଇ ।
ଲଜ୍ଜା ମାନଗୋବିନ୍ଦ ରକ୍ତନଦୀ ଦୁବଁଅଛେ
ସ୍ୱାରଥ ଶୁଭ ଅମ୍ବରେ ଜଠର ଜଗତରେ ।
ରକ୍ତନଦୀକ ବୃକ୍ଷିଣ ସ୍ରଜା ମାଦ ଯେ ଗୋବିନ୍ଦ
ତଳନକତ ବୃକ୍ଷି ସ୍ରଜା କଣ୍ଠେଲେ ଦସ୍ଥ ଧନ ।
ହେସ୍ତ ଧାଇବ ଏକଓବନ୍ଧ ପାପଦ ମୁଁ ଅଜିଳ ଦୂନ୍ଦ ପୁଣ୍ୟବନ
ଅଦଦେ ବୁଝାଇଲ ମୁଁ ଦର୍ମର ଅବକେ ।
ଶୁଭ ଅମ୍ବେ ଜଠି ସନ୍ତାପ କରାଇ ଯେ ସ୍ରଜା କୁରୁବଂଶ
ଦେଖିଲା ଧୂଶାସନ ଭଗ୍ନି ଆସୁଅଛୁ ସୁଦେହ ।
ଦୋଭ କଣ ଧରିଲା ଦେ ମାନରକ୍ତବୃକ୍ଷ
ବାବୁ ଧୂଶାସନ ଦେଖ ଦ୍ରୁପଦୀକ ଦେବକ ଭୂଷୀ ।
ବାବୁରେ ଧୂଶାସନ ଭୂଣବନ୍ତ ଶ୍ରୁତିବନ୍ତ ଦଦେକ ଧାର୍ମିକ
ଛିଦ୍ରିୟୁ ମଣ୍ଡଳେ ଚୋଇ ଦାମ ଧରି ଦେବକ ।
ବାବୁ ଦ୍ରୌପଦୀର କେଶ ଧରି ଆଣିଲୁ ଅବମାନେ
ଲଦଣଦ ଦାଲୁ ଆଣି ମହାସଭା ତଳେ ।
ବାବୁ ମଣି ବଦରଣ ନଷାଦପୁର ଗର୍ଭି
କେଶୀ ଦାନବର ଭୂ ବଳଦର୍ପ ଗର୍ଜି ।
ବାବୁ ଦେବଭୁଜ ବାହିଁରେ ତୋହୋର ଶରୀରେ
ଦ୍ରୌପଦୀର ନମନ୍ତେ ରେ ଓ ପାଞ୍ଚାଳ ଭୃ କୋଡରେ ।
ହାତନ୍ତୁ କଂକଣ ଯେ ତୋହୋର ପଡ଼ିଲେକ ଭୂମିରେ
ଶତ ଶତ ହାଥୀ ଭଜାଗଲେ ଦଥାର ଭିତରେ ।
ବାବୁ ଶତ୍ରୁ ମାନମର୍ଦନ ଯାହାର ବାନାକି ପାରଧୂ
ବାରଣ୍ଡ ଜ୍ଞାତିମଣ୍ଡଳେ ମହିମା ତୋହୋର ସାଧୂ ।
ବାବୁ ଯଜ୍ଞେହିଁ ନ ସତ୍ରରେ ତୋହୋର ଅଭିମାନ
ରଣମଣ୍ଡଳ ଯଦ ତୋହୋର ଧୂଶାସନ ।
ଭଳଭୂବନେ ବଜାଇଲ ତୋହୋର ଯେ ତେଜ
ରକ୍ତଦେଖା ନାଶକୁ ଭୂ ଜାଣେନା ମନସିଜ ।

ବାବୁ ସେତେ ଗୁଣ ପ୍ରଭଶ୍ୟାଂ ଶୋଇଲୁ ତୋହୋର ତେ କାହିଁ
ସେ ଉକଳ ନଗରେ ଆସୁଅଛୁ ହୋଇଣ ଜନ୍ମନଶାସ୍ତ୍ରୀ ।
ବାବୁ ଆଜର ଜୀବନରେ ତୋମାହାର ଜୟ କାର୍ଯ୍ୟ
ଭ୍ରମନ୍ତ ମଣିଷ ମୁଖେ ଶୁଣୁଅଛୁ ନିର୍ଲଜ ।
ବାବୁ ଅଂକାରେଣ ଷେପୁଅଛୁ ଉକଳନଗ୍ର ଲଗସି
ସେ ଉକଳନଗରୁ ମୁଁ କୋମନ୍ତ ହୋଇଥିଣି ଶାଶ୍ର ।
ବାବୁ ଗୁଣ ତୋର କହିବାକୁ ଘଟ ଆଜ୍ଞ ନାହିଁ
ସେ ଉକଳନଗରୁ ଯାଇ ଦେଖୁକ ଗାରିଆଳ ।
ଦେଖିଲା କଣଣ ପଡ଼ିଲୁ ସେ ଧୂଣାସ୍ତନର ଉପରେ
ଏବେ ତେଷ୍ଟେ ଭୁଦ୍ଧିଲୁ ଘୃଣା ଭିକ୍ଷାଣ ଗଣ୍ଡରେ ।
ଘୁଞ୍ଚିଲୁ ଧୂଣାପଦକୁ କୂଳରେ ଥାଇ ଖୁଣ୍ଟି
ଉପୁଡ଼ିଆଇ ଆସୁଅଛନ୍ତି ସତାରଣାଇ ଘାଇ ।
ସବୁଶ୍ରୁଷ୍ଟି ପାଶ୍ଚାତ୍ୟେ ଧରଣ କୋଳ ଜଗି
ଦେଶ୍ୱର ନଗରେ ମେଳଦେଇ ଗୁଣନ୍ତି ସୁମରି ।
ବାବୁ ଯାଇବର ପ୍ରଭଶ୍ୟାଂରେ ଭୁମ୍ବର ପଦନଥା
ନାଣକର ଦର୍ପଗଞ୍ଜରେ ଭୁମ୍ବର କରେ ଥାଣନ୍ତି ଗଦା ।
ବାବୁ ଭୁମେ ବଡ଼ ଗୁଣବନ୍ତ ମୁଁ ଅଟଇ ଅପରାଧୀ
ସେ ଉକଳନଗ୍ର ଯାଇ ହୋଇବାକୁ କହ କଣ ବୁଦ୍ଧି ।
ବାବୁ ତୁମ୍ଭ ଗୁଣ କହିବାକୁ ନାହିଁ ମୋତେ ବଳ
ପୃଥିବୀ ଦେବିଲ ଉପୁଡ଼ିଆଇ ଆସୁଅଛୁ ଖାଇ କର୍ଣ୍ଣ ।
ସେଶ୍ୱର ନଗରେ ଥାଇ ଦେଖ ତେ ଶ୍ଳାଘି
ବାଳ ଅର୍କ ପ୍ରାଚୁକ ତାହାର ଶରୀର ଦୀପ୍ତି ।
କୋଳକଣ୍ଠ ଧରିଲ ତାହା କୁଳୁକୁଳ ନାଥ
ହା ହା ମଣିଷ ମୋହୋର ପ୍ରାଣର ପଞ୍ଚଭୂତ ।
କୋଇନ୍ତ୍ରାଂକର ଜ୍ୟେଷ୍ଠପୁତ୍ର ଅଟ୍ଟ ତୁ ସୁତେତ
ଯୋଦ୍ଧାରନ୍ତ ଘୁଣ୍ଡି ମଣିଷ ଆଶ୍ରେଇଲୁ ମୋତେ ।
କୋଇନ୍ତ୍ରାଂକର ବୋଲ ନ କଲୁ ଯାତ୍ରମଣି ।
ଆଦେଶ କରିଛି କର ତୋତେ ସଞ୍ଜେଲ ପାଦମଣି ।

ଅମୃତ କୁଣ୍ଡଳ ବର୍ମ୍ କବଚ ଅଭେଦ ଛଡ଼ାଇ
ଜନକର ନାଥ ତୋହରେ ସ୍ୱେହମନଙ୍କ ସମ୍ପିତ କରି ।
ଯାହାର ଗାଦଷ୍କନ୍ଧ ନ ସହଇ ମେଦିନୀ
ଅତ୍ୟାଗତ ଦୂଜା କରଇ ତୋହରେ ଶେଷଙ୍କର ସୁବର୍ଣ୍ଣ ଦେଖି ।
ଗାତେ ତରଣି ଉଜ୍ଜ୍ୱଳେ ମୁଖରୁ ବହଇ ଶ୍ରୋଣି
ତରଣି ଖଣ୍ଡ ନେତାର ନ ସହଇ ଧରଣୀ ।
ଶଙ୍କେଶ୍ୱର ଭକ୍ତ ଯେ ଦାନ ଦେଇ ଗତି
ଦୁଃଖୀଜନ ଦେଖିଣ ଯେ ବ୍ୟାକୁଳତୋର ମନ ।
ବ୍ରାହ୍ମଣ ରୂପ ଧରି ତୋହରେ ମାଗିଲେ ଆଖଣ୍ଡଳ
ଅଭେଦ ସୁଭଗ ଦେଲୁ କବଚ କୁଣ୍ଡଳ ।
ଗୋବିନ୍ଦେ ପ୍ରାର୍ଥନା କଲେ ବ୍ରାହ୍ମଣ ରୂପ ଧରି
କେଶବେ ନିପୁଣ କଲୁ ପୁତ୍ର ବୃଷକେତନଙ୍କୁ ମାରି ।
ମଣିଷ ଅନେକ ଦାନ କଲୁ ଯେ ବୁଝାଇଲୁ ସର୍ବଧି
ମୋହୋର ଭୁଞ୍ଜିବାକୁ ସେତେବେ କରୁ କନା ବୁଦ୍ଧି ।
ଅନେକ କାଳ ମଣିଷ ସମ୍ଭାଳିଲୁ ମୋତେ
ସେତେବେ ରକତ ନଗରୁ ଗାର ହୋଇବ କେମନ୍ତେ ।
ମଣିଷ, ଦାତେ ଶୂରବନ୍ତ ଖାଣ୍ଡେଣ ଶୂରବନ୍ତା
ନବଦ୍ୱୀପ ସମସ୍ତ ଯାଗରେ ପଡ଼ିଲ ତୋହୋର ଯେ କଥା ।
ଅପାର ଗୁଣ ତୋହୋର କହିବେ ନାହିଂ ଶେଷ
'ରସୁଣୀ ପାଇଲ ନ ବୁଝଇ ଜାଣିଲେ ପଦନ ଦୁର୍ଲଭ ।
ତୋଳକର କର୍ଣ୍ଣର ଉପରେ ପଡ଼ଇ ମାଢ଼ି
ରକତ ନଗରର କର୍ଣ୍ଣ ପଡ଼ିଲକ ଭୂଇଁ ।
ଶୁଣିଲ ମାଳବୋଳନ୍ତି ଚଳଇ ଡଢ଼ବେଗେ
ଦ୍ରୋଣଂକର ଶିଷ୍ୟ ଆସ୍ତୁ ଦେଖିଲ ଆଗେ ।
ଆହା ଗୁରୁ ବୋଲି ସେ ଡାକଇ କୁରୁପତି
ତୋହୋର ବଳ୍ୟାସେ ଆମ୍ଭେ ହୋଇଲୁ ସେତେ ଦଶା ।
ପ୍ରଶ୍ରମନଙ୍କ ତୋଷି ପାଇଲୁ ପ୍ରଭାବ
ଲକ୍ଷ୍ମୀଦେବତା ସହିତେ ସମସ୍ତ 'ଗୋବିନ୍ଦ ଭଜ ।

ଏହାର ସେନେହ ଯେ ବଳ ଅର୍ଜ୍ଜୁନକୁ
କାହେନେଣ ପ୍ରାପତ ଯେ କଲାଟି ସୁରୁ ଭୁକୁ ।
ଭରଦ୍ୱାଜଙ୍କ ନନ୍ଦନ ଯେ ଉତ୍ତମ ବ୍ରାହ୍ମଣ
ଋକବେଦ ନିରଞ୍ଜନ ଯାଗ ଯଜ୍ଞେସଂ କରଣ ।
ଆବର ବେଦଶେଷ ଅଛନ୍ତି ବିଦ୍ୟାଗୁରୁ
ବ୍ରହ୍ମା ଶଂକା କରଇ ଦେଖି ଯୋଗର ମନ୍ତ୍ର ପଢ଼ୁ ।
ସେହୁତେଣ୍ଡବଞ୍ଚ ବ୍ରହ୍ମସୂତ୍ର କାଟନ୍ତି ମାଇଲେ ପାଣ୍ଡବେ
ଧର୍ମ ବର୍ତ୍ତ ହୋଇଲେ ନାନ ଅବଧୀ ସେହେ ।
ଗୁରୁ ସେ ପାଣ୍ଡବନ୍ତ ମାଇବୁ ବୋଲି ଅଶୀର୍ବାଦସୁବନଧନୁ ବନ୍ଧୁ
ନିର୍ଦ୍ଧ୍ୱା ହୋଇଣ ତୁ କଂସା ମୋତେ କଥା ନ କହୁ । ।୧୨୦।
ଏହାର ଯେ ଗୁଣ ତୁମ୍ଭର ମୋତେ କହିବାକୁ ହେବ ନାହିଁ
ବଧ ପାଇଲେ ପାଣ୍ଡବେ ଜାଣିଲେ ନ ବୁଝଇ ମୂର୍ଖ ।
ଏହାର ପ୍ରାର୍ଥନା ଯେ କୋଟେ ଧର୍ମ ହୋଇ
ରଥର ନପରେ ତାହାନ୍ତି ଅଳ୍ପ ହାତେ ଯେତେ ।
ହୋଇକର ମାନଗୋବିନ୍ଦ ଚଢ଼ନ୍ତ ମାଣ୍ଡି
ଖଣ୍ଡଚାନ ଗର୍ଭରେ ପଡ଼ିଲେ ଗୁରୁ ଭୂଇଁ ।
କାହ୍ନି ମାନଗୋବିନ୍ଦ ପଢ଼ନ୍ତ ଚେତ୍ରଇଂ
ଅଶ୍ରୁ ଜ କୁହୁନାଥ ଶୋଣିତ ନଥାନ ବୃଷ୍ଟି ।
କ୍ରୋଧ କରି ମାନଗୋବିନ୍ଦ ତନଇ ମାନ ଘେନ
ଦେଖଇ ଉସୁଚଆଇ ଆବର ମନ୍ତ୍ରୀବର ଶକୁନ । ।୧୩୦।
ହୋଇକର ଧରିଲା ଯେ ମାନଦସ୍ତୁଗା
ହାହା ମାତୁଳ ତୁ ଭୂତ ଭବିଷ୍ୟ ଗ୍ୟାଂତା ମନ୍ତ୍ରୀ ।
ପାଣ୍ଡବନ୍ତ ନାଶ କରିବେ କଲୁ ଯେବଣ ବୁଦ୍ଧି
ତାହେ କାର୍ଯ୍ୟ ଛାଡ଼ିବାର ନୋହିଲକ ସିଦ୍ଧି
ସେଣନକାଳେ ବସାଇଣ୍ଟୁ ଖୁଆଇଲୁ ଖ୍ରମକୁ
ବାନ୍ଧି ଜଳେ ପେଲିଦେଲୁ ନାଗୁଣୀ ଖାଇବାକୁ ।
କେତେ ସ୍ନେହ ମାମୁ କରିଥିଲୁ ମୋତେ
ସ୍ନେହେ ସେ ଗଂଜିଲୁ ପାର ହୋଇଲ କେମନ୍ତେ ।

ପୁଣ ଜଳୁ ଘରେଣ ଯେ ଖିଆଇଲୁ ଭୂଞ୍ଜ
ଜନ୍ମ ସଜନମ ଅଜ୍ଞାଷ ଗୁଆଭୁତ ଛଣଗଞ୍ଚ ।
ସଙ୍କେଣ ବରଗିଲୁ କୁ ପୁତ୍ରେସନ ଚଣ୍ଡାକୁ
ଘର ପୋଡ଼ିଦେଲୁ ଯେ ପାଣ୍ଡବେ ନାଶନକୁ ।
କେଉଁଣ ପୁଣ୍ୟବନ୍ତଙ୍କ ତହୁଁ ଉଦ୍ଧରିଣ ଗଲେ
ଦେବେଶ୍ୱରଙ୍କ ପ୍ରସାଦରୁ ବଞ୍ଚିଣ ପ୍ରାଣ ଯେ ପାଇଲେ ।
କପଟ ପଶାରେ ମାନଙ୍କୁ ଖିଆଇଲୁ ବୁଦ୍ଧି ବଳେ
ପାଣ୍ଡବଙ୍କୁ ବସାଇଲୁ ତୋହୋର ଆସ୍ଥାନର ତଳେ ।
ରାଜ୍ୟଭାର ସମସ୍ତ ନେଇଲୁ କୁଟବୁଦ୍ଧି କରି
ସଭାତଳକୁ ଅଣାଇଲୁ ଦ୍ରୌପଦୀ କେଶ ଧରି ।
ବନବାସ କରାଇଲୁ ମାନଙ୍କୁ ଆମ୍ଭର ଦେଖନ୍ତେ
ତୋହୋର ଗୁଣ ମାନଙ୍କ ପାଶୋରିବ କେମନ୍ତେ ।
ଯେବେ ବୁଦ୍ଧିହୀନ ମାନୁଁ ଅନ୍ଧ କଲା ମୋତେ
ଦୁଃଖର ନଦୀରୁ ପାର ହୋଇବ କେମନ୍ତେ ।
ଏପାରି ଗୁଣ ତୋହୋର କଳ୍ପନେ ଦେଖ ନାହିଁ
ଯଷ୍ଟି ପାଇଲେ ମୋତେ ମାରିବେ ପାଞ୍ଚଭାଇ ।
ଶକୁନି ଉପରେ ଯେବେ ପଡ଼ିଲାକ ମାଡ଼
ପାଣ୍ଡବଙ୍କ ଗର୍ଭୀରେ ଶକୁନି ଗଲା ବୁଡ଼ି ।
ଅକାଳ ବେଳରେ ଯେବେ ବୁଡ଼ିଣ ପଡ଼ିଲା
ବାହାର ହୋଇ ରଜା ଦଇବ ଧୂମରିଲୁ ।
ଦେବକ ମାନଗୋବିନ୍ଦ ଦଣ୍ଡର ପ୍ରତାପ
କେସଦେବେଙ୍କ ଦ୍ରୁଷ୍ଟିର ନଦୀରୁ ହୋଇବଇଁ ପାର ।
ମହାଶୋକ ଅବସ୍ଥା ପାଇଣ ହୋଇ ମହାଦୁଃଖୀ
ସୁ ଦ୍ରୁଷ୍ଟେକ ଖଣି ଆସନ ମାନଗୋବିନ୍ଦ ହାତେ ଦେଖି ।
ରକ୍ଷଣୀ କାଳେ ଏଣ ଚନ୍ଦ୍ରମା ଉଦେ ପ୍ରାୟେ
ତାଙ୍କ ତୋଡ଼ର ବାହୁଟି କଙ୍କଣ ନାନା ଅଳଙ୍କାର ତାର ବାସ୍ତେ ।
ଅପୂର୍ବ ପୁରୁଷେକ ଯେ ଦେଖିଲୁ ଅଙ୍ଗୁ ଆଗେ
ଦ୍ରୁଢ଼କରି ଦୃଷ୍ଟି ପୁଣ ଉଠିଲୁ ଭୁଜଙ୍ଗ ବେଗେ ।

ତାହାଙ୍କଇଂ ଅକ୍ଷୋଣି-ଧଇଲ୍ୟ ନୃପବର
ତକ୍ଷଣେ ରହିଲ୍ୟ ସେ ଉଭଟ ନଗ୍ର ଉପର ।
ଲେଖଣ ମହାତମା ସେ ବନ୍ଧାଇ ତତକ୍ଷଣ
ସେହୁ ଅଛା ମୋତେ କରି ଶାତ୍ରଲ କାରଣ ।
ବୋଲ କରି ଧଇଲ୍ୟ ତାକୁ ମାନସେବୃଷ
ଉପରେ ଥୋଇଲ୍ୟ ନେଇ ଗଦାବର ଦୃଷ୍ଟାନ୍ତ ।
ଯନ୍ତୁରି ଯନ୍ତୁରି ଧରି ଦେବ ଗଦା ଗନ୍ତୁ
ପଡ଼ିଲ୍ୟ ସେ ମୁଣ୍ଡପିଣ୍ଡ ଖସି ମହାମେନ୍ତୁ ।
ଅଂଗଣେ ରଜା ସେ ଗଢ଼ଇ ଚର୍ମି ପରେ ମାଝ
ସୋଲଭେଜା କାଣି ଖସଇ ଉଜନ୍ତ ନଗରେ ନ ଭୁଞ୍ଜ ।
ପିଠିରେ ବସିଣ ରଜା ବାହଇ ବେଗ ଡାଏ
ଦେବ ଶଣ୍ଡରେ ଗଲ୍ୟ ସେ ଯୋଜନେ ଚଉସଙ୍ଗେ ।
ଆପଣା ଭୁମିର ସେ ଉତ୍ତମ ଦ୍ୱିବା ଭାଗେ
ପାଣ୍ଡେହାଇ ମୁଣ୍ଡପିଣ୍ଡୁଂ ଉଲୁରିଲ୍ୟ ବେଗେ ।
ଦ୍ରୋଣକର୍ଣ୍ଣ ଶଲ୍ୟ ଶକୁନ ଦୁଶାସନ ଧୃଷ୍ଟଦ୍ୟ
ତୋହୋର ପ୍ରାସେ ଦେଖ ନୋକ୍ଷଲେଷେ ବାବା ।
ଦେଖ ମୋତେ ଉଜନ୍ତ ନଗରୁ ନ କହିଲ ଯାଇ
ମନ୍ତ୍ରି ଲେଖଣ ମହାତମା ଭୁ ହୋଇଲୁ ଭସ୍ମଭାର ।
ଲେଖହାଇ ବଦନ ଭୁଷଂଇ କୁମ୍ଭକର୍ଣ୍ଣ
କପେଟି ଶୁଣିଂଲୁ ଏ ମୋ କୁମାର ଲକ୍ଷଣ ।
ଆହା ମୋର ପୁଅ ବୋଲି ରସେ ଲଗାଇଣ ଦୁତେ
ଅଶ୍ୱାସ୍ତମେ ଖେଳଇ ବଜା ମାନ ସେ ଗୋଷ୍ଠରେ ।
ତାଙ୍କରେ ପଦା ଥା ବୋଲିଣ ବୋଇଲି ମୁଣ୍ଡଂ ଛୋଟେ
ପ୍ରମାଦ ଭୂମିରେ ପୁତ୍ରରେ ଚଢ଼ିଲୁ ନଜମନ୍ତେ ।
ଆରେ ଆରେ ମୋର ଲକ୍ଷଣ କଇଛା ଜଗନ୍ଜ୍ୟୋତି
ଷଇଲ୍ଲେଖ୍ୟ ବଦନା ନାଥ ତୋହୋର ଦାନଂଗାଛି ।
ଅତ୍ୟନ୍ତ ଲକ୍ଷଣରେ ତୋହର ବତିଶ ପ୍ରଣ
ଶମ୍ଭୁଜ କଜ ଜନ୍ମିଲ ଭୁ ସବଗୁଣେ ଲକ୍ଷଣ ।

ବାବୁ ଅବଷ୍ଟରେ ମୂର୍ତ୍ତି ଦୃଷ୍ଟ ଯେ ବାଳଅର୍କ ପ୍ରାୟେ
କଟସ୍ଥ ତେଜନ୍ତୁ ଅଧିକ ଶତଗ୍ର ତୋର କାୟେ ।
ଅଛର ନଭଶ୍ଚ ପୃଷ୍ଠରେ ଅନାସ୍ଥ ମୋତେ କଲୁ ।
ଗଭୀର ସ୍ୱମୋଦ୍ରେ ମୋର ଚେତନା ଘୁଞ୍ଚାଇଲୁ ।
ଅତିଅନ୍ତ ଗହନରେ ତୋଦ୍ୱାରେ ଆସନ
ସଦା ଆନନ୍ଦର ବାସ ନିତାନ୍ତର ବଦନ ।
ବାବୁ ଘନ୍ୟରେ ସାଧୁ ସାଧୁ ତୋତେ କରନ୍ତି ପରଜା
କାଞ୍ଚିକରେ ମାତ୍ରେଜ ତୁ ଧିଆଇଲୁ ସଞ୍ଜା ।
ଦେବ ଋଷ୍ଟ ଧିଗତରେ ଅଗ୍ରଦର୍ଶୀ ଧନ୍ୟା
ଅନାଥ ନାଥ ମୁସ୍ତରେ ଅଗ୍ରଦର୍ଶୀ ଗାନଧ୍ୟନ୍ତା ।
ଦାନେ ଶୁଭବନ୍ତ ପୃଷ୍ଠରେ ଭଣ୍ଡାର୍ଜ୍ଜ ବଲଶ
ନାଶକର ତମ ଖଞ୍ଜ ପୂନରେ ଅତଧାନ କଲୁ ।
ଶତେ ଖର ଭଣ୍ଡାର ଧାନ ତେଜି ଯେ ନତେଷ
ସମସ୍ତ ଶ୍ରୁତିବନ୍ତ ଟିକନ୍ତି ବାବୁରେ ରଜନୀ ପ୍ରଭାତ ।
ଦାତବ୍ୟ ପୃଚ୍ଛସ ଭୁରେ ଧବାସ୍ୱେଷ ନ ଜାଣୁ
କ୍ଷୁଧଣ ନୈଜଂକର ବଚନ ତୁ ନ ଶୁଣୁ ।
ବଲତ ଦାନବ ମାତ୍ରେ ତୁ ତଣୀକନନ୍ତ ରକ୍ଷୁ
ନେତେକ ବଲକୁଳରେ ପୁଷ ଭୁକ ହୋଇ କମା ଅଛୁ ।
କଞ୍ଚେରିବ ବଳକୁ ତୁରେ ଘୁଷସ୍ତ ତନ୍ତ୍ରଗୋଟି
ତୋଦ୍ୱାର ଭସ୍ମରେ ପୁଷ ମୋତେ ଅଲାଭ ନବସୃଷ୍ଟି ।
ବାବୁ ସଗ୍ରାମର ସାଧନାରେ ତୁ ଅଳୁକାଇତ ମଲି
ଧାନ୍ଦୁନ ତୃଣାମଣି ଚାଣ୍ଡିବଂକ ଜରଶାଳ ।
ଆସ ଆସ ବାବୁ ମନ୍ଦିରକୁ ଚିବାରେ ତନସ୍ୱେ
ଅର୍ଘ୍ୟ ଦେଇ ବାଙ୍କ ସ୍ତୁତ୍ୟଂଭୂବେ ତୋଦ୍ୱାର ଖଲୁବଶ ମାତ୍ରେ ।
ବାବୁ ମାସ୍ତେ ପୋଷ୍ଟେ ଭୁମେ ଅନେକ କଲ ଯେ ଧଇନ
ବୋଇଲ ବାସୁଦେବ ସ୍ୱେସୁଂ ନ ଯାନ୍ତୁ ଅତମାନ ଦେବ ।

ବୋଇଲେ ଗଙ୍ଗା ପାଞ୍ଚଜଣ୍ଟି ଯେ ମାତୃକନ୍ତ୍ରି ଶିଶୁପାଳ
ଏଣ୍ଡା ଦୁଇବଣ୍ଟି ଦେଇ ସ୍ତବୋଧିବା ଅଭ୍ୟର୍ଥୀ ।
ଭୀଷ୍ମ ଦ୍ରୋଣ କର୍ଣ୍ଣ ଶଲ୍ୟ କେଳୁନ ଦେଖନ୍ତେ
ବନାସ୍ତେ ସୁଦ୍ଧମୁନେ ବୋଇଲି ରାଜ୍ୟ ନ ଦିଅଇ କଦାଚିତେ ।

କଣ୍ଠଂର ତ୍ରିଶପଳ ଏବେ ପାଇଲରେ ବାବୁ
ସେତେକ ବଳ ସମ୍ପଦ ମୁଂ ବୁଝି ଭଲ ସବୁ ।
ସେବେ ପୁତ୍ରରେ କହିବା ତୋ'ର ବୋ'ଲ
ଅର୍ଦ୍ଧ ରାଜ୍ୟ ପାଣ୍ଡବନ୍ତୁ ଦେବ ତୁ ଜାତି ଆସ ମୋହୋର କୁଳ ।
ବାବୁ ସମ୍ପୂର୍ଣ୍ଣ ଚନ୍ଦ୍ରମା ରେ ତୋହର ବଦନ
ଅପାଦ ଦେ ବାବୁ ସେକ୍ଷ ଯାଉକନା ମୁହିଁ । ।୨୩୦।

ଆରେ ବାବୁ ପଣ୍ଡର ଚନ୍ଦନ ମଳୟ ବସନ୍ତ ଭସ୍ମ ଯେ ଧାରେ ।
ଉଳତେ କର୍ଦ୍ଦମ ସେବେ ତୋହୋର ଦୋଇଲୁକ ନାହେଁ ।
ବାବୁ ମଣି ମାଣିକ୍ୟରେ ମୁଦ୍ରସ୍ଥ ତୋର ଗଳ
ମୁଣ୍ଡ ମାନଙ୍କରେ ପୁଷ୍ପରେ ବୋଇଲୁ ତୁ ମେଳ ।
ବାବୁ ନବସହସ୍ର ରାଜା ତୋତେ ଖଟନ୍ତି ଆସ୍ଥାନେ
ସେବେ କେଉଁବେ ତୋତେ ଭୁକ ବେଢ଼ି ଶିଶୁଗଣେ ।
ବାବୁ ସୁଦେ ତୋତେ ଧରଣୀ ଯେ ରାଜା ଧୃତରାଷ୍ଟ୍ର
ତୋହୋର ମୁଖ ଦେଖନ୍ତେ ପାସୋରନ୍ତେ ଅନେକ ପୁତ୍ରଂକର କଷ୍ଟ ।
ବାବୁରେ ସୁଦସ୍ଥେ ଧରନ୍ତି ତୋହୋର ମୂର୍ତ୍ତିପିଣ୍ଡଗୋଟି
ସେ ମୋହୋର ଶରୀର ନ ଯାଇ କାଂହା ଫାଟି । ।୨୪୦।

ବାବୁ ସମସ୍ତେ ସାଧାରଣ ତୁ ଦୁର୍ନ୍ନୀତିକ ଉଦ୍ଧାରଣ ।
ଶରଣ ରକ୍ଷଣ ତୁ ଅକାରଣ କଷ୍ଟଂ ନାରଣ ।
ସେତେକ ଦସ୍ୟୁଧର୍ମ ଥାଇ ତୋର ଅଙ୍ଗେ
ସେ ଧର୍ମ ଦେବତା ସେ'କ ଗୁଡ଼ିଲା କେମନ୍ତେ ।
ବାବୁ ସେତା ବେଳକେ ତୋତେ କାଂହା ନ କଲେକ ରକ୍ଷା
ଅନେକ ଦେବତା ବ୍ରାହ୍ମଣେ ଭଗତ ହୋଇ ମନବାଞ୍ଛା ।

ଯେତେକ ଗୁଣ ଯେ ଅଛି ତୋହୋର ଶରୀର
ଗୁଣ ଗୁଣିବାକୁ ଦେବ ନାହିଁ ତ ମୋହୋର ।
ବାବୁ ତୋତେ ଦେଖ କ୍ରୋଧ କଲୁ ଲକ୍ଷ୍ମଣୀ ଚାହିଲେ
ମୂର୍ଚ୍ଛାଂ ନାଶିଯିବରେ ପାଣ୍ଡବେ ଜାଣିଲେ ।
ଗଦା ଦେଖ ଡରେ ରଜା ଭୂମିରେ ବହଳା ଗାତରେ
ସାତଭାଇ ଗମ୍ଭୀର ଯେ ହୋଇଲ ଦେବକାଳ ଜମ୍ପାରେ ।
ପିନ୍ଧିବାର ବସ୍ତ୍ର ଅର୍ଦ୍ଧେକ ଖସିଲା ସ୍ଵଜନ
ସୁବର୍ଣ୍ଣ ଜରଣ ତାହା ଚାଢ଼ିଲା ତତେଣି ।
ଲକ୍ଷଣ କୁମାରକୁ ରାଜା ଶୁଆଇଲା ଡଙ୍କୀ
ଉଚ୍ଚ ସ୍ୱରେ ରୋଦନ କରନ୍ତି ସଂପୂର୍ଣ୍ଣ ଚନ୍ଦ୍ରମା ମୁଖ ଶୁଖି ।
ହଂସୁଲୀ ଭୂଜରେ ପୁତ୍ର ଶୋଇଥାଞ୍ଚି ଦେବେ
ସେ ପୁଅକୁ ଯୋଗ୍ୟ ବାବୁ ହୋଇଲୁ ଭୂମି ସେବେ ।
କେଉଁ ମୁଣ୍ଡେ ଭେଲ ମେଘୁ କୁନ୍ତଳ ରେ ବାଂଧ
ହୃଦେ ଆଭରଣ କେଉଁ କଲା ଜାଳସର୍ପ ।
ବାବୁ ସୋମ ବଂଶକୁ ତୁ ମୋର ସେହି ପୁତ୍ର ଗୋଟି
ସବୁ ବୁଡ଼ାଇଲୁରେ କାଟିଲୁ ମୋର ଡଣ୍ଡି ।
ବାବୁ ସେ ଜନ୍ମେ କାହିଁ ମୁଣ୍ଡଂ ବୃହଂଲ ତୋର ମୁଖ
ତୁ ମୋତେ ସମସ୍ୟା ନ ବଲୁରେ ପୁତ୍ର ହୋଇଲୁ ଅଦେଖ ।
ବାବୁ ନେତ ପାଟ ପାଟମ ନାନା ପୁଷ୍ପ ଶୋଭା ରଜ୍ଜାଗ
ରକତେ କର୍ଦ୍ଦମରେ ହୋଇଲା ତୋହୋର ଅଙ୍ଗ ।
ବାବୁ ବାରମ୍ବାର ଭୁବନ ଭାବେ ତୋର ସ୍ଵରଗୋଟି ।
ତାହା ଜଦେଖି ସ୍ଵନରେ ଭୂମିରେଣ ଅଛୁ ଲୋଟି
ବାବୁ ମୃଗନାଭି କସ୍ତୁରୀରେ ସୁଗନ୍ଧ କର୍ପୂର ମିଶା
ମୁଣ୍ଡଂ ସିନ୍ଧୁ ତୋତେହେ କଲ ମାଟି ମିଶା ।
ବାବୁ ଅତିଅନ୍ତ ସୁକୁମାର ଭୂତର କୁମାର ଲକ୍ଷଣ
ବରଂଷ ବାହୁନିଲେ ନ ସରଇ ତୋହୋର ଯେତେ ଗୁଣ ।

ବାବୁ ନବସୃଷ୍ଟି ରଚନା ଗୁଣ୍ଡଣ ପ୍ରଜାପତ
କେତେଭଳି ବପୁରେ ଥିଲା ତୋହାର ମୂର୍ତ୍ତି ।
ବାବୁରେ ମୋହୋର ଚନ୍ଦ୍ର ପିଣ୍ଡା କେଉଁହୋରେ ଦୋନ୍ଦୁ ଦୋନ୍ଦୁ
ତୋହୋର ପ୍ରାଣେ ପ୍ରସ ମୋତେ ଜନ୍ମେ ଜନ୍ମେ ଥାଉ ।
ଏହାର କ୍ରୋଧ କରଇ ରାଜା ଧୃତରାଷ୍ଟ୍ର
ଲକ୍ଷଣ କୁମାର ଉପରେ ନେଇ ପକାଇଲା ମାଡ଼ି ।
ନୁଣ୍ଡୀପିଣ୍ଡ ଉପରେ ଲମ୍ବୁଡ଼େ ମୁଣ୍ଡକା ପକାଇଲା ପିଟି
ଚନ୍ଦ୍ରଂ ମାନଗୋବିନ୍ଦ ଡାକଇ ବେଗି ବେଗି । ।୨୮୦।

('ମହାଭାରତ', ଗଦାପର୍ବରୁ ଗୃହୀତ)

*

# ସୀତାଙ୍କ ବନଗମନ

## ସାରଳା ଦାସ

ଅଚେତନ ଲକ୍ଷଣ କୋଦଣ୍ଡ କରେ ଧରି
ସଚେତଣ ଘମଣ୍ଡ ସେ ଜନନକ କୁମାରୀ ।
ଦଣ୍ଡ ନଇଦାଣ୍ଡ ସୀତାଙ୍କୁ ଦେଖିଲେ
ସେ ସାହାର ରଥ ଗୁଣ୍ଡ ବାହାର ହୋଇଲେ ।
ଏକଇ ଆଗରେ କହନ୍ତ ସଧୀର
କେବଣ ଉପଦ୍ରବ ତୋ ହୋଇଲା ଏ ପୁର ।
ଅଛି ଅପୋତର ତ ଅସମ୍ଭବ କଥା
ଏକସ୍ୟରେ ଘମଇ ଜନକ ଦୋହିତା ।
ସୂର୍ଯ୍ୟ କିରଣ ତ ନ ଲାଗଇ ଯାହାର କାଏ
ଇତର ଜନଙ୍କର ମତେ ଗମଇଁ ଏକଲାବେ ।

ଏସନେକ ବୋଲି ଅନେକ ସୁବଣ
ସୀତସ୍ୱାର ପଡ଼ନ୍ତି ସେ ବନେକ ଗୋଡ଼ାବନ୍ତ ।
ମୁଖ ଶବ୍ଦ ଶୁଣି ଲକ୍ଷ୍ମଣ ବୋଲନ୍ତି ପୁଣ୍ଡିଲ
ପୁରଜନ ସୁବଣିକ କୋପେଣ ଡାକଦେଲ ।
ରାଜପତ୍ନୀ ଚଳନ୍ତି ସେ ଗୋଡ଼ାଅ କାର୍ଣ୍ଣିପାଇଁ
ଜୀବନଙ୍କୁ ଆଣ କ ତୁମ୍ଭର ଅଙ୍ଗେ ନାହିଁ ।
ସେ ସାହାର ମଧରଙ୍କୁ ତୁମ୍ଭେ ଚଳସାଅ
ଶରୀର ଚାଞ୍ଚାଇ ଅପମାନ ନ ପାଅ ।
ଲକ୍ଷ୍ମଣ କଠୋର କଥା ସତ୍ତ୍ୱ ପୁରଜନେ ଶୁଣିଲେ ।
ସମସ୍ତ କାଦେମଣି ସେଠାରେ ରହିଲେ ।

ବେକନ୍ତି କାହାଣ ଶୁଦରେ ନ ପଶନ୍ତି
ଦଣ୍ଡବଂଶ ଠାବେ ଠାବେ ରକ୍ଷଣ ଖଲନ୍ତି ।
କେବଣ ଉପଦ୍ରବ ହୋଇଲା ନ ଜାଣିଲୁ ଏହା
କେ ଅବା ଏ ସପୁଟେକ ଛୁଅ ସାହା ।
ଏସନେକ ମନେକ ବିଚାର ସର୍ବ ଦାସ
ବଇକୁଲା ଚଞ୍ଚି କପୁନ୍ତ ଲୁହ ଝରି ।

ଦେଖି ଆହାକାର କରନ୍ତି ସର୍ବ-ଜନ
ତଥୁଂ ମହାପ୍ରଭୁ କରନ୍ତି ଗମନ !
ବୈଶାଖ ଶୁକଳ ପଞ୍ଚମୀ ଗୁରୁବାର
ପୁନର୍ବସୁ ନକ୍ଷତ୍ର ଉଦୟନ୍ତ ଦିବାକର ।

ଏବେ ମହାପ୍ରଭୁର ହୋଇଛି ବନବାସ
ମନର ହରଷେ ନ ବୁଝିଲ ପ୍ରାଣ ।
ଆବେଗେ ଲକ୍ଷ୍ମଣ କଢ଼ାଉନ୍ତି ବାଟ
ଥୋକାଏକ ପୁରର ସଖା ପାଇଲେକ କଷ୍ଟ ।
ଚନ୍ଦନ ବଣେ ଦେଖ ଗଜେ ଚରନ୍ତି
ଦେଖି ବନଗଜେ ଛନଛନ ହୁଅନ୍ତି ।
ମତ୍ତଗଜ ଯୂଥ ଶବର ଭୁଲାଇଲ
ରଜନୀନ୍ଦ୍ରୁ କୁ ତେଜ ପ୍ରକାଶଇ ।
ସୁସଜ୍ଜ ଅଶ୍ୱେ ଅଛନ୍ତି ଚଢ଼ନ୍ତି
ଜାତିଶିବା ପ୍ରାୟେ ଦିଶନ୍ତି ଧବଳ ତୋଷାଣ୍ଡ !
ହରିଣ ବାଘୁଡ଼ିଆ ଭୋଳ କଳହା
ମତ୍ତଗଜ ସମାନେ ଦିଶନ୍ତି ବରାହା ।
ଚଣ୍ଡୀ ଭଇଳ ଯେ କୁରଙ୍ଗ ସପ୍ତସ୍ୱର
ସିଂହ ଶାର୍ଦ୍ଦୁଳ ଯେ ଅଛଇ ବିସ୍ତାର ।
ଶୁକ କୋକିଳ ଯେ ଆବର ହିଙ୍କ ମଞ୍ଜୁଷ
କର୍ପୁରକେଶୀ ମଣିଷି ସମୁଖେ କ୍ରୀଡ଼ା କରନ୍ତି ।
ଆନନ୍ଦେ ମହାପ୍ରଭୁ ବୁଲାନ୍ତି ତୋଷମନେ
ଅନେକ ପକ୍ଷୀକୁଳ ଅଛନ୍ତି ସେ ବନେ ।
ସ୍ୱପ୍ନରେ ରବ ଦେଇ ମଂଜୁଳ
କୋକିଳ ରବ ଶୁଣି ଶବର କି ଖେଳଇ ।

ବନ ଉପବନରେ ପବନ ବହଇ ନ ଲାଗଇ ରବିର ତେଜ
ସେ ବନେ ପଶିଲା ଯାଇ ସୁମିତ୍ରା ତନୁଜ ।

× × ×

ଲକ୍ଷ୍ମଣର ପଛେ ତୋଡ଼ାଇ ସଖି ଥିଲା
ଝାଳେ ସ୍ୱାମୀଙ୍କ ମୁଖ ମଉଳିଲା ।
ଗୋଡ଼ାଇ ଚାଲି ନ ପାରିଲା ସଖି ଯହୁଁ
ଆସ ବୋଲି ଲକ୍ଷ୍ମଣ ଡାକ ଦେଲା ତହୁଁ ।
ତୁମ୍ଭେ ଗୋ ବନକୁ ଆସିଲ ସ୍ୱ ଯେବେ
(ନ)ଜାଣିଲ ମୁଁ ତୁମ୍ଭକୁ ପଚାରୁଛି ଏବେ ।
କେବଣ ନିମନ୍ତେ ବନକୁ ଚଳିଥା କଲ
ସୁକୁମାରୀ ପ୍ରିୟା ଗୋ ଚାଲି ତ ନ ପାର ।
ଏବେ ତୁମ୍ଭେ ଗୋ ଆସ ଶୀଘ୍ର ହୋଇ
ଭଲ ଠାବ ଦେଖି ବିଶ୍ରାମିବା ଯାଇ ।
ଲକ୍ଷ୍ମଣର ସମାଦ ଶୁଣିଣ ମହାସତୀ
ଆଗଭର ହୋଇଣ ଧାଇଁନ୍ତି ତତ୍କ୍ଷଣ ।
ପର୍ବତ ଉପରେ ଅଛି ଏକ ପୁଷ୍କରିଣୀ
ମୁଖ ପଖାଳନ୍ତି ତହିଁ ଶ୍ରୀରାମର ରାଣୀ ।
ଏଥର ଭ୍ରମେଣ ସଖି ଜଳପାନ କରଇ
ଦେଖିଣ ବନରେ ସାଜନ୍ତି ସୁମିତ୍ରାର କୁମରଇ ।
ସହସ୍ରେକ ଶର ଗଡ଼ାଇ ପାଣି
ନକ୍ଷେ ପଥରେ ଚୋର ସଙ୍ଗ୍ୟକୁ ବନ୍ଧିଆଣି ।
ସେ ଜଳେ ସ୍ନାହାନ କରୁ ଗୋ ମହାସତୀ
ପାଣି ତୋଳ ଏଥିକୁ ଲକ୍ଷ୍ମଣ ସୁବର୍ଣ୍ଣ ।
କୁଙ୍କୁମ ଘସନ୍ତି ସହସ୍ରେକ ବାଳୀ
ସୁବର୍ଣ୍ଣ ଘଟେ ଶରୀର ପଖାଳି ।
ସୁଗନ୍ଧ ପାଟହାକ ବେଶ ଶ୍ରୀନ ବାସ
ଶରୀର ପୋଛନ୍ତି ପାଟ ଅତି ହାସ ।
ରତ୍ନସିଂହାସନେ ସୁବାସିତ ପାଣି(କି)ଇ
ତହୁଁ ସେ ଜାନକୀ ମୁଖ ପଖାଳଇ ।
ବନ୍ଧୁର ନୈଶଟେ ଏବେ ଜରେ ପିଅଇ ପାଣି
ସେ ବନ୍ଧୁ ବଧାଣା ଏସନେକ ଅଛୁ ବର୍ଣ୍ଣି ।

ଏ ଅରଣ୍ୟ ବାସିମାନଙ୍କ ଗୁଣ୍ଡ ଯାହା ଶିବ
କେବଣ ମତେ ମୁଣ୍ଡଂ ଦେଖ ଧରିବ ।
ଯଦ୍ୟପି ରକ୍ଷିବ ସେ ସୀତାସ୍ତ୍ରୀର ଭୁଲେ
ଦୋଷ କରିବେ ରାମ ଆଜ ମୁଣ୍ଡଂ ନ ଗଲେ ।
ଏତେ ବିଚାରି ଲକ୍ଷ୍ମଣ ବୋଇଲେ ସ୍ୱଜନ ମନ
ଆସ ଗୋ ମହାସତୀ ଏଥୁ ଯିବାକ ବହନ ।
ଜଳମୂଳ ଯେବଣ ଠାବରେ ପାଇବା
ତହିଁ ଯାଇ ଆମ୍ଭେ ବିଶ୍ରାମ କରିବା ।
ଶୁଣିଣ ମହାସତୀ ପାଣିନ୍ତୁ ହୋଇଲେ ବାହାର
ଜଳ ପିଅନ୍ତେ ପ୍ରାଣ ହୋଇଲା ତାହାର ସ୍ଥିର ।
ଚଳନ୍ତେ ସୀତାଙ୍କ ପଦ୍ମ ନ ଚଳଇ
ଆପଣା ହୃଦରେ ଶଶୀମୁଖୀ ଭାବଇ ।
କେବଣ ଦଇବ ମୋର ମନକୁ ମୋହିଲା
ବନସ୍ତକୁ ଆସିବି ବୋଲି ଉଦବେଗ କଲା ।
ଅରିଷ୍ଟ କଥା ଏହା ବିଚାରି ନ ପାରିଲି
ସ୍ୱାମୀଙ୍କ ଏକାନ୍ତେ ମୁଁ ପ୍ରମାଦ ମାଗିଲି ।
କାହାକୁ କହିବି ସେ ମୋହର କୃତ ଦୋଷ
ଆପଣେ ମୂର୍ଚ୍ଛି ହୋଇଲି କପାଂସ ।
ଲକ୍ଷ୍ମଣଙ୍କୁ ମହାସତୀ ଡାକି ଦେଲେ ସଧୀରଇ
ସମ୍ଭାଳି ବସ ମୋତେ ମୁଁ ଚଳି ନ ପାରଇ ।
ପଥରୁ ଭୂମିରେ ଚଳନ୍ତେ ପଦ୍ମ ଛୁଟିଲା
ଗର୍ଭେଣ ଛଅମାସ ଗର୍ଭ ବ୍ୟଥା କଲା ।
ଶୁଣିଣ ଲକ୍ଷ୍ମଣ ପ୍ରାଣ ଉଛୁଳିଲା ଦେଖ
ତରୁ ତଳେ ବସିଲେ ନୟନୁ ଲୁହ ବହି ।
ଦେଖି ବୃକ୍ଷତଳେ ବସିଲେ ରାମରାଣୀ
ତାଙ୍କୁ ଭର ଦେଇ ବସିଲି ଧରଣୀ ।
ବାହାଡ଼ା ବୃକ୍ଷତଳେ ଅଛି ବଡ଼ପଣ
ସୁଶୀତଳ ସମୀର ବହଇ ଘନଘନ ।

ରଙ୍ଗର ବୈଚିତ୍ରତା ଯେ ନ ଲାଗଇ ତର୍କି ଖର
ଚଳନ୍ତି ଆବଶ୍ୟ ଦେବତା ହୋଇଲେ ଅନ୍ଧାର ସ୍ୱପନ । ୧୧୦ ।
ଭୂଷର ତକେଶ ବଣବସ୍ତ୍ର ମହାସେଣା
ଶରୀର ସୁମେଣ ଗାଇ (ଶ) ଦେବନ ମୂର୍ତ୍ତି ।
ଅଞ୍ଜନ ଗାତ୍ର ହସ୍ତ ସ୍ଥାନସ୍ଥାନ କଲ
ନିଦ୍ରାଏଣ ମହାଦେଣ୍ଣା ଅଚେତନ ହୋଇଲ ।
ଦେଖିକରି ଲକ୍ଷ୍ମଣ ମନରେ ବିସ୍ମିତ
ଏଣ୍ଡ ସମସ୍ତେ ଜାଗେଣି ମୁଁ ଶିବ କଳପୁଷ୍ପ ।
ଯଦ୍ୟପି ନିଦ୍ରାରୁ ଉଠିବେ ଜନେକ କୁମାରୀ
ଔଷଧ ଗୁଣ୍ଡ ଏହାକୁ ଯାଉଛ ନ ପାରି ।
ନ ଗଲେ ଦୋଷ ମତେ କରିବେ ସୁମନ୍ଦ
ବୋଲିବେ ମୋହର ପାରିଲା ଯେଉଁ ସ୍ୱପ୍ନ ଉତ୍ପଳଙ୍କ ମନ । ୧୨୦ ।
ମନେ ବିଚାରି ତାର ଦୋଷ କରିଅଛି
ତମେ ଭରତ ଦେଶ ନ ପୁରୁଷ କରୁ ।
ନିଗମ ବଚନ ସର୍ବାଙ୍ଗ ଗୁଡ଼ି ଗଲେ
ଏ ମତେ ଦୋଷ କରିବ ଜନସ୍ଥେ (ନ) ଦେଖିଲେ ।
ସେବକ କ୍ଲେଶର ହୋ ମାଦନ ଧ୍ୱଜ ଯାଞ୍ଜ
ଚରଣ ବନ୍ଦେ ବର୍ଣ୍ଣିଲ ପୁଣି ସେହି ।
ଏସନେକ ଚଣ୍ଡୁକେ ଶକ୍ତି ଲକ୍ଷ୍ମଣ
ସେହାଣୁ ଶରୀର ଦାଣ୍ଡି ପରଶ କରଇ ବେଳଘନ ।
ମୋହର କଥା ଗୋ ଶୁଣିଲି ମହାସତୀ
ତୋତେ ଉପେକ୍ଷା ଗୋ କଲେ ତୋର ପତି । ୧୩୦ ।
ସବଣ ସତ୍ୟ ତୁ ଚଉଦ ମାସ ଥିଲୁ
କେଳକତ କଥାରେ ତୁ ଦୋଷୁଣୀ ହୋଇଲୁ ।
ବହୁତ ମୂର୍ଖସବ ସୁମ ସତ୍ୱ ନ ପାରିଲେ
ତେଣୁ ସେ ତୋତେ ତୋ ବନକୁ ବାହାର କଲେ ।
ଅଯୋଧ୍ୟା ନଗ୍ରକୁ ତୁ ବାହୁଡ଼ି ନ ଦିବୁ
ପିତା ଘରେ ତୋର ତୋ ଯାଇଣ ରହିବୁ ।

ଭୁଞ୍ଜି ମରେଛ କୋପ ଯେ ନ କର ବଇଦେହୀ
ଏମନ୍ତେକ ବୋଲି ଲକ୍ଷ୍ମଣ ଦେଖା ଲିଣ୍ଡି ।
ଯେବଣ ଭୂଷଣରେ ଶୋଭନ୍ତି ମହାସତୀ
ଭଣ୍ଡାରେ ଥିବ ଲମ୍ବାଇ ସଜମିଦି । । ୧୪୦ ।

ରଙ୍ଗ ବାହୁଡ଼ଇ ଲକ୍ଷ୍ମଣ ମହାବୀର
ଆଗଭର ହୋଇ ତା'ର ନ ଚଳେ ପଦୁର ।
ଶସ୍ତ୍ର ଧ୍ୱନି ବହଇ ଅବସଣ
ଦେଲଛି ସ୍ନେହାଇଁ ପୁଣି ସୀତାଙ୍କ ବଦନ ।
ଶରଦ ପୌର୍ଣ୍ଣମୀ କ ନିର୍ମଳ ଶଶୀ
ତେସନେକ ଜାନକୀର ବଦନ ଦିଶି ।
ମୁହିଁ ଏହାକୁ ଛାଡ଼ି ଯିବ ଯେବେ
ଏକ୍ଷଣି ଏହାକୁ ବନଜୀବେ ଆହାର କରିବେ ।
ଏସନେକ ଭାବି ଆସଇ ଧୀର ଧୀର
ମୂର୍ଚ୍ଛା ଛାଡ଼ଇ ଯେସନେ ନପୁଂଷକୁ ଲୁଚି ଧୀର । । ୧୫୦ ।

× × ×

ଶରୀର ଛଦମ ସତ୍ତା ନିଦ୍ରା ପାଇଥିଲା
ନୟନ ମଳିଣ ଜାତେନ୍ଦ୍ର ତନ୍ଦ୍ରକଣ୍ଠ ସୁସ୍ଥଂଲା ।
ବସିଲା ଠାବରେ ଦେଖିଲଇ ଲକ୍ଷ୍ମଣ ନ ସ୍ଥିଂ
ଚମତ୍କାର ହୋଇଲା ସତ୍ତା ଚଞ୍ଚଳ ସ୍ଥିତଂ ।
ଖନଇ ଅବା ଗାଣି ଆଣି ପୁଷ୍କରିଣୀକ ଜଳ
ଲକ୍ଷ୍ମଣ ନାମ ଧରି ଉଚ୍ଚେଣ ଡାକ ଦେଲା ।
ଏକଇ ସ୍ଥବଣ୍ଟା ମୋ'ତେ ଛାଡ଼ି ନେଇମନ୍ତେ ଗଲୁ
କନ୍ଦମୂଳ ନିମନ୍ତେ ଅବା ଗହନେ ପଶିଲୁ ।
ଦେବଙ୍କୁ ମୋହର ସନ୍ଧାନଂକୁ ଆସ
ତୋତେ ନ ଦେଖି ମୁହିଁ କଲଇ ମନେ ତ୍ରାସ । । ୧୬୦ ।
ଲକ୍ଷ୍ମଣର ସମାସଂଶ ସତ୍ତ୍ୱ ନ ପାଇଲା ମହାସତୀ
ଚକିତ ହୋଇଣ ସ୍ନେହାଂର ଚଞ୍ଚଳ ।

ବୋଇଲା ଯଦ୍ୟପି ଲକ୍ଷ୍ମଣ ଶାକବନ୍ତୁଣ ଥାଇ
ମୋତେ ଉପେକ୍ଷି କି ଦେଖ ଆନ ଦଶକ ଯାଇ ।

ଜନଗମ୍ୟ ନାହିଁ ଅଗମ୍ୟ ବନ ଘୋର
କେଉଁଣ ଶାଟକ ଲକ୍ଷ୍ମଣଙ୍କୁ କଲେଇ ଆଧାର ।
ଆହା ଲକ୍ଷ୍ମଣ ତୁମ୍ଭ ରୂପେଣ ମଦନ
ତିନି ଜଗତେ ଖୋଜି ଦେଖିତ ନାହିଁ ଯଶ ସମାନ ।
ପୂର୍ଣ୍ଣ ଚନ୍ଦ୍ରମା ଜାଣି ମୁଖ ତୋର ଦିଶଇ
ନୟନ ଦେଖି ଜଗାମା ଓଳକାପଥ ଯାଉଁଶଇ ।

ପୁଷ୍ପଧନୁ ଯେସନ ଭୂଲତା ଧରିମାଣି
ନାସିକା ଦିଶଇ ତୋର ଗରୁଡ଼ ଜାଣି ।
ଶ୍ରବଣେ କୁଣ୍ଡଳ ତୋର ଦିଶଇ ଚଳଚଳ
ଓଷ୍ଠ ବଦାଣଇ ସୁପକ୍ୱ ବିମ୍ବଫଳ ।
ଶୁଦ୍ଧ ଦମୋଲ ଜାଣି ଯେ ଦିଶଇ ଦନ୍ତପନ୍ତି
ଓଡ଼ଳ ପୁଷ୍ପ ଯେସନେ ଶୋଭଇ ଦବ୍ୟସ୍ତ ।
କୁଚର ଶଙ୍ଖର ଦୃଷ୍ଟିକ ଶିବ୍ୟ ଦେଖି
କିଣ୍ଟେ ମଧୁକରେ ନ ଦେଉନ୍ତି ନଜ ଗାଲ ।
ଅତଏବ ମୁନାଳି ସାର୍ଦ୍ଧେ ଶ୍ରୀ ଦେବ ଭୂଜ
ତମାଳକ୍ଷି ଯେସନେକ ପଟାନ୍ତର ଘାଣିଜ ।

ଜଘନ ବୃନ୍ଦାର ଜାଣି ତୋହର ପଦ୍ମର ଡାଳ
କାଇକର୍ତି ଯେସନେକ ଦଶନ ଓଳଗ ।
ଉଲଟ କଦଳୀ ପ୍ରାୟେ ଦିଶଇ ତୋହର ଜାନୁ
ସୁରୁପ ସାକ୍ଷି ଶ ତୁମ୍ଭ ଦଶୁ ପୁଷ୍ପଧନୁ ।
ମୁହିଂ କଳକ୍ଷଣୀ ଏସନେକ କର୍ମହୀନ
ମୋହର କୂଟେ ଆସି ଏଥେ ବୋଇଲୁ ବନାଶନ ।
ଏକଇ ସୁବର୍ଣ୍ଣ ମୋତେ ଉପେକ୍ଷିଣ ଗଲୁ
କେବଣ ସଙ୍କଟର ମୁଖେ ପଡ଼ିଣ ପ୍ରାଣ ଦେଲୁ ।
ମୁହିଂ ବନଭଣୀ ନିଷ୍ଠୁରେ ନିଦ୍ରାଗଲ
ତୋହର ମରଣେଣ ଦେଖି ନ ପାରିଲ ।

ଏକଇ ନାସ୍ତ ଜେସନେ ଅପେକ୍ଷ୍ୟାକୁ ଚିନ୍ତ
ଦୁର୍ଗମ ଅଗମ୍ୟ ପଥ ଦେଖସଜନ ଗୁଲବ ।
ସନ୍ଧ୍ୟାପି ଅନୁସଣ୍ଡ ଚାରଇ ଅବା ଯାଇ
ଲକ୍ଷ୍ମଣ କାହିଂ ଅଛି ବୋଲି ପଚ୍ଛିବେ ତୋହର ଆଈ ।
ଜଳପ୍ରୁ ଜଳଶୂନ୍ୟା ପାଇବେ ମନେ ତ୍ରାସ
ସକଳ ସ୍ତ୍ରିଜନମାନେ ମୋତେ କରିବେ ଉପ(ହା)ସ୍ୟ ।
କଣ ବୋଲି ମୁହିଂ ତାହାଙ୍କର ଅଗ୍ରତେଣ କହିବ
କହୁତ ସ୍ତିରୀଙ୍କର ମୁଖ କେମନ୍ତେଣ ଶୁଣିବ ।
ସମସ୍ତ ଶାଶୁଇ ମୋତେ କଣ ବୋଲିବେ
ଜନ ଭଗ୍ନୀ ମୋହର ଦେଖ ଧରି ନ ପାରିବେ । ।୨୦୦।

ମୋହର ଭର୍ତ୍ତାଙ୍କ ନାମ ଉର୍ମିଳା
ସେ କାଲେକା ତ ବଧବା ହୋଇଲା ।
ଅବଳଙ୍କ ଉର୍ମିଳାର ମୁଖ ଯୁଣିଣ କେସନେ
ଧିକାର କରିବେ ମୋତେ ସକଳ ଗୁରୁଜନେ ।
ମରଣୁ ଅଧିକ ପାଇବଇ ଲଜ
କେଣେ ଗଲୁ ବାବୁ ସୁମିତ୍ରାଙ୍କ ତନୁଜ ।
ଭୁବନେ ପ୍ରତାପ ତୁମ୍ଭ ଅତୁଳାଇତ ଯଶ
ସମରେ କେବା ତୁମ୍ଭ ଅଛି ବୀର ମୂର୍ତ୍ତି ।
ଚଉଦ ବରଷ ତୁମ୍ଭେ ସ୍ୱାମୀର ଛୁଟେଲ ଥିଲୁ
ଭୃତ୍ୟପଣେ ସ୍ୱାମୀର ମନ ରଞ୍ଜିଲୁ । ।୨୧୦।

କାମ କ୍ଷୁଧା ନିଦ୍ରା ତେଜିଲୁ ବନବାସ
ଦୁଃଖର ଇନ୍ଦ୍ରଜିତକୁ ତୁମ୍ଭେ ପ୍ରାଣେ କଲୁ ନାଶ ।
ଲଙ୍କାରେ ସମରେ ତୁମ୍ଭ କେତେକ ଦୈତ୍ୟ'ନ ମାରିଲୁ ।
କାହାର ହାତରେ ଏବେ ବନେ ପ୍ରାଣ ଦେଲୁ ।
ଛୁଟି ତ୍ରାହି ଶଅଇ ଜନେକ ଦୁଃଖିଣୀ
କେଣେ ଗଲୁ ଲକ୍ଷ୍ମଣ ସାରଥିର ମଣି ।
କାନ୍ଦଇ ମହାସତୀ ଦଶାଧର ଯୁଝି
ମୁହିଂ ପାପିଷ୍ଠ ଜୀବନ ଅଛି କାହିଂ ପାଇଁ ।

ଏମନେକ ଉଠଇ ବସଇ ଭନ୍ତରେ
ଦେଖ ନୟନକୁ ଲୁହ ବହଇ ଶରୀରୁ ସ୍ୱେଦ ଝରେ ।। ୨୨୦ ।
ଚକିତ ଚକିତ ଚାହାଇଣ ଶଶୀମୁଖୀ
ଚକିତ ଚାହାଇ ଚଉଦିଗ ଗଗନକୁ ଶୁନ୍ୟାଂଇ ନିରଖି ।
ବୃକ୍ଷ ଡାଳେ ପତ୍ର ଖଣ୍ଡି ଏକ ଦେଖଇ
ହସ୍ତରେ ଧରି ସେ ପତ୍ର ଖଣ୍ଡି ଉପରେ ଲେଖଇ ।
ଲକ୍ଷ୍ମଣ ସଙ୍କେତ ପତ୍ରରେ ଲେଖନ
ତାହା ଦେଖି ସୀତାଙ୍କ ଅସ୍ଥିର କଲା ମନ ।
ଅକ୍ଷର ଧରଇ ମୁକ୍ତାଚନ୍ଦ୍ର ଜାଣି
ଉଦଶେଷ କରି ତାହା ପଢ଼ଇ ରାମରାଣୀ ।
ପଢ଼ନ୍ତେ ଲକ୍ଷ୍ମଣର ଚିହ୍ନଂ ମୁଦାଂସ ଗୁଢ଼ଲା
ବୋଇଲା ଏଥେ ଆଣି ମୋତେ ଅବାସ୍ତିଣ ଗଲା । । ୨୩୦ ।
ଯାହା ଅରଜିଛୁ ଭୁଞ୍ଜିବ ମୁଁ ତାହା
ଅଦୋଷେ ଦଣ୍ଡ ଦେବେ ଜୁପେଣ୍ଟିଲେ ମୋହର ନାହାଁ ।
ମୁହିଂ କଳଙ୍କିଣୀ କର୍ମ ପରକୁ ଦୋଷ ଦେବ
ଯାହା ଅର୍ଜିଅଛୁ ଅବଶ୍ୟ ଭୁଞ୍ଜିବ ।
ଏକ ଅବଗୁଣ ଲକ୍ଷ୍ମଣ କଲା
କଷ୍ଟ କର୍ମ ମୋତେ ଦୂଷଣ ନ ଦେଲା ।
ଏତେକ ସ୍ତ୍ରୀ ତାଙ୍କର ଅନ୍ୟର ନା ଦୋଷ
ସ୍ୱାମୀର ଆଗ୍ୟାଂ ପୁଣି କରିବା ସେ କଷ୍ଟ ।
ମନ୍ଦ ଧ୍ୟାନେ ଦୃଷ୍ଟି ଶବଦ ଦେଖିଥିଲା
ଛଳ ଚିତ୍ତି ସେ କପଟ ବୋଲି ଜାଣିଲି । । ୨୪୦ ।
ମୁହିଂ ଯେବେ ସତ୍ୟ ଚିତ୍ତରେ ଥିବାଇ
ପରପୁରୁଷକୁ ଯେବେ ନ ବଳଇ ମୋହର ମନ ।
ସ୍ୱପ୍ନ ଭଳିଭାବେ ଥିବା ମୋହର ଯେବେ
ଅଯୋଧ୍ୟାକୁ ଲକ୍ଷ୍ମଣ ଯାଉ ଏଥୁ ସୁଖେ ।
ଶ୍ରୀରାମଙ୍କ ଆଗେ ଏ କଥା ଯାଇ କହୁ
ବାଟେ ଯାଉଣ ତାକୁ ଜଣ୍ଟୁ ଜାତ ନୋହୁ ।

ଶ୍ରୀରାମଙ୍କ ଆଗେ ବାରତା ମୋହର କହ
ଶୁଣିକରି ରଘୁନାଥ ସେ ଅରଣ୍ୟଁ ଶାନ୍ତି ହୋଇ ।
ଏବେ ମୃତ୍ୟୁ ଏହୁ କପ କରିବ
ବାଟ ନ ଜାଣଇ କେଉଁଣ କଷ୍ଟ ଦିବ । ।୨୫୦।
ଉବର କରଣ ନିଶ୍ଚଳ ଛମିଶ ତ୍ୟାଗିଲ
ସନ୍ଧ୍ୟାସ୍ତମ ଦଶ ସେ ଅନ୍ଧାର ଆଚ୍ଛାଦଳ ।

('ବିଲଙ୍କା ରାମାୟଣ',ରୁ ସଂଗୃହୀତ)

*

# ହାତୀ ସ୍କୁଲରେ

## ଜଗନ୍ନାଥ ଦାସ

ହାତୀ ସ୍କୁଲରେ ଆସିବାର ବେଳ
ହାତୀ ଦେହୁ ବହୁଅଛି ମଦମତ୍ତ ଝାଳ ।
ଶ୍ରୀ ମାଳକଢରେ ହାତୀ ଭଡା ହୋଇଥିଲା
ସ୍ୱାହାନ କରିଛି ହାତୀଶାଳକୁ ପିଁ ଟିକା ।
ତତଳ ଖଲଙ୍କେ ହାତୀ ହୋଇଅଛି ଝୁଳ
ଦୁଲବା ଛଟକେ ହାତୀ ଘଷୁଅଛି ଗଳ ।
କି ସୁନ୍ଦର ହୋଇ ହାତୀ ହୋଇ ମଦ ମତ୍ତ
ତଷ୍ଟ ଭୁବନେ ହାତୀ ଅଟଇ ଜଗତ ।
ଏମନ୍ତ ସୁନ୍ଦର ହାତୀ ଦେଖିବାକୁ ଦାଣ୍ଡି
ଜଗନ୍ନାଥ ଦାସ ବୋଲେ ହାତୀ ଦାମ କଣ୍ଢାଇ । ।୧୦।

*

ଶ୍ରୀରାମଙ୍କ ଆଗେ ବାରତା ଗୋଚର କଲୁ
ଶୁଣିକରି ରଘୁନାଥ ସେ ଅଚମ୍ଭି ଶାନ୍ତ ହୋଇ ।
ଏବେ ମୁଣ୍ଡ ଏଥୁ କଣ କରିବ
ବାଟ ନ ଜାଣଇ ହେଉଣ କଷ୍ଟ ଚିତ୍ତ । ।୨୫୦।
ଉଦର କରୁଣ କନ୍ଦନ ଭରିଲ ତ୍ୟାଗିଲୁ
ସନ୍ଧ୍ୟାସୁର ଜଗ ସେ ଅନ୍ଧାରେ ଆଚ୍ଛାଦିଲୁ ।

('ବିଳଙ୍କା ରାମାୟଣ',ରୁ ଗୃହୀତ)

*

# ହାତୀ ସ୍କୁଲରେ

## ଜଗନ୍ନାଥ ଦାସ

ହାତୀ ସ୍କୁଲରେ ଆସିବାର ବେଳ
ହାତୀ ଦେଖୁ ବଢୁଅଛି ମଏମନ୍ତି ଖେଳ ।
ଶ୍ରୀ ମଳକଜଦରେ ହାତୀ ବନ୍ଧା ହୋଇଥିଲା
ସ୍ନାହାନ ନିମିତ୍ତ ହାତୀଶାଳକୁ ଫିଟିଲା ।
ତପନ ଚନ୍ଦନେ ହାତୀ ହୋଇଅଛି ଢେଳ
ଗୁଳବା ଲଟେନ ହାତୀ ଘଣ୍ଟୁଅଛି ଢଳ ।
ନ ସୁଦର ହୋଇ ହାତୀ ହୋଇ ମଏ ମଣ୍ଡ
ତଭ୍ରତ ଭୃଵନେ ହାତୀ ଅଟଇ କରତା ।
ଏମନ୍ତ ସୁଦର ହାତୀ ଦେଖିବାକୁ ଦାଣ୍ଡ
ଜଗନ୍ନାଥ ଦାସ ବୋଲେ ହାତୀ ନାମ କଣ୍ଠାଇ ।    । ୧୦ ।

*

# ନମସ୍ତେ ପ୍ରଭୁ ଜଗନ୍ନାଥ

## ଜଗନ୍ନାଥ ଦାସ

ନମସ୍ତେ ପ୍ରଭୁ ଜଗନ୍ନାଥ । ଅନାଥ ଲୋକଙ୍କର ନାଥ ।
ନମସ୍ତେ ପ୍ରଭୁ ବାସୁଦେବ । ଭକତ ଜନଙ୍କ ବାନ୍ଧବ ।
ନମସ୍ତେ ପ୍ରଭୁ ହୃଷୀକେଶ । ଭକତ ଜନଙ୍କ ବିଶ୍ୱାସ ।
ନମସ୍ତେ ପ୍ରଭୁ ବିଶ୍ୱରୂପୀ । ସକଳ ଭୂତେ ଅଛୁ ବ୍ୟାପୀ ।
ତୁ ସୃଷ୍ଟି ସ୍ଥିତି ଲୟ କରୁ । ଆବର ଗର୍ଭରେ ଧରୁ ।
ଅଶେଷ କୋଟି ବସୁନ୍ଧରା । ତୋହର ଗର୍ଭେ ଛନ୍ତି ଭରି ।
ଚଉଦ ଭୁବନ ଯା'କଣା । ଏ ସବୁ ତୋହର ରଚନା ।
ତୁ ବ୍ରହ୍ମା ରୁଦ୍ର ବିଷ୍ଣୁ ରୂପି । ତୋ ବିନୁ ଅନ୍ୟ ତତ୍ତ୍ୱ ନାହିଁ ।
ସୃଷ୍ଟି ତୋହର ଖେଳ ଘର । ଅଶେଷ ମାୟା ତୋ ଆଦର ।
ତୋହର ନିଃଶ୍ୱାସ ପବନ । ବେଦେ ବୋଇଲେ ତେଣୁ ଜାଣ । ।୧୦।
ଭୁଜହିଁ ଅଗ୍ନି ତେଜ ଇନ୍ଦ୍ର । ନୟନୁ ଜାତ ସୂର୍ଯ୍ୟ ଚନ୍ଦ୍ର ।
ଭୁଜରୁ ଅନନ୍ତ ମୂରତି । କର୍ଣ୍ଣରୁ ଜାତ ସରସ୍ୱତୀ ।
ଯଥା ପଟଳ ଅସ୍ତି ନାହିଁ । ଏ ରୂପେ ଚୈତନ୍ୟ ଅଛୁ ରହି ।
ଅଶେଷ ତୋହର ମହିମା । କେ ଜାଣି ପାରେ ଗୁଣସୀମା ।
ତୋ ନାମ କରୁଥିଲେ ଲୟ । କୋଟିଏ ଜନ୍ମ ପାପ କ୍ଷୟ ।
ନାମ ଘୋଷିଲେ ସର୍ବସିଦ୍ଧି । ଖଣ୍ଡଇ ରୋଗ ଶୋକ ଆଧି ।
ଆରତ ଭଞ୍ଜନ ତୋ ବାନା । ଆତଙ୍କ ନାଶନ ବଜ୍ର ଦେହା ।
ହୋଇଲୁ ଦଶ ଅବତାର । ନାଶିଲୁ ଅସୁର ଭର ।
ଦୁଷ୍ଟ ନିବାରି ଶିଷ୍ଟ ପାଳୁ । ତୁ ନାଥ ଦରଶନ ଦୟାଳୁ ।
ତୁ ଅଟୁ ଦରିଦ୍ରଙ୍କ ଧନ । ତୋ ପାଦେ ରହୁ ମୋର ମନ । ।୨୦।
ଦଣ୍ଡ ସୁଦର୍ଶନଙ୍କ ପଦେ । ନାଗର ସ୍ୱାମୀ ଥାଅ ସେତେ ।
ସେହି ପ୍ରକାରେ ମୋର ମନ । ତୋ ପାଦେ ରହୁ ଭଗବାନ ।
କହଇ ଜଗନ୍ନାଥ ଦାସ । କମଳ ଚରଣକୁ ଆଶ ।

# ଉଠ ରାମ ପାହିଲା ରଜନୀରେ

## ଜଗନ୍ନାଥ ଦାସ

ଉଠ ରାମ ପାହିଲା ରଜନୀରେ ! ରଘୁମଣି

ତାମ୍ର ଚୂଡ଼ କରେ ବାଣୀ        ଶୁଣି ଶ୍ରୀରାମ ଜନନୀ
କହେ କଉଶଲ୍ୟା ରାଣୀ        ଉଦେ ହେଲେ ଦିନମଣି ।
ମଣ୍ଡଳ ଅଟେରାଣ୍ଟ ଏକ        ଦ୍ୱିଜବର ଚତୁର୍ମୁଖ
ପ୍ରାଙ୍ଗଣରେ ହୁଣ୍ଡି ଦେଖ        ଅଟେ ପୂର୍ଣ୍ଣତ୍ରୀ ପୁଲକ
ସାମ ବେଦ ଘୋଷି ସ୍ତୁତି-ସ୍ତୁତିରେ ।
ବୃଷଭ ପରେ ଶଙ୍କର        ଭଜନସ୍ୱକ ଜଟାଧାରୀ
ମସ୍ତକ ଉପରୁ ବାରି        ବହୁଅଛି ଝର ଝର
ଅନୁକ୍ଷଣେ ତୋହ ନାମ ଭଣିରେ ।
ଆଦ୍ୟଶ୍ରୀ ବେଦପ୍ରଜ ତହିଁ        ସ୍ତୁତିସ୍ୱରୀ ବେଶ ହୋଇ ।୧୦।
ବୀଣା ହସ୍ତରେ ଲଗାଇ        ନାଚୁଛନ୍ତି ଭୋଳ ହୋଇ
ଅଶ୍ରୁ ଧାରେ ଭିଜନ୍ତି ଅବନୀ ରେ ।
ଅନେକ ଦେବନ୍ତୁ ଯେତ        ପ୍ରାଙ୍ଗଣରେ ମିଳିଛନ୍ତି
ଭୂଷା ଦେଲେ ନ ଶୁଅନ୍ତି        ତୋ ଦର୍ଶନ ଅପେକ୍ଷନ୍ତି
ଉଠ ବେଗେ ଜଗ ଯା ମେଲଣି ରେ ।
ଶୁଣି ମାତାଙ୍କ ଉତ୍ତର        ପଲଙ୍କ ତେଜି ସତ୍ୱର
ଅନ୍ତଃପୁରରୁ ବାହାର        ଦେଖି ସଭଣି ନିକର
କରଯୋଡ଼ି ନାନା ସ୍ତୁତି ଭଣିରେ ।
କହେ ଜଗନ୍ନାଥ ଦାସ        ଆହେ ଜାନକୀ ବିଳାସ
ତୋମାହର ମୋ କର୍ମଦୋଷ        ଦେ ଚରଣପାଦରେ ଉଲ୍ଲାସ ।୨୦।
ତିଷ୍ଠା ଦୟା ଦେ ଅଛି ମେନାପରେ ।

*

# ଆଉ ଏଣିକିରେ ମନ

## ଜଗନ୍ନାଥ ଦାସ

ଆଉ ଏଣିକରେ ମନ ଭୁଲୁ ନାହିଁକ ?
ଉଡ଼ୁଛୁ ଦାନ ବୁହାଣି ପଡ଼େନ ନାହିଁକି ?

ଉଜଣି ତୋ ମନ ଫେଣି    ଡ୍ରେଣପକା ଦେଖ ତେଣେ
ଶୂନ୍ୟରେ ବାନ୍ଧୁଛୁ ଘର ଶୁଣୀ ନାହିଁକି ?

ମାଟିରେ ଘାଞ୍ଜି ଟାଣିକ    ଦେଖୁଛନ୍ତି ଓଳିଦାର
ମାଟି ଖସିଲେ କଣିକ ଆର ଥାଏ କି ?

ସୁନା ପଞ୍ଜରୀରେ ଶୁଆ    ଧରା ଦେଲେ ନୂଆ ନୂଆ
ଉଡ଼ିଗଲେ ଶାରୀ ଶୁଆ ଧରୁ ପାରୁ କି ?

ଭୁଲିବା ମଧ୍ୟରେ ଅନା    ହିକୁଟେ ଉଡ଼ୁଛୁ ବାନା
ଧୁଣିଲେ ପରମ ସୁନା ଆଉ ପାଇକି ?    ॥ ୧୦ ॥

ଓ ବାର ମଧ୍ୟରେ ଦେଖ    ଠେଲିଛି ରଖିଛୁ ହଂସ
ଦାଃ ମୁ ଜଗନ୍ନାଥ ଦାସେ ଉକୁପତି କି ?

*

# ବର୍ଷା

## ଜଗନ୍ନାଥ ଦାସ

ଏବେ ଗ୍ରୀଷ୍ମ କାଳ ଗଲା । ବରଷା ଋତୁ ପ୍ରକାଶିଲା ।
ସକଳ ଋତୁଙ୍କର ସାର । ଶସ୍ୟ ସମ୍ପଦ ମଙ୍ଗ ଦ୍ୱାର ।
ଯେମନ୍ତେ ମିଳିଲେ ଶୂନ୍ୟ ପଥେ । ଚଳିଲ ଶବଦ ଘଟନ୍ତେ ।
ଭୂମି, ସାଗର, ଶୂନ୍ୟେ ବ୍ୟାପି । ଘନ ଗମ୍ଭୀର ଭୈରବରୂପୀ ।
ଯେମନ୍ତେ ନବୀନ ଆକାଶ । ଭୂମିର ରସ ଅସ୍ତମାୟ ।
ଆଚ୍ଛାଦ୍ୟ କରିଅଛି ତ୍ରାସ । ଯେ ତାପ କଲା ମେଘ ନାଶ ।
ମହାମଣ୍ଡଳ ଦୁଃଖ ଘୁଞ୍ଚି । ଜଳ ପୁଷ୍ଟିଲା ତୋଷ ହୋଇ ।
ଘୋର ଶବଦେ ମେଘମାନ । ଗର୍ଜିଣ ବରଷନ୍ତି ଜଳ ।
ପ୍ରାଣୀ ଜୀବନ ଜଳ ବୃଷ୍ଟି । କରୁଣା ଶାନ୍ତିକ ବରଷି ।
ପୃଥିବୀ ରହନ୍ତୁ ପ୍ରୀତେ । ତାପିତ ଥିଲା ଅସ୍ଥମାନେ ।
ଜଳ ପାଇଲେ ତୋଷ ଚିତ୍ତେ । ତପସ୍ୱୀ ଜନଙ୍କର ମତେ ।
ତପସ୍ୟା ଫଳ ଯେସନ୍ତେ ପାଇ । ଦୁଷ୍ଟନ୍ତି ଅତି ସୁଖୀ ହୋଇ ।
ଖଦ୍ୟୋତ ଖଣ୍ଡ ନଦୀମୁଖେ । ଜଗତ ଆଚ୍ଛାଦିଲେ ସୁଖେ ।
ପାଷାଣ୍ଡେ ଯେସନ୍ତେ କଳସ୍ତୂଗ । ବେଦ କହନ୍ତି ଘୋର ମାର୍ଗେ ।
ମୁଣ୍ଡେକେ ମେଘ ନାଦ ଶୁଣି । ଗର୍ଜନ୍ତି ଆବୋଧଣି ପ୍ରାଣୀ ।
ଅନନ୍ତ ନଦୀଏ ପୂରିଲେ । ଲହରୀ ମହତ ଉଚ୍ଛୁଳିଲେ ।
ନାନା ପ୍ରକାରେ ଶସ୍ୟ ବୃଦ୍ଧି । ଏକେଣ ପୂରିତ ମଧ୍ୟ ଧରି ।
ଋତୁ ଯେ ହର୍ଷ ପ୍ରାପ୍ତ ହୋଇ । ସଜାର ଧାତୁ ଧଣେ ମଧ୍ୟ ।
ଶସ୍ୟ ସଂପଦ ଯେସ ମତେ । ଦେଖି ସାନନ୍ଦ ପ୍ରାଣୀ ଚିତ୍ତେ ।
ଅଶେଷ ଗାଦ ଜଳ ପୂରେକ । ଜଳ ଭରିବିଲ କୁଣ୍ଡୁଦକେ ।
ଦୀନଙ୍କୁ ଧନ ପୂର୍ଣ୍ଣ ନହାଇ । ହରି ସେବକ ପ୍ରାପ୍ତ ଯେମ୍ପି ।
ସମୁଦ୍ର ନଦୀଙ୍କର ମେଳ । ଦେଲୁ ମାଇଲେ ମୁର୍ଣ୍ଣ ଜଳ ।
ଅନନ୍ତ ଯୋଗୀଙ୍କର ଶାନ୍ତି । ଯେଉଁନ୍ତି ତମକ ଭୁବେଣ ଯାନ୍ତୁ ।
ସର୍ବତ୍ର ଜଳଧାରେ ବଢ଼ୁ । ପଣ୍ଡିତେ ନ କରନ୍ତି ଭୟ ।
କୃଷ୍ଣ ଆଶ୍ରିତ ପ୍ରାଣୀ ଯେସନ୍ତେ । ଦୁଃଖିତ ଭୁଞ୍ଜନ୍ତି ବଂଶନେ ।
ପଥ ହୋଇଲା ତୃଣମୟ । ବାଟର ନ ମିଳିଲା ଥାୟୁ ।

ବ୍ରାହ୍ମଣ ବେଦ ପାଠେ ଶାସ୍ତ୍ରରେ । ହେମନ୍ତ ଶ୍ରାନ୍ତ ଉଷ୍ମରରେ ।
ଜଗତ ଜନ୍ତୁ ମେଘମାନେ । ବର୍ଷିନ୍ତି ନ ଋତେ କଷ୍ଟେକେ ।
ଶୁଣି ପୃଥ୍ବୀଙ୍କର ଭୂଲେ । କହଣୀ ମନ ଯେହ୍ନେ ଝଟେ ।
ଶବଦ ଭୁଲେ ଇନ୍ଦ୍ର ଧନୁ । ଗଗନେ ଶ୍ୱେତ ଖାତ ଲୁଚ ।
ଗର୍ଜନ୍ତି ଶୁଣେ ହୋଇ ସୁଖ । ନିର୍ଗୁଣ ପୁରୁଷ ହେମନ୍ତେ ।
ତୃଣ ନ ଦିଶେ ମେଘାଚ୍ଛନ୍ନେ । ମିଥ୍ୟା ବଚନେ ସତ୍ୟ ଯେହ୍ନେ ।
ମୟୂରେ ଗୀତ ପୁଷ୍ଟେ ଥାଇ । ନୃତ୍ୟ କରନ୍ତି ମେଘ ଦୃଷ୍ଟି ।
ଅତିଥି ଦେଖି ଭକ୍ତଜନେ । ଯେସନେ ତୋଷ ଗୃହସ୍ଥ ମନେ ।
ବୃକ୍ଷଙ୍କ ମୂଳେ ଜଳପାଣି । ଫଳ ପଲ୍ଲବ ଦେଇ ପ୍ରଣମି ।
ତପର ଅଗ୍ରେ ଜଳ ପାଇ । ତପସ୍ୱୀ ଯେହ୍ନେ ପୁଷ୍ଟ ହୋଇ ।
ବରଷା ଦେଖି ନଦୀ ନାରୀ । ଯେସନେ ଶୁଦ୍ଧ ବାସ କରି ।
ଜଳ ପ୍ରବାହେ ବନ୍ଧ ଭଙ୍ଗେ । ଯେହ୍ନେ ପାଷାଣ୍ଡେ ବେଦମାର୍ଗେ ।
ମେଘ ପବନ ଯୋଗେ ବଢ଼ି । ଅମୃତ ପ୍ରାପ୍ତ ଜନ ତୁଷ୍ଟି ।
ତପଙ୍କ ବୋଲେ ମନ୍ତ୍ରପାଳେ । ଯେହ୍ନେ ଶଅନ୍ତି ଦାନ ଦାନେ ।
ବରଷା ଋତେ ବନ ଭୂମି । ଖର୍ଜୁର ଜମ୍ବୁଫଳ ହୋଇ ।
ଗୋଷ୍ଠ ଗୋପାଳ ସଙ୍ଗେ ବେଣୁ । ବନେ ବଜାନ୍ତି ଅନ୍ତର୍ଯାମୀ ।
ଦାଣ୍ଡଏ ସୁନ୍ଦର ହୋଇ । କର୍ଦ୍ଦମ ନ ପାରନ୍ତି ଯାଇ ।
କୃଷ୍ଣର ଧ୍ୟାନ ଶୁଣି କର୍ଣ୍ଣେ । ଜଳକଣ୍ଠ ନିଚଳେ ବନ୍ଦନେ ।
ବନରେ ଯେତେକ ଜନ୍ତୁ ଥିଲେ । ଗୀତ ନାଦନ ଆଶ୍ରେ କଲେ ।
ସକଳ ଭୁଲେ ମଧୁ ଦ୍ରବ୍ୟ । ବରଷା ଋତୁର ସ୍ୱଭାବ ।
ଗାଈ ଚରନ୍ତି ବୃନ୍ଦାବନ । ଫୁଟନ୍ତି କଦମ୍ବମାନ ।
ବସନ୍ତି ବୃକ୍ଷଙ୍କର ତଳେ । ଦଧି ଭୁଞ୍ଜନ୍ତି ତୃଷ୍ଣା ବେଳେ ।
ଦଧି ଅନ୍ନଷ୍ଟି ଶଲ୍ଳ ଆଣି । ଜଳ ନିକଟେ ତଟପାଣି ।
ଗୋପାଳ ସଙ୍ଗେ ବେଣୁ ଖଣ୍ଡ । ଭୁଞ୍ଜନ୍ତି ଶିଳାପରେ ଥୋଇ ।
କୋମଳ ଘାସେ ପଶୁମାନେ । ଶୁଅନ୍ତି ନିଦ୍ରିତ ଲୋଚନେ ।

('ଭାଗବତ', ଦଶମସ୍କନ୍ଧ, ୧୧ଶ ଅଧ୍ୟାୟରୁ ଗୃହୀତ)

*

# ଶ୍ରୀଗୁଣ୍ଡିଚା ବିଜୟ

## ଜଗନ୍ନାଥ ଦାସ

ହରି ହର ବ୍ରହ୍ମା ସ୍ୱୟଂ ଅବତାର ନୀଳଗିରିରେ ପ୍ରକାଶ
ନାନା ଭକ୍ତଙ୍କ ମନ କରିବାକୁ
ବହୁବିଧ ରୂପେ ପ୍ରକାଶ, ହେ ହରି ।
କରେ ଶଙ୍ଖ ଚକ୍ର ଗଦା ଧରି, ହେ ହରି
ନୀଳକନ୍ଦରେ ବିଜୟ କରି ହେ
ମହାଭକ୍ତଙ୍କୁ ଉଦ୍ଧାର କରି ହେ । ।୧।

ଗଜ ମୂଷକ ଯେ ଜଟର ଶୋଭାବନ ଶିରେ ଶୋଭେ ସପ୍ତଫେଣୀ
ଧରଣୀଙ୍କୁ ଶଙ୍କର ଅବତାରେ ବୋଲାଇଲ ଗଜପାଣି, ହେ ରାମ ।
ରୂପେ ଧରିଣ ଅତି ଉତ୍ତମ ହେ
ଯେ ଯେ ପୂଜନ୍ତେ ଅଟନ୍ତି କାମ
କାମ ଦନ୍ତଂ କାମଦାନ ନାମ ହେ । ।୨।

ଦୋଳିଯ ଦେହ ନ ପାଇ ଦେବଗଣ ବହୁ ହରି ଯୋଗଦାନ
ଶାମ୍ଭଙ୍କୁ ମୁକୁଟ ଦେଇଲା ନିମନ୍ତେ ବୁଦ୍ଧା ରୂପ ଧରିଲ, ହେ ରାମ ।
ଛଳି ଦେବଙ୍କ ମଧ୍ୟଂ ରହିଲ ହେ
ସୁଦର୍ଶନ ପୂଜା ପାଇଲ ହେ
କୋଟି ଜନ୍ମର ପାତକ ଗଲା ହେ । ।୩।

ସୁଧାରେ ଯେତେକ ଭକ୍ତଙ୍କ ଆନନ୍ଦ ସବୁଙ୍କ ତାଙ୍କ ଧ୍ୟାନ
ଫାଲ୍ଗୁନ ଦୋଳ ବୈଶାଖରେ ଚନ୍ଦନ କର୍ଣ୍ଣଭୁଜ ନାଗପୁଣ, ହେ ହରି ।
ଦେବସ୍ନାନ ମଣ୍ଡପେ ବିଜେ କରି ହେ
ଦେହୁବେ ଅଣସରେ ବିଜେ କରି ହେ
ମଥା ଭଣ୍ଡ ଦେଖିଲ ବୋଲାଇଣି ହେ । ।୪।

ଖରାଭ ଶୁକ ଅଣସର ସାରିଣ ନବେନ ଦେଖ ଉଠିବ
ଦେବ ଦାନେବ ମାନେବ ଆସ୍ତିକରି ଦେଖିଣ ମୁକ୍ତି ସଦେ, ହେ ଜନେ ।
ସ୍ୱର୍ଗେ ଅଇଲେ ଦେବତାମାନେ ହେ
ଦୈବବାଣୀ ଶୁଣୁଥିଲେ କର୍ଣ୍ଣେ ହେ
କଳା ଶ୍ରୀମୁଖ ଦେଖି ଜନ୍ମେନ ହେ । ।୫।

ବଳରାମ ହରି ସୁଭଦ୍ରା ସଙ୍ଗତେ ବସିଣ କରନ୍ତି ଗଣା
ଆମ୍ଭ ବଂଶରକୁ ଯେମନ୍ତ ହସିବ କାଳି ହୋଇବ ଗୁଣ୍ଡିସ୍ତ, ହେ ସ୍ୱାମି ।
ତୁମ୍ଭ ବଂଶରକୁ ନ ଶୋଭାଇ ହେ
କାଳି ଏକ ଉତ୍ତମ ଅଛଇ ହେ
ଘାଟୀ ଅସ୍ପୃଶ୍ୟ ହୋଇବେ ସ୍ପର୍ଶ ହେ । ।୬।

ଶୁଣି ବଳଦେବ ହରିଙ୍କି ବୋଲନ୍ତି କଥ ବନ୍ଧୁଜନଙ୍କୁ ଆମ୍ଭେ
ଘରଣୀ ତୁମ୍ଭର ବଡ଼ ଦୁ ଦୁର୍ଦଣ୍ଡ ତାଙ୍କୁ ବୋଧକର ତୁମ୍ଭେ, ହେ ମୁରାରି ।
ବଡ଼ ଦୁର୍ଦଣ୍ଡ ସିନ୍ଧୁ କୁମାରୀ ହେ
ତାଙ୍କ ବୋଲିଲେ ହେ ଯାଇ ପାରି ହେ
ତୁମ୍ଭେ ଚଳ ଯା ଲକ୍ଷ୍ମୀଙ୍କ ପୁରୀ ହେ । ।୭।

ପ୍ରଭୁଙ୍କ ବଚନେ ଶୁଣି ଜଗନ୍ନାଥ ମିଳିଲେ ଲକ୍ଷ୍ମୀଙ୍କ ପାଶ
ହସି ଜଗନ୍ନାଥ ବସି ବୋଲନ୍ତି ଲକ୍ଷ୍ମୀ ସ୍ନେହାକୁ ଆସ, ଗୋ ମାଧବ ।
ଛଡ଼େ ନ ଧରିବ ତୁମ୍ଭେ ଆଜ ଗୋ
ଆମ୍ଭେ କଥାରେ କନ୍ଧିଙ୍କ ସେବ ଗୋ
ତୁମ୍ଭେ କୋପ ନ କରିବ ମନ ଗୋ । ।୮।

ରଜନୀ ପାଇଲେ ଗୁଣ୍ଡିଚ୍ଚ ହେଲବ ଶୁଣ ଗୋ ସିନ୍ଧୁକୁମାରୀ
ତେଣୁ ତୁମ୍ଭଙ୍କୁ କହିବାକୁ ଅଛନ୍ତି କାଳି ସିଦ୍ଧ ଯାତ୍ରାକରି, ଗୋ ସୁନ୍ଦରି ।
ତୁମ୍ଭେ କୋପ ନ କରିବ ଚିତ୍ତ ଗୋ
ତନ୍ତ୍ର କଥିକୁ ଏକ ବନ୍ଧୁର ଗୋ
ଯାଣ ଯାଇ ଆସିବୁ ତୁରିତ । ।୯।

ପ୍ରଭୁଙ୍କ ବଚନ ଶୁଣି କମଳଣୀ ବୋଲନ୍ତି ଶୁଣ ମୁରାରି
ତୁମ୍ଭ ମନେ ଯେବେ ଶରଧା ବୋଲିଲ ହେଉଚି ସିବ ଯାତ୍ରା କର, ହେ ମାଧବ ।
କେବେ ଯାତ୍ରା କରି ତୁମ୍ଭେ ସିବ ହେ
ଯେତେ ମୋତେ ଆଗରେ କହିବ ହେ
ମାୟା ମୋହଠାରେ ନ କରିବ ହେ । ।୧୦।

ଶ୍ରୀହରି ବୋଇଲେ ଶୁଣ ହେ କମଳା ସଙ୍ଗେ ସିବେ ଜ୍ୟେଷ୍ଠ ଭାଇ
ଲୋକ ଗହଳେ ତୁଅଁ ତୁଇଁ ହୋଇବ ତୁମ୍ଭ ସିବା ନ ଯୋଗାଇ, ହେ କମଳା ।

ଶିରସ୍ପର୍ଶ ସଙ୍ଗେ କରି ଖେଳା ଗୋ
ଥାଏଣେ ଖଞ୍ଜିଣ ଥିବ ଧମକା ଗୋ
ତାଙ୍କୁ ଦେଖନ୍ତ କଲ୍ପୁଥିବ ମନା ଗୋ । ।୧୧।

ଲକ୍ଷ୍ମୀଙ୍କି ଭିଆଣି ଦେବ ଜଗନ୍ନାଥ ବଳଦେବଙ୍କୁ ସ୍ନାଇଲେ
ବିବାଧ ବେଶ ହୋଇ ତିନ ମୂରତି ଚଣ୍ଡାଞ୍ଜ ଲାଗି ହୋଇଂଗଲେ, ସେ ଘରେ ।
ଦାରୁବ୍ରହ୍ମରୂପ ଧରିଥରେ ହେ
ଦେଖି ପାପ ନ ରହେ ଶରୀରେ ହେ
ସେବା ଲୋକଙ୍କୁ ଆଜ୍ଞା ସେ ଦେଇଲେ ହେ । ।୧୨।

ଶସ୍ତ୍ର ପାଟେକଙ୍କ ସେ ଭଣ୍ଡାରନାୟକ ପଣ୍ଡା ମୁଦିରଥ ଘଟଲେ
ଚମାରି ମାରଷେ କର୍ପୂର ଚନ୍ଦନ ପ୍ରଭୁ ଅଙ୍ଗରେ ଲେପନ କଲେ, ସେ ବେଢ଼ିଣ ।
ଗନ୍ଧ ଲେପନ୍ତି ପୋଢ଼ାପୋଢ଼ିଣ ସେ
ଦୂରେ ସେବକ ଖଡ଼ି ବାନ୍ଧିଣ ସେ
ତକ୍କୁ ପହଣ୍ଡି ବିଜେ କରାଇ ସେ । ।୧୩।

ପହଣ୍ଡି ବିଜେରେ କରି ଜଗନ୍ନାଥ ରଥେ ବିଜେ କରି ସାଇଁ
ଲଙ୍କାଗଡ଼କୁ ପାଟେଶ୍ୱରୀ ଛୁଟିଗଲା ଦେଖିଲେଇଂ ଲଙ୍କ ଧାଇଁ, ସେ ହରି ।
ଶୁଭେ ବାଜେ ମଙ୍ଗଳ ମହୁରୀ ସେ
ତିନ ମୂର୍ତ୍ତି ରଥ ବିଜେକରି ସେ
ମୁଖ ଦିଶଇ ବ୍ରହ୍ମାଣ୍ଡ ପୂରି ସେ । ।୧୪।

ଦଣ୍ଡେ ଧରି ଛନ୍ଦରଥ ଓଁକାରେ ନିମରଥ ବଳା ତଳ
ଦେବ ମାନଙ୍କ ହରିହର ବୋଲନ୍ତେ ଶବଦେ ପିଞ୍ଚୁ ଉନ୍ନତ, ସେ ଦେଖ ।
ଶୋଭ ପାଉଛି କଳା ଶ୍ରୀମୁଖ ସେ
ହରିହର ବୋଲି ସବୁ ଲୋକ ସେ
ସୃଷ୍ଟି ସକଳ ପାପ ଉପେକ୍ଷ ସେ । ।୧୫।

ଏକ ଭକତି ନନ୍ଦୀବାଳ ଆଶିଣ ଦେବନ ଗାଏଣ କଲେ ସ୍ତୁର
ଦେବ ବେଦେଣ ଛୁଣ୍ଡାଇ ଦେଖନ୍ତ ଚକାବନ୍ଧ ଦେ ବୋଲଇଂ ମାଛଧର, ସେ ଭଣି ।
ଭୁବନକୁର ଦେ ଦେଖ ପକାଇଂ ସେ
ମାତା ପିତା ବୋଲି ଦେ ଦେବଇଂ ହେ
ସୁଝି ଖାଣିଖଣା ଦେ ପିଅଇଂ ସେ । ।୧୬।

ସେମନ୍ତ ସମସ୍ତେ ଏକ ପରିବାରୀ ଲକ୍ଷ୍ମୀଙ୍କି କହିଲେ ଯାଇଁ
ଆଗେ ବଳଭଦ୍ର ପଛେ ଜଗନ୍ନାଥ ମଧ୍ୟରେ ସୁଭଦ୍ରା ଦେଈ, ଗୋ ମାୟେ ।
ଚଳିଗଲେ ବଳଗଣ୍ଡି ଯାଏଁ ଗୋ
ଆଗେ ଭଣ୍ଡ ଗଜପତି ଯାଏଁ ଗୋ
ତାଙ୍କ ସଙ୍ଗେ ସବୁ ଦେବତାୟେ ଗୋ । ।୧୭।

ଶୁଣି କମଳିନୀ କୋପେ ଗୁରୁତର ମୁଖ ଶୁଖାଇଁ ଥରଇ
ସରସ୍ୱତୀ ଦେଶୀ ଚମକା ମନ୍ତ୍ରରେ ଦୂତୀକୁ ଆଣିଲେ ଚାଣ, ଦେଖ ଦେଖ ।
ଆଜି ସ୍ୱାମୀଙ୍କ ମନ ଆନ ମୁଖ ଗୋ
ଏକା କରିଗଲେ ସମ୍ମୁଖ ଗୋ
ଆଜି ଲୋଡ଼ିଲେ କାହିଁକି ସୁଖ ଗୋ । ।୧୮।

ତେଣୁ କରି ମୋତେ ଆଗୁଂ ଭିଆଣିଲେ ଦେବଙ୍କୁ ଥିଲେ ଈଶ୍ୱର
ବହିନୀ ଭଉଣୀ ସଙ୍ଗେ ସେଜ କରି ଉପେକ୍ଷିଲେ ନିଜ ନାରୀ, ଗୋ ସଖୀ ।
ତାଙ୍କ ଈଶ୍ୱର କଥା ଯୋଗାଇଁ ଗୋ
ବୋଲିଲେ ଆମ୍ଭେ ନିନ୍ଦୁଂ ଦୁଇ ଭାଇଂ ଗୋ
ନେବେ ସୋଭଦ୍ରା ସଙ୍ଗେ ଚଳିଲେ ଗୋ । ।୧୯।

ତାଙ୍କ ବଣ୍ଟରେ ଶରଧାରେ ନ ଦେଲେ ଲୋକେ ଶୁଣିବାକୁ ଲାଜ
ଛାଡ଼ ଭୂମିକ ବଡ଼ାଇ ଯେଜଗଲେ ଅବଶ୍ୟ ଲଭିବେ କାର୍ଯ୍ୟ, ଗୋ ସଖୀ ।
ଆଜ ଜାଣିଲା ଦଳପ ମୁଖୀ ଗୋ
ତୁମ୍ଭେମାନେ ହୋଇଥାଅ ସାକ୍ଷୀ ଗୋ
ମୋତେ କରିଗଲେ ନିରମାଖି ଗୋ । ।୨୦।

ଦେଢ଼ଶୁର ମୋର ମଉନ କଣ୍ଟିଆ ମିଛେ ଭୁଜ ଦେଖାଇଥାନ୍ତି
ଭଉଣୀ ନାହକ ସଙ୍ଗତରେ ସେଜ ଆଗେ ରଥ ବାନ୍ଧିଥାନ୍ତି, ଗୋ ଶୁଣ ।
ମୋତେ ବାନ୍ଧୁଥାଅ ତାଙ୍କ ଗୁଣ ଗୋ
ଅବେଶର କଲେ ନାରାୟଣ ଗୋ
ଭାଇ ଭଉଣୀଙ୍କର ଏ ଗୁଣ ଗୋ । ।୨୧।

ଦେବ ଭାଇଙ୍କର ମଧ୍ୟରେ ସୁଭଦ୍ରା ଦୋହିଂତା ଯାଏ ଧରଇ
ଧର୍ମିଲି ବାରୁଣୀ ଭାଇଙ୍କି ଯୋଜନ ତାଙ୍କୁ ନ ଦେଖିଲି କେହୁଂ ଗୋ ସଜନୀ ।

ଲାଗେ ପ୍ରକାଶିଲା ଯେସ୍ନେ ରଜନୀ ଗୋ
ଉଠିଗଲେ ଋଷେଣୀ କ ଯେଣ ଗୋ
ଉଠା ବଇଂଠା ଯେସ୍ନେ କ୍ଷୀରସାଗ ଗୋ । ।୨୨।

ଆସ୍ନୁ ମୁହଂସ ଛତ୍ରାଇଂ ଜଗନ୍ନାଥ ଶିବାରେବରେ ନ ବାନ୍ଧଂଲେ
ମାନଗିରି ଆଣ ନଷ୍ଟଯେସ୍ନେ ଛଡ଼ାଇ ଭିକ୍ଷେଣାଲ ଆଣ କଲେ, ଗୋ ସଜାତ ।
ଯେସ୍ନେବେ ଧରଣୀ ଗାଇଲେ ଭାନ୍ଧଂ ଗୋ
ଦେଖଣେ ଧର କରିବେ ନଶୀନ୍ତ ଗୋ
ତାଙ୍କ ତା ଜାଣିଲା ଯେ ମନଶାନ୍ତ୍ର ଗୋ । ।୨୩।

ମନ ଜାଣି କର ଶୁଦ୍ଧ ପରସିବ ମୁହଂ ସ୍ପୃହଂଅବ ବୃଷ୍ଟି
ଲକ୍ଷ୍ମୀଙ୍କ ବଚନ ଶୁଣି ଚରଣ୍ଣ ବନଜାଙ୍କୁ ସ୍ମର୍ଣ୍ଣି ହୁସି, ଗୋ ଘୋଡ଼୍ ।
ଯେସ୍ନେବେ ଭୂଦେଶାଇଂ ଦ୍ୱାଇଲେ ସଙ୍ଗ୍ ଗୋ
ବାନ୍ଧଂ ଆଗେ ଟିଆଇବେ ଖଣ୍ଡ୍ ନୋ
ଲାଜ ନନ୍ଦରେ ଖାଇଲେ ଲଡ୍ଡୁ ଗୋ । ।୨୪।

ଯେସ୍ନେତେ ବାନଧାନ ଗୁପତେରେ ଗଲ ଏବେ ଦେଖୁଣି ନଅନ
ଦେଖମନ୍ତ୍ର ବନ୍ଧ ଜନମୁଖ ସ୍ନାନ୍ଧଂବେ ନାଙ୍କଂ ଘର ବନଶିଡ଼, ଗୋ ମିତ ।
ଲଖ ଦୋଲିବେ ତାଙ୍କୁ ଜଗତେ ଗୋ
ଲଙ୍କା ନ ଛାଇ ମିଲଲେ ଯେପ୍ତ ଗୋ
ମୋତେ କଣ୍ଠଗଲେ ଅଲଖିତ ଗୋ ।୨୫।

ମୋହନ ବଚ ଯେ ବାଟେ ବାନ୍ଧିଆଇ ଦେଖି ନ ଜାଣନ୍ତି ସନ୍ଧ
ପାର୍ଶ ଧନୁର୍ଦ୍ଧର ନଷ୍ଟତେ ଭୁଲିଲ ଯେସ୍ନେବେ ଖଲନ୍ତି ଯେ କଲ ବନ୍ଦୀ, ଗୋ ସୁଲ ।
ଦେଖନ୍ତ ନ କଲ ତ ମୋର ବୋଲ ଗୋ
ଯେସ୍ନେବେ ଦେଖିବ ମୋହର ବୋଲ ଗୋ
ଭେଟ ଚଢ଼ିଲେ ସାରିବ ଫଲ ଗୋ । ୨୬।

ନଜ ଯେବକନ୍ତସ୍ତଇଂ କମଳଣୀ ଦ୍ୱାରେଧାରେରେ ବରଜ କଲ
ଦେକତେପୁର ଧାଇଂ ଲୋକନ୍ତ ସଙ୍ଗର ବନଗଣ୍ଡିଠାରେ ଭେଟ ହେଲେ, ହେ ସାଅ ।
ମାଆ ସେବକ ଲୋକ ଲୋଟାଅ ଯେ
ରଥ ଖଣ୍ଡ ଭୁଞ୍ଜେ ପ୍ରକାଶ ଯେ
ଭୁସ୍ତ ଜଗନ୍ନାଥଙ୍କୁଂ ଦେହ କହ ଗୋ । ୨୭।

ଆଜ୍ଞାଂ ପାଇ ଦାସୀ ଗୋଳ ଲଗାଇଲେ ଉଦ୍ଧି ସେବକ ଉଠାଇଂ
ଯାଇଂ ଜଗନ୍ନାଥ ଆଗରେ କହୁଂଲେ କମଳା ଅଇଲେ ବାହୁଂ, ଦେ ହରି ।

ଧନବସ୍ତୁ ନେଉଲ ଦୂର କର ଦେ
ଲଗେ ଉଠାଇଲୁ ଆଟେମ୍ବୁ ଉଦ୍ଧ ଦେ
ଦାସୀମାନେ କଲେ ଦୂର ଜ୍ଜରି ଦେ । ୨୮ ।

ଉତର ଜଗନ୍ନାଥ ସ୍ତମ୍ଭକୁ ନ ଯାଇଂ ଯମେଶ୍ୱରଙ୍କୁଂ ସେ ଘରଂ
ନାଗେଶ୍ୱର ସେ ମାର୍କଣ୍ଡେଶ୍ୱର ଦେଉଳ ଭୂତେସ୍ଥ ଯାଅ ଥାଇଂ, ଦେ,ଯାଅ ।

ଆମ୍ଭ ବଚନ ବୋଲି ବୁଝାଅ ଦେ
ଦାସୀମାନଙ୍କୁ ନାଶ ଦିଅଅ ଦେ
ତାଙ୍କ ମନ ସନ୍ତୋଷ କରାଅ ଦେ । ୨୯ ।

ପ୍ରଭୁ ଆଜ୍ଞାଂ ପାଇ ଭଣ ଦେବ ଯାଇଂ ମିଳିଲେ ଲକ୍ଷ୍ମୀଙ୍କ ଆଗେ
ଅନେକ ପ୍ରକାର ପ୍ରବୋଧି କହନ୍ତି ଦେବୀ କଥା ନ ଶୁଣନ୍ତି ରାଗେ, ଗୋ ମାଏ ।

ତୁମ୍ଭେ କେଉଁକି କଲ ଦରପେ ଗୋ
ଉରେ ଜଗନ୍ନାଥ କଲେ ଭସ୍ମ ଗୋ
ଆମ୍ଭେ ସ୍ୱରୂପ କହୁଁ ଥୋକାଏ ଗୋ । । ୩୦ ।

ଭଣ ଦେବ ଆମ୍ଭେ ଆଗେ ହୋଇଥିବୁଂ ବାହୁଡ଼ା ବିଜେ କର
ନବଧନ ମାଳଗିରିରେ ପ୍ରବେଶ ହୋଇଂବେନି ଦାମୋଦର, ଗୋ ପିଲ୍ଲ ।

ଜଗନ୍ନାଥଙ୍କ ଦୋଷ କ୍ଷମିବ ଗୋ
ଆମ୍ଭ ବଚନ୍ତୁ ବାରେ ସେବନ ଗୋ
ଦାସୀମାନେ ଲକ୍ଷ୍ମୀଙ୍କି କହିବ ଗୋ । ୩୧ ।

ଦାସୀ ଲାଞ୍ଚ ପାଇଂ କମଳାଙ୍କୁ କହିଲେ ସ୍ଥଳ ପିବା କମଳିଣୀ
ଘରେ ଜଗନ୍ନାଥ ଶଂଖକୁ ନଇଲେ ଆମ୍ଭ ବୋଲାଉନ ଜାଣି, ଗୋ ପିଲା ।

ତାଙ୍କ କଣ୍ଠ ଜାଣି ବାହୁଡ଼ିବା
ଏନା ଶୁଣି ଭୁଜ ହୋଇଥିବା ଗୋ
ତାଙ୍କ କଣ୍ଠ ପୂରିଲେ ଆସିବା ଗୋ । । ୩୨ ।

ବାହୁଡ଼ି ଦେଖ ନିଜ ପୁରେ ପ୍ରବେଶ ମନରେ ନାଥଙ୍କ ହରଷ
ଚଉଦପଟାରୁ ଏନା ଶୁଣି ଗଲା ଶ୍ରୀମନ୍ଦିରୀ ହୋଏ ପ୍ରବେଶ, ଜନ ଶୁଣ ।

ଆଜ ଯାଏ ତ ନଇଲେ ପୁଣ ଲୋ।
ଯେବେ ଆସିବେ ତ ନେଇଛିଣ ଲୋ।
ତାଙ୍କ କାର୍ଯ୍ୟ ନାହିଁ ଅନୁରେଣି ଲୋ। ।୩୩।

ଦେଖ ବୁଲି ବୁଲି ସାନ୍ତ୍ୱେକ ଦିବା ଦାସୀମାନଙ୍କୁ ପୁଣି
ଉତ୍ତ ସାଧୋନାରେ ବତନ କମଳଣୀ କାଲି ନବରଙ୍କୁ ଯାଇ, ରେ ବନ୍ଧୁ।
କତେକ ତାହାଙ୍କ ସଙ୍ଗରେ ଅଛ ରେ
ବଡ଼ ଚଣ୍ଡିଆ ଯେନ୍ଥ ଶ୍ରୀବସ୍ତ୍ର ରେ
ଯେତେ କଥା କହୁଥିଲେ ମିଛ ରେ ।୩୪।

ହସି ଜଗନ୍ନାଥେ ବଚନ କହନ୍ତ ଆମ୍ଭର ଦୋଷ ନ ଦେବ
ଆଜି ପୁରଜନ ମୁଚ୍ଛିଆଛ ତୁମ୍ଭେ ବାହୁଡ଼ା ବିଜେଯେ ପୁଣ, ରେ ପ୍ରିଆ।
ମନ ଥିର କରିଥିବ ହିଆ ରେ
ତୁମ୍ଭେ ପାଟବଣୀ ଅଟ ଶ୍ରୀଆ ରେ
କମା ତୁମ୍ଭରେ କରିବୁଁ ମାୟା ରେ ।୩୫।

ପ୍ରବୋଧନା ପାଇଁ ଦେଖ କମଳଣୀ ଶ୍ରୀଯାଜଚିରଳ ଗଲେ
ଦିନ। କେତେ ରହି ବ୍ରହ୍ମାଣ୍ଡ ଠାକୁର ବାହୁଡ଼ା ବିଜେଯେ କଲେ, ସେ ହରି।
ନବ ଦିନ ଯାତ୍ରା ତହିଁ ସାରି ସେ
ରଥ ଦକ୍ଷିଣ ମୂରତି କରି ସେ
ଶୁଭେ ବାଜେ ମଙ୍ଗଳ ମହୁରୀ ସେ ।୩୬।

ତତ୍ୟ ସାନନ୍ଦ ସେବାକାର କରଣ ପ୍ରତିକ ଲୁଣ୍ଠାଜ ଯାଏ
ସେବକ ଆରତେ କେଁକାଳ ଦ୍ୱାରଭିତ ଦେଖନ୍ତି ଦେବଗଣେ, ହେ ଶୁଣ।
ଶୁଭ୍ରୀ ଛନ୍ତି ଚକାନୟନ ହେ
ରଥ ଟଳ ଟଳ କଲ ପୁଣ ହେ
ଯାଇଁ ମିଳଲେ ସିଂହ ଦୁଆର ହେ। ।୩୭।

ସିଂହ ଦୁଆରେ ବିଜେସେ କନକ୍ସି ଦିବାକୁ ନ ପାନ୍ତି ବାଟ
ଦାସୀମାନଙ୍କୁ ବୋଲନ୍ତି କମଳଣୀ ଗାଣ୍ଡିଣ ତହ ବାଟ, ହୋ ଶୁଣି।
ତାଙ୍କୁ ଲଭାସେ ନ ଦେବ ଶୁଣ ହୋ
ଅନ୍ନ କାର୍ଯ୍ୟ ନାହିଁ ତାଙ୍କ ଦେଖଣ ହୋ
ଆନ ନବରେ ଲହନ୍ତୁ ପୁଣ ହୋ। ।୩୮।

ଇନ୍ଦ୍ରଙ୍କୁ ଶୁଣି ବୋଲନ୍ତି କମଳିନୀ ପଥର ପାଣି ବରଷ
ନୂଆ କନ୍ୟା ଦେଖ ଜନା କରୁଅଛୁ ତାଙ୍କ ରଥ ଖଣ୍ଡି ଆସ, ସେ ଶୁଣି ।
ଇନ୍ଦ୍ର ବରଷନ୍ତି ବାଆପାଣି ସେ
ଭଲ୍ଲ ଉତ୍ତମ ଲକ୍ଷ୍ମୀଙ୍କ ଦାଣୀ ସେ
ଶୀତେ କମ୍ପନ୍ତି କିବା ପରାଣୀ ସେ । । ୮୯ ।

ତନ୍ଦ୍ରିବା ଦେଖି ବୋଲନ୍ତି କମଳିନୀ ଖରତେ ସେ ନ ପଶନ୍ତୁ
ନୂଆ ଘରଣୀ ଦେଖ ଜନା ବେଢ଼ିଅଛୁ ତାଙ୍କ ସାନଭାଇ ପଢେ ଉଠନ୍ତୁ, ସେ ତନ୍ଦ୍ରୀ ।
ଦାସୀ କବାଟ ମୁଣ୍ଡାଏ ପେଲିଂ ସେ
ଘର ଭଉଣୀ ଭିଡ଼ନ୍ତୁ ଉଠି ସେ
ବଳଦେବ ଭିତରକୁ ଯାଇଂ ସେ । । ୯୦ ।

ଗୋବିନ୍ଦ ବୋଲନ୍ତି ଶୁଣ ଗୋ କମଳା ଆମ୍ଭେ କାହ୍ନୁ ବୋଲଇଂ ବୋଷ
ସେବକ ହୋଇଂ ଆମ୍ଭେ ଦ୍ୱାରେ ଅଛୁ ଟିକେ ବାହାରକରେ ସନ୍ତୋଷ, ସେ କହ ।
ଦାସୀ କବାଟ ମୁଣ୍ଡାଏ ପିଟାଅ ଗୋ
ବୋଷ କମଳିନୀ ନ ଜଣାଅ ଗୋ
ଶୀତେ କମ୍ପୁଅଛୁ ଆମ୍ଭ ଦେଖ ଗୋ । । ୯୧ ।

ଉତ୍ତର ନ ଦେଇ ବେଶ କମଳିନୀ ସଖିଙ୍କୁ ଶୁଣିଲେ ଯାଇଂ
ସବ ଅଳଙ୍କାର ଦେନ ଜଗନ୍ନାଥ ଦାଣୀ କି ଦେବେ ବଢ଼ାଇ, ସେ ଦାସୀ ।
ତାଙ୍କୁ ଅଳଙ୍କାର ବେଲ ବିଅଁସି ଗୋ
ତାଙ୍କୁ ବନ୍ଦୀ କର ଆଣ୍ଣାସି ଗୋ
ତାଙ୍କ ମନ ଯେବେ ହୋଇବ ତୋଷି ଗୋ । । ୯୨ ।

ଦ୍ୱାରେ ଦ୍ୱାରେ ଲକ୍ଷ ଯାଇ ଦାସୀମାନେ କବାଟ ମୁଣ୍ଡାଏ ପେଲିଂ
ଧାଇଂ ଜଗନ୍ନାଥେ ଭିତରେ ପଶିଲେ ଲକ୍ଷ୍ମୀଙ୍କ ଭେଟିଲେ ଯାଇଂ, ସେ ଭଳା ।
କିପାଂ କରୁଅଛ ଅଭିମାନ ଗୋ
ମଥା ଟେକିଣ ଶୁଣ ସଜନୀ ଗୋ
ଭଲ ଉପାଧି ଆସିଛୁ ଦେଖ ଗୋ । । ୯୩ ।

ମଥା ତୋଳିକରି ଦେଖ କମଳିନୀ ଦ୍ୱିଗୁଣି କରନ୍ତି ବଦନ
ନୂଆ ଘରଣୀ ଯାଇଂ ସେବକମାନେ ତାଙ୍କୁ ଦିଅ ଅଳଙ୍କାର, ସେ ମାଧବ ।

ତୁମ୍ଭ ଭଉଣୀ ବଡ଼ ସୁଲକ୍ଷ ହେ
ତାଙ୍କୁ ସୁନ୍ଦର ବଡ଼ ସୁଲକ୍ଷ ହେ
ତୁମ୍ଭେ ଭଉଣୀ ସଙ୍ଗରେ ଭଲ ହେ । ।୪୪।

ଭଲ ସରଣୀ ଚାଲିଲ ସେତେବେଳେ ଯିବାବେଳେ ନ କହିଲ
କେଉଁ ଅପରାଧୀ ହେଲି ତୁମ୍ଭଠାରେ ନାନା କଷ୍ଟ ଦେଇଗଲ, ହେ ମାଧବ ।
ତୁମ୍ଭେ ନିର୍ଦ୍ଦୟା ପାଷାଣ ହୃଦ ହେ
କେଉଁ ନଗରେ ଘର କରିବ ହେ
ଏବେ ମୋତେ ମନେ କରୁଥିବ ହେ । ।୪୫।

ତୁମ୍ଭେ ଗଲାଦିନୁ ଅନେକ ଅବସ୍ଥା ସନ୍ଧ୍ୟାପାତଠାରୁ ନାହିଁ
କଳମ ଶାଖକୁ ଦାଣ୍ଡୁଅ ବୁଝିଲ ସେହୁ ସେ ଗଲି ଭୁଆଇ, ହେ କାହ୍ନୁ ।
ବଡ଼ ଦୁଃଖ ତୁମ୍ଭ ଗଲାଦିନୁ ହେ
ଦଣ୍ଡେ ଭିତରେ ନ ଯାଇଁ ମନୁ
ତୁମ୍ଭେ ନିର୍ଦ୍ଦୟା ପାଷାଣ ତନୁ ହେ । ।୪୬।

ଯାହାକଲୁ ଆମ୍ଭେ ଯାହାଙ୍କର ନିମନ୍ତେ ତୁମ୍ଭେ ଶୁଣ ଗୋ ସଙ୍ଗାତ
ବନ ବଣ୍ଟିପଣ ଦର୍ଶନ ନିମନ୍ତେ ସୁଦେବ କରିଅଛୁ ସତ୍ୟ, ହେ ମିତ ।
ତାଙ୍କ ପାଇଁ ସେ ସୁଣ୍ଡିବୁ ଯାଉ ହେ
କେତ୍ତି ଦେଖିଲେ ଭିନ୍ନ ଜଗତ ଗୋ
ତାଙ୍କୁ ଧରି ଅଣିଲୁ ମୁକତ ଗୋ । ।୪୭।

ଭଗତ ବଚନ ଲଭିଁ ତ ନ ପାରି ତହିଁ ଯାଇଁ ଗଲି ଧାଇଁ
ନନ୍ଦନନ ଆମ୍ଭେ ପରବା ନ କଲୁ ଅମ୍ଭ ମନ ସେ ତୁମ୍ଭଠି ରହିଁ, ଗୋ ପ୍ରାଣ ।
କେତେ କରୁଅଛ ଅଭିମାନ ଗୋ
ସଖୀ ଛାଡ଼ ତୋ ମନୁ ଗୁମାନ ଗୋ
କଥା ମୋହଠାରେ ଅଭିମାନ ଗୋ । ।୪୮।

ହୋଇଲୁ କମଳା ଶୁଣ ପଦ୍ମମୁଖ ତୁମ୍ଭେ ରସିକ ସିହାଣ
ଆପଣା ଭକ୍ତଙ୍କୁ କହିଁ ଆଣୁଂଅଛ ତୁମ୍ଭ ନୁଆକନ୍ୟାଙ୍କର ଗୁଣ, ହେ କାହ୍ନ ।
ତାଙ୍କୁ ପ୍ରସାଦ ହୋଇବ ପାର୍ଥ ହେ
ତୁମ୍ଭେ ତାଙ୍କୁ ନେଲ ସଙ୍ଗତର ହେ
କାହିଁ ହୋଇବେ ଜଗତ ଲୋକ ହେ । ।୪୯।

ତୁମ୍ଭେ ବଡ଼ ଲୋକ କୁଳରେ ଜନମ ଲଭି ନାହିଁ ନା ତୁମ୍ଭର
ଲୁଣ୍ଠି ସ୍ୱ ନଗରେ ଘର କରିବାକୁ ଆସିଅଛ କଥା ଶୁଣ, ହେ ଧନି ।
ତୁମ୍ଭେ ହିନ ହେ ତତ୍କ୍ଷଣଂ ବାହାର ହେ
ନଷ୍ଟ ପ୍ରକୃତି ତ ମାଳତିର ହେ
ବେଶରେ ଧାଆନ୍ତ ଖେଞ୍ଚା ନାଚେଣୀ ହେ । ।୫୦।

ଲକ୍ଷ୍ମୀଙ୍କଠାରୁ ନଗ୍ନ ବାଣୀ ଶୁଣି ଉଠିଲେ ମଧୁସୂଦନ
ରତ୍ନ ଅଳଙ୍କାର ଯେତେ ଜଗନ୍ନାଥ ଅଙ୍ଗରେ ଥୋଇଲ ଫିଙ୍ଗି ଣ, ହେ କାହ୍ନୁ ।
ଅଷ୍ଟରତ୍ନେ ଫିଙ୍ଗି ଦେଲେ ତନୁ ହେ
ତେଣୁ ଘୁଞ୍ଚିଲା କମଳା ମନୁ ହେ
ଅନ୍ୟ ଲକ୍ଷ୍ୟ ନୋହେ କୃଷ୍ଣ ତନୁ ହେ । ।୫୧।

ଲକ୍ଷ୍ମୀ ଅଭିମାନ ଦେଖି ଜଗନ୍ନାଥ ଡାକେ ସମ୍ଭାଳିଲେ ଆଣି
କମଳମୁଖୀ କମଳାଙ୍କୁ କହନ୍ତି ସୁଶ୍ରୀମା ମଧୁର ବାଣୀ, ଗୋ ସଖୀ ।
କିମ୍ପା ହୋଇଅଛ ଏଡ଼େ ଦୁଃଖୀ ଗୋ
ଆରମ୍ଭେ କ୍ରୋଧ ତୋ ଅବସ୍ଥା ଦେଖି ଗୋ
ବାରେ ହସି ଶୁଭାଂ ଚନ୍ଦ୍ରମୁଖୀ ଗୋ । ।୫୨।

ସକଳ ସଂସାରେ ଦେହଧର ଯାର ଶ୍ରୀଅଙ୍ଗ ସୁଆଣ ମାଳା
ଯାର ମାଳାରେ ଜଗନ୍ନାଥ ଙ୍କର ଚନ୍ଦ୍ରଂ ହେଲା କମଳା, ହେ ସଖେ ।
ଲକ୍ଷ୍ମୀ ପଡ଼ିଲେ ପଦ୍ମପାଦରେ ହେ
ଝରେକ ଉତ୍ପଳଙ୍କ ଉପରେ ହେ
ଚନ୍ଦ୍ରମୁଖ ଚୁମ୍ବାନ୍ତି ଅଧରେ ହେ । ।୫୩।

ଯେତେକ କରେଁ ସେତକ ଶ୍ରୀ ପୁରୁଷୋତ୍ତମ ପ୍ରେମପଦ ଦେ ପ୍ରକାଶ
ଭକତ ପଦରେ ମାଳା ଜଣାଉଛନ୍ତି ଭଣେ ଜଗନ୍ନାଥ ଦାସ, ହେ କାହ୍ନେଁ ।
ବ୍ରହ୍ମା ଶଙ୍କରେ ଅନନ୍ତ ଧ୍ୟାଇଁ ହେ
ଲକ୍ଷ୍ମୀନାରାୟଣ ଭେଟ ହୋଇଂ ହେ
କୋଟି ଜନ୍ମ ଗଲେ ଶେଷ ନୋହିଂ ହେ । ।୫୪।

*

# ଫୁଲତୋଳା

## ଜଗନ୍ନାଥ ଦାସ

ଚନ୍ଦ୍ରମା ବଦନୀ ସଖି, ଫୁଲ୍ ତୋଳିବାକୁ ଶରଧା ହୋଇ ଗୋ,
କୃଷ୍ଣଙ୍କୁ ମଣ୍ଡିବା ପାଇଁ, ସଜନୀ ଗୋ ।
ହାତ ଧରାଧରି ହୋଇ, ସଂଗସମ୍ନା ଏକମେଳ ହୋଇ ଗୋ,
ଚଳିଲେ ଫୁଲବନେ ଯାଇ, ସଜନୀ ଗୋ ।
କର ଅଙ୍ଗୁଳି ଦେଖାଇ, ଲଳିତାଇ ଉତ୍ତମ ବିଶାଖା ସଙ୍ଗ ଗୋ,
ସବୁରି ନାମ ଶୁଣାଇ, ସଜନୀ ଗୋ ।
ଶୁଣରେ ଯାବକ ଧନ, କି ଶୋଭା ଦିଶୁଛି ରଙ୍ଗିଣୀ ବନ ଗୋ,
କୁଙ୍କୁମ ମିଶାଇ ଦେବ, ସଜନୀ ଗୋ ।
ଏ ଯେଉଁ ମଲ୍ଲିଆ ଆସ୍ତ, ନବଜଳଧର ଏହାକୁ ଲୋଭୁ ଗୋ,
ମଣ୍ଡିଲେ ଉଠିବ ଶୋଭା, ସଜନୀ ଗୋ ।
ଏହି ଯେ ଶଂଖଶିଉଳି, ବାଛି ତୋଳ ଯେତେ ସକଳ ବାଳୀ ଗୋ,
କରିବା ପୁଷ୍ପଅଂଜଳି, ସଜନୀ ଗୋ ।
କାର୍ତ୍ତିକ ଯାଜକ ସଖି, କେତକୀ ଏଠାରେ ଫୁଟିଏ ଉନ୍ମୁଖି ଗୋ,
ତୋଳିକ ଆଣ ଯତ୍ନେ ରଖି, ସଜନୀ ଗୋ ।
କୃଷ୍ଣ ଗଳାକୁ ମାଳ, କି ଶୋଭା ଦିଶିବ ଅତି ସୁନ୍ଦର ଗୋ,
କଦମ୍ବ ଫୁଲକୁ ତୋଳ, ସଜନୀ ଗୋ ।
ଏ ଯେଉଁ ଚମ୍ପା କୁସୁମ, ଚମ୍ପା ବରଣ ସବୁ ବାଛି ନେବ ଗୋ,
ମଣ୍ଡିବା ନନ୍ଦନନ୍ଦନ, ସଜନୀ ଗୋ ।
ଦେଖ ଏ ବାଡ଼ି କୁସୁମ, ଗାଢ଼ ସୁରଭି ବାସେ ଅନୁପମ ଗୋ,
ବିଶ୍ୱଅବ ମନୋହରନ, ସଜନୀ ଗୋ ।
କାଞ୍ଚନର ଫୁଲ ଏଥି, ନାଗର ବରକୁ ଶୋଭିବା ନେଇ ଗୋ,
ମଣ୍ଡିବା କଳାକହ୍ନାଇ, ସଜନୀ ଗୋ ।
କୁନ୍ଦଦନ୍ତି ପୁଣି ଶୁଣି, ଏ କୁନ୍ଦ ଫୁଲର ବହୁତ ଗୁଣ ଗୋ,
କୁନ୍ଦକଳି ମିଶାଇ ଦେବ, ସଜନୀ ଗୋ ।
ନବ ନବନ ତୁଳସୀ, ଦୟଣା ଫୁଲକୁ ଶରଧା ମିଳା ଗୋ,
ମାଳକ ମାଳକ ଗୁନ୍ଥ କରା, ସଜନୀ ଗୋ ।

ଅତି ମନୋହର ଜଣ୍ଡ, ଅସ୍ପିକାର ଫୁଲ ଦିଶଇ ଶୋଭ ଗୋ,
ଫୁଲ ସମସ୍ତେ ତୋଳିବା ସଜନୀ ଗୋ ।
କଞ୍ଚନ ଫୁଲକୁ ତୋଳ, ମାଳେ ମାଳେ ଗୁନ୍ଥି ଦେବ ସକଳ ଗୋ,
କରିବା କରଣ ମାଳ, ସଜନୀ ଗୋ । ।୩୭।
କଇଆ ଫୁଲ ଦେଖ ସନ୍ତ୍ର, କନ୍ଦର୍ପ କରତ ପ୍ରାୟେ ଦିଶଇ ଗୋ,
ନ ଛୁଇଁ ଏହାକୁ କେଉଁ, ସଜନୀ ଗୋ ।
କେତକୀ ଫୁଲକୁ ତୋଳ, ପାଖୁଡ଼ା ଶୋଭ ଶତେଦାଇଆ ଭୃଙ୍ଗ ଗୋ,
ମଣ୍ଡିବା ବେଣି ସକଳ, ସଜନୀ ଗୋ ।
ଏମନ୍ତେ ସକଳ ଗୋପୀ, ତୁଳସୀ ନିକଟେ ମିଳିଲେ ଯାଇଁ ଗୋ,
କହୁଅଛନ୍ତି ସର୍ବେ ରଖି, ସଜନୀ ଗୋ ।
ଏହାର ନାମ ତୁଳସୀ, ଯେବେ ଦେବ କୃଷ୍ଣ ହୋଇବେ ତୋଷି ଗୋ;
ଦେଇ ହେବା ସର୍ବେ ଦାସୀ, ସଜନୀ ଗୋ ।
ସୁନ୍ଦର ମୋହନ ବଣ, ଏ ଯିବା ଜାଣଇ ସକଳ ରସ ଗୋ,
କୃଷ୍ଣଙ୍କୁ କରି ବଶ୍ୟ, ସଜନୀ ଗୋ । ।୪୨।
ମନ୍ଦାର ଫୁଲ ଏ ତୋଳ, ଦେଖିଣ ମନ ହେଉଛି ଅଧୀର ଗୋ,
କୃଷ୍ଣଙ୍କ ମଣ୍ଡିବା ସବୁ, ସଜନୀ ଗୋ ।
ଏମନ୍ତେ କୁସୁମ ତୋଳି, ଦାଳ କୁଟେ ଯାଇଁ ବସିଲେ ବାଳୀ ସେ,
ଗୁନ୍ଥନ୍ତି କୁସୁମମାଳୀ, ସଜନୀ ଗୋ ।
ଶ୍ୱେତ, ପୀତ ରଙ୍ଗ ମାଳ, ନାନାବର୍ଣ୍ଣେ ବସି ଗୁନ୍ଥିଲେ ମାଳ ସେ,
ଦେଖି ନ ରହିବ କୁଳ, ସଜନୀ ଗୋ ।
ଯେତେକ କୁସୁମମାଳ, ବିହରନ୍ତି ବନେ ନାଗରୀକୁଳ ସେ,
ଯେସନେ ରାଜହଂସ ଦଳ, ସଜନୀ ଗୋ ।
ଦୁଇଗୁଣମାନ ତେଇ, ଫୁଲ ଗୁନ୍ଥୁଛନ୍ତି ସକଳ ଗୋପୀ ସେ,
କୃଷ୍ଣଙ୍କ ମଣ୍ଡିବା ପାଇଁ, ସଜନୀ ଗୋ । ।୪୭।
ଭଣେ ଦାସ ଜଗନ୍ନାଥ, ଫୁଲତୋଳାଠାରେ ଯୋଉଛି ଚିତ୍ତ ସେ,
ଦେଖିଲେ ହେବ କୃତାର୍ଥ, ସଜନୀ ହେ ।

*

# ଅବଧୂତ ଉପାଖ୍ୟାନ

## ଜଗନ୍ନାଥ ଦାସ

ବୋଲନ୍ତି ଜନମଜୟରାଜନ । ଉଦ୍ଧବ ଶୁଣ ମୋ ବଚନ ।
ଯେ ପ୍ରାଣୀ ବେଦ ତତ୍ତ୍ୱ ଜାଣେ । ମୋର ମହିମା ଯତ୍ନମାନେ ।
ଚଉଦର୍ଶେ ଭ୍ରମଇ ସଂସାରେ । ଆତ୍ମାକୁ ଆଦରନ୍ତି ଭକ୍ଷତରେ ।
ସୂକ୍ଷ୍ମ ଆତ୍ମା ସ୍ଥୂଳ ଘଟଣେ । ଆତ୍ମାକୁ ବୁଝାଇ ଆପଣେ ।
ଆତ୍ମାରେ ଜଡ଼ର ଆତ୍ମାଜ୍ଞାନ । ଯେବନ ଗଢ଼ନ୍ତି ଅନୁମାନ ।
ଆତ୍ମା କୃପାରେ ସବୁ ସିଦ୍ଧି । ତରଇ ସଂସାର ଜଳଧି ।
ଜ୍ଞାନ ବୁଝାଇ ଧୀର ଘଟଣେ । ଆତ୍ମା ସମାଧି ଅଭ୍ୟାସଣେ ।
ଆତ୍ମାକୁ ଦେଖେ ସର୍ବଭୂତେ । ନିର୍ଲେପ ସବୁ ଶକ୍ତିଯୁତେ ।
ଏବେ ତା କହିବା ବିଶ୍ୱାସେ । ଯେ ପୁଣ୍ୟଜନ ଉତ୍ତମାସେ ।
ଯଦୁନନ୍ଦନ ଅବଧୂତ । ଏ ଦେବ ଜନଙ୍କ ଚରିତ ।
ବ୍ରାହ୍ମଣ ଅବଧୂତ ରୂପେ । ମିଳିଲେ ନୃପତି ସମୀପେ ।
ସେ ସର୍ବଭୂତେ ଦୟାପର । ନିର୍ଭୟ ନିର୍ମଳ ଶରୀର ।
ଦେଖି ତାହାଙ୍କ ଦିବ୍ୟ ଜ୍ୟୋତି । ବିଶ୍ୱାସେ ପୁଚ୍ଛିଲ ନୃପତି ।
ସେ ମୁନି ଜଗେ ତୋ ଚରଣେ । ଏକାନ୍ତେ ଭ୍ରମୁ କି କାରଣେ ।
ଦୃଷ୍ଟି ଶ୍ରବଣ ଦେହ ବଳ । ନ ଦେଖି ନ ଶୁଣୁ କପାଳି ।
ଏ ସବୁ ଲୋକ ଭବକୂପେ । ନିତ୍ୟ ଉଗ୍ରଧ ନାନା ଭାବେ ।
ଏହାଙ୍କ ମଧ୍ୟୁ ଯେ ଥାଇ । ଗାଧି ସୁନ୍ଦର ଦେହ ବଳି ।
ଜଗା ସଂସାର ତାପ ଭୋଗେ । ନ ବାନ୍ଧେ ସଦେହ ମୋ ଚିତ୍ତ ।
ଯେମନ୍ତ ଗଙ୍ଗାଜଳେ ହସ୍ତୀ । ଅଙ୍ଗକୁ ନ ଲାଗଇ ତପତି ।
ସେହି ପ୍ରକାରେ ତୋର ଦେହ । ସ୍ୱର୍ଣ୍ଣ ବର୍ଣ୍ଣାଜ କର୍ପା ଜହ ।
ଏତେ କେବଣ ପ୍ରୟୋଜନ । ଶୁଣି ଆନନ୍ଦ ହେଲା ମନ ।
ରାଜା ବଚନେ ଅବଧୂତ । ଶରଣେ ହୋଇଲେ ପ୍ରମୀଭୂତ ।
ରାଜାର ମୁଖ ଚାହିଁ ଧୀରେ । ବୋଲନ୍ତି ବଚନ ଗମ୍ଭୀରେ ।
ଶୁଣ ହେ ଯଦୁ ନୃପବର । ଅନେକ ଗୁରୁ ଅଛନ୍ତି ମୋର ।
ଶ୍ରବଣେ ସେବକ ଇଚ୍ଛା ତୋର । ଯା ଠାରୁ ଯେ ଶିକ୍ଷା ମୋହର ।
ହେଲି ମୁଁ ମୁକ୍ତ ସଂସାରେ । କହିବା ଶୁଣ ମନ ସ୍ଥିରେ ।

ସୁଧୁଗ ଚନ୍ଦନ ଅଳକ । ଭାଳକ ଆକାଶ ମଣ୍ଡଳ ।
ଲଭ ଶଶାଙ୍କ ଅଙ୍ଗ ଗିଞ୍ଚି । କୁଣ୍ଡଳ ସର୍ବ ପୃଷ୍ଠକଞ୍ଚି ।
କପୋତ ପକ୍ଷୀ ଗୁ ଜୁ ଘୋର । ପତଙ୍ଗ ସର୍ପ ଅଜଗର ।
ମୀନ ଟିଗଳ ଦେଣା ନାଶୁ । କୁରର ଖ୍ୱାହ୍ମଣ କୁମାସ୍ତ ।

ଦଉଣ କୁର୍ତ୍ତିନାଣ୍ଡ ଭର । ଶରୀକାରକ ମଧୁହାସ୍ତ ।
ଏ ଆଦି କୀଟ ପେଶକୃତ । ତଦନ୍ତ ଗୁ ଜୁ ଏଷ୍ଟ ମତ ।
ମୁଁ କରଅଛି ଗୁ ଜୁ ଏତେ । ଶୁଣ ହେ ରାଜା ଚୌଦ ଶତେ ।
ଯାହାର ତତ୍ତ୍ୱ ସେବା ଯାଷା । ମୁର୍ଣ୍ଣି ମାଇଲ ବୃତ୍ତିଶିଷା ।
ଏ ମାବ ଅମ୍ବା ପଦ୍ମବେଶେ । ଅଦୃଷ୍ଟ କାରକ ଉଣ୍ଡାଦେ ।
ଦୁଃଖ ଚୀର୍ଭ କର୍ମ ପାକେ । ସଂସାରେ ଜନ୍ମ ଅବଦେହେନେ ।
କର୍ମ ଆଚରି ସହେ ଦୁଃଖ । ଦେକେବ ହେଁ ନୁହଇ ବିମୁଖ ।
ଦୁହେଁ ନ ଛୁତେଞ୍ଜ ନିଜ ପଥ । ତଞ୍ଜଳ ନ କରିଣ ତାଞ୍ଚି ।
ଏଣୁ ମୁଁ ଦୁଃଖେ ସୁଖ ବାଞ୍ଛି । ଏହା ଶିଖିଲି ସୃଷ୍ଟି ଭଜି ।
କର୍ମ ଭରଣ ସବୁ ଧୀରେ । ଭ୍ରମଇ ସଂସାର ସାଗରେ ।

ଧନ୍ୟ ଜୀବନ ଏ ଜଗତେ । ଯେ ପ୍ରାଣ ଧରେ ପରହିତେ ।
ଧନ୍ୟ ଜୀବନ ଧନ୍ୟ ତା'ର । ଦୁର୍ଲ୍ଲଭ କର୍ମ ଏ ବେଭାର ।
ଏହା ମୁଁ ବୃକ୍ଷଙ୍କର ସ୍ଥାନେ । ଶିଖିଲି ପର୍ବତ ଗହନେ ।
କେବଳ ଦେହ ମାତ୍ର ଧରି । ଲକ୍ଷ୍ୟ ତର୍ପଣ ନ କରି ।
ଜ୍ଞାନ ଉଦ୍ଦେଶ୍ୟ ଶୁଦ୍ଧ ମନ । ନ କରି ମାୟା ଜଡ଼େ ଯତ୍ନ ।
ନ ସେବ ପରି ଗୁଣ ଦୋଷ । ଲକ୍ଷ୍ୟ ଯୋଗ ସୁଖ କ୍ଲେଶ ।
ଅପତ୍ୟ ସ୍ନେହ ସେତେ ଯୁବ । ସର୍ବଦା ତାହା ନ ଲଙ୍ଘିବ ।
ଯେଉଁ ଜୀବନ ଏ ଶରୀରେ । ବହଇ ଅନ୍ତର ଭାହାରେ ।
ସର୍ବେଶ ବସଇ ଶରୀରେ । ଏ ଦେହ ସର୍ବ ଗନ୍ଧ ହରେ ।
ଏଣୁ ସକଳ ଦେହେ ଥାଇ । ଉଦାସୀ ଜନ ପ୍ରାପ୍ତ ହୋଇ ।

ତାହାଙ୍କୁ ସଙ୍ଗେ ସଙ୍ଗ ନୁହେଁ । ସମେ ବସଇ ସର୍ବ ଦେହେ ।
ଏହା ମୁଁ ପବନୁ ଶିଖିଲି । ଶିଖିଲି ଗୁରୁ ଶିକ୍ଷା ଭଲି ।
ଏଣୁ ପବନ ପ୍ରାପ୍ତ ହୋଇ । ସଙ୍ଗରେ ଥାଇ ନ ମିଶଇ ।
ତେମନ୍ତ ଦେ ଶୂନ୍ୟ ଜନ୍ମ ହୋଇ । ଶରୀରେ ଆକାଶ ଲାଗଇ ।

ଭୂମି ଲୋକଙ୍କୁ ଛୁଆଁ ଘଟଣେ ।
ତେସନେ ଆତ୍ମା ଦେହ ଛୁଇଲେ ।
ଏଣୁ ଆକାଶ ଗୁରୁ କରି ।
ଆନନ୍ଦେ ଭ୍ରମଇ ସଂସାରେ ।
ଏଣୁ ଆକାଶ ଗୁରୁ ମୋର ।
ମଧୁର ସୁରୁଚି ବଚନ ।
ସ୍ପର୍ଶ ସ୍ମରଣେ ଲୋକବୃନ୍ଦ ।
ସ୍ୱାଦନ ଦର୍ଶନ ଗନ୍ଧେନ ।
ସେ ଅନୁଭବେ ମୋର ଶିକ୍ଷା ।
ସ୍ପର୍ଶର ସ୍ୱାଦେ ଭବ ବଢଣେ ।
ଦେଖ ତୁ ମୋର ଜତନବର ।
କେବଳ ଖାଦ ମୋ ଉଦର ।
କେବଳ ଧାନ ଯୋଗ ବଳେ ।
ଏଣୁ ମୁଁ ଅଗ୍ନି ଗୁରୁ କରି ।
ଅଗ୍ନି ଯେସନେ ସର୍ବ ଖାଇ ।
ଜନ୍ମ ଯୌବନ ଜରା ମୃତ୍ୟୁ ।
ଏ ସର୍ବ ଗୁଣ ବହେ ଦେହ ।
ଚନ୍ଦ୍ରର କ୍ଷୟ ବୃଦ୍ଧି ଦେଖୁ ।
ଲୋକଲୋଚନ ଭ୍ରାନ୍ତ ଘଟଣେ ।
ଶୀବର ଏମନ୍ତ ଦେଖାର ।
ଏ ଅନୁଭବେ ଚନ୍ଦ୍ର ସୂର୍ଯ୍ୟ ।
ଇନ୍ଦ୍ରିୟଗଣ ଏ ଶରୀରେ ।
ଯେ ଯା ବିଷୟ ଅନୁମାନେ ।
ଆତ୍ମାର ସଙ୍ଗ ନାହିଁ ତେଣେ ।
ସକଳ ସ୍ଥାନୁ ରସ ହରେ ।
କାଳରେ ସମସ୍ତ ତ୍ୟଜଇ ।
ଏ ଭାବ ଆତ୍ମା ସଙ୍ଗ ଦେହେ ।
ଏ ଅନୁମାନେ ମୋ ବିଷୁର ।

ସେ ସେଠାରୁ ଆକାଶେ ନ ମିଶେ ।
କଦାଚ ନ ମିଶଇ ଭଲେ ।
ଅବନୀ ମଧ୍ୟେ ଦେହ ଧରି ।
ସ୍ମରଣ ନ କରି କାହାରେ ।
ଏବେ ତୋ ଶୁଣ ନୃପବର ।
ଶୁଣି ହରଷ ସର୍ବଜନ ।
ଯେସନେ ଲଭନ୍ତି ଆନନ୍ଦ ।
ପବିତ୍ର ହୋଇ ପ୍ରାଣୀମାନେ ।
ଜଳୁ ଶିଖିଲି ଗୁରୁ ଶିକ୍ଷା ।
ଭ୍ରମଇ ଜନ ଚରିଷାଣେ ।
ସୁଧାନ୍ନ ଭୋଜ ବଳୀଯାର ।
ଏଣୁ ମୁଁ ଲୋକେ ଉପକାର ।
ଭୋଜନ କରେ ସର୍ବ ଘରେ ।
ଲୋକେ ଭ୍ରମଇ ଦେହ ଧରି ।
ଶରୀରେ ଗୁଣ ଦୋଷ ନାହିଁ ।
ଉଭୟ ଦୁଃଖ ସୁଖ ଦେହୁ ।
ଶାବର ନୁହେଁ ପରିଭବ ।
କୃଷ୍ଣ ଶୁକଳ ପକ୍ଷମାନେ ।
ଅକ୍ଷୟ ଏକ କଳା ଶେଷେ ।
ସ୍ୱଭାବେ ଅଜର ଅମର ।
ଭ୍ରମଇ ଗୁରୁଶିକ୍ଷା ପାଇ ।
ଭ୍ରମନ୍ତି ବିଷୟ ଗୋଚରେ ।
ଭୋଗ କରନ୍ତି ନିଜ ସ୍ଥାନେ ।
ଆଦିତ୍ୟ ଯେସନେ କିରଣେ ।
ନିର୍ଦୋଷ ନିର୍ଲୋଭ ବସ୍ତୁରେ ।
ସଞ୍ଚଇ ଦାନେ ଶୋଷି ନୋହି ।
ଇନ୍ଦ୍ରିୟରସେ ବଶ ନୋହେ ।
ଏଣୁ ମୋ ଗୁରୁ ଦିବାକର ।

ଏ ଘରେ ଯେତେ ଜନ ଥାନ୍ତି । ତାହାଙ୍କୁ ହୋଇ ମହାମେତ ।
ଏଣୁ ଏ ସଂସାରୁ ସକାଳେ । ଚୀରତ୍ତ ନ କରବ ଲଭେ ।
ଯେତେବ କଲ୍ପିବ ମୋହ ପାଶ । କପୋତ ପ୍ରାପ୍ତେ ଶିବ ନାଶ ।
ଶୁଣ ରାଜନ ହୋଷ ମନେ । କପୋତ ପକ୍ଷୀ ଶୋଭ ବନେ ।
କପୋତୀ ସଙ୍ଗେ ସ୍ନେହଭରେ । ଅରଣ୍ୟେ ଗୃହବାସ କରେ ।
କପୋତୀ ସଙ୍ଗେ ଭୋଗ ଆଣେ । ଦୁହେଁ ସମ୍ଭ ବ ଯୋହପାଣେ ।
ନତ୍ୟେ କରନ୍ତି କ୍ରୀଡ଼ାରଙ୍ଗ । କମିଷେ ନ ଛାଡ଼ନ୍ତି ସଙ୍ଗ ।
ସ୍ନେହ ବନ୍ଧନ ସଙ୍ଗମେଳ । କାଳ ବାଞ୍ଚନ୍ତି କୁତୂହଳେ ।
ସଙ୍ଗବିଚ୍ଛେଦ କ୍ଷଣ ମାତ୍ରେ । କେହେଁ ବେହେଁ ନ ଦେଖନ୍ତି ନେତ୍ରେ ।
ଏକାଥ ଶଯ୍ୟା ଭୋଜନେ । ଏ ରୂପେ ବିହରନ୍ତି ବନେ ।
କପୋତୀ ଇଚ୍ଛା ଯାହା ପୁରେ । କପୋତ ଆଣଇ ଉସୁରେ ।
ସେବକ ପ୍ରାୟେ ଆଣି ଦେଇ । ଯାହା ତାଂ ଘରଣୀ ମାଗଇ ।
ଏମନ୍ତେ କେତେ ଦିନ ଗଲା । କପୋତୀ ଗର୍ଭ ଉପୁଜିଲା ।
କେତେକ ଦିନ ଗର୍ଭେ ରହି । ଜନ୍ମ ହୋଇଲା ଅଣ୍ଡ ଦୁଇ ।
ପକ୍ଷୀ ପକ୍ଷିଣୀ ସ୍ନେହ ବଶେ । ଅଣ୍ଡ ଛାଇନ୍ତି ସୁଖ ଆଶେ ।
ଫୁଟି ଶୀଁ କଲ୍ଲି ଦିନ ଅନ୍ତେ । ଫୁଟି ବାଳକ ଉପୁଜନ୍ତେ ।
ଅତି କୋମଳ ବେନି ଜାତ୍ୟୁ । ଦେଖି ସାନନ୍ଦ ବାପ ମାଏ ।
ସମ୍ଭ୍ରମେ କପୋତ କପୋତୀ । ନିରତେ ବାଳକ ପୋଷନ୍ତି ।
ପୁତ୍ରଙ୍କ କୋମଳ ବଚନ । ଶୁଣନ୍ତେ ମୁଗ୍ଧିତ ଲୋଚନ ।
ଚଞ୍ଚ ଦେଇଣ ଆହାର । ପାଳନ୍ତି ହୋଇ ସ୍ନେହଭର ।
ଏମନ୍ତ ବେନି ଶିଶୁ ପାଳ । ପକ୍ଷୀ ସୁଖେବେ ସେମାବଳୀ ।
ଉଠନ୍ତେ ବେନି ପୁତ୍ର ଦେହେ । ଦେଖି ସାନନ୍ଦ ବାପ ମାଏ ।
ପାଳନ୍ତି ଅତି ସ୍ନେହଭରେ । ବାଳକ କୋମଳ ଆହାରେ ।
ଶସ୍ତୁରେ ମାଷୁବଳ ଯନ୍ତି । ପାଳନ୍ତି କପୋତ କପୋତୀ ।
ଆହାର ଅର୍ଥେ ଏକାନ୍ତେନେ । ବନେ ପଶିଲେ ବେନି ଜନେ ।
ଖୋଜନ୍ତି କୋମଳ ଆହାର । ଏମନ୍ତେ ଶୁଣ ନରବର ।
ପକ୍ଷୀ ବାଳକ ନିଜ ସ୍ଥାନେ । ବ୍ୟାଧ ମିଳିଲା ଘୋରବନେ ।
ବୃକ୍ଷ ଉପୁରି ବେନି ବାଳେ । ବନେ ଚରନ୍ତି ବୃକ୍ଷମୂଳେ ।

ଶବର ଦେଖି ତାହା ବେଗେ । ଜାଲ ଖୋଲିଲା ସ୍ୱରବେଗେ ।
ଭିତରେ ବାନ୍ଧିଲା ଦଉଡ଼ି । ପକ୍ଷୀଙ୍କୁ ଆଣିଲା ସାଉଡ଼ି ।
ଆହାର ଦେଇ ଜାଲ ଭିତେ । ଅନ୍ଧରେ ବସିଲା ନିଭୃତେ ।
ପକ୍ଷୀ ବାଳକ ଭକ୍ଷ୍ୟ ପାଇ । ବେଗେ ପଶିଲେ ଜାଲେ ଯାଇ ।
ଆହାର ଦେଖିଲେ ନୟନେ । ଖାଇଲେ ଲୁବ୍ଧକ ବଚନେ ।
ତକ୍ଷଣେ କପୋତ କପୋତୀ । ଆସି ମିଳିଲେ ଦ୍ରୁତଗତି ।
ଭୁଞ୍ଜେ ଆହାର ଦୃଢ଼େ ଧରି । ଦୁଃଖେ ଦେଖନ୍ତି ଅଶ୍ରୁଝରି ।
ନ ଦେଖି ସୃଷ୍ଟି ଦଶଦିଗେ । ପୁଣି ଦେଖନ୍ତି ଭୂମିଭାଗେ ।
ବନ୍ଧନ ଜାଲ ମଧ୍ୟେ ଦୃଢ଼େ । ଦେଖି ବାଳକ ଧଡ଼ପଡ଼େ ।
ଭୁଞ୍ଜନ୍ତି ପ୍ରାଣର ଭୟେ । ନାଦ କରନ୍ତି କୋଳାହଳେ ।୧୨୦।
ଦେଖି କପୋତୀ ଦୁଃଖଚିତ୍ତେ । ଭୂମିରେ ପଡ଼ି ମୋହଗତେ ।
ବାଳକ ଦେଖି ଜାଲ ଭିତେ । ବାଧନ ଶାବକ ଭୟେ ।
ବାଳକ ସ୍ନେହଙ୍କର ଆସେ । କେଉଁ ପଡ଼ିଲା ଜାଲ ପାଶେ ।
ପୁତ୍ରଙ୍କ ମୁଖ ମୁଖେ ଦେଇ । ଦେଖି କପୋତ ବସୁଥାଇ ।
ମୁଁ ଏବେ ଏକା ଦୁଃଖ ଥାଇ । କେମନ୍ତେ ଧରିବି ଦେହ ।
ଏମନ୍ତେ କରଇ ରୋଦନ । କ୍ଷଣ କ୍ଷଣକେ ଅଚେତନ ।
ପଡ଼ଇ ପୁଣ ପୁଣ ଭୂମେ । ପୁଣି ବସଇ ବୃକ୍ଷଡାଳେ ।
ପ୍ରାଣୁ ଅଧିକ ମୋର ସୁତେ । ପଡ଼ିଲେ ଶବର ଆସୁତେ ।
ପତ୍ନୀ ପଡ଼ିଲା ଜାଲ ମଧ୍ୟ । ପ୍ରାଣ ଧରିବ କେଉଁ ପଥେ ।
ପତ୍ନୀ ମୋହର ପ୍ରାଣସଖା । ସେ ମୋତେ ଛାଡ଼ିଲା ଏକା ।୧୩୦।
ତାହାର ଗୁଣ ଅଙ୍କ ନଯତେ । ତନ୍ତୁ ମୁଁ ଧରିବ କେମନ୍ତେ ।
ସେ ମୋର ଜୀବନ ସୁବର୍ଣ୍ଣ । ତା ବିନୁ କଳା ମୋର ଘଟ ।
ବୃଥା ହୋଇଲା ବାସ ମୋର । ଆସରେ ବୁଡ଼ିଲା ମୋ ଘର ।
ଏବେ କପଟେ ବନେ ରହି । ମୋ ପ୍ରାଣ ଯିବା ନ ଯୋଗାଇ ।
ଏ ଘୋର ବନେ ବୃକ୍ଷପଣେ । ମୋ ଜନ୍ମ ଗଲା ଅକାରଣେ ।
ବୃଥ ଆଶ୍ରମେ ମୋ ଘୀଉଡ଼ି । କାହିଁ ନ ପୂରିଲା ମୋ ମନ ।
କଥାଟା ମୋତେ ବାସ ହୋଏ । ବନ୍ଧନେ ପଡ଼ିଲେ ମୋ ପୋଏ ।
ଏ ପତିବ୍ରତା ଶିରୋମଣି । ମୋହର ପ୍ରାଣର ଘରଣୀ ।

ଆହାର ଛାଡ଼ି ଯେତେବେଳେ । ମୁଁ ଶ୍ରୀ କୃଷ୍ଣଙ୍କ କୃପାଭାବେ ।
ତେବେ ସେ କୃଷ୍ଣେ ମୋ ସଙ୍ଗିଣୀ । ମୋ ସଙ୍ଗୁ ନ ଛାଡ଼ିଲ ପ୍ରାଣୀ ।
ସେ ମୋତେ ଗୁଡ଼ ଗୁଡ଼ ମଧ୍ୟ । ସ୍ୱର୍ଗେ ଚଳନ୍ତ ମକରାଧେ ।
ଦେଇ ସ୍ୱର୍ଗ ମୋର ଭଲ । ସୁଖ ଜଗତେ ଛତ୍ରୀ ମଲ୍ଲ ।
ଏମନ୍ତେ ବୋଲିଲ ବଳାପେ । କାମଳ ଅନ୍ତ ମନସ୍ତାପେ ।
ଯୌବନ ନ ଚାହିଁଲ୍ଲ ଧରି । ଜାଣିଲ୍ଲ ଗଙ୍ଗା ଯା ଯା କରି ।
ତେଣି ଶରୀର ତୋଷମନ । ପିଞ୍ଜରେ ଥାଇଲ୍ଲ ଜୀବନ ।
କପୋତ ଜପେଷ୍ଣ ବାଳକ । ସେଥିଣ ତଳଳ ଲୁବଧକ ।
ଦେଖିତେ ମିଳନ୍ତି ଜଳ ସୂତେ । ଶୁଣ ରାଜନ୍ ଗୋଟିଏରେ ।
ଏ ଭୂମେ ସ୍ନେହ ଅବଳମ୍ବୀ । ସଂସାରେ ବଳୀ ସେ କୁଟୁମ୍ବୀ ।
ଦୁଃଖ ସହିଲ ଏ ଶରୀରେ । ନିତ୍ୟେ କୁଟୁମ୍ବ ପୋଷିବାରେ ।
ନିରତେ ଆକୁଳ ହୃଦୟ । ଏଣୁ ବୋଲଇ ଦୁଃଖମୟ ।
ଧର୍ମ ବଞ୍ଚିତ କଳେବର । ମଜ୍ଜଇ ଏ ଘୋର ସଂସାର ।
ତୁ ଏବେ ଶୁଣ ମୋ ବଚନ । ହେ ରାଜା ସ୍ଥିର କରି ମନ ।
ଦେଖ ମନୁଷ୍ୟ ଦେହ ମୋର । ଜନକ ମୁକତିର ଦ୍ୱାର ।
ଏ ଦେହ ପାଇ ମର୍ତ୍ତ୍ୟତଳେ । ଯେବେ ହରିଙ୍କ ଭଜନେ ।
ଦୁର୍ଲ୍ଲଭେ ପାଇ ଏ ଶରୀର । କୁଟୁମ୍ବେ ଦୃଢ଼ ଚିତ୍ତ ଯା'ର ।
ସେ ନ ବଞ୍ଚଇ ଦୁଃଖ ସୁଖେ । ଅନ୍ତେ ଯାଇ କୁମ୍ଭୀପାକେ ।
ଏ ଭବେ ବୁଡ଼ିଲ ସଂସାର । ଏଣୁ କପୋତ ଗୁରୁ ମୋର ।
ଅନନ୍ତ କହେ ଅବଧୂତ । ଶୁଣ ହେ ଯଦୁ ନରନାଥ ।
ସକଳ ସ୍ଥାନେ ମଧ୍ୟ ଭ୍ରମେ । ମୁଁ ଥାଇ ଅଜଗର ଧର୍ମେ ।
ସ୍ୱର୍ଗ ନରକ ଦେବ ବାଣୀ । ମୁଁ ଏହା ଏକ ଧର୍ମ ଜାଣି ।
ଏଣୁ ମୋ ଦୁଃଖ ସୁଖ ଏକ । ସମ ମଣଇ ସର୍ବଲୋକ ।
ଆହାରେ ଭଲମନ୍ଦ ନାହିଁ । ଯେ ସ୍ଥାନେ ଯେମନ୍ତ ମିଳଇ ।
ସନ୍ତୋଷେ କରଇ ଆହାର । ତେଣୁ ବିସ୍ତର ନାହିଁ ମୋର ।
ଅଳପ ବହୁତେ ସନ୍ତୋଷ । ନ ଚିନ୍ତେ କରେ ଉପବାସ ।
କର୍ମ ଲକ୍ଷଣ ଦେହ ପଛେ । ଅରଣ୍ୟେ ଅଜଗର ପ୍ରାୟେ ।
ସମ ମଣଇ ଦୁଃଖ ସୁଖ । ଅନ୍ୟ'ର ନ ହୋଇ ବିମୁଖ ।

ଏ ଧର୍ମ ଅଜଗର ବୃତ୍ତି । ଶିଖିଲି ଗୁରୁଶିକ୍ଷା ପାଇ ।
ଏଣୁ ପ୍ରସନ୍ନ ଚିତ୍ତ ମୋର । ସ୍ୱଭାବେ କର୍ମକ ଶରୀର ।
କେ ଜାଣିପାରେ ମୋ ଉଦର । ଯେସନେ ଗମ୍ଭୀର ସାଗର ।
ଏଣୁ ସମୁଦ୍ର ଶିକ୍ଷା ପାଇ । ସାଧିଲି ଶିଷ୍ୟ ଶୁଣ କହି ।
ବରଷା ସମସ୍ତରେ ନଈ । ସମୁଦ୍ରେ ବହନ୍ତି ଅଳ୍ପାଇ ।
ସେ ସେହ୍ନେ ମିଳନ୍ତି ଜଳଧି । ତେଣୁ ସେ ନୁହନ୍ତ ସେ ବୃଦ୍ଧି ।
ଗ୍ରୀଷମେ ନାହିଁ ହାନ ଭାର । ସର୍ବଦା ସମ ସେହ୍ନ ପାର ।
ବସ୍ତୁରି ମାୟା ମୋହକଙ୍କୁ । କପଟେ ବୋଲି ନାସ୍ତରୂପ ।
ସୃଷ୍ଟି ମୋହିନୀ ଦେଖ ମାୟା । ଘଟନ ସେଥିନେ ତନ୍ତ୍ୟଚ୍ଛାୟା ।
ସେ ରୂପ ନ କରିବ ସଙ୍ଗ । ଅନଳେ ଯେସନେ ପତଙ୍ଗ ।
ସଂଯୋଗ କଲେ ପ୍ରାଣନାଶ । ଏଣୁ ମୋହିବ ତା ବଶ୍ୟ ।
ପତଙ୍ଗ ତତ୍ତ୍ୱ ଏହା ଜାଣି । ଗୁରୁ ବଚନ ଶରମାଣି ।
କାୟ ପିତୁଳା ନାରୀରୂପେ । ଯୋଗିକ ଯତିଙ୍କ ସମୀପେ ।
ପଡ଼ିଏ ତାର ମୁଖ ବୃତ୍ତି । ତରୁଣୀ ଅଙ୍ଗେ ନ ଯେବେ ଛୁଇଁ ।
ମନ ମନ୍ମଥ ତାହାଙ୍କର । ଏଣୁ ମନ୍ମଥ ସୂତ୍ରଧର ।
ଜନେ ପାଷାଣ ପ୍ରାୟେ ମଜ୍ଜେ । ଗଜ ବନ୍ଧନ ସେହ୍ନେ ଗଜେ ।
ଏଣୁ କୁଞ୍ଜର ଗୁରୁ ମଣି । ଗୁରୁ ବଚନ ଶରମାଣି ।
ସଙ୍ଗ ନ କରି ନାରୀଦେହେ । କର୍ଦ୍ଦମେ ବୁଡ଼ିଲେ ଭୂମିତଳେ ।
ଏଣୁ କାମିନୀ ସଙ୍ଗ ତେଜି । ଛାଡ଼େ କରିଲି ତଥ୍ୟ ଭୁଜ ।
ଧନେ ମୋ ନାହିଁ ପ୍ରୟୋଜନ । ଏଣୁ ଦରିଦ୍ର ମୋ ଜୀବନ ।
ଧନ ଅର୍ଜନେ ପାପ ଆଶ । ନରକେ ଦୁଃଖ ସୁଖ ପ୍ରାପ୍ୟ ।
ଧନ ସଞ୍ଚଳି ଗୃହଜନ । ନ କରେ ସୁଖ ଭୋଗ ଦାନ ।
ନରକେ କରଇ ସଞ୍ଚୟ । ପାପୀ କୃପଣ ଦୁର୍ଗତ୍ୱ ।
ତାହାର ଧନ ହରେ ଆନେ । ମଧୁ ସଞ୍ଚଳି ମାଛି ସେହ୍ନେ ।
ନ ଦେଇ ନ ଖାଇ ସଞ୍ଚଇ । ତାହାର ମୁଖେ ଅଗ୍ନି ଦେଇ ।
ମଧୁ ଭରଇ ନେଇ ଆନ । ଏଣୁ ମୋ ଗୁରୁ ସେ ସୁଜନ ।
ସେ ଥିବ ବନତର ମଧେ । ଛାଡ଼ି ନ ଦେବ ଗ୍ରାମ୍ୟ ଗୀତେ ।
ନିରତେ ଛାଡ଼ନ୍ତ ଥିବ ମନ । ଯୋଗ ସଂଯୋଗେ ଅବଧାନ ।

ଲୁବ୍ଧକ ଗୀତ ଶୁଣି କର୍ଣ୍ଣେ । ଯେସନ ମୃଗ ମରେ ବନେ ।
ଏଣୁ ନ ଶୁଣି ଗ୍ରାମ୍ୟଗୀତ । ଭୁଲଇ ଶୁଣେ ଦେଇ ଚିତ୍ତ ।
ସଙ୍ଗୀତ ବାଦ୍ୟ ନୃତ୍ୟରଙ୍ଗେ । ଅରଣ୍ୟେ ବେଶ୍ୟାଗଣ ସଙ୍ଗେ ।
ଛଳେ ତାହାଙ୍କ ଶବ୍ଦ ଯୋଗେ । ଜାଣନେ ଋଷ୍ୟଶୃଙ୍ଗ ମୁନି ।
ବଶୀ ହୋଇଲେ କାମପ୍ରାଣେ । ମୃଗଣୀ ଉଦରୁ ଜନମେ ।
ଏଣୁ ମୁଁ ମୃଗ ଗୁରୁ କରି । ଭ୍ରମେ ଭ୍ରୁକୁଟି ଭୂତ ଧରି ।୨୦୦।

( 'ଭାଗବତ', ଏକାଦଶ ସ୍କନ୍ଧ,
ଅଷ୍ଟମ ଓ ନବମ ଅଧ୍ୟାୟରୁ ଗୃହୀତ )

*

# ଶରଦ ରାସ

## ଜଗନ୍ନାଥ ଦାସ

### ଶ୍ରୀ ଶୁକ ଉବାଚ ।

ଶୁଣ ପରୀକ୍ଷ ନରନାଥ । କୃଷ୍ଣଚରିତ ଗୁପତ ।
ଗୋବିନ୍ଦ ଚିନ୍ତନ୍ତି ମନେ । ଆଜ ରମିବା ବୃନ୍ଦାବନେ ।
ଷୋଳ ସହସ୍ର ଗୋପନାରୀ । ମୋତେ ବରିଲେ ତପ କରି ।
ମୁଁ ତାଙ୍କ ପୂରାଇବି ଆଶ । ଏହି ମୋର ଭକତ ବିଶ୍ୱାସ ।
ଅନେକ ଜନ୍ମ ତପ କରି । ଏବେ ହୋଇଲେ ଗୋପନାରୀ ।
ରମିଣ ଦେବ ନିଜ ପୁର । ଆଜ ମୁଁ କରିବ ବିହାର ।
ଏମନ୍ତ ଚିନ୍ତିଣ ବନମାଳୀ । ଦେଖିଲେ ଶରଦ ମୁରଳୀ ।
ସୁନ୍ଦର ଶରଦର କାଳ । ପବନ ବହେ ପରିମଳ ।
ଗଗନେ ପ୍ରକାଶିଲା ଶଶୀ । ନିର୍ମଳ ଦିଶୁଥାଇ ନିଶି ।
ଫୁଟିଲେ ଜଳ ସ୍ଥଳେ ଫୁଲ । ସୁଗନ୍ଧ ଶୀତଳ ଅମୂଲ୍ୟ ।
ଚନ୍ଦ୍ରମଣ୍ଡଳ ଅଖଣ୍ଡିତ । ଦେଖି ଉଲସିତ ଗୋପୀନାଥ ।
ଲକ୍ଷ୍ମୀର ମୁଖ ପ୍ରାୟେ ଦିଶି । କିରଣେ ଦଶ ଦିଗ ଶୋଭି ।
କାଳିନ୍ଦୀ କୂଳେ ବୃନ୍ଦାବଣି । କଦମ୍ବ ତରୁମୂଳେ ବସି ।
ରଜନୀ ଚର ତାଳ କଲେ । ମାୟାପଟଳ ପ୍ରକାଶିଲେ ।
ବୋଇଲେ କୃଷ୍ଣ ବୃନ୍ଦାବଣି । ସହସ୍ର ସୁତେ ଯାହା ଶୋଭି ।
ତ୍ରିଭଙ୍ଗୀ ରୂପେ ଉଭାହୋଇ । ମୁରଲୀ ଅଧରେ ଲଗାଇ ।
ଗୋପୀଙ୍କ ନାମ ଧରି ଧୀରେ । ମୁରଲୀ ଡାକଇ ସୁସ୍ୱରେ ।
ଗୋପୀଏ ଥିଲେ ଗୋପପୁରେ । ନାଦ ଶୁଣିଲେ ଯେଝା ଘରେ ।
ଦଣ୍ଡେ ଶୁଣିଲେ ସ୍ଥିର କରି । ବେଣୁ ଡାକଇ ନାମ ଧରି ।
ଶୁଣି ହୋଇଲେ ଉନମନ । ବ୍ୟାପାରେ ନ ଲଗଇ ମନ ।
କର ଚରଣ ନ ଚଳଇ । ମଦନେ କମ୍ପୁଅଛି ଦେହୀ ।
ନାଦେ ମୋହିଲେ ବନମାଳୀ । ଷୋଳ ସହସ୍ର ଗୋପବାଳୀ ।
ଏକକୁ ଆରେକ ଲୁଚାଇ । ଧାଇଁଲେ ଅସମ୍ଭାଳ ହୋଇ ।
ବୋଲନ୍ତି ନ ପୁଣ ଏ ଜାଣି । ମୋତେ ହୋଇବ ସପତଣୀ ।

ଆଗେ ମୁଁ ଯିବ ବୃନ୍ଦାବନ । ଭମିବ ନନ୍ଦର ନନ୍ଦନ ।
ଦେଖିବ ନୟନ ପୂରେଇ । ମୋହନ୍ତାର ନାମେ ବେଣୁବାଇ ।
କମ୍ପା ଡାକଇ ଘଣ୍ଟକାଳେ । ଉଣ୍ଡର କଦମ୍ବର ମୂଳେ ।
ନନ ଶୀଖାରୁ ବେନେ ଗନ୍ଧ । ଆମ୍ଭର ବପୁ ସ୍ୱେଦ ଗନ୍ଧ ।
ତା'ର ବଚନେ ଲଜ୍ଜା ଗୁଡ଼ି । ଆଣି ପିନ୍ଧିଲୁ ସେହୁ ଶାଢ଼ୀ ।
ଆମ୍ଭର ଶୁଭମନ ଜାଣି । ହସି ବୋଇଲେ ଚନ୍ଦ୍ରପାଣି ।
ଦେବତା ପୂଜ ପଇସ୍ତରେ । ମନେ ଯେ ବାଞ୍ଛଅଛ କରେ ।
ସେ କଥା ସୁମରିଲେ ଆଜ । ଆମ୍ଭର ଛଡ଼ାଇବେ ଲାଜ ।
ପତି ତନୟ ଛନ୍ତି କୋଳେ । କେମନ୍ତେ ଯିବୁଂ ଘଣକାଳେ ।
ନ ଗଲେ ନ ରହେ ଜୀବନ । କାନ ହୋଇଲୁ ବେଣୁସ୍ୱନ ।
କେମନ୍ତେ ହୋଇଲେ ବାହାର । ମଦନେ କମ୍ପଇ ଶରୀର ।
କେ ଯୋଗୀ ଦୁହୁଁଥିଲୁ ଗାଈ । ବାହୁରୀ ବାନ୍ଧ ଛନ୍ଦ ଦେଇ ।
ମୁରଲୀ ଶୁଣି କର୍ଣ୍ଣମୂଳେ । ଦୁହୁଂଣୀ ଛଡ଼ାଇଲୁ ତଳେ ।
କୃଷ୍ଣର ଧ୍ୱନି ଶୁଣି ବେଗେ । ଧାଇଂଲୁ ବୃନ୍ଦାବନ ମାର୍ଗେ ।
କେ ବସି ନ ଭୁଞ୍ଜିଥିଲୁ ଘର । ମୁରଲୀ ଶୁଣିଲୁ ସୁସ୍ୱର ।
ଡାକଇ ତା'ର ନାମ ଧରି । ବେଗେ ଧାଇଁଲୁ ଗୋପନାରୀ ।
କେ କରୁଥିଲୁ ଦଧି ଘୋଳ । ଶୁଣି ଧାଇଁଲୁ ବେଗ ବେଗ ।
କେ ଦୁଧ ଚୂଲୀରେ ବସାଇ । ମୁରଲୀ ଶୁଣି ଗଲୁ ଧାଇଂ ।
କେ କୋଳେ ବାଳକ ବସାଇ । ଦୁଧ ପିଆଇ ଗୀତ ଗାଇ ।
କର୍ଣ୍ଣେ ଶୁଣିଲୁ ବେଣୁଧ୍ୱନି । ଡାକଇ ତା'ର ନାମ ଧରି ।
ବାଳକ ପକାଇଲା ତଳେ । ଧାଇଂଲା ମଦନ ଜ୍ୱଳନେ ।
ସ୍ୱାମୀ ଶୟନ ସ୍ଥାନେ ଥାଇ । କେ ଯୋଗୀ ଚରଣ ସୁପଇ ।
ମୁରଲୀ ତା'ର ନାମ ଧରି । ଡାକଇ ଆସ ବେଗ କରି ।
ପତି ଚରଣ ଥୋଇ ତଳେ । ବେଗେ ଧାଇଁଲା କାମଭୋଳେ ।
କେ ବସି ଭୁଞ୍ଜୁଥିଲା ଅନ୍ନ । କର୍ଣ୍ଣେ ଶୁଣିଲା ବେଣୁସ୍ୱନ ।
ବୋଲଇ ଅଧ ଭୁଞ୍ଜିବେଳ । କୃଷ୍ଣଙ୍କୁ ଦେଖ ବନସ୍ଥରେ ।
ଶୁଣି ଭୋଜନ ଉପେକ୍ଷିଲା । ହସ୍ତ ପଖାଳି ନ ପାରିଲା ।
ବେଗେ ଧାଇଁଲା ବୃନ୍ଦାବନ । ଯେତେଣେ ବାଜଇ ବେଣୁସ୍ୱନ ।

ଯେ ବସି ନସୁଥିଲା ଘର । ମୁରଲୀ ଶୁଣିଲା ସୁସ୍ୱର ।
ବୋଲଇ ଆସ ବୃନ୍ଦାବନେ । ଫେରିକି ଭ୍ରମ ଘୋର ବନେ ।
ଶୁଣି ବ୍ୟାପାର ଉପେକ୍ଷିଲା । ବେଗେ ସେ ବୃନ୍ଦାବନ ଗଲା ।
ଯେ ବସିଥିଲୁ ନିଜ ଘରେ । ଅଞ୍ଜନ ଚାଏ ନେତ୍ର ପରେ ।
ସ୍ୱେକ ଲୋଚନେ ରଞ୍ଜି ଥିଲା । ତା ନାମେ ମୁରଲୀ ଡାକିଲା ।
ଧାଇଁଲେ ଉପଭର ହୋଇ । କଜ୍ଜ୍ୱଳ ପାତ୍ର କରେ ଲଇ ।
ଯେ ଗୋପୀ ବସ୍ତ୍ର ତଳେ ଥୋଇ । କୁଙ୍କୁମ ଶରୀରେ ଲେପଇ ।
ଜଣେ ଶୁଣିଲା ବେଣୁଧ୍ୱନି । ଛୁଟିଲା ଘରୁ ବସ୍ତ୍ର ଫେଣି । ୬୦ ।
ଜନ ଡାକିଲା କାମବେଗେନ । ପିନ୍ଧିଲା ଜନର ଅମ୍ବରେ ।
ସ୍ୱେମରେ କନ୍ଥଙ୍କ ବେଗେ । ସୋକ ସଙ୍ଗ ଯେଷ୍ଟା ମତେ ।
କାହାର ସ୍ୱାମୀ ବଳବନ୍ତ । ଆଗରେ ଉଗାଳିଲେ ପଥ ।
କାହାର ପୁଅ ଗୋଡ଼ାଇଲା । ଶଶୁର ଖୁଡ଼ୁଡ଼ା ମଜୁଳା ।
ଭଇ ଭଣଜା ଇଷ୍ଟ ମିତ୍ର । ଆଗରେ ଉଗାଳିଲେ ପଥ ।
ବୋଲନ୍ତି ଗୋପୀଙ୍କି ଅନାଇ । ସେ କଥା ଜଣାଅ କୁହାଇ ।
ରଜନୀ କାଳେ ଯାଅ ବନ । ଲଜ୍ଜା ନ ଛାଡ଼ିଲ ବଦନ ।
ଶୁଣି ବୋଲନ୍ତି ଗୋପବାଳୀ । ବନେ ବଜାଏ ବନମାଳୀ ।
ଦେଖ ତ ଶୁଭୁଅଛି ନାଦ । ମୁରଲୀ ବଜାଇ ଆନନ୍ଦ ।
କ୍ଷଣେ ମୁରଲୀ ନାଦ ଶୁଣି । ଆସନ୍ତୁ ଆସିବୁ ପ୍ରେମଭଣି । ୭୦ ।
ଦାସବନ୍ଧନ ଭଗବାନ । ମୋହିଲେ ଗୋପାଳଙ୍କ ମନ ।
କୃଷ୍ଣଙ୍କୁ ନଇଲା ଉତ୍ତର । ବାହୁଡ଼ିଗଲେ ଚେଷ୍ଟା ଘର ।
ସ୍ୱେକ ଗୋପୀପ୍ରେ କ୍ଷୀଣ ହୋଇ । ବେଗେ ସେ ନ ପାରିଲା ଯାଇ ।
ତାହାର ସ୍ୱାମୀ କର ଧରି । ଘରେ ଆଣିଲା ନିଜ ନାରୀ ।
ଗମ୍ଭୀର ଭିତରେ ବାନ୍ଧିଲା । ଅନେକ ମାଡ଼ କ୍ଷି ମାରିଲା ।
ଦ୍ୱାରେ କବାଟ ଦେଲା କଳ । ରୋଦନେ ନାଦଇ ଗୁଆଳୀ ।
ମୁରଲୀ ଶା'ରୁ ନାମ ଧରି । ଡାକଇ ଆସ ବେଗ କରି ।
ସେ ଗୋପୀ ବନ୍ଧନରେ ଅଛି । ଭାଜଇ ପ୍ରେମେ ମୁଣ୍ଡ କୋଡ଼ି ।
କୃଷ୍ଣଙ୍କ ବଦନେ ଦେଇ ମନ । କ୍ଷଣେ କ୍ଷଣକେ ଅଚେତନ ।
ଧ୍ୟାନ ନ ଛାଡ଼ି ଜାତ ଭିତରୁ । ଦେହ ଲୋଚନ ଜଳ ସ୍ତ୍ରିରେ । ୮୦ ।

ଧ୍ୟାନେ ଦେଖିଲା ଭଗବାନ । ନିର୍ଗୁଣରେ ହେଲା ଅଜ୍ଞାନ ।
ଡାକିଲା କୃଷ୍ଣ ନାମ ଶାନ୍ତ । ପ୍ରାଣ ଛାଡ଼ିଲା ଭୂମି ଦେଇ ।
ଗଞ୍ଜ ନ ଯାଇ କାମଶରେ । ପଶିଲା ଗୋବିନ୍ଦ ଶରୀରେ ।
ଶୁଣି ପରୀକ୍ଷିତ ଦଣ୍ଡଧାରୀ । ମୁନି ଚରଣ ତଳେ ପଡ଼ି ।
ବୋଇଲେ ନୃପାଳ କୃତକୃତ । ଶୁଣି ଚରିତ୍ର ଭାଗବତ ।
ଯେମନ୍ତ ହୋଇଲି ପତିତ । ତୁମ୍ଭେ କହିଲ ଭାଗବତ ।
ପରମ୍ପରରେ ତରି ଦେଲ । ଯେ କଥା କୃଷ୍ଣଙ୍କ ଗାଇଲ ।
ଶୁଣି ହସିଲେ ମୁନିବର । ବୋଇଲେ ଶୁଣ ଦଣ୍ଡଧର ।
ପୂର୍ବେ ମୁଁ କହିଅଛି ତୋତେ । ପୂରଣ ଶିଶୁ ସ୍ତନଦତେ ।
କୃଷ୍ଣଙ୍କୁ କରି ଶତ୍ରୁ ଭାବ । ମୋକ୍ଷ ହୋଇଲା ଶିଶୁପାଳ ।
ତାହାଙ୍କୁ ପ୍ରିୟ ପତଣ ଦେବ । କଥା ବୋଲୁଛେ ମୋକ୍ଷଗାମୀ ।
ଲଭିଲ ତାରକାର ଆବେଶ । ବ୍ରହ୍ମ ପ୍ରକାଶି ଅଛି ଅଂଶେ ।
ନିର୍ଗୁଣ ହୋଇଁ ଗୁଣବନ୍ତ । ଦାସବତ୍ସଳ ଗୋପୀନାଥ ।
ତାହାର ନାହିଁ କାମ କ୍ରୋଧ । ସୁବୁଦ୍ଧେ ହେଲଇ ପ୍ରବୁଦ୍ଧ ।
ଯାହାର ମନ ହୋଏ ଲୟେ । ଯେ ପ୍ରାଣୀ ପଶେ କୃଷ୍ଣଦେହେ ।
ସ୍ନେହେଣ ତୁ ସନ୍ଦେହ ନ କର । ମହାମହିମା ଯୋଗେଶ୍ୱର ।
ଗୋପୀଏ ଗଲେ ଶୁଣ କାନେ । ମିଳିଲେ ଯମୁନାର କୂଳେ ।
ବେଶନ୍ତ ସହସ୍ର ଗୋପବାଳୀ । ଦେଖିଲେ ପ୍ରଭୁ ବନମାଳୀ ।
ନାନା କୁସୁମେ ପରିମଳ । ହୃଦେ ଲମ୍ବଇ ବନମାଳ ।
ଗୁଞ୍ଜୁ ଚାଟି ତାଙ୍କ ଚୂଳ । ଶ୍ରବଣେ ମକରକୁଣ୍ଡଳ ।
ନୂପୁର କଙ୍କଣ ଝଣକେ । ରତ୍ନମେଖଳା କଟୀ ଯାକେ ।
ପୀତବସନ ବେଣୁଧର । ଅକଣ୍ଠ ସୁରଙ୍ଗ ଅଧର ।
କୋଟିଏ କାମ ମୋହେ ଯଶ । ଦେଖି ଚକିତ ବ୍ରଜନାରୀ ।
ଅନଙ୍ଗ ଦେଖିଣ ପତଙ୍ଗ । ଯେସନ୍ତେ ଧାଆନ୍ତି ଅତିବେଗ ।
ବେଢ଼ିଗଲେ ଶତଯୂଥ ଯୋଗି । କହନ୍ତି କୃଷ୍ଣଙ୍କୁ ଅନାଇ ।
ଗୋପୀଙ୍କି ଦେଖି ବନମାଳୀ । ବଚନ୍ତୁ ଥୋଇଲେ ମୁରଲୀ ।
କୋମଳ ଗମ୍ଭୀର ବଚନ । କହନ୍ତି ପ୍ରଭୁ ଭଗବାନ ।
ସ୍ନେହେଣ ନ କର କଥା ଶାନ୍ତି । କହଇ ଶୁଣ ଭାଗବତ ।

ଶୁଣ ଗୋ ବ୍ରଜବଧୂଜନେ । କୃଷ୍ଣ ଅଇଲ କଂସା ପୁରେ ।
ତୋହର କଥ ଭଲ ନଥା । ମୋ ନନ୍ଦ ଯଶୋଦା ବାଉଡ଼ା ।୧୧୨।
ତୋହେ ନ ଆଦର ଚଢ଼ଲ । ମୋତେ ତ ସନ୍ଦେହ ଲାଗିଲା ।
ଗୋଷ୍ଠ ଗୋପାଳ ତେଜିଲେ ବାନ୍ଧ । କୃଷ୍ଣ ଅଇଲ ବନେ କାଢ଼ ।
ସବୁ ସମ୍ପଦ ଗଲେ ଜୂର । କି ଅଛି ମିଳିଲେ ଅସୁର ।
ଦେହମନ ସମ୍ଭାରେ ମୁଁ ମଣଇ । ଜମା ଅଇଲ ବନେ ଧାଇଁ ।
ଭଲେ ଅଇଲ ସେ ନିକଟେ । ଜଣା ହୋଇଲ ଘଣାବାଟେ ।
ରଜନୀ ଦେଖିଲୁ ଅଜ୍ଞାନ । ବନ ଉପବନ ବୃକ୍ଷ ହୋଇ ।
ବଂଶୀ ଧ୍ୱନି ବନମାଳେ । କୃଷ୍ଣଙ୍କୁ ଦେଖିଲେ ଖାଇବେ ।
ସୁରବେ ଗ୍ରିଷ ଜନ୍ମ ହୋଇ । ବନେ କୃଷ୍ଣର ଅଧୁ ଘାଟିଁ ।
କଣ୍ଠେ ହୋଇବ ଆଜ ନାଶ । ମରଣ ଜଳନ୍ତି ତଳ୍ପାଶ ।
ଯାଅ ନଥାଅ ବନ ହୋଇବେ । କୃଷ୍ଣଙ୍କୁ ଦେଖିଥିବେ ଘରେ ।୧୨୨।
ମାତା ପିଅର ପୁଷ୍ପ ଗୃହ । କ୍ଷେତ୍ର ଅଚ୍ଛନ୍ତି ନାମ ଗଳ ।
ସେ ଯାହା ସ୍ୱାମୀ କୋପଣଙ୍କେ । ଖୋଜନ୍ତି ଘରଦ୍ୱାର ପଥ ।
ନ ଯାଇ ଜଣଇବେଟି ବେଷ । କୃଷ୍ଣେ ହୋଇବ ଜାତ ନାଶ ।
ବନ୍ଧୁବାନ୍ଧବ କୃଷ୍ଣ ଘରେ । ଅନ୍ନ ନ କରିବେ ଆହାରେ ।
ଜଳଶୁଂ ନ କରିବେ ପାନ । କୃଷ୍ଣେ ହୋଇବ ଜାତସ୍ନାନ ।
ନ ଜାଣି ଯେବେ ଗୋ ଅଇଲ । ବଦନ ଜଳ ମୋର ହୋଇଲ ।
ଦେଖ ସେ ବନ ପତ୍ରମଳ । ନାନା କୁସୁମେ ନଯାଜଳ ।
ମଳୟ ପବନ ଶୀତଳ । ଚନ୍ଦ୍ର ଉଠିବେ ସୁରମେଳ ।
ବଦନ ଯାଅ ଗୋପପୁର । ନିଜ ଶକ୍ତି ଦେଖାଇବ ।
ଗାଈଙ୍କ ଗୋଠେ ବଳା ବାନ୍ଧ । କୃଷ୍ଣଙ୍କ ସେ ଦୃଢ଼ଂ ଥିଲ ଛଡ଼ ।୧୩୨।
ପୁଣ ନ ପାଇଣ ବାହୁରୀ । କାନ୍ଦନ୍ତି ହେମାଙ୍ଗ କରି ।
ବାଳକ ଧରିଥିଲ ବେଁକେ । ସକାଳେ ଅଇଲ ସେ ଭଜନ ।
ଓଷ୍ଠ ଶୁଖିଲ ତନୁପାଟି । କାନ୍ଦନ୍ତି କୃଷ୍ଣେ ଭଣି ମାଟି ।
ବଦନ ନିଜ ଘରେ ଯାଅ । ସ୍ତନ ପିଆଇ ଗାଈ ଦୁହଂ ।
ଯେବେ ଅଇଲ ବେଣୁନାଦେ । ସେ ରୂପ ଦେଖିବାର ସନ୍ଧେ ।
ସ୍ନେହେ ଦେଖିଲ ମୋର ଦେହ । ଯାଅ ଗୋ ବନ୍ଧୁରେଁ ନ ରହ ।

ସ୍ୱାମୀଙ୍କ ସଙ୍ଗେ ପ୍ରୀତି କର ।

× ×

ଗୋପୀଙ୍କୁ କୃଷ୍ଣ କଥା ଶୁଣି ।
ବକ୍ତ୍ର ପଡ଼ିଲ ପୋତି ଶିର ।
ନିଶ୍ୱାସ ବହେ ଦଗ୍ଧର ।
ଦଶନେ ଅଧର କାମୋଡ଼ି ।
ଚରଣ ଅଙ୍ଗୁଳିର ଅଗ୍ରେ ।
କମଳ ନଖନେ ଶଗ୍ରର ।
ଅଞ୍ଜନ କୁଙ୍କୁମର ସଙ୍ଗେ ।
ଦୁଃଖସାଗରେ ନିମଜ୍ଜିଲେ ।
ହୋଇଲେ ମୃତପିଣ୍ଡ ପ୍ରାୟେ ।
କୃଷ୍ଣ ନିଷ୍ଠୁର ବାକ୍ୟ ଶୁଣି ।
ଯାହାର ପାଇଁ ସୁହୃଦାଶ ।
ତାର ନିଷ୍ଠୁର କଥା ପାଇଁ ।
ନେତ୍ର ଲୋଚନ ଶଶି କରେ ।
ପାଦେ ପ୍ରକ୍ଷଳେ ନୟନଜଳେ ।
ଶିର ଲଗାଇ ପଦ୍ମପାଦେ ।
ହେ ନାଥ ଦୟା ଭକ୍ତଗ୍ରାହୀ ।
ତୁ ହୋଇ ଯଶୋଦାନନ୍ଦନ ।
ଆମ୍ଭେ ଅଭାଗୀ ଦୁଃଖୀନାରୀ ।
ଛାଡ଼ିଲୁ ତପସ୍ୟା ଉପାଦ ।
ଆମ୍ଭକୁ ତେଜୁ କାହିଁପାଇଁ ।
ଜୀବନ ରଖ ନନ୍ଦବାଳ ।
ହୋଇ ଅନଳପ୍ରାୟେ ଦହଇ ।
ନାରୀଏ ମୁଖ ଭସ ଦେଇ ।
ସେବେକ ନ ରଖ ବନମାଳୀ ।
ହତ୍ୟାଦୋଷକ ଭୋର ଲଭେ ।

× ×

ଜଗତ ଧର୍ମ ଗୋ ସୁନ୍ଦର ।

× ×

ଜିହ୍ୱା ଶବଦେ ମନେ ଶୁଣି ।
ବଦନ୍ତୁ କହିଲା ଶ୍ରୀହରି ।
ଶୁଣିଲା ସୁରଙ୍ଗ ଅଧର ।
କର ସ୍ୱଜନ ଶିରେ ତାଡ଼ି ।
ଭୂମି ଚରନ୍ତି କାମବ୍ୟଗ୍ରେ ।
ନେତ୍ର ଲୋଚନୁ ବହେ ଧାର ।
ଲୁହ ପଡ଼ଇ ଛୁଟପ୍ରବେଗ ।
ସମସ୍ତେ ଲୋଚନ ବୁଜିଲେ ।
ଦେଖନ୍ତି ପ୍ରଭୁ ଦେବପ୍ରାୟେ ।
ଧର୍ମ ଅଧର୍ମ ମନେ ଗୁଣି ।
ଛାଡ଼ିଲୁ ଜୀବନର ଆଶ ।
ଜୀବନ ଦେହେ ନ ରହଇ ।
କୃଷ୍ଣଙ୍କୁ ପୁଚ୍ଛିଲେ ସୁଧୀରେ ।
କହନ୍ତି ମାଧବ ବଚନେ ।
କହନ୍ତି ଶୋକ ଗଦଗଦେ ।
ଶୁଣନ୍ତ ବୋଲୁ କାହିଁପାଇଁ ।
ଅନାଦି ଜ୍ୟୋତି ନିରଞ୍ଜନ ।
ଆଜି ନ ଯିବୁ ଗୋପପୁରୀ ।
ପାଇ ତୋହୋର ପଦ୍ମପାଦ ।
ହେ ତୁମ୍ଭେ ଅନ୍ୟଗତି ନାହିଁ ।
ଆମ୍ଭର ପୂରିଲାଟି କାଳ ।
କାମ ଅନଳ ଦହନ୍ତି ।
ତାପ ବଚନ ଶବସ୍ଥାପ ।
ମଣିସ୍ତିଂ ସକଳ ଗୁଆଳୀ ।
ଶୁଣି ହସନ୍ତି ଆନନ୍ଦେ ।

× ×

ଗୋପୀଙ୍କ ଦେଖିଣ ବଚନ । ହସ୍ତା ବସିଲ ଆନନ୍ଦ ।
ଆନନ୍ଦେ ଦେବନନ୍ଦନ ହୋଇ । ଆପ ହୋଇଲେ ବନମାଳୀ ।
ତକ୍ଷଣେ ପାଇଲେ ଗୌରବ । ହରଷ ଗୋପୀଙ୍କର ମନ ।
କୃଷ୍ଣଙ୍କୁ ବେଢ଼ିଲେ ସୁବେଶା । ଗଗନେ ଯେହ୍ନେ ଗ୍ରହପନ୍ତି ।
ଗୋପୀଙ୍କେ ତୋଷମନ ହୋଇ । କୃଷ୍ଣ ଚଳନ୍ତି ବନେ ଯାଇ ।
ମାଳା ଗୁନ୍ଥିଲେ ଯତ୍ନ କରି । ବନ ବୁଲିଲେ ନରହରି ।
କାଳିନ୍ଦୀ କୂଳକୁଞ୍ଜେ ଯାଇ । ଗୋପୀଙ୍କ ମଧ୍ୟେ ଜଗନ୍ନାଥ ।
ମାୟାର ଯୋଗବଳେ ଧରି । ଷୋଳ ସହସ୍ର ରୂପ ଧରି ।୧୭୦।
ହୋଇଲେ ଦେବ ଦେବ ଜନ । ଗୋପୀ ରମିଲେ ଭଗବାନ ।
ରତ୍ନ ଗ୍ରନ୍ଥିତ ବନବନ୍ତ । ତୋଷିଲେ ଗୋପୀଙ୍କର ଚିତ୍ତ ।

( 'ଭାଗବତ', ଦଶମସ୍କନ୍ଧ,
ତ୍ରିଂଶ ଅଧ୍ୟାୟରୁ ଗୃହୀତ )

*

# ଦୀନ ବାନ୍ଧବ ହେ

## ବଳରାମ ଦାସ

ଦୀନ ବାନ୍ଧବ ହେ, ମୋ ଦୁଃଖ ନ ଗଲା ସେ
ତୁମ୍ଭେ ଦୀନବନ୍ଧୁ ବୋଲି ପାଶୋରିଲେ ମୋ ବନ୍ଧୁ ହୋଇବ କିଏ ।
ତୁଳସୀର ମାଳ ତୁଳସୀର ଚୂଳ ତୁଳସୀ ମଥାରେ ଦେଇ
ତୁଳସୀ ଚଉଁର ମୂଳେ ଅନାଇଲେ ମନବନ୍ତ ବନ୍ଧୁଥାଇ ।
ତିଳକ ଉପରେ ସେବକଙ୍କର ଗଣ ଦେଖିଲେ ମାଳିକ ଭଲେ
ଦୀନବନ୍ଧୁ ଠାରେ ଭକତି ନ ଥାଇ ଯେତେଣେ ସାଧୁହେଲେ କସ୍ତେ ।
ଦୀନବନ୍ଧୁ ବୋଲି ଯାହାକୁ ବୋଲନ୍ତି ସେହୁ ଯେ ପରମ ଯୋଗୀ
ଯୋଗୀମାନଙ୍କର ଆଦର ନାଶନ ଦୁଃଖୀମାନଙ୍କର ସେବୀ ।
ଆଦି ଅନାଦିର ବଦନ ଦେଖନ୍ତି ମାୟାମୋହ ଲାଗି ଧନ
ଶୂନ୍ୟ ପୁରୁଷ ଯେ ଶୂନ୍ୟରେ ଥାଆନ୍ତି ଗଞ୍ଜନ ଦେବ ଜନ । ।୧୦।
ଏ ଭବ ସାଗରୁ ତରିବା ନିମନ୍ତେ ପଥର ବାନ୍ଧିଲ ଭେଳା
ତୁମେ ନ ରଖିଲେ ସ୍ୱାମୀ ମୁଁ ଯାଉଛି ଭସି ଭସି ତକାତୋଳା ।
ଭକତ ଭାବକୁ ସୁଗନ୍ଧ ଦେବାକୁ ଭାବ ଉଦୋଧିଆ ଯେଣୁ
ବଳରାମ ଦାସ ଅନ୍ୟ ନ ମାଗଇ ମାଗଇ ଚରଣ ରେଣୁ ।

*

# ସଖି କୁହ୍ନାଁ ଗୋ

## ବଳରାମ ଦାସ

ସଖି ଶୁଣୁଁ ଗୋ, ଦୟ ଦୟ ଦେଖୁଛନ୍ତି ନାହା ଗୋ,
ଦେବ ଲୋଚନେ କହୁଛୁ ଯାହା ଗୋ ।
ନସୋଣ୍ଡ କରି ଭୁଜ ଧରି ନେଉଛନ୍ତି
ଏହାଙ୍କର ଦେଖୁ ନାହାନ୍ତି କ ଶାହା ଗୋ ।

ସଖି ଗୋ ଜାଣିଲୁ ମୋ ପ୍ରଭୁ ନଗର ଖାତେକ
ତାଙ୍କୁ ଲୋକେ ଦେଖୁଛନ୍ତି ଧରି,
ଚାଲୁବାକୁ ସୁଖ ଭବନେଜନ ଥାଇଁ
ସେ ଦଶିଲେ ନାହାର ନାରୀ ଗୋ ।

ସଖି ଗୋ ବନ୍ଧୁ ହୋଇଲାର ପ୍ରାସେନ ଅନ୍ତେ
ଅଶାରେ ଘାଟର କଣ୍ଡାର । ୧୦ ।
ଶତ୍ରୁ ଆକାଶରେ ଦେବକ ବେଢ଼ିଛନ୍ତି
ଅବୋଲି ଭିଜି ଗୁମୁର ।

ସଖି ଗୋ ଭୁବନ ଯଜନେମା ଦେଶୁଛ ଆସିଲେ
ତାକ ଦର ଲେଟାଇଲେ ଅଣି
ବଳରାମ ଦାସ ତା ଦେଖି ଶୁଣିତ
ଧରିଦେଲେ କି ଜନ ପରଣୀ ଗୋ ।

*

# କାନ୍ତ କୋଇଲି

## ବଳରାମ ଦାସ

କୋଇଲି, କାନ୍ତ ମୋର ଗଲେ ମୃଗ ମାରି,
କାହିଁକି ରାବଣ ମୋତେ ନେଇଅଛି ଧରି ଲୋ, କୋଇଲି ।
କୋଇଲି, ଖଳ ବୋଲି ଜାଣି ନ ପାରିଲି,
ଖଳ ଯେ କନକ ମୃଗ ଦେଖି ଲୋଭ କଲି ଲୋ, କୋଇଲି ।
କୋଇଲି, ଗନ୍ତୁ ଶ୍ରଦ୍ଧା ବଳିଲା ମୋହର,
ଯେତେଲେ ମୁଁ ବୋଇଲି ଘେନ ଏ କୁରଙ୍ଗୀ ମାରି ଲୋ, କୋଇଲି ।
କୋଇଲି, ଘଟଣ ଯା' କରିଛି ବିଧାତା,
ଘୋର ବନେ ମୃଗ ମାରି ଗଲେ ମୋ ଭରତା ଲୋ, କୋଇଲି ।
କୋଇଲି, ଲକ୍ଷଣକୁ ଜଗାଇ ଦୁଆର,
ନାରାଚରେ ମୃଗ ବିନ୍ଧିଗଲେ ରଘୁବୀର ଲୋ, କୋଇଲି । ୫ ।

କୋଇଲି, ଚଢ଼େଧନୁ ଗଲେ ରଘୁନାଥ,
ଚୁଟେ ଶର ସନ୍ଧି ମୃଗ ପ୍ରାଣ ନେଲେ ହରି ଲୋ, କୋଇଲି ।
କୋଇଲି, ଛାଡ଼ିବାର ବେଳେ ମୃଗ ପ୍ରାଣ,
ଛନ୍ଦରେ ଡାକିଲା ମୋତେ ରଖ ହେ ଲକ୍ଷ୍ମଣ ଲୋ, କୋଇଲି ।
କୋଇଲି, ଜାଣି ନ ପାରିଲି ଛଳ ମୂର୍ତ୍ତି,
ଯାଅ ବୋଲି ଲକ୍ଷ୍ମଣଙ୍କୁ ଦେଲି ପଠିଆଇ ଲୋ, କୋଇଲି ।
କୋଇଲି, ଝଟକିରେ ଯାଆନ୍ତେ ଲକ୍ଷ୍ମଣ,
ଝାଉଁର ଭିତରେ ଲୁଚି ଥିଲାଟି ରାବଣ ଲୋ, କୋଇଲି ।
କୋଇଲି, ଞମିନ ତପସ୍ୱୀ ରୂପ ଧରି,
ଦର୍ଭରେ ବସିଲା ଆସି ଦୁଆର ଅଢ଼ୋଇ ଲୋ, କୋଇଲି । ୧୦

କୋଇଲି, ଟେକିଣ କପଟ ମାୟା ଯଷ୍ଟି,
ଟେକି ମୋତେ ଫଳ ଭିକ୍ଷା ଦିଅ ମହାସତୀ ଲୋ, କୋଇଲି ।
କୋଇଲି, ଠିକ କଥା ଜାଣି ନ ପାରିଲି,
ଠକ ଯତି କରେ ପୁଣି ଫଳ ଭିକ୍ଷା ଦେଲି ଲୋ, କୋଇଲି ।
କୋଇଲି, ଡଙ୍ଗରୁ ରାବଣ ବଡ଼ ଦୁଷ୍ଟ,
ଡାହାଣ ଭୁଜକୁ ମୋର ଧରିଲା ପାପିଷ୍ଠ ଲୋ, କୋଇଲି ।

କୋଇଲି, ଚଳଣ ଘୁଞ୍ଚିଲ ଆକାଶକୁ,
ଚଳେ ରଥ ଶୂନ୍ୟେ ଆସି ମିଳିଲା ତାହାକୁ ଲୋ, କୋଇଲି ।
କୋଇଲି, ଆଣି ମୋତେ ରଥରେ ବସାଇ,
ଆକାଶ ମାର୍ଗରେ ରଥ ନେଲା ତହୁଁ ବାହି ଲୋ, କୋଇଲି ।
କୋଇଲି, ଲଙ୍କରେ ତା ରାଜ୍ୟରେ ମିଳିଲା,
ତହୁଁ ଅଶୋକ ବନରେ ମୋତେ ଲୁଚାଇଲା ଲୋ, କୋଇଲି ।
କୋଇଲି, ଆଣ୍ଠୁ ଜଗି ସହସ୍ରେ ଅସୁରୀ,
ସ୍ଥାନ ଟିକଏ ନ ଥାଏ କରିଥାନ୍ତି ଘେରି ଲୋ, କୋଇଲି ।
କୋଇଲି, ଏକା ଘୃଣ ଦୂର ମୋର ଏକା,
ଏନ ନ ସହଇ ଶତ୍ରୁରେ ମଣି ଏକା ଲୋ, କୋଇଲି ।
କୋଇଲି, ଧାତା ମୋତେ ଏତେ କଷ୍ଟ ଦେଲା,
ଧରାଇ ଅସୁର ଘରେ ବନ୍ଦୀ କରାଇଲା ଲୋ, କୋଇଲି ।
କୋଇଲି, ନାହିଁତ ଦେଖଣା ରଘୁନାଥ,
କନିଷ୍ଠରେ ମୃଗ ମାରି ଆସି ଦେଖ ଭ୍ରାତ ଲୋ, କୋଇଲି ।
କୋଇଲି, ପର୍ଣ୍ଣକୁଟୀ ଦ୍ୱାରେ ଡାକୁଥିବେ,
ପଥୁର ପକ୍ଷୀଙ୍କୁ କଳ ଏଥ ସୀତା ଏବେ ଲୋ, କୋଇଲି ।
କୋଇଲି, ପୁଣି ଡାକୁଥିବେ ବନସ୍ଥଳି,
ପୁଷ୍ପିଙ୍କୁ ବୃକ୍ଷରେ କଳ ଏଥ ବନଦେବି ଲୋ, କୋଇଲି ।
କୋଇଲି, ବୋଲି ତେବେ ନ ଶୁଣିବେ ମୋର,
ବୋଲିବେ କେ ଦେଖିଲ ସୀତାକୁ ଆମ୍ଭର ଲୋ, କୋଇଲି ।
କୋଇଲି, ଖାଇ ଦେବ ବନେ ବୁଲୁଥିବେ,
ଭଲ ଲୋକ ଦେଖିଲେ ବାରତା ପଚାରିବେ ଲୋ, କୋଇଲି ।
କୋଇଲି, ମନ୍ଦିଆ ଦୁଆରେ ବନସ୍ଥଳି,
ମୋତେ ଡାକୁଥିବେ କାନ୍ତ ମୃଗଶାଳ ଥୋଇ ଲୋ, କୋଇଲି ।
କୋଇଲି, ଗାଈ ପିବା ପ୍ରାପ୍ତେ ଦେଖୁ ଥିବେ,
ମାଧବ ଯେ ଲଖେ ଯୁଗ ପରି ମଣିବେ ଲୋ, କୋଇଲି ।
କୋଇଲି, ଶୁଣୁଥିବେ ମୋର ନାମଧରି,
ଖଗ ଏକା ନୟନକୁ ବନ୍ଧୁଥିବ ବାରି ଲୋ, କୋଇଲି ।

କୋଇଲି, ଲଙ୍କାର ରାବଣ ଅଣିବାର,
ଲକ୍ଷ୍ମଣ ସଙ୍ଗତେ ଯାନ୍ତେ ବୋଲ୍ଲିଲ ବୋଡର ଲୋ, କୋଇଲି ।
କୋଇଲି, ଭାରତୀ ଘାଇଲେ ପ୍ରାଣନାଥ,
ବାଣ୍ଡବନ୍ଧ ବାନ୍ଧଣ ଆସିବେ ବେଳହ୍ରାଭ ଲୋ, କୋଇଲି ।
କୋଇଲି, ଶତ୍ରୁ ରାବଣଙ୍କୁ ବିନାଶିବେ,
ଶାନ୍ତିବାରି ବିଭୀଷଣେ ରାଜା କରାଇବେ ଲୋ, କୋଇଲି ।। ୨୦ ।
କୋଇଲି, ଶ୍ରୀରାମ ଲକ୍ଷ୍ମଣ ବେନିଭାଇ,
ସିନ୍ଧୁଘାଟ ପୁଷ୍ପବାଟୀ ଅଶ୍ୱାସନ୍ତ ମଧ୍ୟ ଲୋ, କୋଇଲି ।
କୋଇଲି, ଶୁଣିବୁ ତୋର ଲଙ୍କାରେ ପ୍ରବେଶ,
ସଙ୍ଗେ ନେଇ ସୋଇତେ ଚଳିବେ ନିଜ ଦେଶ ଲୋ, କୋଇଲି ।
କୋଇଲି, ହେବେ ମୋତେ ଦେଖି ଅଭିଷେକ,
ଭରତେ ଖଟିବେ ତାଙ୍କ ପାଶ ମନ୍ତ୍ରୀ ଲୋକ ଲୋ, କୋଇଲି ।
କୋଇଲି, ଯେବେ ରାମ ଅଯୋଧ୍ୟା ପ୍ରବେଶ,
ଏଥରେ ଭଣିଲେ ଗୀତେ ବଳରାମ ଦାସ ଲୋ, କୋଇଲି ।

*

# କମଳ ଲୋଚନ ଚଉତିଶା

## ବଳରାମ ଦାସ

କମଳ ଲୋଚନ ଶ୍ରୀହରି । କରେଣ ଶଙ୍ଖ ଚକ୍ରଧାରୀ ।
ଖଗ ଆସନେ ଖଗପତି । ଖଟନ୍ତି ଲକ୍ଷ୍ମୀ ସରସ୍ୱତୀ ।
ଗରୁଡ଼ ଆସନେ ମୁରାରି । ଗୋପରେ ରହିଲେ ବାହୁଡ଼ି ।
ଘନ କଠିନ ନଟବର । ଘଟଣ ଶ୍ରୀମୁଖ ସୁନ୍ଦର ।
ନନ୍ଦନନ୍ଦନ ଗୋପୀନାଥ । ଙ୍ଗୁଳିଠିକ ନରେ ଚନ୍ଦ୍ର ।
ଚନ୍ଦ୍ରମା ସ୍ୱାଦୁଳ ବଦନ । ଚୁମ୍ବିଲେ ଖଣ୍ଡେ ଦୁଃଖମାନ ।
ଛଟି ଲକ୍ଷ୍ମଣ ଶିରୋମଣି । ଛଟକେ ଆସିଲେ ରୁକ୍ମିଣୀ ।
ଜଗଜ୍ଜୀବନ ଦାଶରଥି । ଜାନକୀ ଦେବୀ ପ୍ରାଣପତି ।
ଝୀନ ଉଦର ଅଳକେଶୋଭ । ଝଟକେ ବନ୍ଧ୍ୟ ସ୍ୱାସ୍ଥ୍ୟ ଆଶ ।
ଞକେନ୍ଦ୍ରୀ ନଜେ ଚକ୍ରପାଣି । ଞ୍ଚୁରପିବା ନରେ ଦେଖି ।୧୦।

ଟେକଲେ ଦୂବ କରେ ଦାନ୍ତୁ । ଟାଣପଣେରେ ଭାଙ୍ଗେ ମେରୁ ।
ଠଣ ସୁନ୍ଦର ଶିରୋମଣି । ଠିକେ କମଳା ପାଦ ସ୍ୱଣୀ ।
ଡମ୍ବରୁଧର ପାଳୁ ସେବା । ଡରେ ଖଟନ୍ତି ସର୍ବ ଦେବା ।
ଢ଼ମ ପେ କଲ୍ପ ସଦ୍ୱେଷଂସ । ଢ଼ାଳେ ଅସୁର ଗଲ୍ପନାଶ ।
ଅନନ୍ତ ନାମେ ଅନ୍ତନାହିଁ । ଅଣ ଅପରେ ପାର ଦେଖୁ ।
ତପନ କୁଳେ ଅବତରି । ତାରିଲେ ଗଉତମ ନାରୀ ।
ଥିରପଣେ ମାନ୍ଧାତଳ । ଥିଯୁ ନ ଜାଣେ ବେଦପନ୍ତି ।
ଦଶଭୁ ଦାମୋଦର ମିତ୍ର । ଦଣ୍ଡକେ ଦେଖିଲ କୋଟିଅର୍ଦ୍ଧ ।
ଧରଣୀଧର ଶିରୋମଣି । ଧ୍ରୁବକୁ ନସ୍ତାରିଲେ ସୃଷ୍ଟି ।
ନୃସିଂହମାଧବ ମୁରାରି । ନଖେଣ ହିରଣ୍ୟ ବଦାରି ।୨୦।

ପରମାନନ୍ଦ ଚତୁର୍ଭୁଜ । ପୂରି ରହିଛ ସର୍ବ ଜୀବ ।
ଫୁଲ୍ଲପଣକୁ ନୋଡ଼େଇବ । ଫୁଲ ମାଳରେ ଦେଇଥିବ ।
ବାଳକ ବଧିକଲ ଦେବେନ । ବନ୍ଧି ବାନ୍ଧିଲ ଶିଶୁଜନେ ।
ଭଙ୍ଗିଲ ରକ୍ତମସ୍ତ ପୁର । ଭ୍ରାନ୍ତି ଘୁଞ୍ଚିଲ ଦେବଙ୍କର ।
ମାଉଳ ଅସତ୍ୟ ସ୍ୱବଣ । ମହିମା ତେଜ କଲୁ ବଖାଣ ।
ଯାଦବ ବଂଶେ ଜାତହୋଇ । ଜଗତ ଉଦ୍ଧାରିବା ପାଇଁ ।

ରଖିଲ ଜଳରେ ଗଜକୁ । ସଘେଣି ଛେଦିଲ ଗ୍ରାହକୁ ।
ଲାବଣ୍ୟ ମୂର୍ତ୍ତି ଲକ୍ଷ୍ମୀଧର । ଲକ୍ଷ କରନ୍ତି ସୁରନର ।
ଶ୍ରୀପତି ଶ୍ରୀକର ଶ୍ରୀଧର । ଶ୍ରିୟା ଦେବଙ୍କ ମନୋହର ।
ସଂସାର ଘଟରେ ଅଧମ । ସାଧୁଙ୍କ ହୃଦରେ ରତନ ।୩୦।
ଶ୍ୟାମସୁନ୍ଦର କଳେବର । ସଜଳ ମେଘ ପରସ୍ୱର ।
ହରି ବୋଲିଲେ ହରେ ଦୁଃଖ । ହରି ଆନନ୍ଦ ମହାସୁଖ ।
କ୍ଷମା ସାଗର ପୀତବାସ । ଭଜିଲେ ଜଗନ୍ନାଥ ଦାସ ।

# ଲକ୍ଷ୍ମୀ ପୁରାଣ

## ବଳରାମ ଦାସ

ଶୁଣ ହେ ନାରଦ ଏଣେ କହି ବଳରାମ
ମୃଗୟା ବିନୋଦେ ଯାଇଥିଲେ ଗୋବର୍ଦ୍ଧନ ।
ଯୋଗବଳେ ବଳରାମ ଏ କଥା ଜାଣିଲେ
ଡାକ କରି ଶ୍ରୀଧରଙ୍କୁ ଏମନ୍ତ କହିଲେ ।
ଦେଖ ଦେଖ କହ୍ନାଇ ତୋର ସ୍ୱଭିଆ ଆସୁଛି
ଛୁଇ ହୋଇ ଅଛଇ ସେ ଚଣ୍ଡାଳୁଣୀ ଘର ।
ଦାଣ୍ଡଘରେ ଥିବ ଲକ୍ଷ୍ମୀ ଭାଣ୍ଡଘରେ ଥିବ
ସ୍ନାନ ନ କରିଣ ବନ୍ଧୁ ଦେଉଳେ ପଶିବ ।
ଏକ୍ଷୁଟେ ପବୁଦନେ ଦେଖୁଛେ ପଶୁଛି
ଦୁଇଗୋଟି ଭାଇଙ୍କୁ ବିଟାଳ କରାଇଛି ।
ଦାରିଦ୍ର୍ୟ ଭଞ୍ଜନା ନାମ ଯେଣୁ ଅଛି ବହି
ଦରିଦ୍ରମାନଙ୍କ କଷ୍ଟ ନ ପାରଇ ସହି ।
ସୁଦଶା ନାମରେ ଏକବ୍ରତ ଯେ ତାହାର
ଏଥି ବ୍ରତ ଚଣ୍ଡାଳୁଣୀ ପୂଜିଲା ପ୍ରଭୁର ।
ଘରଦାରେ ଦାର୍ଶ୍ୟ ଯେବେ ଅଛୁରେ କହ୍ନାଇ
ସୁଣ୍ଡାଇ ସାହିରେ ଘର କରି ଦେବେ ଯାଇ ।
ଆନ୍ନ ବାଦ୍ୟ ମାନ ତାଙ୍କୁ ଦଣ୍ଡ ପଇଣ୍ଡାଇ ।
ଏମନ୍ତ ଧରଣୀ ଥିଲେ ଭଲ ଘର ନାହିଁ ।
ଗୋବିନ୍ଦ ବୋଇଲେ ଭାଇ ପଣ୍ଡିତାଇ ଦେବା
ଲକ୍ଷ୍ମୀ ପଣ ଘରଯାକୁ ଆଉ ନ ଆଣିବା ।
ସେ ଯେବେ ଦୋଷ କରିଛି ଏମନ୍ତ କହିବା
ସ୍ୱର୍ଗପୁର ଲୋକଙ୍କୁ ଡକାଇ ଶୁଣାଇବା ।
ଛାଟିଲକ୍ଷ ଟଙ୍କା ଦେଇ କାଳି କରାଇବା
ଆଜି ବେଳେ ପଣ ତାରୁ ଅପାନ୍ତ ଦେଖିବା ।
ଦେଉଳ ଭିତରୁ ତାକୁ ଦେବା ଘଉଡ଼ାଇ
ଏକଥା ପ୍ରମାଣ ତୁମ୍ଭେ ଶୁଣ ଜ୍ୟେଷ୍ଠ ଭାଇ ।

ନ ଜାଣି ସେ ଦୋଷକଲେ ; କିନ୍ତୁ ଲଳନା
ବାରେ ମାତ୍ର ଭ୍ରାତ ତାଙ୍କ ଦୋଷ କର କ୍ଷମା ।
ବଳରାମ ବୋଲୁଛନ୍ତି ଶୁଣ ଜଗନ୍ନାଥ
ତୋର ଲକ୍ଷ୍ମୀ ଥିଲେ ମୁହିଁ ରହିବଇଁ ନାହିଁ । ।୬୦।
ଛଇଶା ଅଟଳ ସିଳା ପାଦରେ ପାଣ୍ଡୋଇ
ଖଳଥିଲେ କୋଟି ଖର୍ପା ମିଳ ସେ ଧାରଇ ।
ଖର୍ପାଠାରେ ଲେଖ ସେବେ ଅଛିରେ କହାଇ
ଚଣ୍ଡାଳ ଘାଟରେ ସେ ନଅର ତୋଳ ଯାଇଁ ।
ମୋର ବଡ଼ ଦେଉଳକୁ ଆଉ ନ ଆସିବୁ
ମାଇପକୁ ଘେନି ଗ୍ରାମବାହାରେ ରହିବୁ ।
ଧିକ୍‌କାର ବଚନ ପ୍ରଭୁ ସହି ନ ପାରିଲେ
ଛୁଇଁଲ ବୋଲିଣ ରଙ୍ଗ ଅଧରେ କହିଲେ ।
ଦେଉଳର ସିଂହଦ୍ୱାରେ ପ୍ରବେଶ ହୋଇଲେ
ଊର୍ଦ୍ଧ୍ୱମୁଖ ହୋଇ ପ୍ରଭୁ ନିଃଶ୍ୱାସ ଛାଡ଼ିଲେ । ।୭୦।
ଶୁଣ ହେ ନାରଦ ଦେଖେ ଶ୍ରିୟା ଚଣ୍ଡାଳୁଣୀ
ପୂଜା କରୁଥିଲା ଲକ୍ଷ୍ମୀଙ୍କର ପାଦ ଦେଖ ।
ତାହାର ପୂଜାରେ ଦେବୀ ସନ୍ତୁଷ୍ଟ ହୋଇଲେ
ଯାଚିଣ ଅନେକ ବର ପ୍ରଦାନ ସେ କଲେ ।
କୁଟୀର ଖଣ୍ଡିକ ଥିଲା ଚଳୁଗର ବାସ
ଲକ୍ଷ୍ମୀ ଦୟା କଲେ ତାକୁ ଦେବ ଆବାସ ।
ଯେଉଁ ଚଣ୍ଡାଳୁଣୀ ଘରେ ନ ଥିଲା ଅନ୍ନ
ଲକ୍ଷ କୋଟିଣ ଦେଲେ ତାକୁ ଶୁଦ୍ଧ ସେ ସୁବର୍ଣ୍ଣ ।
ଯେଉଁ ଚଣ୍ଡାଳୁଣୀ ଘରେ ନ ଥିଲା ବସ୍ତ୍ର
ଲକ୍ଷ୍ମୀ କୃପା କଲେ ତାର ହେଲା ପାଟବସ୍ତ୍ର । ।୮୦।
ଧନ ସମ୍ପଦରେ ପୂର୍ଣ୍ଣ ବୋଲିଣ ହୋଇଲେ
ଘର ଦେଖି ସେଠାକୁ ଯଜେ ଜଣ ଗଲେ ।
ଲକ୍ଷ୍ମୀ ସେବି ଚଣ୍ଡାଳୁଣୀ ହେଲା ଭାଗ୍ୟବନ୍ତୀ
ଏବେ ଶୁଣ ହେ ନାରଦ ଅପୂର୍ବ ଚରିତ୍ର ।

ସିଂହ ଦୁଆରେ ଧଇଲୁ ଲକ୍ଷ୍ମୀ ମହାଦେଈ
ଦେଖିଲେ ଦୁଆରେ ବସିଛନ୍ତି ଦେବ ଗଣ ।
ବୋଇଲେ ସେ ବାଟ ଗୁଡ଼ି ଭିତରକୁ ଯିବ
ଦଣମୀ ଯୋଗାଡ଼ ମୂର୍ତ୍ତି ମଣୋହ୍ର ଗନ୍ଧବ ।
ଯୋଗିନୀ ବୋଇଲେ ଲକ୍ଷ୍ମୀ ହୋଇଲ ଏ ବାଇ ।
ଭୁଣ୍ଡାଳ ସାହିର ଯାଇଥିଲ କାହିଁପାଇଁ । ।୬୦।
ଆମ୍ଭେ ନ ଦେଖୁଣୁ ସେ ଦେଖିଲେ ଜ୍ୟେଷ୍ଠ ଭାଇ
ଆମ୍ଭେ ଦେଖିଥିଲେ ଯିବା ଜଣାଇ ଗୋଡ଼ାଇ ।
ଯାଅ ଲକ୍ଷ୍ମୀ ତୁମ୍ଭରେ ମୋ ଆଉ କାର୍ଯ୍ୟ ନାହିଁ
ଧୂକାର ବହୁତ ମୋତେ କଲେ ବଡ଼ଭାଇ ।
ଦାଣ୍ଡଦ୍ୱାରେ ଥିବ ଲକ୍ଷ୍ମୀ ଥିବ ଚାଣଦ୍ୱାରେ
ସ୍ନାନ ନ କରି ପଶୁଛି ଦେଉଳ ଭିତରେ ।
ତୋ ଠାରୁ ଚାଟିମା ଆଉ ସଂସାରରେ ନାହିଁ
ମୋହର ବଚନ ଏବେ ଶୁଣ ପ୍ରାଣସଖା ।
ଜଗତେ ବୋଲନ୍ତି ତୋତେ ବାଇ ଠାକୁରାଣୀ
ବାଇ ପ୍ରାପ୍ତେ ବୁଲୁଥାଉ ହୋଇ ମୋ ଘରଣୀ । ।୭୦।
ଏକ ଘର ଭଙ୍ଗି ସହସ୍ର ଘର ଭଙ୍ଗି
ସହସ୍ର ଘର ଭାଙ୍ଗି ଏକ ଘର ଭଙ୍ଗି ।
ଏମନ୍ତ ପ୍ରକାରେ ଲକ୍ଷ୍ମୀ ମହିମା ତୋହର
ଯାଅ ଲକ୍ଷ୍ମୀ ବାହାର ଗୋ ନ ଆସ ମୋ ଘର ।
ତୋହଠାରେ କୋପ କରିଛନ୍ତି ଜ୍ୟେଷ୍ଠ ଭାଇ
ଲକ୍ଷ୍ମୀ ଦେଈ କହୁଛନ୍ତି ଠାକୁରଙ୍କୁ ଚାହିଁ ।
ଘୁଡ଼ୁପଟ ଦେଲ ମୋତେ ଧଅ ପଣ୍ଡାଇ ।
ଜଗନ୍ନାଥ କହୁଛନ୍ତି ଲକ୍ଷ୍ମୀ ମୁଖ ଚାହିଁ ।
ଆମ୍ଭ ବାଣରେ ତୋ ଘୁଡ଼ୁପଟ ଚଳେ ନାହିଁ
ଘୁଡ଼ିବା ସମ୍ପଦର ମୁଖ ଚାହିଁ ନ ହୋଇଲ । ।୮୦।
ଲକ୍ଷ୍ମୀଦେଈ କହୁଛନ୍ତି ଠାକୁରଙ୍କୁ ଚାହିଁ
ଯେତେବେଳେ ସାଗର ମନ୍ଥିଲ ଚକ୍ର ଥାଇ ।

ଦେବ ଋଷ୍ୟାଦି ସଙ୍କେତ ମୋତେ ଯେ ଗାଇଲ
ସେତେବେଳେ କଥା ନ ହେ ପ୍ରାଣେଶ୍ୱରି ଦେଲ ।
ମୋର ପିତା ବରୁଣ ଯେ ତୁମ୍ଭଙ୍କୁ କରିଲ
କନକ ବେଗରେ ନେଇ ବନ୍ଧା ଜଗାଇଲ ।
ହିଅ ଦେଇ ଶରଣ ପଶିଲ୍ଲ ତୁମ୍ଭଠାଇଁ
ଦଣ୍ଡ ଦୋଷ ମୋର କ୍ଷମା କରିବାର ପାଇଁ ।
ଦଶକୋଟି ଦୋଷକୁ ଯୋଡ଼ିଏ ନ ଗଣିଲ
ପ୍ରଥମରେ ଲକ୍ଷ୍ମୀ ରୁକ୍ମିଣୀ ବୋଲି ଜାଣ ଦେଲ ।
ଶଙ୍ଖ ବାପୁଡ଼ନ ଜୁଆ ଖେଳିବାର ବେଳେ
ସାତବେଳ ହାରିଣ ଯେ ପାରିଲଙ୍କ ଭଳେ ।
ତୁମ୍ଭେ ଛାଡ଼ିଅ ନାଥ ମୋହର ହସ୍ତରେ
ସୁବର୍ଣ୍ଣ କଙ୍କଣ ମୁଣ୍ଡି ଜାଳିଲଇଁ କରେ ।
ଛଡ଼ାଇ ନ ପାରି ତୁମ୍ଭେ ବ୍ରହ୍ମାଣ୍ଡ ଠାକୁର
ମୋତେ ବୋଇଲ ଯା ଇଚ୍ଛା ମାଗି ନେଉ ବର ।
ଯାହା ମନ ବାଞ୍ଛା ମୋ କରିବୁ ବାଇଦେଶ୍ୱ
ତାହା ମୁଁ ଅବଶ୍ୟ ଦେବ ଶୁଣ ପ୍ରାଣପ୍ରିୟ ।
କରପତ୍ର ଯୋଡ଼ିଣ ମୁଁ ବୋଇଲି ଉତ୍ତର
ସାବଧାନ ହୋଇ ଶୁଣ ବ୍ରହ୍ମାଣ୍ଡ ଠାକୁର ।
ଅସ୍ତୁଦେବ ପଡ଼ିବ ମୋହର ଶୁଭବାର
ପଞ୍ଚ ତରଣିର ମୁହିଁ ସବୁରଙ୍କ ଘର ।
ପଞ୍ଚ ତରଣିକ ଆଗୁଁ ବ୍ରହ୍ମା ଶଙ୍ଖପତ୍ରେ
ଏଣୁ ଦୋଷ ମୋର ପ୍ରଭୁ ନ ଧରିବ ଚିତ୍ତେ ।
ଅବ୍ୟକ୍ତ ବ୍ରହ୍ମ ଯେବଣ ଧ୍ୟାନ, ବିଷ୍ଣୁ ମାୟା ତାଙ୍କ ନ ଜାଣନ୍ତି ଆନ ।
ବ୍ୟାସ ମହାମୁନି ଭବ ଉଦଣ୍ଡ, ପୁରାଣ କଲେ ଅଷ୍ଟାଦଶ ଖଣ୍ଡ ।
ଷାଠିଏ ଲକ୍ଷ ବଖାଣିଲେ ଗ୍ରନ୍ଥ, ସେହୁ ନ ଜାଣିଲେ ତଥୁ ତଦନ୍ତ ।

ତପବନେ ଅବା ହୋଇଲେ ଭେଟେ, ସେ ଭାଷ୍ଟି ଜାଣିମେ ସମ୍ଭବ ଦେବଟେ ।
ବ୍ରହ୍ମା ସେ ବେଦ ବଖାଣିଲ୍ଲ ମୁଖେ, ବ୍ରହ୍ମାଣ୍ଡମାନ ଉପାଇଲ୍ଲ ସୁଖେ ।
ସଂସାର ଅବା ଜଗତ ରଚନା, ସେ ସୃଷ୍ଟି ପ୍ରଭୁଙ୍କ ସେବକ ଯିନା ।
ନାଭି କମଳରୁଂ ଭୁବନ ଗୋଟି, ଶୋଭାଏ ବଜର ସେବକଥା ସେଟି ।୩୦।
ଏବ ପରତେ ଆଚରିଲ ଯନ୍ତ୍ରଂ, ବେଦର ଅଧିକାରୀ ହୋଇଲେ ତନ୍ତ୍ରଂ ।
ପରମଧାମ ସେ ଜାଣିମ ଭାଷ୍ଟଂ, ସେକଥା ବ୍ରହ୍ମାଙ୍କୁ ଗୋଚର ଭାର୍ଣ୍ଣି ।
ବେଦ ଭିତରେଣ ସୃଷ୍ଟି ଗାରଚନା, ନିର୍ବାଣ ଯୋଗ୍ନ ବେଦ ଯନ୍ତ୍ରଂ ବଣା ।
ବ୍ରହ୍ମା ସେ ସର୍ଜିଲ୍ଲ ସକଳ ଜୀବ, ଚାଳନ୍ତି ବସ୍ତୁ ସଂସାରେ ଶିବ ।
ନିର୍ବେଦ ଘରେ ଶବଦ ଭେଦ, ଶବଦ ଘନ୍ତ୍ର ସର୍ଜିଲ୍ଲ ବେଦ ।
ବେଦ ହୋଇଲ୍ଲ ସେ ମୋ ତନ୍ତ୍ରଂ ଆଗ, ବେଦାନ୍ତ କହେ ଜ୍ଞାନଦେଶ ଭାଗ ।
ଏମାନେ ଯନ୍ତ୍ରଂ ଜାଣି ନ ପାରିଲେ, ନିରଞ୍ଜନ ବୋଲି ନାମ ଧଇଲେ ।
ବେଦ ଆଦି ହୋଇଂ ତନ୍ତ୍ରଂକ ନାହିଂ, ତନ୍ତ୍ରଂକ ଆନ ପଛାକୁର ଭାର୍ଣ୍ଣି ।
ଆକର ସେତେକ ଗ୍ରନ୍ଥ ପଢ଼ିବା, କଣ ଜ୍ଞାତ୍ୟ ବୋଲି ତାହା ଗ୍ରହିବା ।
ବଦ୍ୟା ପଢ଼ିବା ଧନଲୋଭେ ସେଟି, ବଦ୍ୟାନ୍ତୁଂ ଉଠେ ଗର୍ବ ବୋଲି ସେଟି ।୪୦।
ଗଛ ବୃକ୍ଷ ବନ ସ୍ଥମ୍ଭ ପ୍ରସିଦ୍ଧି, ପ୍ରଚଣ୍ଡ ରୂପ ସେନ ଜଳଧାଧି ।
ଭୂତ ପ୍ରାଣ ଧନ ବୃଦ୍ଧି ଗାବନ, ସବୁନ୍ତ ସବୁ କରିଅଛୁ ମନ ।
ଅଶେଷ କୋଟି ତପାଚର ଜଣି, ବସ୍ତୁ ମହାସ୍ଥିତ ମନ ଜାରେଣୀ ।
ଏକାମନ ତେଜ ସୃଷ୍ଟି ଗାତନା, ମନକୁ ମନ ମୁଢ଼ପରେଣ ବଣା ।
ସଂସାର ମାୟା ଅଭିବନ୍ଧ ଧନ, ଏଣନ୍ତାକୁ ସ୍ୱଷ୍ଟଂ ଦେଖନ୍ତା ଅଛ ।
ମଣିଷ ନ ପାଇ ବସ୍ତୁର ମାୟା, କେତେ ପୃଥିବୀ କେତେ ଜାଣ୍ଟଂ ଜାୟା ।
ଜାନ୍ତୁଂ ସଞ୍ଚରଇ ଲୁଚଇ ଜାଣ୍ଟଂ, ଅନୁକରି ତାହା ଜାଣନ୍ତା ନାହିଂ ।
ଜଗତ ଭିତରେ ଜନ୍ତୁ ଅପାର, ମାନବ ଜନ୍ମ ସବୁ ତନ୍ତ୍ରଂ ସାର ।
ଗଜ ଆଦି ବଣ୍ଣ ଘଟ ସନ୍ତୃତି, କେତେ ଜନ୍ତୁ ନାହିଂ ସବୁ ଜଗତେ ।
ଅନ୍ୟ ଜନ୍ତୁମାନେ ଅଛନ୍ତି ସେତ୍ତଂ, ସୃଷ୍ଟି ଗାରଚନା ନ ଜାଣନ୍ତି ସେତ୍ତ ।୫୦।
ଶୀତ ଅପାତ ଦୁଃଖସୁଖ ନାନା, ସବୁ ରଚନା ମାନବର ସିନା ।
ଭୂତ ଭବିଷ୍ୟ ବର୍ତ୍ତମାନ ବଧି, ଏଣୁ ମାନେନ କରିଅଛୁ ସିଦ୍ଧି ।
ଯାବତ ପ୍ରକାରେ ସେତେ ସେମାନ, ସବୁ ବଦ୍ୟା ମାନେ ମାନେକ ସେକ ।
ସୁଜନମାନେ ସାବଧାନେ ଶୁଣ, ଶୁଦ୍ଧ ତରଳନ ସବେକ ଗୁଣ ।

କେତେକ ଗଢ଼ିଲ ମାନବ ଦେହ, ଆପଣା କାର୍ଯ୍ୟ ନ ଚଳିଲେ କେହ ।
ଏ ଜନ୍ମ କଷ୍ଟ ଅକାରଣ ମୂଢ଼, ଗର୍ଭ ଖଣ୍ଡରେ ହେବ ମାୟାମୋହ ।
ଅତ୍ୟନ୍ତ ଦାସ ଭକ୍ତର ହେତେ, ଏ ଦେହ ଲଭିଲ କାରଣ ମୋତେ ।
ଅନେକ ପୁଣ୍ୟ କରିଥିଲି ଯହିଁ, ମାନବ ଶରୀର ଲଭିଲି ତହିଁ ।
ଏହାକୁ ଯେବେ ଆନ ଜନ୍ମ ହୋନ୍ତୁ, ଏତେମାନ ହେବୁ କାହିଁ ଜାଣନ୍ତୁ ।
ନାନା କଲ୍ମଷୁଜ ଭଗ୍ନ ଭବ, ଏତେବେଳକୁ ହେଉ ମୋତେ ଲଭ ।

ମୁହିଁ ଯେ ଜଣେ ହୋଇଁ ଅଛି ଲେଖା, କେବେ ଆତ୍ମଭାବ ମୋହର ହେବା ।
କୁମାର ଯୁବା ଯେ ବୃଦ୍ଧ ଅବସ୍ଥା, ଏହି ଦେହ ମୋର ତିନ ଅବସ୍ଥା ।
ଶିଶୁ ହୋଇଥିଲି ବାଲ୍ୟତ ଭାବେ, ସେ କଥାମାନ ପାସୋରିଲି ଏବେ ।
ସମସ୍ତେ ଶିଶୁ ପୁଅଙ୍କର ସଙ୍ଗ, ଦିନ କଟିଲି ଖେଳି ଖେଳ ରଙ୍ଗେ ।
ଚାଟ ଅନ୍ତରେ ମୁଁ ପଢ଼ିଲି ପାଠ, ଶୋଭାଏ ଜାଣିଲି ବିଦ୍ୟାର ବାଟ ।
ବିଦ୍ୟାର ବଳେକେ ବୁଦ୍ଧି ବଢ଼ିଲା, ଅବିବେକ ପଣ କିଛି ଛାଡ଼ିଲା ।
କେବଳ ବିବେକ ଯହିଁ ଜାଣିଲି, ମୋହୋ କଥାକୁ ମୁଁ ପରମାଣିଲି ।
ଏମନ୍ତ ବସ୍ତୁର କଲି ମନକୁ, ସଂସାର ଭଲକୁ ଧନ ଜନକୁ ।
ମୁହିଁ ସଂସାର ସଙ୍ଗେ ଅଛି ମତ୍ତ, ମୋତେ ଅବା କଣ ପାଇଲ ଲୋଡ଼ ।
ମୁହିଁ ଅବା କଣ ଲୋଡ଼ିଲି ଛାଡ଼, ସେ ମୋହର ସଙ୍ଗେ ହୋଇଛି ଜଡ଼ ।

ଜନ୍ମ ମରଣ ହେବା ଯୋଗ ଲେଖା, ହେବାରୁ ନ ଥିଲେ ମୁଁ କାହିଁ ଲେଖା ।
ମୃଗତୃଷ୍ଣା ଜଳେ ମୀନ ଲୋଡ଼ିଲି, ସ୍ୱପନ ଧନକୁ କୁଣ୍ଢି ଆଇଲି ।
ବନ୍ଧ୍ୟା ପୁତ୍ରେଲେକ ଚନ୍ଦ୍ରମା ପାଇ, ଖଣ୍ଡୁଣୀ ବାନ୍ଧିକ ସ୍ୱର୍ଗକୁ ଯାଇ ।
ମୋତେ ଅବୋଧର ମୋହର ଦେହ, ଜଟେ ସେବି ଶିବା ହେତେ ମାୟାମୋହ ।
ହେଉ ଦେହ ଛାଡ଼ିଲେ ସହିଁ ଗଲି, ଏବେ ଯହିଁ ଅଛି ସହିଁ ଅଲି ।
ଯିବ ପାଇବ ସତଗୁରୁ ଘଟା, ହେତେକ ମାତ୍ର ଜାଣିବାକୁ ଇଚ୍ଛା ।
ଭିକ୍ଷା ପାଇଁ ଅଛି ଶରୀର ଦେଖି, ନ ପୁଣ ଦେହ ନ ପାରଇ ରଖି ।
ସୁଗତ କୁଗତ ମୋହୋଦାର ମୂଳ, ମୋହ କଲି କର୍ମ ମୋତେ ହେଁ ଶୂଳ ।
ମୁହିଁ ଆବୋରିଲି ବସ୍ତୁ ବନ୍ଧ, ମୋହୋର ମୋତେ ହୋଇଲାକ ମନ୍ଦ ।
ଅବର ପ୍ରତକ୍ଷେ ଦେଖିଲି ଯାହା, ଶାସ୍ତ୍ର ବମକର କହିଲେ ତାହା ।

ମୋହର ଦେହଁ ଦେଖୁ ଯେତେ ଗଲେ, ଜଣେହେଁ କେହି ବାହୁଡ଼ି ନଇଲେ ।
ହେତେ ମାୟାମୋହ କ୍ଷଣକେ ଛାଡ଼, ଯେତେକ ମଲେ ନଇଲେ ବାହୁଡ଼ ।

ଯେତେ ସ୍ୱାଇଁ ତେତେ ସ୍ୱାଦ୍ କନା, ସବୁ ଜାଣିଲ ଏହୁ ମତ ପିଣ୍ଡା ।
ଏହୁ କଥାମାନ ମନରେ ଗୁଣି, ଶରୀର ବ୍ୟଥା ପାଇଅଛୁ ପୁଣି ।
ସ୍ୱଭେମାନ ଦେହ ପାଇ କେତେକେ, ଏଥିକୁ ଶଙ୍କା ନ କରିବା କେବେ ।
ବିଦ୍ୟା ସ୍ୱପନ ସମ୍ପଦ ଧନ, ଦେହ ଥିଲେ ପିଣ୍ଡା ଥିବ ଏମାନ ।
ସବୁ ଭଜିଲେ ଦେହଥିଲେ ପାଇ, ଦେହ ଭଜିଲେଟି ପ୍ରସାଦୁ ପାଇ ।
ବ୍ରତ ଉପାସନା ତୀର୍ଥ ଗମନ, ଶରୀର କରଥି ନାନା ବିଧିମାନ ।
ବେଦ ପୁରାଣ ସ୍ମୃତି ଯେତେ ମଣ୍ଡି, ପୁଣ୍ୟ ପାପ ଯେତେ ମୁକ୍ତି ନ ଖଣ୍ଡି ।
ଜନ୍ମ ଜନ୍ମାନ୍ତର ବାସନା ପାଇ, କଳପଣା ସୁଖ ଦୁଃଖ ଦେହ ସଇ । ୯୦ ।
ଜନ୍ମ ମରଣ ଯେ ଦେହର ବିଧି, ଆତ୍ମା ଅବିନାଶ ସର୍ବଦା ସିଦ୍ଧି ।
ଆତ୍ମାକୁ ପରତେ ଯେବଣ ବୁଧା, ଇନ୍ଦ୍ରଜାଲ ମାୟା ଦେହ ବୁଝୁଥା ।
ଭଜ ପଡ଼ିଲେ ମନ ଛେଦ ସନ୍ଦଂ, ବେଦାନ୍ତ ରୂପେ ପ୍ରକାଶିଲ ଚନ୍ଦଂ ।
ଦେହ ଅନ୍ତେ ଶାବ ସମ୍ବନ୍ଧ ଗଲା, ସେ କଥା ଜାଣିଲେ ନ ବୋଲ ମଲା ।
ଏବେ ମାଣିକ ବସ୍ତୁ ରଇଁ ଅଛୁ, ଏ ଦେହ ଯେମନ୍ତେ ନାଶ ନ ଯାଉ ।
ଚଣ୍ଡୀ ମହାଶକ୍ତି ଗାରେଣ୍ଡୁ ମନ୍ତ୍ର, ଔଷଧ ମୂଳିକା କୁଟୁଣି ଯନ୍ତ୍ର ।
ନବ ନାଟକ ଜାଇବଣ ଆଦି, ଉଦର ପୋଷନ୍ତେ ଯେମାନ ସାଧି ।
ପାଞ୍ଚିଣ ଶଲ୍ଲୋକନ ବର୍ଣ୍ଣନଥାସ୍ତି, ବୃଦ୍ଧ ଉପେକ୍ଷି ହୋଇଛୁ ବନସ୍ଥି ।
ଯୋଜନାଏ ବନ୍ତେ ଦେଶାନ୍ତର ଯାନ୍ତି, ସାଥି ଶବଦରେ ଯୋଜନାଏ ଥାନ୍ତି ।
କଷ୍ଟ କଲ୍ପନା ଶାସ୍ତ୍ର କାଟି, କେତ୍ତୁ ଧରାମ୍ବର ପିନ୍ଧେ କର୍ପଟୀ । ୧୦୦ ।
କେବା ସବ୍ଦେ ନାମ ଉଚ୍ଚାରନ୍ତି, ଅନ୍ନ ଛାଡ଼ି କେବା ଦୁଗ୍ଧ ପିଅନ୍ତି ।
ଅନେକ ମତେ କଳର୍ଥନ୍ତି ଭାଏ, ମୁକ୍ତି ବଞ୍ଛବାକୁ ନାହିଁ ଉପାଏ ।
ଏକମାତ୍ର ଅଛୁ ଚିଦାନନ୍ଦ, ଧ୍ୟାନ ଜାଣିଲେ ଅଜାମର ଭବ ।
ଆବର ସବୁ ଉପାଳମ୍ଭ ପିଣ୍ଡା, ନିର୍ବାଣ ମୁକ୍ତି ଜ୍ଞାନର ଖଣ୍ଡନା ।
ତେଣୁ ମୋ ମନ ନ ଛୁଟଇ କାହିଁ, ସୁଖ ଧନଂସେ ଲୋଡୁଥାଇ ତାହିଂ ।
ସିଦ୍ଧର ସାଧନେ ଗୁଣ ପ୍ରସାଦେ, ସମ୍ପ୍ରତି ଜାଣିଲ ଆତ୍ମାର ଭେଦେ ।
ସୁଜନ ମାଂନଙ୍କ ସଙ୍ଗ ପ୍ରସାଦେ, ଯେ ଦେହ ଛେଦିଲ ବୁଦ୍ଧି ବିବାଦେ ।
ଅନେକ ଦୁଃଖେ ଲୋଡୁଥିଲ ଯାହା, ଅତି ନିକଟରେ ପାଇଲି ତାହା ।
ଆପଣା ବିବେକ ହୃଦରେ ଆଣି, ଭସ୍ମର କଲି ମନେମନେ ଭାଣ୍ଡି ।
ଆବର ବିଶେଷ ଗୁରୁ ଭଜିଲେ, ସେହୁ ଦେହ ସେବାଥିବୁ ବୋଲଇଲେ । ୧୧୦ ।

ସ୍ୱଦେବ ପ୍ରୀତିକି ହୋଇଲ ଶାନ୍ତ, ଯେସଣେ ସେ ଗର୍ଜି ମାରୁଥିଲ ଭ୍ରାନ୍ତି ।
ଏତେ ଚରିତେ ଅପୂର୍ବ ମତେ, ମରଣ ଜିଣିଲ ସ୍ନେହ ବଚନେ ।
ଅପାର କାରୁଣ ହୋଇଲ ଜନା, ଏକା ଅବସ୍ଥରେ ଜନଇଂ ଜନା ।
ସ୍ୱରୂପ ଲମ୍ପଟେ ଶଙ୍କର ଜଡ଼, ବୃନ୍ଦାବନ ଦେଖ ସ୍ୱପନରେ ଚଢ଼ ।
ଏ ଜଡ଼ ସତ୍ତ୍ୱଂ ଅବୋଧିଲ ଆସି, ତେଣୁ ତତ୍ତ୍ୱଂକ ନ ପାରିଲ ପଶି ।
ସେ ମହା ଜଡ଼ ଛେଦିବାର ପାଇଂ, ମୋତେ ମନକୁ ପ୍ରେରିଲେଂ ମୁହିଂ ।
ସୁଜନମାନେ ସାବଧାନେ ଶୁଣ, ଶୁଦ୍ଧ ଚଇତନ ଅନେକ ଗୁଣ ।
ଶବଦ ବ୍ରହ୍ମ ସଂହିତା ବଚନ, ମନର ଆଗେ ଜୀବର ଚେତନ ।
ସୂର୍ଯ୍ୟ ବଂଶେଣ ମଧ୍ୟପଦ ସାର, କପିଳ ରୁଦ୍ର ନୃପତି କୁମାର ।
ଶ୍ରୀ ପୁରୁଷୋତ୍ତମ ନୃପ ତନୁଜା, ପ୍ରତାପରୁଦ୍ର ଦେବ ମହାରଜା ।୧୨୦।
ଉତ୍କଳେ ଆନ ନାହିଂ ଉପମା, ସପତ ଦ୍ୱୀପ ପୃଥ୍ୱୀ ଯାର ସୀମା ।
କେବଳ ଗୁଣ କହିବା ତାହାର, ଜପ ତପ ଜ୍ଞାନ ସତ୍ତ୍ୱଂ ବାହାର ।
କଳେ ଅନନ୍ତ ଭୂଲେ ପ୍ରବେଶ, ଅଇଲେ ବୃତାନ୍ତ କରେ ଆଶ୍ରିତ ।
ସେ ମହାରାଜାଙ୍କ ପଟଣ ଅଙ୍କେ, ଦେବ ବ୍ରହ୍ମ ମୁଁ କଲି ନିଶଙ୍କେ ।
ସିଦ୍ଧି କେତେକ ପଟାନ୍ତର ନାହିଂ, ଜନ୍ମ ମରଣ ବିବର୍ଜିତ ଯହିଂ ।
ମନ ଚଇତନ୍ୟ ଯାହା ସମାଧି, ଅଷ୍ଟାଙ୍ଗ ଯୋଗ ସାଧନାର ଆଦି ।
ବ୍ରହ୍ମବଚନ ଅଷ୍ଟରତ୍ନ ଯୁତ, ଭ୍ରାନ୍ତି ଅନ୍ଧକାରେ ବୋଧ ପ୍ରଦୀପ ।
ଯେବଣ ଜନେ ଅନୁଭବେ ରତ, ସେହି ସେ ଜାଣଇ ତଥ୍ୟ ତତ୍ତ୍ୱ ।
କମଳାପତି ନୀଳଗିରି ବାସ, ପରମ ଜ୍ୟୋତି ସ୍ୱରୂପେ ପ୍ରକାଶ ।
ସେ ଯାଇଂ କଣ୍ଠରେ କଲେ କରୁଣା, ତେଣୁ କରି ମୋତେ ପଦ ପ୍ରସଂଗୁଣା ।୧୩୦।
ଶବଦ ବ୍ରହ୍ମ ସଂହିତାର ବାଣୀ, ଆରମ୍ଭ ଯୋଗେ ଭେଟାଇଲେ ଆଣି ।
ଇତି ଶ୍ରୀ ମନ ଚୈତନ୍ୟ ସମ୍ବାଦେ, ଶବଦ ବ୍ରହ୍ମ ସଂହିତା ପ୍ରବୋଧେ ।
ତତ୍ତ୍ୱ ବ୍ରହ୍ମ ଏବଂ ମନ ଚେତନା, ଅଚ୍ୟୁତ ଦାସେ କଲେ ରଚନା ।

('ସ୍ୱରଖାନ'ରୁ ଗୃହୀତ)

*

# ଭଜନ

## ଅଚ୍ୟୁତାନନ୍ଦ ଦାସ

(୧)

ଅମଳ କମଳ ଚରଣକୁ ମନ ଭ୍ରମର ତୁ ଭଜି ଯାରେ
କମଳା ସେବିତ କୋମଳ ଚରଣେ
ନିରନ୍ତରେ ଡୁବୁ ଥାଆରେ ।

ଯେଉଁ ପାଦ ପଦ୍ମେ ଅଷ୍ଟାଦଶ ଚିହ୍ନ
ଗଙ୍ଗା ଆଦି କୋଟି କୋଟି ତୀର୍ଥ ମାନ
ବସ୍ତି ଅଛି ସଦା ଅକ୍ଷୟ ଅମୃତ
ପାନ କର ତୁ ମଜ୍ଜାରେ । । ୧ ।

ଯେଉଁ ପାଦ ଲାଗି ଅହଲ୍ୟା ମୁକତ
ଯେ ପାଦ ଧୋଇ ପାଇଲା ଜଳଧି
ସେହି ପାଦେ ଥାପି ରାବଣର ଭାଇ
ଲଙ୍କା କଣ୍ଟକେ ରାଜା ରେ । । ୨ ।

ଯେଉଁ ପାଦ ସେବି ଋଷି ମାର୍କଣ୍ଡ
ପ୍ରଳୟ ଜଳରେ ଦେଖିଲେ ବ୍ରହ୍ମାଣ୍ଡ
ସେହି ପାଦେ ଲେପି ଅଗୁରୁ ଚନ୍ଦନ
ସୁନ୍ଦରୀ ହେଲା କୁବୁଜାରେ । । ୩ ।

ବାଳି ଜାମ୍ବବାନ ସୁଗ୍ରୀବ ହନୁମାନ
ଯେଉଁ ପଦ୍ମପାଦେ ପଶିଲେ ଶରଣ
ସଂସାର ଜଳରେ ତରି ଉଦ୍ଧାରଣ
ସେହି ପାଦେ ରଖି ଯାଆରେ । । ୪ ।

ଯେଉଁ ପାଦପଦ୍ମେ କଲି ଯୋଗଲୟ
ମୃତ୍ୟୁକୁ ଜିଣି ଅଚ୍ୟୁତ ମୃତ୍ୟୁଞ୍ଜୟ
କୃତାର୍ଥ କରନ୍ତି ସେ ପଦ ଅଭୟ
ଭଜି ଚିତ୍ତକୁ ମଜ୍ଜାରେ । । ୫ ।

ପୁରାଣେ ବର୍ଣ୍ଣିଲେ ବ୍ୟାସ ମୁନି ଶୁକ
ଯାହା ଗାଉଛନ୍ତି ସନକ ଜନକ
ତ୍ରୈଲୋକ୍ୟ ନାଥ ସେ ମୁକତି ଦାୟକ
ମୋକ୍ଷ ପାଇବୁ ଧ୍ୟାନରେ । ।୨।

ସାଧୁ ସଙ୍ଗ କର ନ ଭଜ କୁ ଆନ
ସତସ୍ତ୍ର ଦନ କମଳେ ନିରଞ୍ଜନ
ଅନନ୍ତ ଅଚ୍ୟୁତ ଦେଖିବା ପ୍ରତ୍ୟକ୍ଷ
ଛଡ ମନ କୁ ବୁଝାରେ । ।୨।

(୨)

ଅଶୂନ୍ୟ ହୋଇଣ ସେ ଥିଲେ ଏକ ସ୍ଥାନ
ଅଦଭୁତ ସ୍ୱରୂପେ ହୋଇଲେ ଏକ ଶୂନ୍ୟ ।
ସେହି ଶୂନ୍ୟ ମଧ୍ୟରେ ସେ ନିରାକାର ସ୍ଥିତି
ନିରାକାର ଅଙ୍ଗରୁ ପରମ ବ୍ରହ୍ମମୂର୍ତ୍ତି ।
ପରମ ବ୍ରହ୍ମଠାରୁ ପ୍ରକାଶିଲେ ଧ୍ୱନି
ସେ ଧ୍ୱନି ପ୍ରକାଶିଲା ସେ ଓଙ୍କାର କଲା ଧେନ ।
ଚତୁଃଭାଗେ ବ୍ରହ୍ମରନ୍ଧ୍ରେ ହୋଇଣ କବାଟି
ଅର୍ଦ୍ଧମାତ୍ରା ମଧ୍ୟରେ ବଜ୍ରକଳା ପାଳିଟି ।
ପ୍ରବଳ ଷଡ଼ଚକ୍ର ଅଧଃ ଉର୍ଦ୍ଧ୍ୱ ଠାଇଁ
ପଶି ନ ପାରଣ ଭଣ୍ଡି ନେଉଛନ୍ତି ବାଇ । ।୧୦।
ସେ ବାୟୁ ନେଉଛନ୍ତି ବର୍ତ୍ତନ ଭଙ୍ଗାଣି
ଲାଗିଲେ ଲୟ ଜ୍ୟୋତି ମଣ୍ଡଳକୁ ପୁଣି ।
ଶ୍ୱେତ ଜଳଜ ଉପରେ ଲାଗିଲେ ଲୟ
ଲୟ ଲାଗନ୍ତେଣ ସେ ଦିଶିଲା ଶୂନ୍ୟମୟ ।
ଶୂନ୍ୟ ଦେଖନ୍ତେଣ ସେ ଅଶୂନ୍ୟ ରୂପ ହୁଏ
ଅନନ୍ତ ଅଚ୍ୟୁତ ସୁ ଗୁରୁ ଆଜ୍ଞାକର ନିଏ ।

(୩)

ଆରେ ଭଜ ମନ !
ଭଜି ପାରିଲେ ପାଇବୁ ଦରଶନ ।

ତିନି ସଙ୍ଗମରେ ଧୂନି ଜଳେ । ଧବଳ ଶଙ୍ଖରୁ ଲହୁ ଝରେ
ଝାଉଁଅଛି ଜୀବ ପରମ ସଙ୍ଗରେ, ଧପାଦେଉଅଛି ନିରନ୍ତର ।
ତ୍ରିବେଣୀ ବହୁଛି ତିନି ଧାର । ଚନ୍ଦ୍ରା ନଦୀକୁ ଅସ୍ଥି କର
ବଙ୍କନାଳେ ପାଣି ଉଠିବ ଉଛୁଳି, ଉଡ଼ିଯିବ ତୋର ହଂସ ଜଳେ ।
ତ୍ରିବେଣୀ ନଦୀ ପଶ୍ଚିମେ ଯାଇ । ତ୍ରିକୂଟ ସନ୍ଧରେ ଅଛି ଅଣ୍ଡା
ସେହି ଅଣ୍ଡାରୁ ଶବଦ ଯାଉଛି, ଯୋଗୀ ନ ପାରନ୍ତି ଭେଦି ଦେଖି ।
ଦେଉଳ ଭିତରେ ଦେଖ ଠାକୁର । ଦେବତା ଅଛନ୍ତି ବସି ବସି
ଦେଉଳେ ଯିବେ ପଶିଲେ ଦର୍ଶନ ପାଇବୁ, ମୋକ୍ଷ ହୋଇଯିବ ପିଣ୍ଡ ତୋର । ।୧୦।
କହଇ ଅଚ୍ୟୁତ ଗୁରୁଜ୍ଞାନ । କୃଷ୍ଣ ପାଦପଦ୍ମେ ଦେଇ ମନ
ସଦା କରୁଅଛି ଏହି ନିବେଦନ, କୃପାକର ମୋତେ ସାଧୁଜନ ।

(୪)

ଜ୍ୟୋତି ଭିତରେ ଏକ ଜ୍ୟୋତି ଅପଣ୍ଡା ସ୍ଥାନ
ନିର୍ଦ୍ଧାର ମନରେ ଭଜସ୍ୱ ଭଗବାନ ହେ ।
ନିତ୍ୟ ନିରଞ୍ଜନ ସେ ପରମ ପାଶେ ଯାଇ
ଶୂନ୍ୟ ବର୍ଣ୍ଣ ମୂର୍ତ୍ତିରେ ଜ୍ୟୋତି ଉପଜଇ ।
ଏକଇ ତତ୍ତ୍ୱରେ ଭଜ ଅଦୃଶ୍ୟ ମୂର୍ତ୍ତି
ତତ୍ତ୍ୱ ଅମୃତ ଝରି ବ୍ରହ୍ମାଣ୍ଡରେ ବ୍ୟାପି ହେ ।
ସେହି ରଜ ତମ ଗୁଣ ପାଦରୁ ଉପତି
ସେ ପାଦେ ସେବକ ଦୀନ ଗାମରୁ ଅଚ୍ୟୁତ ହେ ।

(୫)

ଧୀର ମନରେ, ବସି ଅବଧା ଧନ ।
ଅବଧା ବନ୍ଦିଲେ ଅମାପ ମାପିବୁ, ଶୂନ୍ୟରେ ତୋର ହୋଇବ ଧ୍ୟାନ ।
ଅମାବାସ୍ୟା ନିଶିରେ ଟୋକ କଳା ଚନ୍ଦ୍ର, ପ୍ରତିପଦା ନିଶିରେ ଚନ୍ଦ୍ର ଦର୍ଶନ
ଅବଶିଷ ଘଣ୍ଟି ପ୍ରଘାତ ଜନଇ, ଯାଗ ତେଜେ ଅଣସ୍ୱାସ ପ୍ରବନ ।
ଅଣାକାର ଘରେ ନାମ ସଂକୀର୍ତ୍ତନ, ଶବ୍ଦରେ ନାଶ୍ଚି ଭବ ଭଜନ
ଗଗନ ଚୂଆ ଦେଖ ଫଣୀ ଶୋଉଛନ୍ତି, ବ୍ୟାଘ୍ର ଅଛି ତାକୁ ଏଣ ଶୋଇନ ।
ନର୍ତ୍ତକ ଜଳରେ ଖର୍ଣ୍ଣୁଛନ୍ତି ହଂସ, ଅଥଳ ଜଳେ ଫଣୀ ଆସନ
ସୁରମେଘ ଯୋଡ଼ି କଲେ ଜଳ ବୃଷ୍ଟି, ମରୁଭୂରେ ବୃଷ୍ଟି ହେଲେ ପବନ ।
ଶୂନ୍ୟରେ ଶୂନ୍ୟରେ ଦେଉଳ ହୋଇଛି, ଦେଉଳ ଗୋଟିକ ଜଳେ ନିର୍ମାଣ
ଏମନ୍ତ ଦେଉଳ ଭବାଣୀ ଗଢ଼ିଛି, ଅମୁଦା ଦେଉଳେ ବଣ୍ଟ ଦର୍ଶନ । ।୧୦।
ନିର୍ଦ୍ଦ ନର ଘର ବନ୍ଧ ଦେଲେ ସ୍ୱାର, ବାଟରେ ବସି କରନ୍ତି ସେବନ
ଧରଗଲେ ସ୍ୱାର ହୋଇବ ଅମର, ଭଣଇ ଅଚ୍ୟୁତ ମୂର୍ଖ ଅଜ୍ଞାନ ।

(୬)

ବାଉନ ହୋ, ବସି ହଂସକୁ ଦେଖ
ହଂସ ଉଡ଼ିଗଲେ ବୃକ୍ଷ ଦେଖା ।
ମୋକ୍ଷା ଗୋଟିକ ବୃକ୍ଷ ତୌଲକ
ତହୁଁ ଖାଉଅଛି ଅଣ୍ଡିର ହଂସ ।
ଶୁଣିଲି ମୋକ୍ଷା ମାରେ ଲଙ୍ଘ
ତମ୍ଭ ଅଛି ଚୂଆ ଗଲାଣି ଉଡ଼ି ।
ତମ୍ଭ ଗୋଟିଏ ଏକ ଏକ ଚୂଆ
ଦୁଇଙ୍ଗା ହୋଇଲେ କଷ୍ଟକ ଏହା ।
ସର୍କୁ ମସ୍ତ୍ର ଲା କରୁଛି ତୋଲ
ସୂର ବୃକ୍ଷେ ଅଛି ମନାର ଫୁଲ । ।୧୦।

ଏକ ଦେଉଳରେ ଦଶ କବାଟ
କେଉଁଠାରେ ଅଛି କନକ ଘଟ ।
ଶୂନ୍ୟରେ ବାନ୍ଧି ବାଜୁଅଛି ବୀଣା
କେଉଁଠାରେ ଅଛି ଗୋ'ପ ପାଟଣା ।
ଗୀତ ଷଡ଼ପଦ ଅର୍ଥ ବସ୍ତୁତ
ଭାବରେ ଭଣିଲେ ଦାସ ଅଚ୍ୟୁତ ।

(୭)

ବୋହୂ ବାଳ ଅବକାଶରେ, ଖେଳଇ ଚାରି ଜଣରି ।
ଚାରି ଜଣ ଘୁଞ୍ଚ    ତେଶରକୁ ଗମିଲେ
ବୋହୂର ପୁଣିକ ପାଳ ।
ଏ ଚାରି ଭିତରେ    ପୁରୁଷ ଖେଳଇ
ସେ ଚାରେ ଖେଳଇ ବୋହୂ
ବୋହୂ ପୁଅ ଦୁହେଁ    ଭଲାଟ ପାଲଟ
କାରଣ ନ ପାଇ କେହୁ ।    । ୧ ।
ବାହାରରେ ଚାରି    ଭିତରରେ ଚାରି
ଚାରି ବନ୍ଧଣରେ ଘର
ଅକାରଣ ବୋହୂ    କାରଣ ନ ପାଇ
କଲା ଚାରି ଚାରି ଘର ।    । ୨ ।
ପୁଅକୁ ବସାଏ    ଶରଷ ଘାଟେଏ ସେ
ବୋହୂ ତ ଖୋଜ ବରଷୀ
ପଦଣ ଖେଣ୍ଡିଆ    ସେନ କରି ବୋହୂ
ଖେଳ ଖେଳୁଥାଇ ବସି ।    । ୩ ।
ବୋହୂ ମୋର ଧନ    ବୋହୂ ମୋ ଜୀବନ
ବୋହୂ ଲାଗି ଏତେ ସବୁ
ପ୍ରାଣର ଅଚ୍ୟୁତ    ଭାବରେ ଭଣିଲେ
କରି ଭବ ଜନ୍ମ ପାରି ।    । ୪ ।

(୮)

ହେ ମନ ସିନା ଚଞ୍ଚଳା ମୂରତି, ହେ ମୂଢ଼ମତି ।
ମନ କହେ ଚଇତନ ହେଉଛରେ ଦେଖ ତୁ ବୁଝ
ହେ ଚକ୍ଷୁ ଦୃଷ୍ଟ ଦେହଦଣ୍ଡ ତଣ୍ଡିବ ନାହିଁ ଶମନ
ଶନକାଦି ମୁନି ଧ୍ୟାଉଛନ୍ତି, ହେ ମୂଢ଼ମତି । ।୧।
ନ ଶୋକ ତତ୍ତ୍ୱାର କୃଷ୍ଣ ଦେଖିଲ ତୋହ୍ନା ନ ଭୂଷ
ପ୍ରାଣନା ଦର୍ଶେ ନ ସ୍ନାନ ନ ଯା ବୃନ୍ଦାବନ ଘୋଷ
ନ ଯା କୁଞ୍ଜ ପ୍ରୟାଗ, ହେ ମୂଢ଼ମତି । ।୨।
ହେ ଶିବ ଧୂତେ ନ ଧର ଜଟକ ମାଳା ନ କର
କଣ୍ଠା କଉପୁନ ନ ଧର ଭସ୍ମ ଅଙ୍ଗ ପରିହର
ଗଙ୍ଗା କୂଳେ ନାହିଁ ସଦଗତି, ହେ ମୂଢ଼ମତି । ।୩।
ଆତ୍ମାରେ ଆତ୍ମାକୁ ଦେଖ ଦେଖିଲେ ପାଇବୁ ସୁଖ
ତୋର ଦେହେ ଭୁବନ ଦେଖ ଅଣ୍ଡପିଣ୍ଡ ଜଗତ
ଭଣେ କହେ ଦାସର ଅଚ୍ୟୁତ, ହେ ମୂଢ଼ମତି । ।୪।

(୯)

ଗଜପତି ! ମୋ ଦୁଃଖ ନ ଗଲା ଯେ
ତୁମ୍ଭେ ଗଜପତି ମୋ ବନ୍ଧୁ ହୋଇଲେ
ମୋ ବନ୍ଧୁ ହୋଇବ କେ ।
ଗଜପତି ବୋଲି ଯାହାକୁ କହନ୍ତି
ସେହି ତ ପରମ ଯୋଗୀ
ଦୁଃଖୀ ଲୋକଙ୍କର ଦୁଃଖ ନିବାରଣ
ସୁଖୀ ଲୋକଙ୍କର ଭୋଗୀ । ।୧।
ଏତେ ଆରତରେ ମୁଗୁଣୀ ଶାକର
ଭକ୍ତକୁ ଦେଖିଲ ହରି
ମୁଗୁଣୀ ଆରତ ଦେଖି ଜଗନ୍ନାଥ
ତାହାରି ମାନ ରଖାଇ । ।୨।

ତୁଳସୀର ଜଟ ତୁଳସୀ ମୁକୁଟ
ତୁଳସୀ ଭୂଷଣ ହୋଇ
ତୁଳସୀ ଚହିଁର ପାଶେ ଅନାଇଲେ
ମାନଟପ୍ପ ଦିଶୁଥାଇ । ।୩।
ଅବମାର ଘର ସଙ୍କଟ ପଡ଼ିଲା
ପଥରକୁ ଜଳ ହେଲା
ଅକୂଳ ସମୁଦ୍ରେ ମୋ ଭେଳା ଭାସୁଛି
ପାରକର ଦୟାଢୋକା । ।୪।
ସମୁଦ୍ର ତଟରେ ପକ୍ଷୀ ଅଣ୍ଡା ଦେଲା
ଡମ୍ଭ ନେଲା ରତ୍ନାକର
ସପ୍ତ ଡମ୍ଭ ଭାର ଜଳରେ ଭାସିଲା
ପାରିକର ଚକ୍ରଧର । ।୫।
ଚକ୍ଷୁକୁ ଦେଖନେ ପିଚୁଡ଼ା ଆଦେଶ
ଭକ୍ତକୁ ଚେନ୍ଦ୍ରୁ ଗୋସାଇଁ
ଧାନ ଅଚ୍ୟୁତ ସେ ଭାବରେ ଭଣିଲେ
ପ୍ରଭୁପଦ ତଳେ ଥାଇ । ।୬।

*

# ରାମ ବିଭା

## ଅର୍ଜୁନ ଦାସ

(ରାଗ-ମଙ୍ଗଳ ଗୁଜ୍ଜରୀ)

ବୋଲନ୍ତି ଦେବ ମାର୍କଣ୍ଡ ଶୁଣ ଧର୍ମରାଜେ
ବିଶ୍ୱ ବର୍ତ୍ତାଲକ୍ଷଣ ଯାତ ମଙ୍ଗଳାର୍ଥେ ଯାଏ ହେ ।
ଜନକ ଅନେକ ଧନରତ୍ନ ଅଳଙ୍କାର
ଜଣେ ଜଣେ ଅଷତ ଦେଇ ଦେଲେକ ଅପାର ହେ ।
ଚନ୍ଦନ ବାସ ତାମ୍ବୁଳ ଫୁଲମାଳି ଥୋଇ
ମହାରାଜାଠାରୁ ଦେଲେ ବଳେଣିଆ ଯାଏ ହେ ।
ସବୁଙ୍କୁ ପ୍ରବୋଧନା କଲେ ସନମାନ
ଧନ ରତ୍ନ ସୁନା ରୂପା ଅନୁକ୍ଷଣ ଦାନ ହେ ।
ଜନକଙ୍କୁ ରାଇ ଦଶରଥ ରାଏ ବୋଲି
ଅଯୋଧ୍ୟାକୁ ବିଜୟ କରିବା ଆମ୍ଭେ କାଲି ହେ ।
କୁମାରମାନଙ୍କୁ ବେଳରେ ଶିବା ସଜ କର
ତୁମ୍ଭେ ଆମ୍ଭେ ଭିନ୍ନ କେ'ଲ ମନେ ନ ବିଚାର ।
ରାମ ତୁମ୍ଭ କୁମର ସେ କୁମାରୀ ସୀତା ମୋର
ମିଥିଳା ଅଯୋଧ୍ୟା ଆଉଁ ଏକାଇ ନଗର ସେ ।
ଶୁଣି ଅତି ଅତି ରାଏ କଲେ ବେଳ ଆଖି
ଆକୁଳ ହୁଅନ୍ତି ଦଶରଥ ରାଏ ଦେଖି ସେ ।
ବହୁଳଣ ରାଏ ସେହି ଦିବସ ରହିଲେ
ବାଟ ନଗରକୁ ଆଗ ଚାଲିଅଏ ଚଲେ ଯେ ।
ମାଳଣୀ ନଣୋଷ୍ଟି ଯାଇ ପହୁଞ୍ଚିଲେ ରାତି
ଟମକ ବାଜିଲା ଯହୁଁ ହୋଇଲା ଗାହାନ୍ତି ସେ ।
ଶୁଭଳକ ଘୋଳ ଲୋକେ ଦେଖନ୍ତି ସଜ
ସୁନାର ମୁକୁଟ ଶିରେ ସବୁ ମଣ୍ଡଳକ ସେ ।
ସୁନାର ଶିକୁଳ ସୁନା ଘଣ୍ଟି ଗାଟ ନେତ
ଦେଖି ଗାଲୁଣରେ ଲମ୍ବେ ଶ୍ୱେତ ଚାମରନ୍ତି ସେ ।

ଛାଞ୍ଚ ମାଣ୍ଡି ମୁଦଗର ଉଚ୍ଚ ମଳସ୍ଥଳ ଛଡ଼
ଘୋର ହସ୍ତ ଉଚ୍ଚଯନ୍ତ୍ରେ ଲମ୍ବେ ଘୁଲଇଁଷ ଯେ ।
ସୁବେଶ ହୋଇଣ ଗଜ ଯୋଦ୍ଧାମାନେ ଆସି
ହୁଙ୍କାରିଣ କହନ୍ତି ବସି ଜାତେ ଗାଦ ଖୋଷି ଯେ ।
ଚଲ୍ଲଣିଆ ବାଜୁ ପରିଡ଼ାଏ ସଜ ହୋନ୍ତି
ଅଗଣିତ ତୁରଙ୍ଗ ସମସ୍ତେ ପିନ୍ଧି ଜାଳ ଯେ ।
ମଣିମୟ ବାଟର ସୁମରୁ ଶ୍ୱେତ ଦେଖ ।
ଲୁଚା ଛଡ଼ିଆଳ ବଳ ସୁନାରେ ନିର୍ମିତ ଯେ ।
ସାରଥିମାନେ ମଣ୍ଡିଲେ ସବୁ ରଥବର
ଅବାଧକ ବିଜୟ ନ କଲେ ପୁରନ୍ଦର ଯେ ।
ସୁଦୃଢ଼ ଘଣ୍ଟି ଧାଗୁଞ୍ଜି କୁସୁମ ମାଳ ମାଳ
କନକ କଳସେ ଚନ୍ଦନ ପ୍ରଚଣ୍ଡ ଉତ୍ସବ ଯେ ।
ଚତୁରଙ୍ଗ ବଳ ସଜ ହୋଇଣ ଅଇଲେ
ଦଶରଥ ରାଜା ଆଗେ ବଶିଷ୍ଠେ କହିଲେ ଯେ ।
ଶୁଭଲଗ୍ନ ହୋଇଲା ଆପଣେ ବିଜେକର
ଶୁଣି ବରବେଶ ହୋଏ ରଘୁବଂଶବର ତହ ।
ଅନ୍ତଃପୁରେ ପଶିଣ କନକ ମଣ୍ଡପନ୍ତ
ଯତ୍ତି କୁମାରଙ୍କ କୋଳେ ଦେଖ ଉଆଡ଼ନ୍ତି ହେ ।
ସଁଭସର ନଅନରୁ ବହେ ଶାରଧାର
ଆକୁଳ ସମସ୍ତ ସୀମନ୍ତିନୀ ଅନ୍ତଃପୁର ଯେ ।
ଜାନକୀର ମୁଖ ଦୃଷ୍ଟି ବୋଲନ୍ତି ବଚନ
ଭୁଞ୍ଜେ ତମା ସୁଖକ୍ଷମ.ସ୍ୱ ଜୀବନ ଜୀବନ ଯେ ।
ମିଥିଳା ଛାଡ଼ିଣ ଆଜ ଅଯୋଧ୍ୟାକୁ ଦେବ
ମତି ଶାଦ ସେହ ପିତାମାତା ନ ଦେଖିବ ଯେ ।
ଶୁଣି ମଇଥିଳୀ ଜଦଗଦ ଗୁଲୁ ଶୋକ
ଦେଖିଣ ଘେଦନ୍ତି ଅନ୍ତଃପୁରେ ଯେତେ ଲୋକ ହେ ।
କେ କର ପଣେନ୍ତି ଆଉ କରେ ଲୁହ ପୋଛି
ବୋଲନ୍ତି ଏମନ୍ତ ପର ବନ୍ଧୁ ଗଢ଼ିଅଛି ଗୋ ।

ସାନ ସାନ ସଖୀମାନେ ବେଢ଼ି ସେବୁଛନ୍ତି
କୁରଙ୍ଗୀନୟନା କୁଳ ଅଙ୍ଗନେ ଶୋଭନ୍ତି ଗୋ ।
କୋଳକରି ସୁଖ କୁମାରଙ୍କ ସୁଖ ମାଏ
କଥା କହୁ ଶୋଭୁଛେଲ ଅଧର ଜନ୍ମ ସୁଧ ଗୋ ।
କ୍ରୋଧ ସମ୍ବରଣ ଅଙ୍ଗ ଦୁଃଖେ ଭଞ୍ଜାଉନ୍ତି
ସିଂସା ସଂସାରକୁ ଏକା ଅଭୁତ ପ୍ରୀତି ଗୋ ।
ଶାଶୁ ଶ୍ୱଶୁରଙ୍କ ମନ ରଞ୍ଜି ଭୁଞ୍ଜନ୍ତି ଥିବ
ଯାନ୍ତି ବନସ୍ତ ଦେହେଲେ ମନେ ନ ଧରିବ ଗୋ । ।୬୦।
ସୁଖେ ଦେହ ସ୍ୱାମୀ ତ ବୋଲଣ ସେବା କରି
କରନ୍ତେ ତାହାର ବୋଧକୁ ସୀତା ଭରି ।
ତା ଭକ୍ତି ଦେବତା ଆନ ସୁଦଶଙ୍କ ପାଇଁ
ସବୁ ପାଶୋରନ୍ତି ଏକା ପତିସେବା ପାଇଁ ଗୋ ।
ପତିସେବା କଲେ ପତିବ୍ରତା ବୋଲି ଜାଣି
ପତିସେବା କଲେ ଲଭ ପରଲୋକ ଶ୍ରେଣୀ ଗୋ ।
ପତିଦ୍ରୋହ କଲେ ସୁଦଶଙ୍କି ଶାସ୍ତ୍ର ନାହିଁ
ପତିଶାପ ସୁଦ୍ଧ ଆନ ଗତି ଅଛି କାହିଁ ଗୋ ।
ପତିଙ୍କି ସନ୍ତୋଷ କଲେ ସର୍ବଦେବେ ତୋଷ
ସକଳ ଭୁବନେ ତାକୁ ସ୍ତୁତେ ସାଧୁଘୋଷ ଗୋ । ।୭୦।
ଏତେକ କହିଣ କୁମାରଙ୍କୁ ସଙ୍ଗ କରି
ସଶ୍ମିନ ଦୁଆରେ ଦୋଳ ସାଧୋଜା ଉଦ୍ଧରି ସେ ।
ଏକ ସୁଖାସନେ ବର କନଆନ୍ତ ବସି
ଜୟ ଜୟ ବୋଲି ଦେବେ ପୁଲକ୍ତ ବରଷି ସେ ।
ଦଶରଥ ଘୁମୁରେ ଜନକ ଆସି ହୋଏସ୍ତୁ
କରଯୋଡ଼ି ଧନସ୍ତୁ ବଡନମାନ କହନ୍ତି ସେ ।
ଭୂମ କୃତ୍ସ୍ନରେ ମୁଣ୍ଡି ଆଜନ୍ମ ମିଶିଲା
ମହିତ ବୋଲଣ ସୀତା ଶରଣ ପଶିଲ ହେ ।
ବାଳୁତ କୁମାରୀ ମୋର ବୁଦ୍ଧିଟୋଟି ଜେମା
ଏହାଙ୍କର ଦୋଷ କଲେ କରିବାକ କ୍ଷମା ହେ । ।୮୦।

ପ୍ରଣାମ କରଣ ଦଶରଥ ନରପତି
ବିନୟ ବଚନେ ଜନକଙ୍କୁ ପ୍ରବୋଧନ୍ତି ଯେ ।
ବାଜିଲାକ ଢମକ ନିଶାଣ ସାରବାଜା
ବାହୁଡ଼ା ବିଜୟ କଲେ ଅଯୋଧ୍ୟାର ରାଜା ଯେ ।
ଆଗୁ ଆଗୁଆଣି ହୋଏସ୍ତ ଅନେକ ସଇନ
ମଧ୍ୟରେ ସ୍ୱର କୁମର ସ୍ୱର କନ୍ୟା ଗେଳ ଯେ ।
ଧୂଆଁ ଧୋଇଁ ହୋଇଣ ମିଥିଳା ନରନାରୀ
ଶ୍ରୀରାମ ସୀତାଙ୍କୁ ଦେଖି ସାଧୁ ସାଧୁ ଭଣି ଯେ ।
ପଛେ ସମନ୍ତ୍ର ଘେନି ଅଯୋଧ୍ୟା ନୃପତି
ହେମନ୍ତ ପ୍ରକାରେ ସଙ୍ଗେ ଲକ୍ଷଣ ଆସନ୍ତି ଯେ । ।୯୦।
ଏକ ରଥେ ଜନକ ନୃପତି ଦଶରଥ
କଥା ହୋଇ ଗଲେ ଭର୍ତ୍ତି ଯୋଜନେକ ପଥ ଯେ ।
ଜନକଙ୍କୁ ବାହୁଡ଼ାଇ ଅଯୋଧ୍ୟାର ରାଏ
ସାରଥିକୁ କହାଇଣ ରଥେ ଚଳି ଯାଏ ଯେ ।
ଭୟ ସ୍ଥାନେ ଥାଇଣ ଶୁଣିଲା ପଶୁରାମ
ବୋଲେ କେଉଁ କ୍ଷତ୍ରୀ ଗୁରୁ ଧନୁ ଭେଦେ କର୍ମ ଯେ ।
କମ୍ପିଲା ଅଧର କ୍ରୋଧେ ଅରୁଣ ନୟନ
ପ୍ରଳୟ ପବନ ପ୍ରାୟେ ଶ୍ୱାସ ଘନ ଘନ ଯେ ।
ଧୀରେଣ ଉଠନ୍ତେ ସାତସିନ୍ଧୁ ଦ୍ୱୀପ ଟଳ
ପୁରନ୍ଦର କଟକେ ଉଠିଲା ହାକହାକ ଯେ । ।୧୦୦।
ଧରଣୀ ଚମକ ଦେଖେ ଦାବାଗ୍ନିଟ ମାର
ମେରୁ କ ଭଗ୍ନ ଗାତ୍ରେ ସମୁଦ୍ରେଣ ପଡ଼ ଯେ ।
କୂର୍ମ ଶଙ୍କ ଶିର ସଙ୍କୁଚେ ବାସୁକି
ସମାଧି ଭାଙ୍ଗିଲା ମୁନି ଦେବପୁର ଶଙ୍କି ଯେ ।
ପବନ ନ ବହେ ଡରେ ନିଶ୍ୱାସର ତାପେ
ମହୀଧରୀ ଦୂଲୁ ଦୂଲୁ ଗଜାଗଣେ କମ୍ପେ ଯେ ।
ରାମଙ୍କୁ ଲକ୍ଷିଣ ପଶୁ ବୋଲଇ ଉତ୍ତର
ଅପାର ବାଳେ ଜନକ ପ୍ରଭୁଙ୍କ ତୋହର ।

ଦଶରଥ ସଦନ ସଭରେ ଶୁଣିଲେ ଗୋଳ
ସୂଅ ସୂଅ ହୋଇ କୋଳ ପାରନ୍ତି ଶୃଗାଳ ହେ ।
ଅକାଣ୍ଡ ବରଷେ ମାଉ ରୁଧିର ପ୍ରଖର ।
ଦେଖି ଦଶରଥ ସ୍ୱପ୍ନେ ହୋଇଲେ କାତର ଯେ ।
ଅଇଲ ଅଇଲ ବୋଲି ପଣ୍ଡଳ ଧାନ୍ତି
ପଳାଅନ୍ତି ରଥ ଗଜ ବନଗିରି ମାଡ଼ି ହେ ।
ଶିରେ କର ଦେଇ ଦଶରଥ ନୃପବର
ଏବେ ହଜାଇଲି ରାମ ମୋ ପ୍ରାଣ ଈଶ୍ୱର ହେ ।
ବୋଲେ ଦଶରଥ ବିଶ୍ୱାମିତ୍ର ମୁଖ ଚାହିଁ
କେବୁଝି ଲୁଚାଇଲୁ ଏବେ ରାମ ରକ୍ଷା ହୋଇ ହେ ।
ଶିଶୁ ମୃଗପୁତ୍ର ଯେହ୍ନେ ବନସିଂହ ଧାଇଁ
ଭକ୍ଷିବାର ଦନ୍ତୁ କାହିଁ ଶୃଗାଳ କବୁରି ହେ ।
ସୁକୁମାର ଦେଖିକ ବପୁ ରଘୁନାଥ
ମାଳତୀର ମାଳ ଯେହ୍ନେ ମାଳୀର ହାତ ହେ ।
ଶିରୀଷ କୁସୁମ କାହିଁ କୁଳିଶ ପତନ
ହେଲେ ହରାଇଲି ରାମ ଅମୂଲ୍ୟ ରତନ ହେ ।
ଶ୍ୟାମଳ ସୁନ୍ଦର ରାମ କମଳ ଲୋଚନ
କହେ ମୃଦୁ ସଞ୍ଜଭ ଅମିୟ ବଚନ ହେ ।
ସୁରଙ୍ଗ ଅଧର ରାମ ମନ୍ଦ ମନ୍ଦ ହାସ
ସ୍ୱପ୍ନେ ଦେଖିବି ଏବେ ଏହାର ବିନାଶ ହେ ।
ବୋଲିଲ ଗାଧିଜ ମୁଁ ବୁଝିବ ଏକ୍ଷଣି
ଖାଇବ ଗରଳ ଜେଣୁ କରେ ଦେବ ଆଣି ହେ ।
ବୋଲେ ଗାଧିସୁତ ଭୂପେ ଶୁଣ ନୃପବର
ଅଜ୍ଞାନ ପ୍ରବୋଧ ରାମ ଦୂଷଣ ନ କର ହେ ।
ଭୂତଂଦେହ ଦେଖିଲୁ ଶିବ ଶରାସନ ଭାଙ୍ଗି
ଶିଶୁ ସିନା ରାମ ଜଗତ ଦୈତ୍ୟ ଭଞ୍ଜି ହେ ।
ଏକା କାଣ୍ଡେ ତାଡ଼କାର ଘେନିଲେ ପରାଣ
ଦଣ୍ଡ ଋଷି ଅହଲ୍ୟାକୁ ଦେଲେ ଜୀବଦାନ ହେ ।

ନରକାର କୃଷ୍ଣ ରାମ ଅବତାର ଲୀଳା
ପରେ ପରଭବକୁ ବୁଝିଲ ତୋର କଳା ହେ ।
ଲକ୍ଷେ ପର୍ଶୁରାମ ତାଙ୍କୁ ଲକ୍ଷ ପ୍ରାଏ ଥିଲା
ସାରଙ୍ଗର ଉପରେ ଶରଧ୍ରୁ ଯାଉ ବାନା ହେ ।
ସେମନ୍ତେ ମୂର୍ଚ୍ଛାରୁ ଯୋଗ ଦେଖେ ଅନୁସାର
ଭୂମିଷ୍ଠ ପ୍ରଣମିତ ହୋଇ ଶିରେ ଯୋଡ଼ି କର ହେ ।
ବୋଲିବ ହେ ଭୃଗୁପତି ନାହାକୁ ତୋ ଦ୍ୱେଷ
ତୋହୋରେ ପାଇଲ ବୃଦ୍ଧକାଳେ ଶୁଭଶିଷ ।
ବନସ୍ତେ କନ୍ଧିଲେ ତୋର ଭକତ ସେବକ
ପ୍ରସନ୍ନ ହୋଇଣ ତୋତେ ବାଟ ଛାଡ଼ିଦେବ ।
ଯେବେ ତୋର ବଚନ ଲଙ୍ଘିବ ପର୍ଶୁଧର
ଶ୍ରୀରାମ ଛାମୁରେ ଗର୍ବ ଲଙ୍ଘିବ ତାହାର ହେ ।
ଶୁଣି ଦଶରଥ ବଚସ୍ତ ମୂର୍ଚ୍ଛାରୁ ଯୋଗ
ପର୍ଶୁରାମ ଛାମୁରେ ସେ ଭରିଲ ବନ୍ଧନ ହେ ।
କର ଦୁଇ ଯୋଡ଼ିଣ ପଛରେ ଦଶରଥ
ଏତେକାଳେ ମୋହୋର ହୋଇଲା ସୁଷ୍ୟପୁଣ ହେ ।
ବୃଦ୍ଧକାଳେ ବଇକଣ୍ୟା ଦେଇଅଛୁ ଘର
ଏ ପୁଣ ଦୁହିଲ ଶର୍ଗୀଙ୍କର ସାରଥୀର ହେ ।
ଶ୍ରୀମନ୍ତ ପୂର୍ବ ମୋର ଅଟଇ ଶ୍ରୀରାମ
ତୋହୋର କୋପକୁ ଏଥି ଦୁହିଲ ଭଜନ ।
ଷଷ୍ଠିଙ୍କୁ ସେ ଏତେକାଳଣ ବାର ହାତ କଲ
ଅପୂର୍ବିକ ଦେଖି ମତେ ଅନୁଗ୍ରହ ଦେଲ ।
ତୁ ମହାପୁରୁଷ ମନ୍ଦ ଅବତାର ହର
କରୁଣାସାଗର ପର୍ଶୁ ଅବଧାନ କର ହେ ।
ଶୁଣି ପାଏ ପଡ଼ି ବସ୍ତୁ ଶିରେ ଯୋଡ଼ି କର
ପ୍ରସନ୍ନ ପରଶୁଧର କୋପ ଶାନ୍ତ କର ହେ ।
ସେ ତୋର ଚରଣ ରେଣୁ ଲଗୁ ରାମ ଶିରେ
ଶରଣ ପଶିଲ ରାମ ଏ ତୋର ପଦ୍ମରେ ହେ ।

ବସି ସେବେ ଭୃଗୁସୁତ ବୋଲେ ଶୁଣ ସ୍ୱାମି
ଯେମନ୍ତ କଥାରେ କି ଆମ୍ଭଙ୍କୁ ଭକ୍ତି ଥାଇ ।
ରାମ ବଶ ସାର ବୋଲି ଆମ୍ଭେ ଶୁଣିଥିଲୁ
ବାଟେଣ ବାରେଣ ସ୍ୱେଦ ଯୋଗେଣ ରହିଲୁ ହେ ।
ସ୍ୱଳ୍ପ ହେ ଦେଖିବା ରାମ କେତେକ ବସ୍ୱ
କେମନ୍ତ ପ୍ରକାରେ ଧରିଅଛି ସାର ଦେଶ ହେ । ।୧୭୦।
ଏତେ ବୋଲି ପର୍ଶୁରାମ କହିଲେ ନିଷ୍ଠୁର
ସର୍ବିସନ୍ତ ରଘୁନାଥ ଧାଇଲେ ଭୂଇଁତ ହେ ।
ଧାଇଁବାରେ ଧାଇଁଣ ଜନଙ୍କ ଶିଶୁରାମ
ଦେଖି ଦଶରଥ ରାମେ ହୋଇଗଲେ ଶ୍ୟାମ ହେ ।
ରାମଙ୍କୁ ଦେଖିଲ ସୁଖାସନରୁ ଉଠିଲ
ବୋଲେ ଅଛି ସୀତା ସ୍ୱୟଂ ଲକ୍ଷ୍ମୀ ଅବତାର ହେ ।
କରଯୋଡ଼ି ହୋଇ ରାମ ପ୍ରଣାମ ନ କଲେ
କୋପଭର ହୋଇ ପର୍ଶୁ ବଚନ ବୋଇଲେ ହେ ।
ଆହେ ରାମ ମହାଦେବ ଧନୁ ଭାଙ୍ଗିଲ ତୁତ
ଅପାର କାନନ ପିନା ହୋଇଥିଲା ଖଣ୍ଡ ହେ । ।୧୮୦।
ଯେ ଧନୁ ଭାଙ୍ଗିଣ ଯେବେ ଏତେ ଗର୍ବ କର
ଆଜ ଦେଖ ଜାଣିବା ବଳବୀର୍ଯ୍ୟ ତୁମ୍ଭର ହେ ।
ଏ ମୋର ମହିମା ତୋର ଶୁଣିନାହିଁ କାହିଁ
ଏକୋଇଶ ବାର ପୃଥ୍ୱୀ ନିକ୍ଷତ୍ର କଲଇଁ ହେ ।
କ୍ଷତ୍ରିଙ୍କ ରୁଧିର ମାଂସ ମସ୍ତକେ କୁଣ୍ଡ କଲି
ତର୍ପଣ କରିଣ ପିତୃଲୋକଙ୍କୁ ତୋଷିଲି ହେ ।
ଏକୋଇଶ ବାର ପୃଥ୍ୱୀ ଲୋକଙ୍କୁ ମାରିଲି
ଅପୁତ୍ରିକ ଦେଖି ତୋର ପିତାଙ୍କୁ ଛାଡ଼ିଲି ହେ ।
ତାର ପୁତ୍ର ହୋଇ ତୁମ୍ଭେ ଏତେ କଲ ହାଣ
ଆଜ ଦେଖ ଜାଣିବା ବଳବୀର୍ଯ୍ୟ ପରାକ୍ରମ ହେ । ।୧୯୦।
ଶୁଣିଣ ଲକ୍ଷ୍ମଣ ବୋଲେ ଶୁଣ ପର୍ଶୁରାମ
ଆମ୍ଭର ଛାମୁରେ କଥା କହ ପରାକ୍ରମ ହେ ।

ଏମନ୍ତ ଲକ୍ଷ୍ମଣ କହେ ପର୍ଶୁଙ୍କୁ ଉତ୍ତର
ତାହା ଶୁଣି ପର୍ଶୁରାମ କୋପେ ଘୂର୍ଣ୍ଣିତ ହେ ।
ଦେଖେ ରଘୁପତି ବୋଲେ କୋପେ ଥରହର
ଯେତେ କଥା କହ୍ନ ଯବୁ କଳର ବେଗର ହେ ।
ବୋଲନ୍ତି ଶ୍ରୀରାମ ତୁମ୍ଭେ ଶୁଣ ତପସ୍ବୀ
ଦୁଷ୍ଟ ଖଣ୍ଡ ପୁଅ ସେ କହିଲା ଗର୍ବ କଥି ହେ ।
ବୋଲେ ପର୍ଶୁରାମ ଦୁଷ୍ଟ ଖଣ୍ଡ ପୁଅ ଏହୁ
ଯେତେକ କହଇ ଏଥକଣୁ ହାତେ ସେହୁ ।
ପର୍ଶୁରାମ ବଚନ ଶୁଣିଣ ଲକ୍ଷ୍ମଣ
କହଇ ବଚନ ତାଙ୍କୁ ହସିତ ହାସେଣ ହେ ।
ମୂର୍ତ୍ତି ସେ ଅନନ୍ତ ସର୍ପ ଅଂଶ ଈଶ୍ବର
ଈଶ୍ବର ପ୍ରକାଶ୍ୟ କାର୍ତ୍ତି ବୁଦ୍ଧିର ଆଗର ହେ ।
ଏବେ ମୋତେ ପୂଜାବିଧି କର ମହାସତ୍ତ
ଦେଖାରେ ତୁମର ଗୁରୁ ମୂର୍ତ୍ତି ପଶୁପତି ହେ ।
କୋପେ ପର୍ଶୁରାମ ଘୂର୍ଣ୍ଣି ଅରୁଣ ନୟନ
ପ୍ରଚଣ୍ଡ ମୂରତି ଶ୍ବାସ ଛାଡ଼େ ଘନ ଘନ ହେ ।
ମୋର ଧନୁଃଶର ଯେବେ ଆମନ୍ତ୍ର ପାରିବୁ
ତେବେ ତୁମ୍ଭ ବଳବୀର୍ଯ୍ୟ ସମସ୍ତ ଜାଣିବୁ ହେ ।
ଏତେ ବୋଲି ଶ୍ରୀରାମଙ୍କୁ ବଢ଼ାଇ ଦେଲେ ବେଗ
ଧନୁ ବଢ଼ାବନ୍ତି ରାମ ଦରହାସ ଯୋଗ ହେ ।
ବଇଷ୍ଣବ ଧନୁ ରାମ ଧରିଣ ଶ୍ରୀକରେ
ହୋଇଲେ ଅଛ ସୀତା ସ୍ବୟଂ ଲକ୍ଷ୍ମୀ ଅବତାର ହେ ।
ହାତେଧାଳାରେ ବସି ରାମ ପାଦେକ ବଢ଼ାଇ
ନଖର ଉପରେ ଧନୁଗୁଣ ସେ ବସାଇ ହେ ।
ବାମ କରେ ଶରାସନ ଧରି ରଘୁସୁତ
ଆମନ୍ତ୍ରଣ କର୍ଣ୍ଣେ ଚନ୍ଦ୍ରପତ୍ରେ ଓଁକାରନ୍ତି ହେ ।
କରଯୋଡ଼ି ପର୍ଶୁରାମ ଭାଏ ପଡ଼ି ଶୋଇ
ଜଗ ବ୍ୟାପ୍ତ ଗୋଟି ତାର ଦେହରେ ବସାଇ ହେ ।

ପର୍ଶୁକୁ ଦେଖିଣ ରାମ ହସି କହେ କଥା
ଅପାର କାନନ ତୋର ଛଡ଼ାଇବା କଥା ।
ଦ୍ୱିଜଙ୍କୁ ଜାଣେକ ପୂଜିଲି ରାମ ସନ୍ତ
କହ ପର୍ଶୁରାମ କେଉଁ ଠାବକୁ ଯିବ ହେ ।
ଆରତ ହୋଇଣ ପର୍ଶୁ ଶୋଇ ପାଦେ ପଡ଼ି
ଶ୍ୟାମଦେହେ ଜଳ ଦୁଇ ଶିରେ କର ଯୋଡ଼ି ହେ ।
ବୋଇଲେ ପର୍ଶୁରାମ ରାମ ପୂର୍ଣ୍ଣକଳ ବତ
ମୋର ପିତା ଶମ୍ଭୁଗତ ପାପ ଏବେ ଭୁଞ୍ଜ ହେ ।
ଶୁଣି ରଘୁନାଥ ଦେବେ ବନ୍ଧିଲେକ ଶର
ବୋଇଲେ ସ୍ୱର୍ଗକୁ ନ ଯିବୁ ମୁନିବର ହେ ।
କ୍ଷତ୍ରିଙ୍କର ବାହୁବଳେ ତପୀଙ୍କର ତପ
ନ ବଦ୍ଧର କପାଳି ଅର୍ଜିଲ ଏତେ ପାପ ହେ ।
ଏବେ ହୋଇଣ ବାଉ କଥା କ୍ଷତ୍ରିଙ୍କୁ ବଧିଲ
ବ୍ରାହ୍ମଣ ହୋଇଣ ଏତେ ପାପ ଅରଜିଲ ହେ ।
ଶ୍ରୀରାମ ଶ୍ରୀମୁଖ ଦେଖି ପର୍ଶୁରାମ ବୋଲି
ପିତୃଭକ୍ତ ହୋଇ ପିତା ଆଜ୍ଞାକୁ ବଧିଲ ହେ ।
ବୋଇଲନ୍ତି ଶ୍ରୀରାମ ତୁମ୍ଭେ ଶୁଣ ଭୃଗୁପତି
ପିତାର ଆଜ୍ଞାରେ ବାପେ ବଧିଲ ଯୁବତୀ ହେ ।
ଏବେ ତୁମ୍ଭେ ଦକ୍ଷିଣ ଜଳଧି ତଟେ ଯାଅ
ଜଗନ୍ନାଥ ଦରଶନେ ମହାପାତକ ଛଡ଼ାଅ ହେ ।
ରାମଙ୍କ ଏ ବଚନ ଶୁଣି ପର୍ଶୁଧର
ବନସ୍ତୁ ଯାଉଣ ଶ୍ରୁତି ବନ୍ଦନ ଅପାର ହେ ।
ଶ୍ରୀରାମଙ୍କୁ ପ୍ରଦକ୍ଷିଣ କରି ଭୃଗୁପତି
ଦେଖଦବର ଶ୍ରୀପୁରୁଷୋତ୍ତମେ ଚଳିଯାନ୍ତି ହେ ।

('ରାମବିଭା', ଦ୍ୱାଦଶ ଛାନ୍ଦରୁ ସଂଗୃହୀତ)

*

# ମିଳନ ଚଉତିଶା

## ଅର୍ଜୁନ ଦାସ

କେଶବ ଆଗରେ କୁଞ୍ଜେ କହେ ସହଚରୀ
କୁସୁମଶର ସଂହାରୁ ଅଛି ତୋର ନାରୀ ।
କମଳଦଳଲୋଚନା ଅଦର୍ଶନ ଲାଗି
କାମଶର ସହନ ନ ଯାଇ ତୋର ବାଳା । ॥ ୧ ॥
ଖେଦ ସମୁଦ୍ରରେ ତାକୁ ବୁଡ଼ାଇଲୁ କାଳେ
ଖୋଜ ନ ପାଇବୁ ତାକୁ ଲୋଡ଼ିବାର ବେଳେ ।
କ୍ଷୀଣ ତନୁ ସୁକୁମାରୀ କ୍ଷଣକେ ଚମକେ
ଖଟ ତେଜି ଶୋଇଅଛି ଧରଣୀ ପଲଙ୍କେ । ॥ ୨ ॥
ଗୁପତ ଉଦିତ ବାଣୀ କହିଲୁ ଯତନେ
ଗୁଣ ଦେଇ ଲଗାଇଲୁଁ ଅମୂଲ୍ୟ ରତନେ ।
ଗଲୁଁ ତାର ଅଧରୁ ଅମୀୟ ପାନ କରି
ଗଣ୍ଠି ପାଡ଼ି ଯତନେ ଅଞ୍ଚଳ ଗାଣ୍ଠି ଧରି । ॥ ୩ ॥
ଘୁମାଇଲା ଶଶିମୁଖୀ ଫୁଲଶର ଘାଏ
ଘନ ଘନ ତନୁ ତାପେ ମଳୟଜ ବହେ ।
ଘନ କୁଚ ଉରଜେଣି ନଖରେ ନାଥ
ଦେଇଛି ଦାରୁଣ ଦୋଷ ବାରେ କ୍ଷମା କର । ॥ ୪ ॥
ନିମିଷେ ନ ରହେ ମନ ନ ଦେଖି ତୋ ମୁଖ
ନିସ୍ତାର ନ କରିଣ ତୁ ଜଣ୍ଡ ଦେଉଛ ଦୁଃଖ ।
ନଷ୍ଟ ହୋଇଲା ପ୍ରାଣେ ହେଉଅଛି ବାମା
ନ କର ନିସ୍ତାର ତୋଷ ବାରେ କର କ୍ଷମା । ॥ ୫ ॥
ଚନ୍ଦନ ପଙ୍କଜ ଲାଗି ଚମକଇ ଦେହ
ଚନ୍ଦ୍ରେ ଅନୁରାଗ ଥିଲେ ମୋର ଆଗତ କହ ।
ଚନ୍ଦ୍ରମା ବିମ୍ବରେ ଯେସନ୍ତେ କୁମୁଦିନୀ ଦୁଃଖୀ
ଚକୋରି ଦଣ୍ଡା ଥିଲେ ପ୍ରଭୁ ବାରେ ଆସ ଦେଖି । ॥ ୬ ॥
ଛଣେ ଛଣେ ଦ୍ରବଇ ଖେଦଇ ହୋଇଥାଇ
ଛଣକେ ଚେତନା ପାଇ ଶୂନ୍ୟ ଚାହଇ ।

ଲୁଅ ମୃଗ ଚୋଟି ଯେସନେ ବାଣ ଘାତ ପାଇ
ଛୁଟନ୍ତ ଗହନ ବନ ତୋରେ ଆଶା ଦେଇ । ।୭।
ଜାଣି ନୋହେ ବଚନ ସେ ତୁମେ ଯା ବୋଲଇ
ଶିଖଣ୍ଡ ବାଣୀ ଶୁଣି ତୋ ପ୍ରାଣେ ମଣଇ ।
ଯୋଗୀ ଯେସନେ ସମାଧି ଯୋଗଇ ଅହର୍ନିଶି
ଧନ ସ୍ୱପ୍ନ ଯାମିନୀ ତଳଇ ଏକା ବସି । ।୮।
ଘାଟେ ଧୂଳି ଘଣ୍ଟ ମୃଷ ଅଣେ ଝୁଳ ଜଳ
ଝୁର ଝୁର ନେତ୍ରନ୍ତୁ ନେତ୍ରଜ ଚେଳ ବାଳା ।
ଶ୍ରୀମଣ୍ଡଳ ଧାମ ନେଉଥାଇ ତା'ର ଅଙ୍ଗ
ଝୁରଣ ନ କର ଏଣ ଧରଣୀ ସଙ୍ଗ । ।୯।
ନିଶ୍ଚୟ ହୋଇଲ୍ଲ ସଖୀ ମନମଥ କୋପେ
ନିଶି ନ ସରଇ ତାଙ୍କୁ ଶଶଧର ତାପେ ।
ନ ଜାଣଇ ବସନ୍ତ-ସେନେହ ସେ ଉ ସଖୀ
ନିରନ୍ତରେ ରହିଥାଇ ନତ୍ରମାଣି ହୋଇ । ।୧୦।
ଝମାଳ କଣ୍ଠରେ ଆଉ ନ ଧରିଇ ଷିନା
ଟେକ ଏଣେ ତେଣେ ତା'ର ଦୁଃଖ ଦେଖି ଜନା !
ଟେକ ହୋଇ ବସିବାକୁ ନ ପାରଇ ସଖୀ
ଟାଣହେଣ କରୁଅଛି ତା'ର ଲୁଚ ଦୁଇ । ।୧୧।
ଠାବ କରି ନ ପାରଇ ବୋଇଲେ ବଚନ
ଠାରିଲେଣି ସଖୀ ମୋର ନ ଶୁଣେ ନସୁନ ।
ଠୁଳ ବୋଲଗାଜ ତା'ର ନେତେ ନାହିଁ ସତ୍ତ୍ୱ
ଠୁଳ କରି ନେଉଁଲେ ଖାଇବୁ ଆଉ ନାହିଁ ! ।୧୨।
ଡେଉଛି ଶ୍ରବଣ ବାଣୀ ଶୁଣିବାକୁ ପୁଣି
ଡୋଳାକୁ ତାହାର ନଷ୍ଟେ ନ ଶୁଝଇ ପାଣି !
ଢଳିଲଣି ସଖୀ ମୋର ପଞ୍ଚଶର ଘାତେ
ଢଳନ ସୁବର୍ଣ୍ଣ ଦେଲ୍ଲ ଉକାଳତ ହାତେ । ।୧୩
ତାକେଦେ ଭୁ ନଷ୍ଟ ନ ଜର ନରହରି
ତନ୍ତୁ ଅଛି ସୀମନ୍ତନୀ ଗୋପର ସୁନ୍ଦରୀ ।

ତନଧନ କମଳ ଶରଦରେ ଯେସ୍ତେ ମରୁ
ତାପ ନୋହେ ସଖୀ ମୋର ତେଜୁଛି ଶରୀର । ।୧୪।
ଅଣ ଅପରେଣ ଦଣ୍ଡ ଦଣ୍ଡୁଅଛି କଥି
ଅଣ ଦୋଷେ ଦେଷ କଲେ ନୃପଙ୍କ ତା' ରିତି ।
ଅନ୍ୟ ଦୋଷମାନ ତା'ର କେତେ ଅଛି ସଞ୍ଚ
ଅଶ୍ରୁ ଦଶା ଥିଲେ ସଖୀ ସୁଖ ଦେଖ ଯାଉ । ।୧୫।
ତେଷଣ ହୋଇଲୁ ଏଡ଼େ ଜଡ଼ାର ଆ ଗୋଟି
ଭଦକନ୍ତି ଦାଣ୍ଡି ସଖୀ ଏ ଚୋଦର କୁଟି ।
ସ୍ତ୍ରୀରତ୍ନ ଶିରୋମଣି ଏକଣେ ଅବଳା
ସେ ଦାଣ୍ଡି ସହିବ ସଖୀ ମନମଥ ଜ୍ୱାଳା । ।୧୬।
ଅଜ ଅଜ ଅଜ କଷ୍ଟ ବୁଜଇ ସୁଙ୍ଗିଲ
ପ୍ରବର ପେଦର ପ୍ରାପ୍ତେ ହସଇ ସ୍ୱଷର ।
ନେଥୋକେ ସଖି ଆଗରେ ଏକାନ୍ତେ ଭେଟ ଶୂନ୍ୟ
ଥିବ ଶାଡ଼ ଯେମନ୍ତେ କେଶବ କର ଦଶା । ।୧୭।
ଦଶ୍ମାନିଧି ଦାଦା ଲୁମ୍ବ ଭୁବନ ଭରମେ
ଦାରୁଣ ହୋଇଲ ମୋର ସଖୀର କରମେ ।
ଚନକର ବନ୍ଧୁ ଯେସ୍ତେ କମଳୀ ଦୁଃଖୀ
ଅନୁଦିନ ଦୁର୍ବଳ ହୋଇଲୁ ମୋର ସଖୀ । ।୧୮।
ଧିକ ଜାନୁ ଯଉବନ ଦେଲୁ ଲୋଡେ ଦାନ
ଧନମନେ ଧରିଅଛି ଶିକାର ଶାବକ ।
ଧୋଇଛି ଲାବଣ୍ୟ ମୁଖ ସଖୀ ଅଶ୍ରୁ ବାରି
ଧଇର୍ଯ୍ୟ ହାରିଲୁ ବାରେ ଭଖ ତୋର ନାରୀ । ।୧୯।
ନ ଶୁଣୁ ସେ ବଚନ ଚନ୍ଦ୍ରେବ ମୁଖାନ୍ତରେ
ନ ଶୁଣୁ ସେ ପ୍ରୀତି ବାଣୀ ବର୍ଷିଲେ କର୍ଣ୍ଣରେ ।
ନ ପିଷୁଣ୍ଡ ନୟନ ସେ ଅଙ୍ଗଦଙ୍କୁ ତନ୍ତୁ
ନିଦ୍ରା ଯାଇଥିଲେ ସେ ଅଧର ପାନ କରୁ । ।୨୦।
ପୂର୍ବର ପୀରତି ସେ ଯେମନ୍ତେ ତାହା ତୋର
ପଙ୍କଜ ପୂଲ ଦେଖି ଯେମନ୍ତେ ଉତାକର ।

ସୁନ୍ଦରତନ ତୁମ୍ଭେ ନ କରୁଛ ଯତ୍ନ
ପଣ୍ୟରେ ଲାଗି ମାଗଇ ଦୋଷ ତା'ନ ଦେଖନ । ୨୧
ଯା'ର କଥା କହି ନ ପାରଇ ସଖୀ ମୋର
ଶିଥିଲ୍ ବସନ ବାନ୍ଧି ନ ପାରଇ କର ।
ଯେତ୍କ ନ ସ୍ପର୍ଶିଲ ଆଜ ମନମଥ ଡରେ
ଶଶିଧର ଗ୍ରାସେ ମଣେ ମଳୟଜ ଶରେ । ୨୨
କହାଦ ହୋଇଣ ଦେଖି ଅଛୁ ମୋତେ ସଖୀ
ତବାଡ଼ ଗୁଡ଼ି ସ୍ତନରେ ବାଟରେ ଆସ ଦେଖି ।
ବଦନ ଶର ନିଶ୍ବାସ ଖରତର ହୋଇ
ବାଳୁକ ହୋଇଣ ସଖୀ ଅବଶରେ ଶୋଇ । ୨୩
ଭସ୍ମ ନ କରଇ ସଖୀ ମନମଥ କୋପେ
ଭଗବାନ ତନୁ ଆଉ ନ ଜାଣଇ ତପେ ।
ଭୂମିରେଣ ଶୋଇଥିବ ମୋର ପିବା ପାଇଁ
ଭଙ୍ଗନା ମୋହର ବୋଲ ବାଟରେ ପିବା ଚହିଁ । ୨୪
ମଧୁର ଅଧର ଶୁଖି ବଶିଲ ଆଉସ
ମୁଚ୍ଛିଲ ମନୋଜଙ୍କ ମଦ ମଦ ହାସ ।
ମନର ଠାକୁର ନାଥ ତୁମ୍ଭେ କି ନ ଜାଣ
ମୋହନଙ୍କ ପ୍ରାଣୀକି ଖଣ୍ଡରେ କେତେ ହାଣ । ୨୫
ଯେ ଯାହାର ଅଭିମାନ ତା'ର ଚହିଁ ଘରେ
ଜାଣୁ କି ନ ଜାଣୁ ତାହାକୁଇ ସେବ୍ୟ କରେ ।
ଯୁବା ଜନ ନିଧି ଲକ୍ଷ ସୋତେ ସେତୁ ପାଇ
ଜାଣୁ ଶବନ ସେ କେତେକ ହସଇ । ୨୬
ଯୋଷକର ତୁଟି ବଟି ଆଇ ମୋର ସଖୀ
ରଖି ନ ପାରଇ ମାନ ତୋର ମୁଖ ଦେଖି ।
ରଙ୍ଗ ଜଣ୍ଟିଆଇ ଯେତେ ଆଲିଙ୍ଗନ ମାନ
ରକ୍ତ ଚକ୍ଷୁ ସନ୍ଧରେ ଧଆଇ ଚୋଟେ ତାନ । ୨୭
ଲବୁଲ୍ ଯୌବନ ଜାଣେ ମନର ନାୟକ
ଲଖ ଲଖ ଭଙ୍ଗୁଅଛି କୁସୁମ-ଶାୟକ ।

ଲୁଚିଲ କମଳ ପୁଷ୍ପ ପ୍ରାପ୍ତେକ ଦଶନ
ଲଜ୍ଜା ଦେଖେଇ କରୁଣ ପଙ୍କରେ କି ଖଞ୍ଜନ । ।୨୮।
ବିଷମ କୁସୁମ ଶରେ ଜରଜ ଜୀବନ
ବାହୁଡ଼ିଲା ନାହିଁ ସଖୀ ତୋ ବନ୍ଧୁଁ ତା ମନ ।
କାହାର ହୁଅନ୍ତେ କି ସେ ଜୀବ ଅଛି ଆଶେ
ବେଦନା ନ ଲଭୁ କାରେ ପ୍ରିୟ ତା'ର ପାଶେ । ।୨୯।
ଶୁଣିଲ ଜାନକୀ ପୁଷ୍ପ ପ୍ରାପ୍ତେ ତା' ଅଧର
ଶୁଣିଲ ନାହିଁ ସଖୀର ନୟନକୁ ଧୀର ।
ସୁମରି ସୁମରି ସେହୁ ସୁକବେ ମଣ୍ଡପ
ଶ୍ରୀଅଙ୍ଗ ଉପରେ ତାର ନିଶ୍ୱାସ ପବନ । ।୩୦।
ସେଦିନେହୁ ସଙ୍ଗେ ସଖୀ ତୋତେ ଦେଇ ଦେବ
ଶିଶିର କରଣେ ମୋର ସଖୀକ ନ ଦେବ ।
ସହଣ ନ ପାରେ ସଖୀ ସୁକୁମାରୀ ଅତି
ସୁକବେହେଁ ପୋଡ଼ନ୍ତି ତା' ପଦ୍ମ ଶୋଭାପତି । ।୩୧।
ସତ ଯେବେ ସଖୀରେ ସତଦ୍ୱେ ଦେବବନ୍ଦ୍ୟେ
ସତ ହୋଇଲେ ତା' ଉଠିଲ ଧୂଳି ପିବା ଯାଏ ।
ଶୁଣିଣ ସନ୍ତୋଷ ହୋଇ ଉଠିଲେ ଶ୍ରୀପତି
ସହଚରୀ ହସ୍ତ ଧରି ଚଳିଣ ଯାଆନ୍ତି । ।୩୨।
ହରି ହରଣ ଶିଶୁରେ କୁନ୍ତଳରେ ମିଳି
ହସି କରି ଆଲିଙ୍ଗନ କଲେ ଚନ୍ଦ୍ରାବଳୀ ।
ହୋଇଲେ ଅନଙ୍ଗ ରଙ୍ଗ ସଙ୍ଗ ଦେଖ ପଦ୍ମ
ହରଷେ ତା' ଜୀବନକୁ ଜାତେ କଲ ବନ୍ଧୁ । ।୩୩।
ସତ୍ୟେ ଭଲ ଭାବ କର କ୍ଷମାଇଲେ ଦୋଷ
କ୍ଷମାଶୀଳ ପ୍ରଭୁଙ୍କୁ ମୁଁ କହିବଇଁ କସ ।
ଛନ୍ଦ କରି କହଇ ଅଭିମନ୍ୟୁ ଦାଶ
ଛନ୍ଦେ ହେଲ ମିଳନ ଚଉତିଶା ଶେଷ । ।୩୪।

*

# ରୁକ୍ମିଣୀ ସ୍ୱୟମ୍ବର

## କାର୍ତ୍ତିକ ଦାସ

(ସ୍ୱର-ବସନ୍ତ, ଆଷାଢ଼-ଶୁକ୍ଳ ବାଣୀ)

ଏଥୁ ଅନ୍ତରେ ରାଜା ଜେମାଦେଈ
ଅତି ଦୁଃଖରେ ସଖୀ ଆଗେ କହଇ ।
ପ୍ରାଣର ପ୍ରିୟ ମୋ କମଳା ସଖୀ
ତୋର ବଦନ ଥାଇ କନା ଦେଖି
ମୁଁ ମରିବ ସତ ।
ଶିଶୁପାଳ ମୋର ଧରିବ ହସ୍ତ ?
ପିତା ଥାଇ ମୋର କଲକ ବର
ଏଥକୁ ଆଉ ନାହିଁକା ଉତ୍ତର ।
ନିଶ୍ଚୟେ ମୋର ମରଣ ହୋଇବ
ଶିଶୁପାଳକୁ ଯେ ବର କରିବ । ।୧୦।
ମୋ କୃଷ୍ଣରେ ମନ ।
କେ ଅବା ତାହା କରିବ ଘଟଣା !
ଦୁଷ୍ଟ ପାମର ଅଟେ ମୋର ଭାଇ
କୃଷ୍ଣ ସଙ୍ଗରେ ବଇର ଲଗାଇ ।
ଶିଶୁପାଳକୁ କଲା ମୋତେ ବର
ନିଶ୍ଚୟେ ମରିବ ତାର ଉପର
ତାର ଶସ୍ତ୍ର ମୁଣ୍ଡି ।
ମୋର ମରଣ ଯେ ଅଛି ଲଗାଇ !
ସ୍ୱୟମ୍ବର ଏବେ ଅଇଲେ ଯବ
ଦେଖିଲୁଁଟିକ ତା ନୟନ ଭରି । ।୨୦।
ତ୍ରିସଙ୍କ ମନ ଚଞ୍ଚଳ ସ୍ୱଭାବ
ଦେଖି ଉଡ଼ିଲ ମୋ ଧଇର୍ଯ୍ୟ ସବ
ଲେଉଟନେ'ଛୁ ଲଗି ।
କଥାଟା କଲ ମତେ ମନସ୍ତାପୀ ।

କୃଷ୍ଣ ଯାହାଙ୍କୁ ବରଷଣେ ଆସି
କହିଁ ବନ୍ଧୁ ତାହା ଲଭିଲ ବସି ।
ଏବେ କଣାଇ କୃଷ୍ଣ ଭାଇ ମୋର
ବାନ୍ଧୁଛ ନ କଲକ ସ୍ୱସ୍ଥମର
ଆସନ୍ତେ ମୁରାରି ।
ରାଜାଙ୍କ ମଧ୍ୟ ସେଜଯାନ୍ତେ ହରି । | ୩୦ |
ଏହା ଜାଣି ପାପୀ ଦୁଷ୍ଟ ରୁକ୍ମଣ
ଶିଶୁପାଳଙ୍କୁ ସେ କଲା ବରଣ ।
ଗୁରୁ ଶିଶୁପାଳ ହସ୍ତ ଧରାଇ
ନଷ୍ଟପ୍ରେ ଅଗ୍ନିକୁ ଖେଳିଁ ମରିବ ।
ଦେଖିବ ସର୍ବଏଁ ।
ଲଭିଁ ନ ଥିବ ବଇଦେବଣ ଯାଏଁ ।
ସତ୍ୟ କରି କହୁଛି ତୁମ୍ଭ ଆଗେ
କୃଷ୍ଣ ବିନୁ ମନ ଆନେନ ନ ଲାଗେ ।
ପହିଲଣି ତାଙ୍କୁ ଦେଖିଲି ମୁହିଁ
ପ୍ରାଣବଲ୍ଲଭ କରି ବରିଲିଁ । | ୪୦ |
ଏ କଥା ନସୁତ ।
ଚନ୍ଦ୍ର ସୂର୍ଯ୍ୟ ଯେବେ ଅଟନ୍ତି ସତ ।
କମଳ ପତ୍ର ନୟନ ଶ୍ରୀମୁଖ
ମନେ ପଡ଼ିଲେ ଯାଇ ସବୁଦୁଃଖ ।
ଅଙ୍ଗ ଶୋଭାବନ କି ଜଳଧର
ପୀତ ବସନ ଶଙ୍ଖ ଚକ୍ର କର ।
ଗଳେ ବନମାଳ ।
ଦେଖିଲିଟିକ ହୃଦୟ ଭୂଷଣ ।
କର୍ଣ୍ଣେ କୁଣ୍ଡଳ ଜଗଜନ ମୋହେ
ଶ୍ରୀବତ୍ସ-ଚିହ୍ନ କଉସ୍ତୁଭ ଶୋଭେ । | ୫୦ |
ଶିରେ ମୁକୁଟ ଅତି ଉତ୍ତମଣ
ବାହେ ବାହୁଟୀ ମୁଦ୍ରିକା କଙ୍କଣ ।

ଚକ୍ଷୁଣ୍ଡ ପିଠିରେ ।
ଏତେ କହିଥିଲେ ସଖୀଙ୍କଠାରେ ।
ମେଢ଼ରେ ଥାଇ ଦେଖାଇଲୁ ସକ୍ଷ
ତାହା ଶୁଣିଲି ପ୍ରାଣ ଅନ୍ତ ଲକ୍ଷ ।
ହେନ କର୍ମ କଲୁ ପିଅର ମୋର
କୃଷ୍ଣଙ୍କୁ ଘୃଣ୍ଡ ଶିଶୁପାଳ ବର ।
କୃଷ୍ଣ କର୍ଣ୍ଣ ମନ ।
ଯେତେକେତେକ ଯାଏ ଥିବ ଜୀବନ ।
ସେତେବେ ମୋହୋର ତୁ ପ୍ରାଣସଙ୍ଗାତ
ଉପାସ୍ୟ କରି ଆଣ ଯଦୁନାଥ ।
ମୁହିଁ ଧୃଷ୍ଟିବ ନ ଶିଶୁପାଳର
ଏ କଥା ଯାଉ ଜଣା ମନେ ଧର ।
କନ୍ତୁ ଅଛୁ ସତ ।
ମୋର ମରଣ ଉମଦୋଷ ଯୁକ୍ତ ।
ବାଳକାଳେ ଥିଲି ପିତା ସଦନ
ଏନେ ପ୍ରବେଶ ହୋଏ ଏକ ଯୁଗ ।
କୃଷ୍ଣର ଗୁଣ ମହିମା କହିଲା
ସେହି ଅବୁ ମୋର ମନ ରହିଲା ।
ନାନା ଗୁଣ କହି ।
କର ମାଗଇ ମୁଁ ଶାରଦ ହରି ।
ଏ କଥା ଯେବେ ମୋ ଅଟଇ ସତ
କୃଷ୍ଣ ହୋଇବେ ମୋର ପ୍ରାଣନାଥ ।
ଏହାଙ୍କୁ ଯେବେ ହୋଇବାକୁ ଆନ
ନିଶ୍ଚୟ ମୋର ଯିବଇବ ପ୍ରାଣ ।
ଶୁଣି ଲେମାହେଉ ।
ଯଢ଼ିଲେ ଦସ୍ତିକରେ ମୋହ ହୋଇ ।
ମୋହ ଛଡ଼ାଇ ବସାଇଲେ ସଖୀ
କୋମଳ କରି କହେ ଚନ୍ଦ୍ରମୁଖୀ ।

ବେଳକ ଆଜ୍ଞ ନ କର ଗୋ ମାଏ
କହିବା କୃଷ୍ଣ ଆସିବା ଉପାଏ ।
ହେ ଘନ-ବାହନ ।
ବାରତା ପାଇ ଆସିବେ ମାଧବ ।
ଏବେ ଗୋ ସୁଦକ୍ଷ ଏମନ୍ତ କର
ଦ୍ୱାରକା ଯାଅ ଏକ ଦ୍ୱିଜବର ।
ଗୁପତେନ ଲେଖା ଲେଖି ଦେବା ହ'ଅ
ଶିଘ୍ର ଆସିବେ ଯଦୁକୁଳନାଥ ।
ହେ ଦୟାସାଗର ।
ଶରଣ ପଶୁପାଳ ଚକ୍ରଧର ।
ସଖୀ ବଚନ ଶୁଣିଣ ରୁକ୍ମିଣୀ
ମନେ ବିଚାର କରି କହେ ପୁଣି ।
କହିଲ୍ ଯାହା ଶୁଣିଲ ବିଚାର
ମହିମା ଯା'ର ନ ଜାଣେ ଶଙ୍କର ।
ତାଙ୍କ କେମନ୍ତେ ।
ଲେଖ ଲେଖିଦେବା ଦୂତର ହାତେ
ବାଲ୍ମୀକ ସନକାଦି ଶିବାଦି
ସ୍ତବେ ସୁରଗଣ ଲକ୍ଷ କହୁଛନ୍ତି ।
ଅଷ୍ଟାଙ୍ଗ ଯୋଗ ସମାଧି ଧାରଣେ
ମହିମା ଲେଶ ମାତ୍ର ସେ ନ ଜାଣେ ।
ତୁ କହୁ ସାହାସ ।
ଦୂତ ହାତେ ତାଙ୍କ କହିବ କଥ ।
ଅନନ୍ତ କୋଟି ବ୍ରହ୍ମାଣ୍ଡ ଠାକୁର
ବ୍ରହ୍ମା ଈଶ୍ୱର ଯା'ର ଚାକର ।
ବ୍ରହ୍ମାଣ୍ଡ ଯା'ର ଖୋଡ଼ଘର ଦେଖ
ତାଙ୍କୁ କେମନ୍ତେ ଲେଖିବା ଲେଖ ।
ଏମନ୍ତ ଅଞ୍ଜନ ।
ଚନ୍ଦ୍ରମା ହାତେ ଧରିବାକୁ ମନ ।

ରୁକ୍ମିଣୀ ବାଣୀ ଅମଳା ଶୁଣିଣ
କହେ ଗୋ ମନଭଙ୍ଗ କରୁ ପୁଣ ।

କୃଷ୍ଣ ମହିମା ଗୋ ଶୁଣ ସଙ୍ଗାତ
ଆରତଠାରେ ହୋନ୍ତି ରଥଘାତ
   କୁମ୍ଭୀରକୁ ମାରି ।
ଗଜରାଜକୁ ସେ ଦେଲେ ଉଦ୍ଧାରି ।
ନାମ ସାରାର ଦୁଃଖ-ବିନାଶନ
ଆରତଜନ ଆରତ-ଭଞ୍ଜନ ।
ଦୟାସାଗର ଦୁଃଖୀଜନ ବନ୍ଧୁ
ଭକତ ଜନ ପ୍ରିୟ ସୁଖସିନ୍ଧୁ ।
   ସେ ଭକତକୁ ବଶ ।
ଭକତକୁ ସଙ୍କଟ ହୋନ୍ତି ପ୍ରକାଶ ।

ଧନ୍ୟ ନଗର ରାଜକୁମାରୀ
ଲେଖ ପତ୍ରିକା ଶୁଣ ଅନୁସରି ।
କରେ ଧରଣ ସେ ଲେଖନ ପତ୍ର
ପ୍ରଥମେ ଲେଖ କୋଟି ଦଣ୍ଡବତ ।
   ଲେଖିଲେକ ପୁଣ ।
ଶରଣ ପଶିଲି ତୁମ୍ଭ ଚରଣ ।
ଯେଉଁ ଦିନୁ ତୁମ୍ଭ ଶୁଣିଲି ଗୁଣ
ମନରୁ ଦୁଃଖ ଗଲା ତତକ୍ଷଣ ।
ସେହି ପ୍ରାଣୀଙ୍କର ଅଛି ଚେତନ
ଚହିଁର ଲଭ ତୁମ୍ଭ ଦରଶନ ।
   ଲଜ୍ଜା ଛାଡ଼ିଲଇଁ ।
ମନ ବଳିଲା ମୋର ତୁମ୍ଭ ତହିଁ ।
ମହତ ଲୋକ ଦୟାଶୀଳ ଗୁଣ
ତୁମ୍ଭ ସମାନ କାହିଁ ଅଛି ପୁଣ ।
ମନସ୍ତେ ତୁମ୍ଭଙ୍କୁ ବରିଲି ବର
ଯେ ପିଏ ବୋଲୁ କରୁଣା ନକର ।

ଆତ୍ମ ସମର୍ପଣ ।

ନିଶ୍ଚୟ କଲି ମୁଁ ତୁମ୍ଭ ଚରଣ ।
ତୁମ୍ଭର ପାଇଁ ଏ ଦେହ ମୋହୋର
ଧରିଅଛି, ତୁମ୍ଭେ ବଦେଜଦର ।
ଶିଶୁପାଳ ମୋତେ ତୁଳିବ ନାହିଁ
ସାରଥୀଟର ମୁଁ ଅଟେ ଗୋସାଇଁ ।

ଭକ୍ତି କଣ୍ଠୀରବ ।

ଶୁଣ ଦେମଦେନ୍ତ ଶୃଗାଳ ଖାଇବ ।
ଦେବତା! ପୂଜା ବ୍ରତ ଉପବାସ
ଯେବେ ମୁଁ କରିଥିବ ପୀତବାସ ।
ଯାବତ ସଙ୍ଗ ବ୍ରତ କରିଥିବ
ତେବେ ମୁଁ ତବ ସ୍ୱରୂପ ଧରିବ ।

ଦୃଷ୍ଟ ଶରଣ ।

ଦୂର କରିଗଲ ଦୋଷ ନ ଯେନ ।
ଯେଉଁ ଚରଣ-ରେଣୁ ପରଶେ
ବାଞ୍ଛା କରଣ ନ ପାଇ ଅନନ୍ତ ।
ଅଦ୍ଭୁତ ଲୋଚନ ଭଞ୍ଜି କରି ଆଶ
ସେତେବେଳେ ତୁମ୍ଭେ କରିବ ନାଶ ।

ବ୍ରତ କରୁଥିବ ।

ଶତ ଜନ୍ମରେ ତୁମ୍ଭଙ୍କୁ ପାଇବ ।
ବୋଲେ ଗତବ ଆଜି ବସ୍ତ୍ରର ନ ଜାଣ
ଆମ୍ଭ ଘରେ ଅଛି କୁଳଦେବତା ।
ଏବେ ସମସ୍ତ ଗ୍ରାମ ଦେବତାଙ୍କ
ପୂଜା କରିବାକୁ କହିଥାଇ ।

ସେହୁପାଦେ ଥିବ ।

ଲଇଲା ବସାଇ ମୋତେ ସେଣଠିକ ।
ଶିଶୁପାଳ ଜାଲି ମୁହିଁ ହରଣୀ
ଯେଉଁ ଦେଖାକ ପ୍ରଭୁ ଚକ୍ରପାଣି ।

ମଧ୍ୟରେ ଆଛୁ ଶରଦ ଅଛି ତଦା
ଏଥିକୁ ଆଉ ଆନ ନାହିଁ ବାଧା ।
    କି ଲେଖିବି ସ୍ୱାମି ।
ତୁମ୍ଭେ କି ନଜାଣ ଅନ୍ତରଯାମୀ ।
ଲେଖ ଲକ୍ଷ୍ମଲ କସ୍ତୁରି ପଙ୍କେଣ
ମୁଦଣ ଦେଲ ବ୍ରାହ୍ମଣ ହସ୍ତେଣ ।
ସୁବର୍ଣ୍ଣ ଘଟେ ମୁଦ୍ରିଲ ମାଳ
ଚଳ ବ୍ରାହ୍ମଣ କାର୍ଯ୍ୟ ସିଦ୍ଧ କର ।
    ପଠେ ବିପ୍ରମାନ ।
ସକଳ ଖଣ୍ଡିକ ମଧୁସୂଦନ ।
ନଗରୁ ବିପ୍ର ସେ ବାହାର ହୋଇ
ଖଣ୍ଡିଏ ଦୂର ଯାଇ ବସିଲଇ ।
ସିଦ୍ଧ ହୋଇବ ମୋ ସକଳ କାର୍ଯ୍ୟ
ଲୋଚନେ ଦେଖିବଇଁ ଦେବଗୁଜ ।
    ରୁକ୍ମିଣୀ ପ୍ରସାଦେ ।
ହରିଙ୍କି ଭେଟିବଇଁ ଅପ୍ରମାଦେ ।
ଯେଉଁ ଚରଣ ବ୍ରହ୍ମ ମୁନି ଗଣ
ଚିନ୍ତା କରିଛନ୍ତି ଅନୁକ୍ଷଣ ।
ସେହି ଚରଣ ମୁଁ ଦେଖିବି ଯାଇ
ଯହିଁ ତପସ୍ୟା କରୁଅଛି ମୁହିଁ ।
    ଧନ୍ୟ ପିତାମାତ ।
ଧନ୍ୟ ସରଣି ମୁହିଁ ଦେହ ଭଇଲ ଜାତ ।
ଯାହାର ବକ୍ଷଦେଶେ ଥାଇ ଲକ୍ଷ୍ମୀ
ପାଦପଦ୍ମକୁ ଧ୍ୟାଏ ନିରାକ୍ଷନ୍ତି ।
ଆଜ ହିଁ ଲକ୍ଷ୍ମୀ ପାଇନାହିଁ ଯାହା
ବହିଁ ସୌଭାଗ୍ୟ ମୁହିଁ ଦେଖିବ ତାହା ।
    ସେ ଆନନ୍ଦ ହୋଇ ।
ପନ୍ଥେ ଚଳଇ ହରିଗୁଣ ଗାଇ ।

ଦ୍ୱିଜବର ଯାଇଁ ଦ୍ୱାରକା ପାଇ
କୃଷ୍ଣର ମନ୍ଦିରେ ମିଳିଲା ଯାଇ ।
ବିପ୍ରଙ୍କୁ ଦେଖି ପ୍ରଭୁ ଭଗବାନ
ରତ୍ନ ପଲଙ୍କୁ ଉଠିଲେ ବହନ ।
ବସାଇଲେ ନେଇ ।
ରତ୍ନ ସିଂହାସନେ ବିପ୍ରପାଦ ଧୋଇ ।
ବ୍ରାହ୍ମଣ ଲେଖ ଦେଲା ନେଇ ହାଥ
ପୋଥି ଫିଟିଲେ ଯଦୁକୁଳନାଥ । ॥ ୨୦୦ ॥
ପଢ଼ି ବ୍ରାହ୍ମଣ ମୁଖକୁ ଚାହିଁଲେ
ଆଉ କସ କଥା ଅଛି ବୋଇଲେ ।
କହଇ ବ୍ରାହ୍ମଣ ।
ଏଥକୁ ଶୀଘ୍ର ଯାଦା ତୁମ୍ଭେ ଜାଣ ।
ବୋଲନ୍ତି ପ୍ରଭୁ ଦେବ ଦାମୋଦର
ରୁକ୍ମିଣୀ ମନଠାଇଁ ଆମ୍ଭଠାରୁ ।
ଆମ୍ଭର ଚକ୍ଷୁ ଥାଇ ତାହା ତହିଁ
କହ୍ନାଇଁ କେମନ୍ତ ଜାଣିଲୁ ନାହିଁ ।
ଅଣିବୁ ରୁକ୍ମିଣୀ ।
ସେହି ସେ ଆମ୍ଭର ପ୍ରାଣମିତଣୀ ॥ ୨୧୦ ॥
ଏତକ କହି ଭୁଜ ଟେକି ହାତ
ଷଡ଼ରସେ ବିପ୍ର ଭୋଜନ କରି ।
ରତ୍ନ ପଲଙ୍କେ ଶୁଆଇଲେ ନେଇ
ଦେବ ପ୍ରଭାତେ ଗଡ଼ ଗଲା ରାତ୍ରି ;
ଉଦବେଗ ମନ ।
ଯାନ କାଳିକ ଅଛେ ଭଗବାନ ।

× × ×

(ରାଗ—ବସନ୍ତ, ଭଜନ ଦାଣୀ)

ଏଥି ଅନନ୍ତରେ ସମଜମ ଛନ୍ଦ ଗୀତ
ବନ୍ଧୁବରେ ଆନନ୍ଦ ଜୁଗଳ ନୃତ୍ୟ ଗୀତ ।

ଅନେକ ନୃତକ୍ଷ ନୃତ୍ୟ, ବାଦ୍ୟମାନ ବାଜେ
ରଥୀ ହାଥୀ ସଇନ୍ଥ ମାହୁନ୍ତ ବଳ ସାଜେ । ।୨୨୫।
ରତ୍ନ କାଞ୍ଚନ ପାଟର ସେ ଶାଢ଼ୀ ସାର
ନାମ ଗିରି ଟେକୁ ଟେକି କଲେକ ଉତ୍ସାହ ।
ଚନ୍ଦ୍ରାତପ ତଳପାଟେ ଶ୍ୟମର ମଣ୍ଡିଲେ
ଅନେକ ଆଳୁଆ ଝୁମୁଣ୍ଡିଆ ଲଗାଇଲେ ।
ସୁବର୍ଣ୍ଣେ ଗଢ଼ିଲେ ବେଦୀ ସ୍ଫଟିକ ପାବଚ୍ଛ
ଚାରିକୋଣେ କେଳଣ ଥୋଇଲେ ବନ୍ଧି ମାଳ ।
ସୁବର୍ଣ୍ଣ କୁମ୍ଭ ଉପରେ ଚୂତପଶ ଡାଳ
ତହିଁ ଉପରେ ଥୋଇଲେ ନେଇ ନଟ୍ଟୀଆଳ ।
ରତ୍ନ ସିଂହାସନ ତହିଁ ପାଟେଣ ପାଟେଣ
ବସିଲେକ ଅନେକ ଆସିଣ ନୃପଗଣ । ।୨୩୦।
ଶିଶୁପାଳ ବରବେଶ ହୋଇକରି ଆସେ
ଶଏ ଯୋଡ଼ା ବାର ଢୋଲ ବାଜୁଅଛି ପାଶେ
ନୃପପାଶେ ଅଛଇ ସମସ୍ତ ପାଟଝସ
ବରପଣେ ଆସୁଅଛି ଦମଘୋଷ-ସୁତ ।
ଜଗସନ୍ତ ବୋଇଲା ରୁକ୍ମଣ ମୁଖ ଶୁଷ୍ଟି
ଯେନ ଆସ ବରକୁ ଚାହୁଁଛି ବେଗ ହୋଇ ।
ଚଳିଲ ରୁକ୍ମଣ ସଙ୍ଗେ ଯେତେ ନିଜ ଜନ
ବାହୁ ବନ୍ଧି ଯେତଣ ଅରନ୍ଧ ଶିଶୁପାଳ ।
ବସିଲନ୍ତ ଶିଶୁପାଳ ସଭାର ମଧ୍ୟେଣ
ଦେଖିଣ ପ୍ରବୃତ୍ତ ହୋଇନ୍ତ ଭୁସ୍ତ ରଜାଗଣ । ।୨୩୫।
ଜନଜେଷ ଜଣାଇ ଶୁଣିମା ମଣ୍ଡପାଳ
ଆସିଣ ହୋଇଲା ବନ୍ଧୁ ବରଣର ବେଳ ।
ବେଦୀର ଉପରେ ଯାଇ ବସନ୍ତ କନ୍ୟା ବର
ହୋଇବ ଗନ୍ଧାଧିବାସ ବଳମ୍ବ ନ କର ।
ଜଗସନ୍ତ କହଇ ସୁସ୍ତୁକ ପଢ଼ାଇଲ
ହୋଇଲକ ବେଳ ହେ ବରଣ କର ଯାଇ ।

କେଦାର ଉପରେ ଯାଇ ବସିଲେ ହର
ଯାଅ ସୁରେଶ୍ୱର ତୁମ୍ଭେ ଗୃହବାସ କର ।
ସୁନନ୍ଦ-ନନ୍ଦନ ଦେଇ ଗୃହବାସ କଲେ
ଅସୁରକା ସୁତା ଖର ମୁହୂର୍ତ୍ତ କାଟିଲେ ।
ନନ୍ଦୀ ଆସୁ ଆସୁ ବୋଲି ଡାକ ପଡ଼ିଗଲା
ଏମନ ସମୟେ ଆସି ସୁର ଜଣାଇଲା ।
ଶୁଣ ଦେବ ମହାରାଜ ମଗଧ-ଈଶ୍ୱର
ଏକା ରଥେ ଚଢ଼ିଣ ଅଇଲେ ଚକ୍ରଧର ।
ଦ୍ୱାରକାର ସଙ୍ଗତେ ଗୋଟିଏ କେହି ନାହିଁ
ଏକାଠାରେ କଟକ ଥିବାରେ ରକ୍ଷ ଯକ୍ଷ ।
ସଭାଠାରେ ଯେତେ ନରନାଥମାନେ ଥିଲେ
ଗୋବିନ୍ଦ ଅଇଲେ ବୋଲି ସମସ୍ତେ ଧାଇଁଲେ ।
ଦେଖିଲେକ ରଥେ ବସେ କମଳାକ୍ଷ ହରି
ସୁହାସ୍ୟ ସୁବଦନ ଅଛି ନନ୍ଦମନ କରି ।

କେ ବୋଲଇ ଶ୍ୟାମ ତ ଅଟଇ ଅପାର
ଏହାଙ୍କୁ ଦୂଷଣ କଲେ ଶିଶୁପାଳ ବର ।
ଅମ୍ଭମାନଙ୍କର ଦେଖି ମାଧବ ଭଞ୍ଜିଲା
ସିଅଉ ନୋହାଇଣ ଦେବ କରମ ତ କଲା ।
କେ ବୋଲଇ ସଖି ଗୋ ଦେଖିଲଟିକ ବର
ବରୁଣ ହୋଇ ବସିଛି କେଦାର ଉପର ।
ଏହାଙ୍କ ଚରଣ-ସ୍ପର୍ଶ ପଥରକୁ ଘଷି
ନୋହଇ ସେ ଗୋଠାବର ଅଶ୍ୱିଜନ୍ମ କର ।
ରୁକ୍ମିଣୀ ବରଣମାଳା ତା'ର କଣ୍ଠେ ଦେଇ
କଲେ ତାକୁ ବଡ଼ମ୍ଭଣ ଏଥି ନାହିଁ ଶାଣି ।

ଯୁଝିବାକୁ କେତେବେଳେ ଗୋ ନ ଲୁଚଇ ଆସି
ନାଚିଗଲେ ଯେତେବେଳେ ତମ୍ଭଜାମା ଦେଖି ।
ଜନମନ୍ତୁଁ ଅଙ୍କ ନ ଅଟଇ ତା'ର ଗଳ
ସ୍ୱପ୍ନରେ ଖନ ନ ଏହାଙ୍କୁ ଦେଖି ନାହିଁ ।

ରୁକ୍ମିଣୀ ଜନମ କଥା ଶୀଖିବାର ବଳ
ଦ୍ୱିପରୁ ଯେମନ୍ତ କଥା କହେ ନ ଫଣିଲ ।
ଦେଖ ପ୍ରକୃତି କ ପକ୍ଷୀ କମଳଲୋଚନ
ମଳୟେଧ ପ୍ରାପ୍ତେକ ଶ୍ରୀଅଙ୍ଗ ଶୋଭନ ।
ଭ୍ରୂଲତା ସୁନ୍ଦର କାମଦେବ ଧନୁ ଜିଣି
କଣ୍ଠେ କୁଣ୍ଡଳ ଶଙ୍ଖ ଚକ୍ର ଗଦା ପାଣି । ।୨୮୦।
ମୁଁ ଯାହା ବୋଲଇ ପଣି ତୁମ୍ଭେ ଅସ୍ତୁ ଜଣ
କଥାଟା କହିବ ରୁକ୍ମିଣୀକି ଏତୁ ବର ।
ଚନ୍ଦ୍ର ମୁଖ ଶିଶୁପାଳ ଲଜ ପାଇ ଯାଉ
ଆମ୍ଭମାନଙ୍କର ମନୋରଥ ସିଦ୍ଧ ହୋଉ ।
ଏମନ୍ତ କହୁଣ ଚନ୍ଦ୍ର ଶୁଣିଲାକ ଲୋକ
ଧାଇଁଣ ଅନ୍ତରୁ ଲୋକେ କହିଣ ତପନ ।
କେ ବୋଲନ୍ତି କେଣେ ଗଲା, କେ ବୋଲନ୍ତି କାହିଁ
କାହାରି କହନ୍ତି ଏକ ଆରେକକୁ ଯାଇ ।
ବୋଇଲ ଅଇଲେ ବୋଲି ଶୁଣିଲେକ ଭଟ୍ଟି
ବଳସାମନ୍ତମାନ ଗଲେ ଗର୍ବସ୍ତବ୍ଧ ହୋଇ । ।୨୯୦।
କଣ୍ଠୀରବ ଧ୍ୱନି ଶୁଣି ଯେସନେ ହରିଣୀ
ତେସନେକ ସମସ୍ତେ ହୋଇଲେ କମ୍ପମାନି ।
ଶିଶୁପାଳ ଆବୋରିଣ ଜରାସନ୍ଧ କହେ
ତୁମ୍ଭେମାନେ ଯାଅ କହିଁ ପାଇଲୁ ସର୍ବେଁ ।
କହିଣ କ ଥାଇ ଯେବେ ଆଇଲେ ଗୋପାଳ
ଏ କଥାକୁ ତୁମ୍ଭେମାନେ କାହିଁପାଇଁ ଭୟ ।
ଯେ ଯାଦବ ର ବଳମାନ ଭୁଜ ଯାଇଥିବା
ଆମ୍ଭେମାନେ କହିଥାଇଁ ରକ୍ଷା କରାଇବା ।
ଦୁଷ୍ଟଗଣ ଯେବେ ଆଚରିବ ଚକ୍ରଧର
ତେବେ ଆମ୍ଭେମାନେ ଜାଣି ପାରି ତ ସମର । ।୩୦୦।
ରୁକ୍ମିଣୀକୁ ବୋଇଲେ କନ୍ୟାକୁ ଯେନ ଅସ
କରିଣ ହୋଇବ ତ ବର୍ତ୍ତିଲୁ ଗନ୍ଧବାସ ।

ରୁକ୍ମଣିକୁ ବୋଇଲା କନ୍ୟା ଅର୍ଦ୍ଧଘଡ଼ିକେ ଯିବ
ରଥୀ ସାରଥୀ ଗଜ ଗଜ ତା'ର ସଙ୍ଗେ ଥିବ ।
ଭବାନୀଙ୍କ ଦର୍ଶନ କରାଇ ବେଗେ ଆଣ
ଦାସୀଙ୍କ ବଚନ ଆଜ୍ଞା ଦେଲେକ ରୁକ୍ମଣ ।
ତତକ୍ଷଣ ନିଜ ପରିବାରମାନେ ଗଲେ
ରୁକ୍ମିଣୀଙ୍କ ଉଷ୍ଣଜଳେ ସ୍ନାନ କରାଇଲେ ।
ପିନ୍ଧାଇଲେ ଅପୂର୍ବ ବସନ ଶ୍ରୀନବାସ
ମଲ୍ଲିକା କୁସୁମେ ଭରି ସଜାଡ଼ିଲେ କେଶ ।
କପାଳେ ତିଳକ ଅଙ୍ଗେ ଚନ୍ଦନ ଲେପିଣ
ମୁକୁତା ସୀମନ୍ତି ହେମ ତାଟଙ୍କ ଭୂଷଣ ।
ସୁବେଶ କରାଇ ଦାସୀ ଯତନ୍ତେ ମଣାଇ
ଚାନ୍ଦୋଳା ଉପରେ ବିଜେ କରାଇଲେ ନେଇ ।
ଘାଟଭୂଷ ଚମକ ଅଲମ୍ବ ପରିଷର
ଦୁଇପାଶେ ସୁନାବେଷ୍ଟ ସ୍ୱର୍ଣ୍ଣ ଚାମର ।
ମୃଦୁସ୍ମିତମାନେ ସଙ୍ଗେ ଅଛନ୍ତି ଗୋଡ଼ାଇ
ଧୂପ ଦୀପ ଗନ୍ଧ ପୁଷ୍ପ ନଇବେଦ୍ୟ ବସ୍ତ୍ର ।
ଅକ୍ଷତ ତାମ୍ବୂଳ ପାଟ ବସାଇଣ ଥାଳି
ଗାଆନ୍ତି ମଙ୍ଗଳ ଗୀତ ଦେଇ ହୁଳହୁଳି ।
ବାଦ୍ୟ ବର୍ଜାଇଣ ଚନ୍ଦନ ଚେଣ୍ଡା ଦେଇ
ରୁକ୍ମିଣୀ ଚଳିବା ସଙ୍ଗେ ପୁଷ୍ପ ବରଷଇ ।
ଡାକୁଛନ୍ତି ପରିବାର ମହିମା ଗୋ ମାସ୍ତେ
ଭଗବତୀ ମନ୍ଦିର ଦ୍ୱାରେଣ ଯାଇ ହୋସ୍ତେ ।
ଅମ୍ବିକାପୁରକୁ ପହଁଞ୍ଚି ଗଲେକ ରୁକ୍ମିଣୀ
ନନ୍ଦଘୋଷ ବାଜିଲେ ଗୋବିନ୍ଦ ତାହା ଶୁଣି ।
ଶଙ୍ଖ ସ୍ୱର ହୋଇଣ ଉଡ଼ନ୍ତି ପଟୁଆର
କର୍ଣ୍ଣେ ଯାଇ ବଜେସ୍ତେ କହେଲେକ ଚକ୍ରଧର ।
ଚାନ୍ଦୋଳା ଉପରୁ ଓହ୍ଲାଇଲେ ଜେମାଦେଈ
ରତ୍ନମୟ କଟାକ୍ଷ ତରଣେ ଆଣି ଦେଇ ।

ଚରଣ ଧୋଇଣ ତହିଁ ଅଚେବ୍ୟକନ ସାକ୍ଷି
ଜଳବ୍ରତା ବ୍ରାହ୍ମଣୀମାନଙ୍କ କର ଧରି ।
ଦେଉଳ ଭିତରେ ଯାଇଁ ପଶିଲେ ରୁକ୍ମିଣୀ
ସାଷ୍ଟାଙ୍ଗେ ପାଦେ ନମିଣ ସ୍ତୁତି କଲେ ପୁଣି ।
ଜୟ ଜୟ ଦେବୀ ମାଗୋ ଅନାଦ୍ୟ ଶକତି
ଗିରିରାଜ-ନନ୍ଦିନୀ ନଗେନ୍ଦ୍ର ଭଗବତି ।
ଚଣ୍ଡମୁଣ୍ଡନାଶିନୀ ମହିଷା-ଦର୍ପହାରୀ
ପ୍ରସନ୍ନ ହୋଇବା ମୋତେ ଦେବୀ ଶାକମ୍ଭରୀ ।
ତୁମ୍ଭେ ଦେବୀ ଅନାଦି ଅବ୍ୟୟା ମହାମାୟେ
ଶିଶୁପାଳ ମୁଣ୍ଡୁଁ ମୋତେ କର ଗୋ ଅଭୟେ । ।୩୪୦।

ଏମନ୍ତ ପ୍ରକାରେଣ ଅନେକ ସ୍ତୁତି କଲେ
ଚନ୍ଦନ ଲେପିଣ ଗଳେ ପୁଷ୍ପମାଳା ଦେଲେ ।
ଧୂପଦୀପ ଗନ୍ଧ ପୁଷ୍ପ ନଇବେଦ୍ୟ ଦେଇ
କାମନା କଲେକ ବାଳୀ କୃଷ୍ଣ ପାଇବଇଁ ।
ଏମନ୍ତେଣ ପ୍ରସନ୍ନ ହୋଇଲେ ମହାମାୟେ
ପାଇବ କୃଷ୍ଣଙ୍କୁ ଏବେ ନାହିଁ ଗୋ ସଂଶୟେ ।
ପୁଣି ପାଦତଳେ ପଡ଼ି ଉଠିଣ ରୁକ୍ମିଣୀ
ବାହୁଡ଼ିବା ବେଳକୁ ମଙ୍ଗଳ କଲେ ପୁଣି ।
ସଖୀରେ ସଖୀରେ ବାଳୀ ପଦନ୍ତ୍ର ମଣାଇ
କମଳ-ନୟନ ରୂପ ମନେ ଅଛି ଧ୍ୟାଇ । ।୩୫୦।
ଧନ ଧନ ପୂରିଲ ତା' ବାମ ବାହୁ ଆଖି
ଦେଉଳକୁ ବାହାର ହୋଇଲେ ଚନ୍ଦ୍ରମୁଖୀ ।
କୃଷ୍ଣଙ୍କୁ ନ ଦେଖି ତା'ର ଦେହେ ଧ୍ୟାନ ନାହିଁ
ବଦନ ତୋଳିଣ ବାଳୀ ଦେଖିଲେକ ଅନାଇ ।
ଦେଖିଲେକ ଅଲକ୍ଷେ ମଦନସୁନ୍ଦର
ନୟନେ ନୟନେ ହେଲେ ମିଳନ ତାହାର ।
ଅନେବେଗେ ରଥରୁ ଓହ୍ଲାଇ ଯଦୁସାଇଁ
ରୁକ୍ମିଣୀର କର କରେ ଧରିଲେକ ଯାଇଁ ।

ଅସୁରଙ୍କ ରକ୍ତବର ଅଛନ୍ତି ଅପାର
ଦେଖି ବସାଇଲେ ଦଧୀଖୋପର ଉପର । ॥ ୧୨୦ ॥
ସେଥିକେଲେ ଭଣ୍ଡୀରକ ନଅକ ଭରଣୀ
ତେଣୁଦେବ ଲକ୍ଷଣ ଦେଲେକ ଉଷ୍ଣାଣୀ ।
ନାଗ ମଧ୍ୟେ ସେଥିଦେ ଶଙ୍କୁଡ଼ି ଦେଇ ଦ୍ଵନ
ତେଣୁଦେ ଲକ୍ଷଣ ଦେଖାଇଲେ ବନମାଳୀ ।

(‘ବ୍ରହ୍ମାଣ୍ଡଭୂଗୋଳ’, ଷଷ୍ଠ ଓ
ସପ୍ତମ ଖଣ୍ଡରୁ ଗୃହୀତ)

*

# ତଅପୋଇ କଥା

## ଗୋପୀନାଥ ଦାସ

ଏଥୁ ଉତ୍ତରେ ଶୁକଦେବ । ଯଶିଙ୍କି ବଚନ ବୋଲନ୍ତି ।
କହଇ ଉଷା ଏଥୁ କଥା । ପୂର୍ବରୁ ଯେମନ୍ତ ବ୍ୟବସ୍ଥା ।
ଏଥୁ ବଚନେ କର ଦୟା । କହନ୍ତି ବାସୁଦେବ ପ୍ରିୟା ।
ସମସ୍ତେ ଶାନ୍ତ କର ମନ । ଶୁଣ ଏ ଉଷାର ବଧାନ ।
ପ୍ରଥମେ ଜମ୍ବୁ ଦୀପ ସାର । ବେଢ଼ିଛି ଲବଣ ସାଗର ।
ସିଂହଳ ଦ୍ୱୀପେ ରତ୍ନାକର । ବେଢ଼ିଛି ମସ୍ତକ ଆକାର ।
ଦଧି ସମୁଦ୍ର କୁଶ ଦ୍ୱୀପେ । ଲବଣ ସମୁଦ୍ର ସମୀପେ ।
କ୍ଷୀର ସମୁଦ୍ର ଅଭ୍ୟନ୍ତରେ । ବେଢ଼ିଛି ମେରୁ ଚାରୁଣରେ ।
ଇକ୍ଷୁଦ୍ୱୀପରେ ସିନ୍ଧୁ ଶୁଣ । ବେଢ଼ିଛି ଯୋଜନକେ ପୁଣ ।
ଦ୍ୱୀପଙ୍କ ମଧ୍ୟେ ଏ ସାଗର । ବେଢ଼ିଛି ସ୍ୱଚ୍ଛ ଚାରୁଣର ।
ଗିରି କ ଭେଦେନ ଅନ୍ତର । ଅଛଇ ଏକ ଦ୍ୱୀପାନ୍ତର ।
ତହିଁରେ ରାଜା ଜଳଧ୍ୱଜ । ବହୁତ ଆପୁତନ ରାଜ୍ୟ ।
ସମସ୍ତ ବିଦ୍ୟାରେ କୁଶଳ । ଧର୍ମ ଆଶ୍ରିତ ମହୀପାଳ ।
ପ୍ରଜାମାନେ ସୁଖବସ୍ତି । ଜପୋଷୀମାନେ ଖଣ୍ଡିଥାନ୍ତି ।
ସ୍ୱପ୍ନରେ ମିଛ ତା'ନ ଚାହିଁ । ରାଜ୍ୟକୁ ଶତ୍ରୁ ନ ଆସଇ ।
ପରଜା ପାଳେ ପୁତ୍ର ଜାଣି । ସୁହାସ୍ୱ ସ୍ନେହେ ତତ୍ତ୍ୱଦର୍ଶୀ ।
ମନ୍ତ୍ରୀର ନାମ ଗୁଣନିଧି । ପୁତ୍ରର ନାମ ତା' ସୁବୁଦ୍ଧି ।
ସେ ନଗ୍ର ବଣ୍ଟ ଶୋଭାବନ । ଅଳକା ପୁରକୁ ପ୍ରମାଣ ।
ବହୁତ ସାଧବ ଅଛନ୍ତି । ବୋଇତ ବଣିଜ କରନ୍ତି ।
ସେଥିରୁ ବଣିଜ ଭରପାଟେ । ଜିଣିଲେ କୁବେରକୁ ବାଦେ ।
ସୋଇଲ ପିନ୍ଧେ ପାଟଶାଢ଼ୀ । ଆବର ହସ୍ତେ ସୁନାଚୁଡ଼ି ।
ସାଧବମାନଙ୍କର ନାରୀ । ଶରୀରେ ସୁବର୍ଣ୍ଣ ଆଭୋରି ।
ଗୁଣ୍ଡୁ ହୋଇବ ବୋଲି ଡର । ଅଳଙ୍କାରକୁ ମଣେ ଖର ।
ମୁଣ୍ଡିବ ପିଢ଼ା ଘରୁ ଘରେ । ଗାଲିଚମାନ ମୁଣ୍ଡିବରେ ।
ସୁନାର ସ୍ତମ୍ଭେ ସୁନାବେଣୀ । ଜଗରେ ସୁବର୍ଣ୍ଣ ଛାଉଣୀ ।
ସୁବର୍ଣ୍ଣ କଳସ ଶୀଢ଼ାରେ । ପତାକା ଉଡ଼ଇ ସୁଧୀରେ ।
ତହିଁରେ ଏକ ସାଧୁଘର । ଚନ୍ଦ୍ରସୁବନ୍ତ ନାମ ତା'ର ।

ସର୍ବୀର ନାମ ଶକୁନ୍ତଳା । ଜନମ କଲ୍ୟ ସାତବଳା ।
ଏକଇ ଝିଅ ଚଂପତୋଇ । ସବୁଙ୍କ ସୁନ୍ଦର ଅଟଇ ।
ସାମ୍ବ ବଡ଼େ ଧନେଶ୍ୱର । ବୋଇଲା ଶାଗ ଖଣ୍ଡ ଡାଲ ।
ସାତ ପୁଅଙ୍କ ସାତ ବୋହୂ । ସମସ୍ତେ ସୁନ୍ଦରୀ ସବୁଁ ।
ଖାଲନ୍ତି ସୁନାରେ ରୁପାରେ । ଶୁଅନ୍ତି ଖଟ ପଲଙ୍କରେ ।
ଏକଇ ଛଳନ ଚଂପତୋଇ । ନେଗଳି ଗଲ୍ୟ ସଙ୍ଗ ଖାଇ ।
ମନ୍ତ୍ରୀଙ୍କ ଝିଅ ସଙ୍ଗ ମିତ । ଆଉରୁ ଅନେକ ସଙ୍ଗାତ ।
ଖେଳଇ ବେଶ ସଙ୍ଗାତଙ୍କୁ । ବରଷ ପାଞ୍ଚ ଦିନା ଡାଲୁ ।
ଖେଳନ୍ତି ଧୂଳଘର କରି । ଘର କରଣ କରି ଧୂଳି ।
ଏକ ବ୍ରାହ୍ମଣୀ ଗଣ୍ଡୀ ଆସି । ଝିଅଙ୍କ ଖେଳ ମଧ୍ୟେ ପଶି ।
ବୋଲଇ ଚଂପତୋଇ ମା ଏ । ବାପ-ମାଆଙ୍କ ଏକ ଝିଅ ।
ସାତ ଭାଇଙ୍କଠାରୁ ସାନ । ବାପ-ମାଆଙ୍କର ଜୀବନ ।
କରନ୍ତୁ ଡାଙ୍କିଣ କୁଳଇ । ବେଧଣ ଡାଙ୍କିଣ ତୋଳାଇ ।
ତୋ'ପରି ହୋଇଥିଲେ ମଣ୍ଡି । ନରନ୍ତି ସୁବର୍ଣ୍ଣ କୁଳଇ ।
ବାପ-ମାଆଙ୍କୁ କରି ଦୁଃଖ । ଗଢ଼ନ୍ତି ସୁବର୍ଣ୍ଣର ରୂପ ।
ତୁ ସାତେ ହୋଇଅଛୁ ଯାହା । ତୋତେ କି ନ ମିଳଇ ତାହା ।
ଦେଖ ଏ ମନ୍ତ୍ରୀ ଜେମାଦେଣି । ସେଲକ୍ଷ୍ମୀ ସୁନାର ଭୂଷଇ ।
ଏଠାରେ ସାଧବଙ୍କ ବାଳୀ । କୁମ୍ଭର ଘଣ୍ଟି ବେଢେ କଳ ।
ଖେଳନ୍ତି ସୁନା କୁଡ଼ୁଲଇରେ । ଡାଙ୍କିଣ କୁଳଇ ତୋ ଘରେ ।
ଏମନ୍ତ କହି ଗଣ୍ଡୀ ଗଲା । ପ୍ରକୃତିସ୍ଥ ବେଶ ହୋଇଲା ।
ଖେଳ ଶୁଣିଣ ସବବାଳୀ । ଅଙ୍ଗ ମୋଡେ ଘନଲ ଭଳି ।
ତରଷେ ଚଂପତୋଇ ଗଲା । ଚିନ୍ତିଣ ଘରରେ ଶୋଇଲା ।
କବାଟ କଳି ମୁଖ ମାଡ଼ି । ନଶୋଇଲା ଘଡ଼ଘଟ ପାଡ଼ି ।
ସମସ୍ତେ ଭୁଞ୍ଜିଣ ବସିଲେ । ଝିଅକୁ ବାପା ପଖୋଜିଲେ ।
ମାଏ ବୋଲନ୍ତେ ଆସି କାହିଁ । ଏତେ ବାକ୍ୟରେ ଶୁଣ କାହିଁ ।
କହଇ ସାନବୋହୂ ସୁଣ୍ଡୀ । ଅଛଇ ଚିନ୍ତିବରେ ଶୋଇ ।
ଶାଧବ ପେଲିଲ କବାଟ । ବସିଲ ଶାଇ ଉଡ଼ଖଟ ।
ବୋଇଲେ କାହିଁପାଇଁ ମାଏ । ଶୋଇଛୁ ଚିନ୍ତିଲା ପରସ୍ତେ ।
ଗଢ଼ାଇ ଦେବ ଖଜଥିଲେ । ଖୋଜାଇ ଦେବ ଦକଥିଲେ ।

ଯୋଗୀ ନ ଯୋଗ ନ ଖଣ୍ଡିଲ । ଭାମ୍ଭନ ଘାସ ନ ନ ଦେଖ ।
ଗଣ୍ଠ ନ ନ ଖଣ୍ଡିଲ ମାନ । ଦେଖ ଅବା ଚୋରେ ଦେଲ ଗାନ ।
ନ ଅବା ଭଗଲ ଙ୍କ । ଗାର୍ଣ୍ଣିକ ଲୁଣ୍ଠିଅଛୁ ଅବା ।
ଯୋଗ୍ୟ ନ ଗଣ୍ଠ କର୍ମା ମୋତେ । ଲୁଣ୍ଠିଛୁ ଦେଇ କନିଷ୍ଠରେ ।
ସ୍ୱତନ୍ତ୍ର ନ ସୁବର୍ଣ୍ଣ ଜଗଦୋଷ । ଶୋଭନ୍ତି ମାନବର ଦୋଷ ।
ସେପର ଭଲ ଛଡାଉଲ । ମାତା ଶ୍ରୀ ଅନେକ କରୁଣ ।
ଦେବେନ୍ଦ୍ର ନ ଗଠନ ବାଣୀ । କୃଷ୍ଣପ୍ରସାଦ ଶୋଭ ଘନ ।
ଗଜେନ୍ଦ୍ରୀ ଗାଲେ ସାଗରଜାଙ୍କ । ଜଗଯୋଗର ପ୍ରିୟ ସେତ୍ର ।
ସେ ବୋଲ୍ ଅନେକ କଷ୍ଟଲ । ଛାଡ଼ାର କରେନ ଛଡ଼ିଲ ।
ବୋଲନ୍ତି ବାପାଙ୍କୁ ଜନ୍ମକୁ । ସୁବର୍ଣ୍ଣ ସୁଧ ମୋତେ ଦେବୁ ।
ନ ଦେଲେ ନ ଖାଇବ ସୁନ । ତୋ ଆଗେ କହିଲ ମୁଁ ସତ ।
ଶୁଣି ସମସ୍ତେ ତୋଷ ହେଲେ । ଝିଅକୁ ସମସ୍ତେ ବୋଇଲେ ।
ଏ ଲୁଣ କଥାକୁ ସେ ମାୟେ । ଶୋଭନ୍ତୁ ନ ମିଳନ୍ତ ପ୍ରାୟେ ।
ଜାଲି ଖଣ୍ଡରେ ଗଡ଼ାଇଲ । ଜଦର ଖନନ ସୁନ ତେଣ ।
ଶୁଣି ଶୁଣିକ ଜଗଦୋଷ । ଲୁଣ୍ଠି ନ ମାତା ବୋଲେ ଶାନ୍ତ ।
ଏମନ୍ତ ବଚନ ଶୁଣିଲ । ସାଧବ ଶତାଣୀ ଆଣିଲ ।
ସାଧବ ସାଧବାଣୀ ଦୁଇ । ଗଡ଼ାନ୍ତି ସୁବର୍ଣ୍ଣର ଶଣୀ ।
ସ୍ୱର୍ଣ୍ଣ ଚାଲୁଣେ ଦଣ୍ଡି ସ୍ତ୍ରୀ । ଚନ୍ଦ୍ରକୁ ଦେଖିଛି ସେ ତାସ ।
ଏମନ୍ତ ଅକାଳେତେ ଗଲ । ସାଧବ ଅଧୀଶ୍ୱରେ ମନ ।
ମାତା ଶ୍ରୀ ମନ ପୂର୍ଣ୍ଣବନ୍ତ । କୃଷ୍ଣପ୍ରସାଦ ଶୋଭେ କାଢେ ।
କହୁ ଜନବେ ଶିଷ୍ୟ ସାର । ବ୍ରାହ୍ମଣ, ଜଗନ୍ନାଥ ଭକ୍ତ ।
ଏମନ୍ତେ ଦେଖେ ଜନ ଗଲ । ବୋଇଲ ପଦାର୍ଥ ସବୁଲ ।
ସକଳ ଦେଖି ଶଙ୍କିଲେ । ବୋଇଲ ମେଳବା ବୋଇଲେ ।

× × × ×

ଚନ୍ଦ୍ର ସାଧବର ସାତ । ସପତ ଭଲ ଗୁଣବନ୍ତ ।
ବୋଇଲ ଗେଳ ଦଶିଜକୁ । ଦେଶର ଜଂଲ ସେ ଘିବାକୁ ।
କନ୍ୟା ଭଲ ବରଗିଲ । ସାତ ବୋହୁଙ୍କୁ ଡକାଇଲେ ।
ବୋଇଲେ ଅଙ୍ଗେ ଆମର । ମନ୍ଦିଲ ସେ ଜନମ ଘିଅର ।
ବୋଇଲେ ସାଧୁଅଛୁ ଆମ୍ଭେ । ଘର ସମ୍ଭାଳ ଥାଅ ତୁମ୍ଭେ ।
ଜଗଯୋଗନ ଦେବଅନ୍ତ । ଯେମନ୍ତେ ଏଥି ନ ହୁଅନ୍ତ ।

ଭୋଜନ ଶେଷ ସେବକ ଜାଣି । ଦମ୍ପି କଣ୍ଟକ ସ୍ୱଚ୍ଛ ବାଣୀ ।
ପ୍ରକ୍ଷାଳେ କରଯୁଗଳ ସ୍ନାନ । ପିଙ୍କାଇ ସୁଶ୍ରୀଙ୍କ ବଦନ ।
ଅମୃତ ଭୋଜନ କରାଇ । ନଳଙ୍କେ ଶୁଆଇବ ନେଇ ।
ଯୋଡ଼ାଏ ସେଜ ଗଲେ ପୁଣି । ମୃଗ ପଖାଳ ଢାଳି ଛାଣି ।
ସୁବୁ ପଦାର୍ଥ ଉପସ୍କର । ସେଉଣ ସେତ ଉତପର ।
ସେଣି ବସନ କରାଇବ । ଢୋଲରେ ନେଇ ଲଗାଇବ ।
ଏମନ୍ତ ସର୍ବ ନିଷ୍ଠମାନ । ସେବଣ ଅବ ପ୍ରକ୍ଷଦନ ।
କୁଙ୍କୁମ ଚନ୍ଦନ ଲେପିବ । ନଦବେଣ୍ଟି ଦେଖା ନ କରିବ ।
ଶୁଣି ବୋଲନ୍ତି ଶାତ ଯାଏ । ଝିଅଙ୍କୁ ଦାର୍ଣ୍ଣି କନ୍ଥ ଭସ୍ୱେ ।
ନିରତେ ସେବା କରିଥିବୁ । ସରଣ ସେଁ ଦେଖା ନ କରିବୁଁ ।
ଭୃତ୍ୟଙ୍କୁ ଦେଖିବାନ୍ତୁ କଳା । ସେକା କରଣ ଆଉ ଦିନା ।
ସେଦେବ ଯାଜ୍ଞକ୍ଷ ବର୍ଣ୍ଣିକର । ଅଣିଥିବନ୍ତି ଅଳଙ୍କାର ।
କେ ବୋଲେ ହୀରାର ବଳଣି । ନେଉଁଦର ଛାଡ଼ି ଥିବ ଆଣି ।
କେ ବୋଲେ ମୋର ରତ୍ନଚୂଡ଼ । ଅଣ୍ଟା ଉଦନେ ଥିବ ଜଡ଼ ।
କେ ବୋଲେ ସୁବର୍ଣ୍ଣ କଙ୍କଣ । ଆଣିବ ମୋର ନିମନ୍ତେଣ ।
କେ ବୋଲେ ମୋର ରତ୍ନକଳା । ଚନ୍ଦ୍ରକାନ୍ତିର ଥିବ ମାଳା ।
ମଧ୍ୟରେ ବସିଥିବ ହୀରା । ଦୂରକୁ ଦିଶୁଥିବ ଶୋଭା ।
କେ ବୋଲେ ଗଜମୋତିମାଳା । ମିଶିଣ ଥିବନ୍ତି ପ୍ରୋଢ଼ଳା ।
କେ ବୋଲେ ସୁନାକଣ୍ଠିମାଳ । କେ ବୋଲେ ଆଣିବ କୁଣ୍ଡଳ ।
କେ ବୋଲେ ହୀରା ମଲ୍ଲୀନଡ଼ । କେ ବୋଲେ ବାହା ଛାଡ଼ ପୋଡ଼ ।
ଏମନ୍ତ ମାଗିଲେ ତରୁଣୀ । ସେ ଦାହା ମନ ଲଜ୍ଜା ଜାଣି ।
ସଖିଙ୍କି କହେ ଚଅପୋଶ୍ଣ । ମୋ ପାଇଁ ଆଣିବ ଦର୍ପଣ ।
ଏମନ୍ତ ଶୁଣି ଯାଇ ସାହା । ବୋଇଲେ ଆଣିବୁ ସମସ୍ତ ।
ସଜଳ ଦୁବେଷ ପଦ୍ମ କୁଟମ୍ବ । ବାହାର ଲୋକ ଦିନା ଆସ୍ତେ ।
ଏମନ୍ତ କହି ଯାଇ ଯାଇ । ଡ଼ଗଳ ବୋଇଲ ଗଲେ ବାହ୍ୟା ।

(‘ଖୁଦୁରୁକୁଣୀ ଓଷା କଥା’ରୁ ଗୃହୀତ)

*

# ଗୋପୀ ଚନ୍ଦନ

## ବୃନ୍ଦ ଦାସ

### (୧)

(ରାଗ-ବେଷ୍ଟି)

ଯେଉଁଦିନ ସମୟେ ଗୋପ- ନଗରେ ସକଳ ଗୋପୀ,
କୃଷ୍ଣର ବାରତା ଯେତେକ ଆନରେ ପୁଛନ୍ତି ।
କେ ବୋଲେ ମଧୁସୂଦନ ଦ୍ୱାରକା କଲେ ଗମନ,
କେ ବୋଲେ ମଥୁରା ନଗରେ ଅଛନ୍ତି ।
କେହୁ ବୋଲେ ଅବଧି କେତେ ?
ଅବଧି ନ ଜାଣି ଥିର ନୋହୋଇ ଦେହ । ।୧।
ନିଶ୍ଚୟ ଜାଣିଲେ ଗୋପୀ ଦ୍ୱାରକା ଗଲେ ମାଧୋଇ,
ଯେମନ୍ତ ଜାଣି ଅଧିକ ଖେଦ ବଢ଼ିଲା ।
ସନ୍ଦେହ ଥିବାର ଯାକେ ଦର୍ଶନ ନ ଦେଲେ ବେଦନ,
ଯେତେକ ଆମ୍ଭ ଦରଶନ ଆଶ ଛୁଟିଲା ।
ସଜନି ଗୋ କରିବା କଣ ?
କାହାକୁ ପେଷିବା କେହୁ କହିବ ସନ୍ଦେଶ । ।୨।
ସନ୍ଦେଶ ପଠିବା ଲଗି ପନ୍ଥ ଅନୁସରି ରହି,
ପନ୍ଥ ନ ଦେଖିଲେ ଲୋକ ଯୋଗ କଷ୍ଟବା ।
ଯେଉଁଦିନ ସମୟେ ଉର୍ଦ୍ଧ୍ୱେ ଗଗନେ ରେଣୁ ଉଡ଼ିଲ,
ଦୁହୁଁ ଦେଖିଲେକ ଯେବେ ରଥ ଆସିବା ।
ରଥ ଦେଖି ଗୋପୀ ହରଷ,
ଜନନ ବଚନେ କି ରଥ ହୋଇଛି ପ୍ରକାଶ । ।୩।
କେ ବୋଲେ ଅବା ମାଧବ କେ ବୋଲେ ଅବା ଉଦ୍ଧବ,
କେ ବୋଲେ ଆମ୍ଭର ପୁଣ୍ୟ ଫଳ ଫଳିଲା ।
କେ ବୋଲେ ଅବା ଯେଥକୁ ଆସିଛି ଦେବ ଆମ୍ଭଙ୍କୁ,
ଅକ୍ରୂର ପେଷିଲା ବୋଲି ଗୋଟି ଏକ ବୋଇଲା ।
ଏଡ଼ କି ହୋଇବ ବେନୁ କଥା,
ଯେବେ ଦେବ ସରବ ଆମ୍ଭ ଦରଶନ ତଥା । ।୪।

ଏମନ୍ତେ କହନ୍ତେ ସ୍ମରି ଗୋଷ୍ଠ ରଥ ସନ୍ଧ୍ୟେ ମିଳଇ,
ଚିହ୍ନିଲେ ଉଦ୍ଧବ ବସିଅଛି ରଥରେ ।
ପ୍ରସନ୍ନ ତା ମୁଖ ଦେଖି ହରଷ ହୋଇ ସୁମୁଖୀ,
ବସ୍ତ୍ରିଲେ ସୁଖପଦ ଜାଣ ହୋଇଲେ ।
ନନ୍ଦ ପୁର ପାଞ୍ଚେଣ୍ଟି ଗଡ଼ିଲ,
ରଥରୁ ଓହ୍ଲାଇ ଉଦ୍ଧବ ଅଇଲେ । ।୫।
ପୁଲକ ସର୍ବ ହୃଦରେ ମୁଖ ଉଷ୍ଣନଳ ଧୀରେ,
ନୟନୁ ଜଳ ଝରନ୍ତ ବାମ ଛିଣ୍ଡିଲେ ।
ଉଦ୍ଧବ ସ୍ମୃତି ସେମନ୍ତ ଦେଖି ରମଣ ଲାଜି ଚିନ୍ତି,
ଭୂମିରେ ପଡ଼ନ୍ତେ ଧାଇଁ ଘୋଷ ଧରିଲେ ।
କେ କହିବ ଗୋପୀଙ୍କ ସୁଖ,
ଜଣି ନ ପାରିବ ତାହା ଚତୁରମୁଖ । ।୬।
ଉଦ୍ଧବକୁ ଦେଖି ଘେରି ଅଧୀର ଅଧୀର ହୋଇ,
ପଚାର ନନ୍ଦକାନ୍ତ ଠାବେ ଯାଇ ବସିଲେ ।
ହେମମଣି ଟୋପଲେରେ ନୀଳମଣି କି ମଧ୍ୟରେ,
ଉଦ୍ଧବ ଗୋପୀ ମୋହନ୍ତୋଳ ଲେଖନ୍ତେ ଶୋଭିଲେ ।
ପ୍ରେମ ଗୋପୀ ଉତ୍ସୁକ ହୋଇ,
ବାରତା ପୁଚ୍ଛ କୋଳି ସଖୀ କହଇ । ।୭।
ଶୁଣିଲ ସେ ଗୋପନାରୀ ପ୍ରେମଭରେ ଛନଛନ,
ଗଦଗଦ ସ୍ୱରେ ତା ବଚନ ଭଣଇ ।
ସେ ଜନ୍ମ ଜୀବନ ଦେହ କୃଷ୍ଣର ବାରତା ଜଣ,
ଶ୍ରବଣ ପୁଟକୁ ସେ ପୀୟୂଷ ବଳଇ ।
କହ ଉଦ୍ଧବ ଧନ୍ୟ ତୁମ୍ଭର,
ତୁମ୍ଭର ବଚନ ସୁଖଜଳ ଆମ୍ଭର । ।୮।
ଉଦ୍ଧବ ସେ ବାଣୀ ଶୁଣି କୃଷ୍ଣ କଥା ମନେ ଘୁଣି,
ପୁଲକ ହୋଇଲା ତା ସକଳ ଶରୀର ।
କହେ ଦରହାସ ବାଣୀ ଆଶ୍ୱାସ ଦେଲେ କମ୍ବୁପାଣି,
ଗୋପୀ ସମସ୍ତ ଆସନ୍ତୁ ଦ୍ୱାରକାପୁର ।

ସେ ଆମ୍ଭର ସେ ଧନ ପ୍ରୀତି,
ସେହୁ ସେ ଜାଣନ୍ତି ଆମ୍ଭ ହୃଦୟଗତି । ।୯।
ତାହାଙ୍କର ସବୁ ଧନ ନେଇ ନେଲେ ଆମ୍ଭ ମନ,
ତାହାଙ୍କ ସ୍ମରନ୍ତୁ ଆନ ନ ସ୍ମରଇ ସ୍ମର ।
ସେହୁ ଆମ୍ଭ ବନ୍ଧୁ ଆନ- ନ ଭଜନ୍ତି ନାହିଁ ଜନ,
ସନ୍ଦେଶ କହି ତାଙ୍କୁ ନେଇ ଆସିବ ।
ଯାଅ ବେଗେ ଆସ ତ୍ୱରିତ,
ଚାହିଁ ଥିବୁ ଆମ୍ଭେ ଯିବା ଆସିବା ପଥ । ।୧୦।
ଏମନ୍ତ ଶୁଣିଣ ବାଣୀ ଉଦ୍ଧବ ସଙ୍ଗ ଗୋଆଳୀ,
କେ ବୋଲେ ମନ୍ତ୍ରଣ କୋଣ କେମନ୍ତ ଯିବା ।
କେ ବୋଲେ ଯେ ଯିବ ଯାଉ, କେ ବୋଲେ ଯେ ଥିବ ଥାଉ,
କେ ବୋଲେ ନ ଯାଇ କେମନ୍ତେ ରହିବା ?
ଯିବାର ସମସ୍ତେ ହେଜିଲେ,
ଯିବା ଯିବା ବୋଲି ଯେ ଯାହାରେ ଉଠିଲେ । ।୧୧।
ଉଦ୍ଧବ ବୋଲଇ ବାଣୀ ଶୁଣ ଗୋ ସାଧୁ ତରୁଣୀ,
ପୁଷ୍ପ ବିମାନ ମାତଳି ନେଇ ଆସିବ ।
ସମସ୍ତେ ଚଢ଼ି ବସିବ ପଥ ଶ୍ରମ ନ ପାଇବ,
ଦ୍ୱାରକା ଭୁବନେ ଗୋ ତ୍ୱରିତେ ମିଳିବ ।
ଏହା ଶୁଣି ହୃଷ୍ଟିଲେ ଗୋପୀ,
ଆକାଶୁ ପୁଷ୍ପବିମାନ ଖସି ଆସଇ । ।୧୨।
ବିମାନ ଆକାଶୁ ଖସି ଗୋପୀଙ୍କ ସନ୍ନିଧେ ଆସି,
ବିମାନ ମିଳିବା ଦେଖି ଗୋପୀ ଚକିତ ।
ବୋଲନ୍ତି ସେଥୁ ଦେବଯାନ ଆମ୍ଭେ କି କରି ଅର୍ଜନ,
ସହଜେ ଗୁଆଳୀ ଲୋକ ଜାଣ ଉଚିତ ।
ଏହା ଶୁଣି ଉଦ୍ଧବ ବୋଲେ,
ଶୁଦ୍ଧ ଆର୍ଯ୍ୟାଂ ଦେବେ କି ସୁଜନ ବୋଲିଲେ । ।୧୩।

× × ×

(୨)

ନଃବର ବେଶ କରଇ ଗୋପୀଏ
କୃଷ୍ଣଙ୍କୁ ବୋଲନ୍ତି ସଖି ।
ଶୀତଳନ୍ତ ମୂଳେ ଭଜେ ଭଣି ସ୍ନେହେ
ବଜାଅ ଏପରି ବଂଶୀ, ପ୍ରଭୁ ହେ । ।୧।

ବୋଲନ୍ତି ମୁରାରି ଶୁଣ ଗୋପନାରି
ତୁମ୍ଭର ଅସିବା ପାଇଁ
ତୁମ୍ଭେ ଯେବେ ଆସ ସନ୍ମୁଖେ ଅଛ ମୋ
ଆଜି କି ବେଣୁ ବଜାଇ, ସଖି ଗୋ । ।୨।

ସ୍ନେହନ ସମସ୍ତେ ଚନ୍ଦ୍ର ସୁଧାକର
ଗଗନେ ଉଦୟ ହୋଏ
ମଳୟ ସମୀର ଯୋଗ ମନସିଜ
ଧୀରେ ଧୀରେ ଚଳାଏ, ପ୍ରଭୁ ହେ । ।୩।

ପିକ ମଧୁକର ରବ ନିରନ୍ତର
କୁସୁମ ପବନ ସ୍ୱରେ
ଯୁଗ ବିନୋଦ କରନ୍ତି ଯୁବଛାଂସ୍ତ୍ରୀ
ଏମନ୍ତ ଉପବନରେ, ପ୍ରଭୁ ହେ । ।୪।

ତ୍ରିକୁଣୀ ରାଧିକା ସତ୍ୟବତୀ ଏକନ
ସୁକଣ୍ଠ ହୋଇ ମୋହ୍ରୋଣୀ
କେ ମୃଦଙ୍ଗ ବୀଣା ତାଳ ଧରେ କେବା
କେବା ମାରେ କରତାଳି, ସୁଜନେ ହେ । ।୫।

ସୁସ୍ୱରେ ଗୀତ ଗାଆନ୍ତି ସ୍ନେହେ ସ୍ନେହେ
ଭାବେ ଭାବେ ପ୍ରେମ କରି
ଚୁମ୍ବିବା ଭୁଲିବା ହସିବା ଖେଳିବା
ଛୁଟେ କୃଷ୍ଣ ମନୋହାରୀ, ସୁଜନେ ହେ । ।୬।

ମଧୁସୂଦନ ଭଜ ମାୟା ରୁଂଚିଲେ
ମଧ୍ୟରେ ଥାଇ ଗୋପାଳୀ
ଯେତେ ବରଜାସ୍ତ ତେଷକ ମୂରୁଖ
ଦୋଲାଉଛନ୍ତି ବନମାଳୀ, ସୁଜନେ ହେ । ।୭।
ସମସ୍ତେ ମଣନ୍ତି ପେଖା ଶୀରଷତି
ମୋ ଭୁଲେ କରନ୍ତି କେଳି
କେହି ନ ଜାଣନ୍ତି ଅନନ୍ତ ମୂରତି
ଦୋଲାଉଛନ୍ତି ବନମାଳୀ, ସୁଜନେ ହେ । ।୮।
ଷୋଳସହସ୍ର ଗୋପୀ ଷୋଳଶଏ ନାରୀ
ଅଷ୍ଟପାଟ ମହାଦେବୀ
ଯେତେକ ଯେତେକ ରୂପ ଧରି ସାବଧାନ୍ତି
ଯେ ଯାହାର ଭାବେ ଭାବ, ସୁଜନେ ହେ । ।୯।
କୃଷ୍ଣ ସୁବର୍ଣ୍ଣ ମେଘଶ୍ରେଣୀ କି କହିବା
ଯେ ଯେତେଁ ତେତେଁ ଦେ ବଶେ ।
ନକ୍ଷତ୍ର ଗଣ ମଧ୍ୟେ ଯେସନ୍ତେ ଚନ୍ଦ୍ରମା
ଗଗନେ ଶୋଭା ପ୍ରକାଶେ, ସୁଜନେ ହେ । ।୧୦।
ବିବିଧ ତତ୍ତ୍ୱ କରନ୍ତି ନାନା ପ୍ରୀତି
କରତାଳ ମାନ୍ତୁଥାନ୍ତି
ଯେତେକ ଯେତେକ ଅଙ୍ଗ ଅଙ୍ଗରେ ସମ୍ଭୋଗ
ମୁରଲୀ ତମ୍ବୁର ବାଜନ୍ତି, ସୁଜନେ ହେ । ।୧୧।
ବ୍ରହ୍ମା ଶଙ୍କର ସୁରଗଣ ସକଳ
ଗଗନ ମଧ୍ୟରେ ରହି
ଜୟ ଜୟ ଧ୍ୱନି ସ୍ତୁତି କରି ଯେତୁ
ପୁଷ୍ପ ବରଷନ୍ତି ତହିଁ, ସୁଜନେ ହେ । ।୧୨।
କେଉଁ ସୁବର୍ଣ୍ଣ ନିଶ୍ୱାସ ଖରତର
ଅବତଣ ବଚସ ମହୀରେ
କେଉଁ ସୁବର୍ଣ୍ଣ କାତୁଂଲୀ ବଂଶ ଛଟକେ
କେଶ ବାସ କେହୁ ଧରେ, ସୁଜନେ ହେ । ।୧୩।

ଦୃଶ୍ୟ ବିନୋଦ ଚକ୍ଷୁଏ ସେ କଳ୍ପବ
ଦୃଶ୍ୟ ବିନୋଦୀ ତା ଜାଣନ୍ତି
ଶ୍ରବଣ ଶ୍ଳୋକରେ ଗାନ କରେ ମନେ
ଅଧିକେ ବଢ଼େ ଆସକ୍ତି, ସୁଜନେ ସେ । ।୧୮।

('ରୋଗୀ ରୋଦନ', କୃଷ୍ଣସୁ
ଛନ୍ଦ ଓ ବର୍ଣ୍ଣ ଗ୍ରନ୍ଥରୁ ଉଦ୍ଧୃତ)

※

# ଘୁଣ୍ଟି ଘ୍ ସୂତି

## ଗୃହ ଦାସ

ଶ୍ରୀଜଗନ୍ନାଥ ଗଜପତିପୁଅ
ରଥ କାରଣେ ରାମଚନ୍ଦ୍ର ଗଜପତି
ଅତି ଭକ୍ତି ମନ
ସମପିଲେ ଚଳନ୍ତି
ଧୂଳିର ଚରଣ ଗତି
କମ୍ପିତ ବସୁମତି
ଢୋଲ ଦମ୍ମାଲୁ ଭେରୀ ବାଜଇ ।
ହରିବୋଲ ଶବଦେ ଧରା ଗଗନ ଛୁଇଁଲା
ଧନ୍ୟ ରାମଚନ୍ଦ୍ର ଚତୁର୍ଦ୍ଦିରେ ଶୁଭିଲା
ସୁଖ ବଢନ୍ତି ।୧୦ ।
ସୁଖ ପ୍ରୀତି
ନରପତି
ଶଙ୍ଖିଲେରେ ଗୁପ୍ ମଣ୍ଡପଅ
ବେଦ୍ୱ ବାଣିଲେ ଭକ୍ତ ଚରଣେଲ ଗତିଅ
ଧର୍ମୀ ମାନବ ଗୁରୁଗ୍ରନ୍ଥ କର୍ଣ୍ଣାଟ ଏକାଳ ରାଷ୍ଟ୍ର ନୃପଦାୟୀକୁଅ
ଭୁଦ ବଢନ୍ତି ରାମଚନ୍ଦ୍ରଙ୍କ ସମ୍ପତ୍ତି ଜଗତଲୋଚନ ସୁଖ ଦାୟୀକୁଅ
କହାର—ନ X X ତେଣେ ଓଁ ଓଁ ଓଁ ଓଁ ଧର୍ ଧର୍ ଭାଙ୍ଗୁଛି ଶୁଭାଶୁଚେ ।
ଚତୁର ବର୍ଣ୍ଣଦାତ୍ବକ ଶ୍ରୀମନନନ୍ଦନ
ମୌଳି ମଣ୍ଡଳେ ଚକ୍ରବନ୍ଧ ସଲ୍ଲୁଣ ଖଣ୍ଡନଲେ ।୨୦ ।
ଗୀତା ଗୀତ ବଚନ ନୈଷ୍ଠିକ ବନ୍ଧ ବର୍ଣ୍ଣେ ପୁଜନ୍ତିଲେ ଅ
ବଳଭଦ୍ର ସୁଭଦ୍ରା ସୁଦର୍ଶନ ଜଗ ଦର୍ପଭଞ୍ଜନ
ସୁଖ ପରମ ଆନନ୍ଦ ଜୀବନ
କଲୁଷ ହର ତିମିର ଖଣ୍ଡନ
ସତଗତର ଗାଳନ ନାଶନ ଏଅ
ଲଅ ଲଅ ଅ ଦେଉ ଆଲଅ ଅଲ ଅ ଲ ଅ ଅଲ ଲଅ ଅଅ ଅ ଦେ ।
ଚତୁର ବର୍ଣ୍ଣଦାତ୍ବକ ଶ୍ରୀମନନନ୍ଦନ

ଆବେଗ — ନାନାବିଧ ବିନୋଦ ବିରଚିତ ବାସର ପ୍ରଭଗାମିଣ
ଅବିରତ ସୁଖସୁର କନ୍ଦର ନରଗଣ ଅବଲୋକନ ।୩୦।

ଧନ୍ୟ ଧାରଣି ରାମଚନ୍ଦ୍ର ଦେବ
ନୀଳଗିରି ଯଉ ଚରଣ କମଳେ ଶରଣୁଆ
ଚତୁର୍ବର୍ଗଦାୟକ ଶ୍ରୀମାନକନ୍ଦର
ସାତକଳା ନଟା — ଥେଇତା ଖୁଣ୍ଟେଇ ଧକ୍ ତାକ୍‌ତେ ତେଥେଇ
ତଥୋ ଧକ୍ ଧକ୍ ତାଖୁ ତାଖୁ ତା ତା ତା

ଦ୍ୱାଦଶ ବିନୋଦ ଶ୍ରେଷ୍ଠ ମହୋତ୍ସବ ଗଣ୍ଡିଚ୍ଛ ନାମେ ସେ
ରଥ ଆରୂଢ଼ ଆଡ଼ପର ମଣ୍ଡପେ ଚତୁର୍ଦ୍ଧା ମୂରତି ବିଜେ
ତ୍ରିଭୁବନ ପୂରେ ଶଙ୍ଖ ଶବଦ ଧ୍ୱନି ପିଙ୍ଗ୍ ଉଲ୍ଲୁଳି ଚଳେ
ଚତୁର୍ବର୍ଗ ଯୂର ଉତ୍ସବ ସମିତି ବ୍ରହ୍ମକାଂ
ସଙ୍ଗ ସାଦର ଲକ୍ଷଣ ଅନୁଷଙ୍ଗେ ସୁଧା ବର୍ଷନ୍ତେ । ।୪୦।

ଅବିରତ ବଡ଼େ ଧାଗ ଅବଲୋକନେ
ସୁଖକାଷ୍ଠ ଭରେ ଦୃଢ ମନ ଜନେ ବନ୍ଧୁ ଜାଣେଇଆ
ରାମଚନ୍ଦ୍ର ନୃପ ଗୁଣଶିରୋ ସୁଖସ୍ତେତ
ଲୋଚନ ମନ ପ୍ରାଣେ ତ୍ରିଭୁବନ ପୂରେ
ଶଙ୍ଖ ଶବଦ ଧ୍ୱନି ପିଙ୍ଗ୍ ଉଲ୍ଲୁଳ ଚଳେ ।
ଧକ୍ ଧକ୍ ଥେଘ୍ଘା ତାତଣ୍ଣ ଥେଇ ଥେଇ ଥୋ ଧକ୍ ଧକ୍
ତା ଖୁ ତା ଖୁ ତା ଖୁ ତାଖୁ
ରଣ ବିନାନ୍ତରେ ପରମ ପଦ୍ମପ୍ରୀତି ବିଚ୍ଛେଦ ଦୋଦୁଲରେ ଥାବେ
ଲୁଲିତେ ଗୁଣ୍ଡିଚ୍ଛ ପୁର ସନ୍ନିଧେ ପାବେ
ପ୍ରତ୍ୟୁର ଲୁଣ୍ଠ୍ୟଗଣ ଦୋଷ ଲୁଟେ ଦଣ୍ଡ ଦଣ୍ଡାବେ ।୫୦।

ମଣ୍ଡ ତଣିକା ଚଉତ ପ୍ରାଣମଣି ପୂରେ ମିଳଆବେ ।
ରଥ ଦକ୍ଷିଣାମୁଖ ଅବଧିକୃତ ଦେବ
ଲକ୍ଷ୍ମୀବାନନ୍ଦ କମ୍ପବର ଚବ ଗାବେ
ଚାଲନ୍ତି ନୀଳଗିରି ଶିଖରେ ଉତ୍ସବେଣ
ଜଗଜ୍ଜନନୀ ମୁଖ ପୂର୍ଣ୍ଣେଣୀ କରେ

ଦେଖି ନୃପନ୍ତ ମନ କୁମୁଦ ଉଲ୍ଲାସେ
କଳ କଲୁଷ ଘୋର ସନ୍ତାପ ନାଶେ
ଢମ୍ପା— ଦଗ୍ ଦଗ୍ ଦେସ୍ମା ଭୂଞ୍ଜ ତଥୈ ଥୈ ଥେଆ ଦଗ୍ ଦଗ୍ ତାଣ୍ଡ ତା ତନ୍ତ୍ର । ୭୦ ।

ଢମକଣୀ ଢମକ୍କ ଜାଣି ଜାଣୁ ମଣ୍ଡଳ ଶିରୋମଣି
ଭଣତେଲ ଗୁଣ୍ଡିରୁ ଦେବ ବାଦୁଡ଼ା ଭ୍ରମଣି
ଘନ ଘନ ବାଜିଲା
ଘନ ଘନ ମର୍ଦ୍ଦଳ
ନିଶାଣ ବୀରତୂରୀ ଘଣ୍ଟ ରବାଗଣ ଘନ୍ଟୁଖାଣ ଖୁରଲି
ଝଗ ଗଗନ ଶବଦ ଘନଘଟର ଡେଆ
ଆ ଆ ଆ ଆ ଆ ଆ ।

ଘନ ଘନ ବାଜିଲା
ଦେବ ଦେବ ଗଣନ୍ତି ତଜତେ ଜପେ
ସକଳ ସୁଖ ଉଦୟେ । ୭୦ ।

ଧ୍ୱନି ଶୁଣି ରାମଚନ୍ଦ୍ର ଦେବ ନୃପ ପୁଲକ ପୂରିଲା କାଏ
ଘନ ଘନ ବାଜିଲା ।

ସରିମାନ—ସଂକର୍ଷଣ ସୁଦର୍ଶନ ସୁଭଦ୍ରା ଶ୍ରୀ ନାରାୟଣ

ରଥ ଯାନ ଚଢ଼ି ଉଭା ଅଙ୍କୁଳିତ ଶୋଭା ପରକାଶି
ଧୀରେ ଧୀରେ ଧରଣୀ ଈଶ୍ୱର
ନାଗ ନର ସୁରାସୁର ଦେଖି ପୁଲକେ ଭୂଆ
ଏ ଅକତ ଚରଣଗତି ଗଳିତ ନମୁନ ମାର
ଗମନ ଦକ୍ଷିଣ ବାଟ ମଧୁର କଲେ ଏ କାରଣେ ଭୂଆ
ରାମଚନ୍ଦ୍ର ନୃପବର ରଥସୁରେ ଦେଇ ଶିର ଗମନ
ଏକତାଳି— ନନ୍ଦନନ ଯାଏ ଶେଷ ଶୋଭେ ଜଗୁନ୍ଦିବାସେ । ୮୦ ।

ମାଳାଙ୍କି ପ୍ରବେଶେ ରାମା ମନ ଉଲ୍ଲାସେ
ଆରେ ମାଇ ଦ୍ୱାର ରହିଲେ ପରିବାରୀ ପରିବାସ ଘରେ ।

ଗୁଣ୍ଡିଚିରୁ ବିନୋଦ ଦେବେ ଗାଇଲେ ଆ
କି ଆରେ ମାଇ ପୁରତେ ଉତ୍ସବ କଉତୁକେ ଧନ ବସ୍ତ୍ର ଦେଲେ

ପରିଜନେ ଦ୍ୱାର ଫେଡ଼ିଲେ ଆଜ
ଝଡ଼ରେ ଝଡ଼େ ଶଚୀରେ ଦେବସ୍ତ୍ରୀ
ଅଭିନବ ଇନ୍ଦ୍ରଦ୍ୟୁମ୍ନ ଅବତାର ।
ଯୁଗେ ଯୁଗେ ରକ୍ଷିଲେ ଏ ଭାରତ ବସ୍ତ୍ରାଭ ।
ରାମଚନ୍ଦ୍ର ନୃପତି ଦୁର୍ଲଭ ଗୀତି ଏ । ୧୦ ।
ଦ୍ୱିଜ ଭଣେ ଭଜ ପରଲୋକ ଗତ ଆ ।

*

# ରସକୁଲ୍ୟା ଚଉତିଶା

## ଦାମୋଦର ଦାସ

କହଇ ବୃନ୍ଦା ସଖୀ ଦୂତିକାକୁ
କଦମ୍ବମୂଳେ ଦେଖିଲି କୃଷ୍ଣଙ୍କୁ
କଳାକଳେବର ରଙ୍ଗା ଅଧର
କପାଳେ କସ୍ତୁରୀ ଟିକା ସୁନ୍ଦର ଯେ,
କୁବଳୟା ଫଳ ନାସେ ଯେ,
କାମ ବିକାର କମ୍ପକ ପ୍ରାଣବନ୍ଧୁ
ଦେଖି ସୁଧାନନ୍ଦ ଦାସେ ଯେ । ।୧।

ଖୋସିଛୁ ଟିରେ ମୟୂର ଶିଖଣ୍ଡ
ଖଣ୍ଡ ସଦନରେ ଶର କୋଦଣ୍ଡ
ଖଞ୍ଜି ଅଳଙ୍କାର ଗୁଞ୍ଜର ମାଳି
ଖଞ୍ଜି ପୁଞ୍ଜି ପୁଞ୍ଜି କାଢ଼ିତ ମାଳ ଯେ,
ଖିଳ ବ୍ରହ୍ମାଣ୍ଡ ଠାକୁର ଗୋ,
ଖୀର ନସୂର ଅଥାଙ୍କ ଶରେ ଭଲୁ
ଖଣ୍ଡ ଖଣ୍ଡ କଲା ମୋର ଗୋ । ।୨।

ଗଣ୍ଡସ୍ଥଳେ ଲୁଳେ କୁଣ୍ଡଳ ବେଶ
ଗଧାନ ଧ୍ୱଂସ ହୋଏ ଦେଖି ସଜଣ
ଗୋବିନ୍ଦ ଚଳାରେ ପ୍ରବାଳ ଖଣ୍ଡି
ଗୋପସ୍ତ୍ରୀଭ ସଙ୍ଗେ କରିଛି ଗୋଷ୍ଠି ଯେ,
ଗଜ ମୁକ୍ତାର ହାର ଗୋ,
ଗଭାନ୍ତୁ ଜାନୁ ପର୍ଯ୍ୟନ୍ତେ ଲମ୍ବଇ
ବନ କୁସୁମର ମାଳ ଗୋ । ।୩।

ଘଟଣ ସୁନ୍ଦର କିଙ୍କିଣୀ ଅଙ୍ଗ
ଘନ ଘନ ବଂଶୀ ବାଜେ ଶ୍ରୀରଙ୍ଗ
ଘୋଷିଲ ଅନ୍ତରେ ଅନଙ୍ଗ ଜ୍ୱର
ଘୂମାଇ ଘାରିଲା ମୋର ଶରୀର ଯେ,
ଘାଣ୍ଟିକଲା ରତିବର ଯେ,

ଝାଲୁଆ ବଉଣୀ ପ୍ରାଣେ ମୁଁ ହୋଇଲି
ଶୁଣି ତା' ବେଣୁ ସ୍ୱର ଯେ । ୪ ।
ନୟନେ ତା ରୂପ ଦେଖିଲି ସାହା
ନ ପାରିଲି କହି ବଚନେ ତାହା
ନ ଲୁଚଇ ମୋତେ ସଦନ ସୁଖ
ନ ଦେଖି ଦେଖିଲି କଳା ଶ୍ରୀମୁଖ ଯେ,
ନିବେଦନା ମୋର ଯେନ ଗୋ,
ନଟେଁ ପ୍ରାଣକାନ୍ତ ନେଇ ମୋତେ ରଖ
ଆଜନ୍ମ ତୋର ଅଧିନୀ ଗୋ । ୫ ।
ଜୟ ଯଦୁବର ! ସୁଧ ଜଗଟ !
ଚନ୍ଦ୍ରବଂଶାମ୍ବ ପାତ୍ର ନିକଟ
ଚମ୍ପକାଗ୍ରକଣ୍ଟ ମାଠେଣି ଦଣୀଁ
ବୃନ୍ଦେ ଯେମନ୍ତ ପଦନ୍ତୁ ମଣୀଇ ଯେ,
ଚତୁରାନନ ଧା ଦାସ ଗୋ,
ଚନ୍ଦ୍ରଶେଖର ପଲକ ନ ଟଳଇ
ଶୁଣି ଚନ୍ଦ୍ରଧର ବେଣ ଗୋ । ୬ ।
କ୍ଷୀଣ ଉଦର କ୍ଷୀଣ ରେଖାବଳୀ
ଛନ୍ଦ ହୋଇବେ ଦେଖି ସୁରବାଳୀ
ଗୁଞ୍ଜ ପତ୍ର ସୂତ ଗୁନ୍ଥ ବାସ
ଷଣ୍ଣ ନ ଛାଡ଼ିବେ ଶ୍ରୀକୃଷ୍ଣ ପାଶ ଯେ,
ଛନ୍ଦକ ତା ରୂପ ଦେଖି ଯେ,
ରୂପ ନିଲକ୍ଷଣୀ ଲୁଢ଼ି ମୁଁ ଅଇଲି
ତୋଷ କ୍ଷମାକର ସଖି ଗୋ । ୭ ।
ଜାମ୍ବୁନଦ ଜିଣି ପୀତବସନ
ଦାମିନୀ ଝଳକେ ଝଲଶ ଯେସନ
ଜଙ୍ଘ ବେଢ଼ ଯାଉବର ଜଳରୁ
ଯୋଗୀନ୍ଦ୍ର ବୃନ୍ଦ ଦେଖି ଯୋଗ ଛାଡ଼ନ୍ତି ଯେ,
ପଢ଼ି ଶୋଷ୍ଣ ଜଗବନ୍ଧୁ ଯେ,

ଝୁବର୍ଣ୍ଣ ଶାବକ                    କେତେକ ମାତର
ଦେଇ ରଖ କୁଶାଗ୍ରିକି ଯେ ।                    ।୮।
ଝିମଣ୍ଡଳେ ଦୁଗ୍ଧ ତମ୍ବୁ ଢଳନ
ଝାଡ଼କାରେ କୁଞ୍ଜବନେ ମିଳନ
ଝୁମ୍ପ କେତକର ପିଅର ଗ୍ରାଣ
ଝମ୍ପ କହଇ ରାଧା ସନ୍ଦେଶ ଯେ
ଝୁରୁଅଛି ପ୍ରାଣ ଯାହା ଯେ,

ଞୀନପତନ                    ପାଷାଣେ ଯନ୍ତ୍ର,
ଞମ୍ଭପଣ୍ଡେ ଦେବି ଯାହା ଯେ ।                    ।୯।
ନୟନରେ ନୀର ନ ରହେ ତାର
ନିରନ୍ତରେ ନାମ ଜପଇ ତୋର
ନ ରୁଚଇ ଅନ୍ନ ନ ମାଗେ ନୀର
ନାହମ୍ଭର ଶରେ ଲମ୍ଫୁ ଯେ

ଟେକିଂ ତର୍ଜନୀ                    ଦୋଷକୁ ପାଇବୁ
ଟାଣ୍ଡ ଶିରେ ମଣି ମଣ୍ଡି ଯେ ।                    ।୧୦।
ଟାକି ଚଇତ୍ର ନ ମଣ କଣ୍ଠାଇଁ
ଟାଳ ବସିଥିବେ ଲୋଚେ ଅନାଇଁ
ଟଳ ଗଡ଼ିବାକୁ ଅଛି ଦେବନ
ଟାଣ ମନସିଜ ରଜ ଶୁଦ୍ଧନ ଯେ,
ଟାଣି ଖଡ଼ଗ ପଞ୍ଚବାଣ ଯେ

ଠିକାଏ ଉଦ୍ବେଗ                    ନାଶିଂନା ତାହାର
ଠକୁଅଛି                    ରଣରଣ                    ଯେ ।                    ।୧୧।
ଠାକୁରେ ଜାଣିଲେ ରାଧା ସନ୍ଦେଶ
ଠିକ ଜନ୍ମିଲା ଦୂତକା ପ୍ରାଣ
ଠିକ ଦେହ ଆମ୍ଭେ ବାଳୁତ ପୋଷ
ଠିକ କଥା କ ଦେ ଜତୁ ବୁଝାଇ ଯେ;
ଠାକୁରାଣୀ ପରାଣ ବନ୍ଧୁ ଯେ

ଠାକୁର ସଖ-                    ଭାବୁକ କେମନ୍ତେ
ଆମ୍ଭେ ଜାଣୁ ଶିଶୁ ଖେଳ ଯେ ।                    ।୧୨।

ଘାଇଆ ହରିଣୀ ପ୍ରାୟେ ମୁଁ ହୋଇଲି
ଶୁଣି ତା' ବେଣୁ ସ୍ୱର ରେ । ।୪।
ସପନେ ତା ରୂପ ଦେଖିଲି ଯାହା
ନ ପାରିବ କହି ବଦନେ ତାହା
ନ ଭୁଲଇ ମୋତେ ସତନ ମୁଖ
ନ ଦେଖି ଦେଖିଲି ସଦା ଶ୍ରୀମୁଖ ହେ,
ଅବେଦନା ମୋର ଶୁଣ ଗୋ,
ଅଟେଁ ପ୍ରାଣବନ୍ଧୁ ନେଇ ମୋତେ ରଖ
ଆଜନ୍ମ ତୋର ଅଙ୍କ ଗୋ । ।୫।
ଜୟ ସନାତନ ! ସ୍ୱୟ ଅଦ୍ୱୈତ !
ଚତୁର୍ବର୍ଗଦାୟୀ ପାପ ନିକୃନ୍ତ
ଦ୍ୱାରକାପତିଙ୍କ ପାଦେଣ ଜଣାଇଁ
ସ୍ତ୍ରେ ଦେଖଆ ପ୍ରକୃତ୍ତି ମଣାଇ ହେ,
ଚକ୍ରଧରଙ୍କ ଯା ଦାସ ଗୋ,
ଚନ୍ଦ୍ରଶେଖର ପାଲକ ନ ଟଳଇ
ଘୁଞ୍ଚି ଚନ୍ଦ୍ରଧର ବେଶ ଗୋ । ।୬।
ଶୀତ ଉଦର ଶୀତ ଗୋମାବର୍ତ୍ତୀ
ଛନ୍ଦ ହୋଇବେ ଦେଖି ସୁରବାଣୀ
ରୁଦ୍ର ପତି ସୂତ ସ୍ତୁତ ବାସ
ଅବଶ ନ ଛାଡ଼ିବେ ଶ୍ରୀକୃଷ୍ଣ ଚାଲି ହେ,
ଲଟକେ ତା ରୂପ ଦେଖି ରେ,
ରୂପ କଳସଣୀ ଛାଡ଼ି ମୁଁ ଅଇଲି
ଦୋଷ କ୍ଷମାକର ସଖି ଗୋ । ।୭।
କମ୍ବୁକଣ୍ଠ ଶଶୀ ପୀତବସନ
ଦାମିନୀ ଜଳଦେ ଧରଣେ ବେସନ
କଳିତ ବେଣୁ ଫଣାଧର ଅଳେ
ଯୋଗୀନ୍ଦ୍ରବୃନ୍ଦ ଦେଖି ଯୋଡ଼ ହସ୍ତେ ହେ,
ଧଣି ଲୋଭୁ ଜଗତନ୍ତ ହେ,

ଯୁବଣ ଲବଣ    କେତେକ ମାତର
ଦେଖ ଉଣ କୃତାର୍ଥିତ ହେ ।    ।୮।
ଝିମଣ୍ଡଳେ ଦୁଷ୍ଟ ଚନ୍ଦ୍ର ଚଳଇ
ଝାତନାରେ କୁଞ୍ଜବନେ ମିଳଇ
ଝପ କେତନର ପିଅର ଛାଣ
ଝଗଡ଼ ଜଡ଼ଇ ରାଧା ସନ୍ଦେଶ ସେ
ଝୁରୁଅଛି ପ୍ରାଣ ଯାହା ହେ,
ଝୀନଚରଣ    ପାଖାଣେ ଗଲୁ,
ଝଙ୍କଛନ୍ତେ ବେନ ବାହା ହେ ।    ।୯।
ନୟନରେ ନୀର ନ ଲଗେ ଧାର
ନଉନ୍ତରେ ନାମ ଜପଇ ତୋର
ନ ଲୁଚଇ ଅଙ୍ଗ ନ ମାଡ଼େ ନିଦ
ନତନୁର ଶତେ ଲକ୍ଷ ହେ
ନଟେଁ ଭଗ୍ନଦଶା    ଦେଖିବୁ ପାଇବୁ
ନାସ୍ତି ଶିରୋମଣି ମଣିଲ ହେ ।    ।୧୦।
ଟାଙ୍କି ପଚରେ ନ ମଣି କନ୍ଦାଇଁ
ଟାଙ୍କ ବସିଥିବେ ତୋତେ ଅନାଇଁ
ଟଳ ପଢ଼ିବାକୁ ଅଛି ଦେହକ
ଟାଣ ମନସିଜଗୁଣ ପ୍ରବଳ ହେ,
ଟାଣି କରେ ପଞ୍ଚବାଣ ହେ
ଟିକାଏ ଉଦ୍ବେଗ    ନାହିଁକା ତାହାର
କରୁଅଛି ଗୁଣଭଣ ହେ ।    ।୧୧।
ଠାକୁରେ ଜାଣିଲେ ରାଧା ସନ୍ଦେଶ
ଠିକ କଷ୍ଟକୁ ଦୂତିକା ପାଶ
ଠିକ ଦେନ୍ତୁ ଆସେ ବାନ୍ଧିତ ଘୋଇ
ଠିକ କଥା କି ଜେ କହୁ ଦୂତୀର ହେ;
ଠାକୁରାଣୀ ପଣେ ବଶ ହେ
ଠାକୁର ଭଣ-    ଭାନୁଙ୍କ କେଶବେଶ
ଆସେ ଜାଣୁ ଶିଶୁ ବେଶଙ୍କ ହେ ।    ।୧୨।

ଭଣଇ ଦେବେ କହୁ ବନମାଳୀ
କେଉଁ କାଳନ୍ଦୀରେ ମର୍ଦ୍ଦିଲୁ କାଳୀ
ଦଂଶିଲ ଅଙ୍ଗେ ତୁ ନ ଯାଇ ପ୍ରାଣ
ଭଣଇ କହୁ ମୁଁ ବାଳୁତ ଶିଷ ହେ
ଭଣିଲୁ ନାହିଁ ଉଦ୍ଧକୁ ହେ,
ତୋତେ ଦେଖିଲୁ ଗିରିବର ଧାରଣ
ରଖିଲୁ ଗୋପବୃନ୍ଦକୁ ହେ । ।୧୩।
କମ ଶକ୍ତ ଏବେ ନ ମଣ ଭାବେ
କଳ ଚନ୍ଦ୍ର ଶାନ୍ତ ଶିବାଦେବେ
ତୋଳନ୍ତ ଯେବେ ତୋ ଅଧରୁ ସୁଧା
କଳ ନ ଚନ୍ଦ୍ର ଶାନ୍ତ ସ୍ୱାଧା ହେ,
ଭାବେ ହୋଇଅଛୁ ଦୁଃଖୀ ହେ,
ଭଳଦଳ ଦୁଧା ତୋତନ୍ତୁ ପିଇଲେ
ଗାଇବ ସେ ଚନ୍ଦ୍ରମୁଖୀ ହେ । ।୧୪।
ଅଣଦେଖା ଏବେ ନ କର ହରି
ଏଣୀ ନୟନା କଷ୍ଟେ ଯିବ ମରି
ଅଣ ଅପରାଧୀ ରାଧିକା ସଙ୍ଗ
ଅନଙ୍ଗ ବାଣୁ ବାରେ କର ରକ୍ଷା ହେ
ଅଣ ମନୁଷ୍ୟ ରମଣୀ ହେଉ
ଅମୂଲ୍ୟ ପିଲୁଣୀ ସୁଦେଃ ଦ୍ରୋହ କର
ଆଣିଦେବ ଏକ୍ଷଣି ହେ । ।୧୫।
କୁମ୍ଭ ଯେବେ କଷ୍ଟେ ନ ପିବ ହରି
ତମିସ୍ର ଅର୍ଦ୍ଧ ଆଣିମି ଯୂଦନ୍ତ
ତୋଷ ହୋଇ ଆଜ୍ଞା ଦିଅ ଶ୍ରୀରଙ୍ଗ
ଶିଘ୍ର ହୋଇ ନଭ ସଖୀ ସଙ୍ଗ
ଭୁବନେ ଆଣିବ ତେବେ ହେ
ଶ୍ରୀଲୋଚନ ଛନ୍ଦ- ତାପକୁ ନ ଛଳି
ତୋ ତନୁ ଲଭ୍ଭ ଯେବେ ହେ । ।୧୬।

ଥିଲେଣ ଧ୍ୱନି କରେ ମଧୁ ଭ୍ରମି
ଥିଲୁ ଆମ୍ଭେ କୁଞ୍ଜ କୁଟୀରେ ବସି
ଥିବେ ଦେଖୁ ନାହିଁ ତାଙ୍କ ଶରୀର
ଆଉ ଶୋଭା ଆସ ବଂଶୀ-ଅଧର ରେ,
ଥିବୁ ଦରଶନ ଆଶି ଗୋ,
ଆଉ ତୁ ବଂଶୀ ଅନ୍ତର୍ଦ୍ଧ ଦେଖ ଆସିବୁ
କୋଇଲେ ଏହା ନତ ଶିରୀ ରେ । ।୧୭।

ଦସ୍ୟୁଙ୍କ ବାଣୀ ଶୁଣି ଦୂତିକା
ଧର୍ମ ଜମ୍ବୁନଦ ତନ୍ତୁ ଅଧିକା
ଦୁଃଖ ଜାଣି ସଖୀ କେବେ ଅଇଲା
ବିରହବେଦନା ଗାତେ ପିନ୍ଧିଲା ରେ,
ଦେଖିଣ ଦୂତିକା ମୁଖ ରେ,
କାଦମ୍ବରୀ ଶମ୍ଭୁ ତା ପକ୍ଷୁ ନ ଭରି
ଲଭିଲା ପରମ ସୁଖ ରେ । ।୧୮।

ଧରି ଚରଣ ପ୍ରଭୁଙ୍କର ସତ୍ତ୍ୱ
ଧରଣୀଧର କି ବୋଇଲେ ସତ୍ତ୍ୱ
ଧ୍ରୁବ କରି କହ ସତ୍ୟ ବଚନ
ଧ୍ରୁବ ଆସିବେ କି ମଦନମୋହନ ରେ,
ଧୀରେ କହେ ମଧୁକର ରେ,
ଧରଣୀଧରଙ୍କ ସେଠାରେ କଥାମାନ
କହିଲା ବହୁତ କରି ରେ । ।୧୯।

ନ ଜାଣୁ ଆମ୍ଭେ ସୁରତର ଭାବ
ନାଚ ଖେଳ ଜାଣୁ ଶିଶୁ ସ୍ୱଭାବ
ନାନା ପ୍ରକାର ମଣାଇଁ କହିଲି
ନଷ୍ଟେ ଗୀତାକାର କର ବୋଇଲି ରେ,
ନ ଆସିବେ ଆମ୍ଭ ଗୋଷ୍ଠ ଗୋ,
ନାଶି ଅର୍ଦ୍ଧ ଶୋଭା ଜୀବ ମୁଁ ଛାଡ଼ିବି
କୁଞ୍ଜେ ଥିବ ଶିରୋମଣି ଗୋ । ।୨୦।

ପୁଲକିତ ତନୁ ଶୁଣି ଏ ବାଣୀ
ପ୍ରସନ୍ନ ମୁଖ ହସଂସ ନଳିନୀ
ପ୍ରାପତ ନିଧିକି ଦରିଦ୍ର ପ୍ରାୟ
ଚନ୍ଦ୍ରବଦନେ କି ଜୀବେ ଜଗନ୍ନାଥ
ଶମ୍ଭୁରର ଶଶୀ ଦେଖିଲେ ଯେଗା,
ପାଣି ପରିଜନ ନିଦ୍ରାଗଲେ ସଖି
ସଜ କରାଇଲୁ ମୋତେ ଗୋ । ।୨୧।
ଫଲ୍ଗୁଣା ହୋଇ ଗଳ ଘାଟେ ଚିନ୍ତ
ଫେଣ୍ଟି କବରୀ ଆନ କରି ବାନ୍ଧି
ଫାଇ ଅଳଙ୍କାର ଅଙ୍ଗେ ଭୂଷଣି
ଫୁଲ ଚନ୍ଦନ କର୍ପୂର ଖଞ୍ଜିଣି ଯେ,
ଫାଇ କୁଙ୍କୁମ ଲେପନ ଯେ,
ଫୁଲ-ଧନୁଶର ରାଜା ସଙ୍ଗେ ଆଜ
ହୋଇବ ସୁରତି ରଣ ଯେ । ।୨୨।
ବେଳ ଜାଣି ବେନି ସଖୀ ବାହାର
ବେଷରେ ରଜନୀ ଅର୍ଦ୍ଧ ଅନ୍ଧାର
ବୃନ୍ଦାବନେ ବେଗେ ପ୍ରବେଶ ହୋଇ
ବନମାଳୀ ବନମାଳାଏ ନାଇ ଯେ,
ବାଟ ଘୁଙ୍ଗୁରୁ ରଙ୍ଗ କଟି ଯେ,
ବଧୂବଦନକୁ ନିକଟେ ଦେଖିଣ
ମନ୍ଦ ମନ୍ଦ ହୋଇ ହସି ଯେ । ।୨୩।
ଭେଟ ହୋଇଲେ ଯେ ରାଧାମାଧବ
ଭଲ ବଢ଼ିଲା ଖେଦ ନିବାରିବ
ଭୋଗିଲା ଭୁଜ ଭେଟିଲା ମାନସ
ଭେଟେ ଭେଳକି ଲଗିଲା ଦୁହିଁଙ୍କି ଯେ
ଭେଟାଇ ଦୁଃଖ ଅନ୍ତର ଯେ,
ଭୋଗ ପ୍ରଯୋଗେ ଭୋଗ ଅନୁସରଣ
ଭୁଞ୍ଜିଲେ ଜଗୁ ମୋଦର ଯେ । ।୨୪।

ମାଧବ ଅଙ୍ଗ ମରକତ ଗିରି
ମୃଦୁଳ ହେମ-ଲତିକା ଈଶ୍ୱର
ମଞ୍ଜୁ କି ଶୀର୍ଷସ୍ଥ କୋଡ଼େ ହରିଣୀ
ମଧ୍ୟେ ମଣ୍ଡଳକ ବନ ନଳସ ଯେ
ମହାନନ୍ଦ ତରଙ୍ଗଠୀ ଯେ,
ମଦନ ସ୍ୱଳାଭ ମହାବନ୍ଧ ଚୌପେ
ଛନ୍ଦ ନ ପାରନ୍ତି ଛୁଟି ଯେ । ।୨୫।
ସ୍ୱର୍ଣ୍ଣ ରତନ ଜାଣେ ସିହାଣ
ଜାଣେ ରତିରସ ନାଗ ରମଣ
ଯନ୍ତ୍ର ସ୍ୱରରସେ ସୁଧୀ ଅଧିକା
ଜାଣେ ଉପସ୍ଥିତ ରଙ୍ଗନାୟିକା ଯେ
ଜଗବନ୍ଧୁ ଦୃଢ଼ ଛନ୍ଦେ ଯେ
ଯେଣୁଁ ରତିରସ ରସେ ରସବର୍ଣ୍ଣ
ଦେଖାଇଲ ଅତି ଅନୁଭବେ ଯେ । ।୨୬।
ରଙ୍ଗ ଅଧରେ କୃଷ୍ଣଙ୍କ ଅଧର
ରସପୂରିତ ଅରଜ ଭଣ୍ଡାର
ରତ ଅଙ୍କୁଳେ ଭୁଜେ ଭିଡ଼ାଭିଡ଼
ରସେ ଜଘନରେ ଜଘନ ଛନ୍ଦ ଯେ,
ରସ ଅପ୍ରମିତା ହୋଇ ଯେ
ରମଣୀବର ରସିକ ଶିରୋମଣି
ସାକ୍ଷୀ ସଖୀମତା ହୁଇ ଯେ । ।୨୭।
ଲକ୍ଷ୍ମୀ ଲକ୍ଷ୍ମୀଧର ଲଭିବେ ସୁଖ
ଲଭି ନ ପାରିଲେ ହେବେ ଦୁର୍ଲଭ
ଲସିଲ ତନୁ ହୋଇ ଲଗି ଭୁଜୀ
ଲସି କଚସ୍ୱ ଜରଜରେ ଲେଖି ଯେ,
ଲଜ୍ଜେ ଶମ୍ଭୁଶିରେ ସାକ୍ଷୀ ଯେ
ଲକ୍ଷ୍ମୀଧର ଲକ୍ଷ ରେଖ ଲଗି ଚନ୍ଦ୍ର
ଅର୍ଦ୍ଧ ଶୋଭେ ଜଣାମଣି ଯେ । ।୨୮।

ବନମାଳୀ ଧିପୃତଗ୍ଣ ରସ
ବିଶ୍ରାମିଲେ ଅଙ୍ଗେ ପିନ୍ଧିଲେ ବାସ
ବନ୍ଧୁତ ଉଟେମାଳ ବନ୍ଧଲ ବାମା
ବହୁତ ଅପ୍ରାଧ କରୁ ମୋ କ୍ଷମା ହେ
(ମୁଁ)ବନ୍ଧୁ ଭୁଆସୁଣୀ ପିନା ହେ
ବନ୍ଧୁ ମନ ମୋର ଶାଶୁ ହେ ନଣନ୍ଦ
ବାଟେ ଲାଗିଛନ୍ତି କନା ହେ । ।୨୯।
ଶ୍ୱାସ ଥିରକରି କହେ ସୁମୁଖୀ
ସ୍ୱପ୍ନରେ କୋଳେ ଧରି ଯଦୁଆଁଖି
ଶ୍ୟାମ ନରେ ଶ୍ୟାମ କବରୀ ସାଜି
ଶ୍ୟାମ କୁସୁମମାନେ ତହୁଁ ଗୁଞ୍ଜି ହେ
ସୀମନ୍ତେ ମୁକୁତା ଜାଲି ହେ
ସନ୍ଧୁ ଅଳକା ଆନ କରି ଚନ୍ଦନ
ଲେପିଲେ ମୃଗମଦ ସାଜି ହେ । ।୩୦।
ସୁରଙ୍ଗ ଜମ୍ବୁ ଫଳାବଳୀ ମାନ
ସୁଗନ୍ଧି ଦେଶ କଲେଜ ଲେପନ
× × ×
ସନ୍ତୁ ଚୁମ୍ବନ ଦେଇ ଚିବୁକରେ ହେ,
ସୁରଙ୍ଗ ଅଧର କଲା ହେ,
ଶ୍ୟାମସୁନ୍ଦର ଚିବୁକେ କର ଦେଇ
ରଙ୍ଗାଇଲେ ନନ୍ଦବାଳା ହେ । ।୩୧।
ଚିତ୍ତର ଧରେଣ ଲକ୍ଷ ଖତ ଶିଙ୍ଗ·
ଶାମଳିଲେ ଅଙ୍ଗେ ଶୁକ୍ଳ ବସନ
ଛିବେଣ ଖଞ୍ଜିଲେ ଚାଟଙ୍କ ବେଣି
ପିନ୍ଧି ଫଳମାନ ଭୁଜେ ମଣ୍ଡିଣି ହେ,
ଶୋଭେ ଭୁ ଅର୍ଦ୍ଧ ଅଙ୍ଗୀ ଗୋ,
ସରସଲେତଣ ଘନ୍ତ୍ରେ ନ ରୁଝିଲ
ସୁରେଶ ସୁରେଖ ପ୍ରାଣସଙ୍ଗୀ ଗୋ । ।୩୨।

ହରିଣନୟନା ହରନ୍ତ ମନ
ହଂସଗମନା କହନ୍ତି ବଚନ
ହୋଇଥିବ ତୋ ଠାରେ ଅପରାଧ
ହୃଦେ ଜପୁଥିବ ତୋ ଗୁଣ ଗୁଣି ହେ,
(ଭୁ) ହୋଇଥିବୁ ମୋତେ ସାହା ହେ,
ହୋଇଥିବ ତୋର ଜନ୍ମେ ଜନ୍ମେ ଦାସୀ
ଆଜ୍ଞା ଦିଅ ଚଞ୍ଚଳାକ୍ଷୀ ହେ । ।[illegible]।
କ୍ଷୀଣୋଦରୀ ବାଣୀ ଶୁଣି ଗୋପାଳ
ସ୍ନ ଛନ୍ଦେ ରାଧାକୃଷ୍ଣ ଗୁଡ଼େ କୋଳ
କ୍ଷଣେ ନ ଛାଡ଼ଇ ଭୁଜ ଗୀରଣ୍ଡ
ଛୁଇ ହୋଇଛନ୍ତି ଥାଇ ବୃଷର କଣ୍ଠ ହେ,
ଶେଷେ ଯାଇଁ ନିଜ ପୁର ଯେ,
ଛାର ଦାମୋଦର ଅପରାଧ କ୍ଷମା
କର କରୁଣାସାଗର ହେ । ।[illegible]।

*

# ରହସ୍ୟ ମଞ୍ଜରୀ

## ଦେବଦୁର୍ଲ୍ଲଭ ଦାସ

( ୧ )

( ସୁର-ମହ୍ଲାର )

ଚରଣ ଅରୁଣ ରଙ୍ଗେ,
(ଚଣ୍ଡି)କନକ ନୂପୁର ବାଜେ,
କଟି କିଙ୍କିଣୀ-ଧ୍ୱନି ଠଣରଣ କଙ୍କଣ ସଙ୍ଗ ବାଜେ ।
(ଗୋ)ସଖୀ ତୁ ଯାଉ କନା,
କହାଇ ଛାଡନ୍ତୁ ଯାଉ କ ନା,
ରତନ ବସନ ହାର କଙ୍କଣ ଯାହା ମାଗୁ ତାହା ଦଉ କନା । ୧ ।
ସଜଳ ଜଳଦ କାନ୍ତି,
ମାଳମଣି ଭଣି ଶାନ୍ତି,
ଅମଳ କମଳ ମୁଖ ମଞ୍ଜୁଳ ଅଳକ ଅଳକାନ୍ତି,
ଗୋ ଦୂତି ତୁ ଯାଉ କ ନା । ୨ ।
ଅରୁଣ ଅଧର ରଙ୍ଗେ,
ମୁରଲୀ ମଧୁର ବାଜେ,
ନାଦେ ମୋହନର ଗଗନେ କି ଶୁଭ ଅଧର ପରେ ବସେଜେ,
ଗୋ ସଖୀ ତୁ ଯାଉ କ ନା । ୩ ।
ସୁରେଲ ତପନର ବିନ୍ଦୁ,
(ଗୋ)ନବଘ ଜଳଦେ ଇନ୍ଦୁ,
ମଣ୍ଡିତ କୁଣ୍ଡଳ ଗଣ୍ଡ ମଣ୍ଡଳ ଗଣ୍ଡ ନିରଣି ନିନ୍ଦୁ,
ଗୋ ଦୂତି ତୁ ଯାଉ କନା । ୪ ।
କୁଟିଳ କୁନ୍ତଳ ଭୃଙ୍ଗେ,
ରଞ୍ଜିତ ବକୁଳ ଫୁଲେ,
ତାହେଁ ଝଲମଲ ମୟୂର ପୁଚ୍ଛ ମତ୍ତ ମଧୁକର ଭୁଲେ
ଗୋ ସଖୀ ତୁ ଯାଉ କନା । ୫ ।

ମୋତେ ସଜ କର ସଖି,
(ମୁଁ) କହ୍ନାଇଙ୍କ ପିଚ୍ଛ ଦେଖି,
ମୁରଲୀ ବଜାଇ ମନ୍ଦ ମନ୍ଦ କରି ଦୁହେଁ ଚାହୁଁଥାନ୍ତି ଆଖି,
ଗୋ ଦୂତୀ ତୁ ସାଜୁ କନା । ।୬।

ମୋର ଚରଣେ ଦିଅ ଅଳକ୍ତ,
(ମୁଁ) ବନେ କରୁଥିବି ଧାଉଁନ୍ତ,
ପାଦ ରୁଣଝୁଣ ଶବଦ ଶୁଣିଣ କହ୍ନାଇଁ ଆସନ୍ତ ବାଜନ୍ତ,
ଗୋ ସଖୀ ତୁ ସାଜୁ କନା । ।୭।
ନେଇ ପିନ୍ଧାଅ ମଣ୍ଡା ପଟ୍ଟଶାଢ଼ୀ,
(ମୁଁ) କହ୍ନାଇଙ୍କ ପିଚ୍ଛ ଲେଉଟିଛି,
ଝାଞ୍ଜି କରେ ଚନ୍ଦ୍ର ଗୁଞ୍ଜରବନ୍ଧ ସମନାଥ ଗରଜାଢ଼ୀ,
ଗୋ ଦୂତୀ ତୁ ସାଜୁ କନା । ।୮।
କୁଣ୍ଡ ଦାମ ଘରି ବନ୍ଧ,
(ମୋର) କାନ୍ଧୁଟି ଉପରେ ବାନ୍ଧ,
ଶ୍ରବଣେ ଭରି ମୋ ଝୁଲକ ତଳେ ଫେରିବା ମୁକୁତାବନ୍ଧ
ଗୋ ସଖୀ ତୁ ସାଜୁ କନା । ।୯।
(ମୋର) ମୁକୁତା ଗାଞ୍ଚ ଗୋଟିଆ,
(ଖଞ୍ଜି ଦେ) ମୋର ନାସା ପୁଟିଆ,
(ମୋର) କହ୍ନାଇ ପାଣକୁ ବାଜ ଯାଉଥିବ ଝମକ ଝମକ ଝୁଣିଆ ।
ଗୋ ସଖୀ ତୁ ସାଜୁ କନା । ।୧୦।
ଏତେ କହି କରି ବାଳୀ,
ମୋହେଣ ସଜିଲା ଛଳି,
ଧାଇଁ ଧରି ସଖୀ ବେଦନ କରନ୍ତି ଆଲିଙ୍ଗନ କରି ଛାଳି,
ଗୋ ଦୂତୀ ତୁ ସାଜୁ କନା । ।୧୧।
ଗୋବିନ୍ଦ ଗୋବିନ୍ଦ ବାଦ୍ୟ,
ଗଗନେ ଉଚ୍ଚନେ ନାଦ,
ଦେବ ଜଗତ ପ୍ରଭୁ କେବେହେଁ ନୋହିବ
ଗୋବିନ୍ଦ ଶିବ ବନ୍ଦେନ । ।୧୨।

(୨)

( ରାଗ—କଲ୍ୟାଣ ଆହାରୀ )

ସଖୀ ଗ୍ରୀଷମ ଋତୁ ବୈଶାଖର ଶେଷ,
ବହ୍ନିର ଝଞ୍ଜା ପବନ କୃଶାନୁ ପ୍ରକାଶ ।
ଗ୍ରାସିଲେ ଆମ୍ବ ପଣସ ଡାଳିଲେ ସକଳ,
ଜଳଇ ଶରୀର ମୋ ଝଳଇ ପଲେଙ୍କର ।
ମୁଁ ଗୋ ମଲି ମଲି ମଲି,
କାନ୍ତ ମୋ ଭ୍ରମେଣି ଗଲେ କେଉଁ ଦୋଷ କଲି ।
ଗମ୍ଭୀର ଘରରେ ଗୋ ଗ୍ରୀଷମେ ନୋହେ ଶୋଭ,
ଦକ୍ଷିଣ ମେଲ୍ଲ ମନ୍ଦିରେ ପ୍ରଭୁ ସଙ୍ଗେ ରହି ।
କର୍ପୂର ଚନ୍ଦନ ସୁଶୀତଳ ଜଳେ ଗୋଳି,
ସ୍ୱାମୀ ସଙ୍ଗେ ଲେପନ କରନ୍ତେ ବୋଲାବୋଲି ।
ଫୁଟି ଡାଳିସଙ୍ଗ ଚଣା ସଇଡ଼ ଜଉଳୀ,
କର୍ପୂର ମଧୁର ଖଣ୍ଡ ପିଇଣ୍ଡା ତାମ୍ବୁଳ ।
ମନୋଜ୍ଞ ଭକ୍ଷଣ ଯେତେ ଖୁଆଇଣ ଖାଇ,
ସୁଖ ପାଇ ସ୍ୱାମୀ ଭୁଜ ପଞ୍ଜରେଣ ଶୋଇ ।
ଏମନ ସମ୍ପୂର୍ଣ୍ଣେ ସଖି ଆଷାଢ଼ର ଅନ୍ତେ,
ଶ୍ରାବଣ ପ୍ରବେଶ ଗୋ ଜଳଦ ଋତୁ ହୋନ୍ତେ ।
ଗାଜିଲେ ଗଗନେ ମେଘ ଝାଜିଲେ ବରଷା,
କି ଲାଗି ଅବଢ଼ ଘୋର ଅନ୍ଧକାର ନିଶା ।
ଘଡ଼ଘଡ଼ ଉପରେ ଚଢ଼ଇ ଚଢ଼ଚଢ଼ି,
ଚଢ଼ଚଢ଼ି ଉପରେ ବର୍ଷାକ ପଡ଼େ ମାଡ଼ି ।
ବିଜୁଳି ଧମକେ ଗୋ ଚମକ ଉଠେ ହିଆ,
କେସନେ ବଞ୍ଚିବ ମୋର କୋଳେ ନାହିଁ ନାହା ।
ଦାଦରା ଡାକିଲେ, ଅବଶ ଉଲ୍ଲସି,
ମାତିଲେ ମଣ୍ଡୂକେ ଯେ ଭାଳୁକ ଭାଳେ ମିଶି ।

ନଦୀ ସୋତ୍ର ବଢ଼ିଲେ, ଜଳଦେ ସୁନାଦସ୍ୱ,
ସୁବେଣ ସୁବଣ କାନ୍ତ ପଥ ଅନୁସର ।
ପ୍ରବାସୀ ପୁରୁଷମାନେ ସବୁ କାର୍ଯ୍ୟ ଛାଡ଼ି,
ଘରକୁ ଆଇଲେ ପ୍ରିୟା ଗୁଣ ମନେ ପଡ଼ି ।
ଏକମାତ୍ର ମୋର କାନ୍ତ ନଆଇଲେ ମୋ ପାଶ,
କିଚେଷ୍ଟୁ ଜାଣିଲି ମୋର ଚେତନେ ମୁହାଁସ । | ୭୯ |
ଭାଦ୍ରବର ଅନ୍ତେ ସଖୀ ଆଶ୍ୱିନ ପଶନ୍ତେ,
ପ୍ରବେଶ ଶରଦ ଋତୁ ପ୍ରଭେଦ ଆନନ୍ଦେ ।
ଗଗନୁ ଫେଡ଼ିଲା ତମ, ମଣ୍ଡପଣୀ ପଶେ,
ବରଷା ବଶାଇ ମେଘ ନାନା ବର୍ଣ୍ଣ ବେଶେ ।
ଆକାଶୁ ଅଇଲ ଶୀତ ଦିକାନ୍ତା କୁମାରୀ,
କାନ୍ତଥିଲା କାମିନୀଙ୍କି ବୁଝନ୍ତି ଅପସର ।
ଫୁଟିଲେ କୈରବ କାଶ ଚନ୍ଦ୍ର କାନ୍ତି ବଢ଼େ,
ସ୍ରୋତେଣୀ ଭଙ୍ଗ ଆଉରେ ସ୍ରୋତେଣୀଙ୍କ ନ ଲେଡ଼େ ।
କାର୍ତ୍ତିକ ଅରନ୍ତେ ସଖି ମଗୁଶିର ଆସେ,
କାକର ପଡ଼ିଲା ହିମ ଋତୁ ପରକାଶେ । | ୮୦ |
ବଢ଼ିଲା ଭମଜ ଦନ, ବଢ଼ିଲା ହେମନ୍ତ,
ସୁଧିର ହୋଇଲା ସିନ୍ଧୁ ସଧୀର ଲହରୀ ।
ମନୁଆ ଫୁଟିଲା, କୁନ୍ଦ ଦେଖିଣ ଭକାଶ,
ଗାଇଲେ ଗାଆନ୍ତା ଗୀତ ଶୁଣ୍ଡି ନେବା ରସ ।
ଛୁଟିଗଲେ ନଦୀ ସବୁ, ଫିଟିଗଲେ ବାଟ,
ଧନ ଆସି ପାହ୍ଲିଗଲା କାନ୍ତ ନାହିଁ ଭେଟ ।
ପିଂଜଡ଼ା ଭେଦର ସଖି ଶୁଆ ଧଣ୍ଡେ ପୋଇ,
କର୍ପୂର ମଣ୍ଡିତ ମେଲା ମିଠା ଦୁଧେ ଦେଇ ।
ଖାଇଆ ଖଣ୍ଡ ମିଶାଇ ବଟା ଭରି ଥୋଇଁ,
ଶାସୁନ ପାଳିଙ୍କେ କାନ୍ତ ଅଧରେ ଯୋଗାଇ । | ୮୧ |
ପୁଷର ଅନ୍ତରେ ସଖି ମକର ପ୍ରଭାତ,
ପ୍ରବେଶ ଶିଶିର ଋତୁ ପବନ ଜଗତ ।

ମକର ସ୍ନାହାନ ଜନେ ଧର୍ମ ଅର୍ଥେ କରି,
କୁଙ୍କୁମ ଘଷିଲୁ ଗୋ ମାଜିଲୁ କଳେବର ।
ଫୁଟିଲା ମାଧବୀ ବେଳ ଛୁଟିଲା କର୍ଣ୍ଣଫୁଲ,
ଉଠିଲା କଣ୍ଟକ କଣ୍ଠି କାମ-ଶର ଶୂଳ ।
ଚଳନ୍ତିଲା ଉତ୍ତର ପବନ ବନ ସ୍ଥାନ,
ଉଠିଲା ଲବଙ୍ଗ ସିନ୍ଧୁ ଅନନ୍ତର ଫେନ ।
କାମଗର୍ଭ ଦେଖି ସଖୀ ବୋଲଇ ବଚନ,
ଏବେଣବେଳେ ନ ଦେଖିଲି ଯମୁନା-ବାରି ଭ ।
କୁସୁମବନେ ବର୍ଷିଲେ ଅତି ଉଗ୍ର ଗନ୍ଧ,
ଚୂତର ବଉଳ ଦେଖି କୋକିଳ ଆନନ୍ଦ ।
ମକର ସଙ୍କ୍ରାନ୍ତେ ସଖି ଫାଲ୍ଗୁଣର ଅନ୍ତେ,
ଆଇଲା ବସନ୍ତ ଋତୁ ଅନଙ୍ଗ ସଙ୍ଗତେ ।
ବହିଲକ ମଳୟ ପବନ ମନ୍ଦ ଭୁଲେ,
ପଲ୍ଲବିଲେ ତରୁଲତା ଫୁଟିଗଲେ ଫୁଲେ ।
ସୁବେଶ ରଚନ ସଖୀ ଗୋବିନ୍ଦଙ୍କ କୋଳ,
ସଙ୍ଗ ସୁଖ ଦେଇଗଲେ ମଦନଗୋପାଳ ।
ଭୃଙ୍ଗ ଭୃଙ୍ଗୀ ଚୂତ ବୃକ୍ଷେ ଧରିଗଲେ ବସି,
କୋକିଳ ଶୀତଳ ଚୂତ ଡାକେ ଡାକେ ବସି ।
ଚଇତ ମାସରେ ରାଧା ମାଧବ ସୁନ୍ଦର,
ବୃନ୍ଦାବନେ ପଶିଣ ବେଢ଼ଇ ଅନୁସରି,
ଦେଖଇ ପଲ୍ଲବ ଲତା ତରୁ ଫଳ ଫୁଲେ,
ଦେବ କହେ ସଖୀ କର ଧରି ଧରି ବୁଲେ ।

(ଗ)

( ରାଗ-କଲ୍ୟାଣ ଆଡ଼ତାଳ )

ନବକିଶୋର          କିଶୋରୀ ପ୍ରାଣନାଥ
ବିମ୍ବାଧରେ ବଂଶୀ ଧରିଲେ,

ବିହଙ୍ଗ ଛଡେ କଦମ୍ବମୂଳେ ରହି
ମଧୁର ଧ୍ୱନି ଆଳପିଲେ ।
ସୁସ୍ୱର,
ଧ୍ୱନି ଶୁଭିଲା ବନ ପୁର,
ଯତିସତୀର ଜନମନ ହରିଲା
ସମାଧି ଟଳିଲା ଶିବର । ।୧।

ସଚଳ ସାଗର ଲହରୀ ସ୍ଥଗିତ
ଯମୁନା ଉଜାଣି ବହିଲା,
ଶୁଷ୍କ ତରୁବର ନବ ପଲ୍ଲବିତ
ପାଷାଣ ତରଳି ଗଲା ।
ଗଗନେ,
ଉଡ଼ନ୍ତା ପକ୍ଷୀ ସ୍ଥଗିଲେ,
ଗଭୀର ଜଳୁଁ ମତ୍ସ୍ୟମାନେ ଉଲ୍ଲସି
ତେଜିଁ ଯାଇ କୂଳେ ଖେଳିଲେ । ।୨।

ପଶୁ ଜନ୍ତୁମାନେ ମୁଖେ ଗ୍ରାସ ନେଇ
ଆକାଶକୁ ଦୃଷ୍ଟି ରଖିଲେ,
ବେଦବର ବେଦ ପଢ଼ୁଁ ପାସୋରିଲେ
ଧ୍ୱନି ଶୁଣି ମୋହ ହୋଇଲେ ।
ସୁସ୍ୱର,
ପାଞ୍ଚଶର ଶର ଖାଇ,
ନବଘନଶୋଭ ଚନ୍ଦ୍ରା ମେଘ ଭେଦିଲା
ଛୁଟିଲା ମଦନ ଅହଙ୍କାର । ।୩।

କାଚପୁରେ ରତ୍ନ- ପଲଙ୍କେ ସୁନ୍ଦରୀ
ଅଳସ ନିଦ୍ରା ଯାଉଥିଲା,
ବଂଶୀ-ଆଳାପ- ଧ୍ୱନି କର୍ଣ୍ଣେ ଶୁଣନ୍ତେ
ସ୍ୱପନ ମଣି ଚମକିଲା ।
ସୁନ୍ଦରୀ,
ଉଲଟି ପଡ଼ିଲା ତଳରେ,

ନାହୁ କ ମୀନ   ଛୁଟିକ ଖେଳି ଆସି
ପଡ଼ିଗଲା ନୟନଜଳରେ । ।୪।
ଭେଦିଲା ଧ୍ୱନି   ହୃଦୟ ଜଗତର
ଅନ୍ତସ୍ତରେ କାନ୍ଦ ଉଠିଲେ,
ଦେଖିଲା ମନ   ଆଗତ ଭବିଷ୍ୟତେ
ତକତେ ନେତ୍ର ଯାଞ୍ଚିଲେ ।
ସୁନ୍ଦରୀ,
ବଂଶୀର ରନ୍ଧ୍ର ସ୍ୱନେ ଶୁଣି,
ଏ ତ ଅପରିତ   ଜାହାର ଚରିତ
କୃଷ୍ଣ ଗଣ୍ଡବନୁ ନ ଜାଣି । ।୫।
ବ୍ରଜକୂଳରେ   ଏବେଣ ଯେତେ ଅଛନ୍ତି
ତାହାର ବଂଶୀ ଏ ନୋହଇ,
ଏଥିର କୋଟି ଅଂଶ   ଲେଶ ମାତ୍ରକୁ
ଲଭିଲେ ସମ ଅଛି କାହିଁ ।
ଏ ଧ୍ୱନି,
ଏ ମନ୍ଦା ମଧୁଯାମିନୀରେ,
କାହାପାଇଁ ଅବା   ଦେଉଛୁ ବଜାଇ
ଯମୁନା ପୁଳିନ ବନରେ । ।୬।
ଏତେବେଳେ ଆସି   ସଂଗିନି ହୋଇଲା
ସାହା·ଜନ୍ମଥିଲେ ଅମ୍ବିକା,
ଏମନ୍ତ ବଚନ୍ତୁ   ବଂଶୀ ଡାକ ଦେଲା
ରାଧିକା, ରାଧିକା, ରାଧିକା ।
ସୁନ୍ଦରୀ,
ଶୁଣି ଜନ୍ମ କୋଡ଼ ହୋଇଲା,
କେଶବାସ ଅସ-   ମ୍ଭାଳ ହୋଇ ବାଳୀ
କଦମ୍ବମୂଳକୁ ଧାଇଁଲା । ।୭।
ଦେଖିଲେ ଅପୂର୍ବ-   ମୂରତି ଗୋପୀନାଥ
ସ୍ୱର୍ଣ୍ଣ ମଥା ଯୋଡ଼ି ରହିଲେ,

ଚକୋରବର ବଂଶୀ   କହୁଁ ହକାଇ
ଧାଇଁ ଯଢ଼ ଝଡ଼ ଧଇଲେ ।
ସୁନ୍ଦରୀ,
କ୍ରୋଧେ ଗଦଗଦ ବଦନ୍ତି,
କେ ତୁମ୍ଭେ କାହାକୁ   ବଳେ ଧରୁଅଛ
ମୁଁ ଅନାଥିନୀ ଯୁବତୀ । ।୮।
ଏହିମତି ଯେତେ-   ପୁରୁଷ ଜଣେକ
ଗୋପ ନଗରେ ରହିଥିଲା,
ଏହି ବଚନ ଶୁଣି   ବଂଶୀ ବଜାଇ ସେ
ସବୁନ୍ତ ନାଶ କରିଗଲା ।
ଏବେ ତେଁ,
ତୁମ୍ଭେ ଆସିଅଛ କାହିଁକି ?
ତୁମ୍ଭେ ପୁଣି ନାଶ   କରିବ କାହାକୁ
ଯମୁନା ଅଛନ୍ତି ତହିଁକି । ।୯।
ଛୁଡ଼ ଛୁଡ଼ ବୋଲି   କ୍ରୋଧେ ଅସମ୍ଭାଳେ
ବୋବାଇ ଉଠିଲେ ସୁନ୍ଦରୀ,
ଦେଖି ଶ୍ରୀହରି   ଲୋଚନ ନ ରହଇ
ହୃଦେ ଭିଡ଼ିଲେ ଗାଢ଼ କରି ।
ମୁରାରି,
ମୁଖ ଚୁମ୍ବି ଶୋକ ହରିଲେ ।
ଗଳାରେ ଲମ୍ବାଇ   ଚିକୁର କୁନ୍ତଳ
କବରୀ ବାନ୍ଧି ସାମନ୍ତଲେ । ।୧୦।
ଅଞ୍ଚଳେ ମୁଖ   ପୋଛି ଦେଇ ବୋଲନ୍ତି
ଶୁଣିମା ମୋର ପ୍ରାଣେଶ୍ୱରୀ,
ମୋର ମନକଥା   ତୁମ୍ଭେ କି ନ ଜାଣ
କେତେକ କହିବା ଚେଷ୍ଟା କର ।
ସୁନ୍ଦରୀ,
ଦେଖ ମୋ ଦେହ ଭୂଷକାନ୍ତି,

ଝୁରି ଝୁରି ତନୁ    ଶୁଖି ଯାଉଅଛି
କେବଳ ରଖିଛି ଜୀବନ ।    । ୧୧ ।
ରାଧିକା ବୋଇଲେ    ନାଗରମାନଙ୍କ
ଯାଗରୁ ଯାଗରୁ ଏ ବୁଦ୍ଧି,
ମାସୁ ମାସ ହୋଇ    ମେଣ୍ଟାଇ ପାରନ୍ତି
ମାଣିଙ୍କ ଗଳା ଧରି କାଢ଼ି ।
ନାଗର,
ସେହି ମାୟାଧର ନୁହ କି ?
କୋଟି ଯୁଗଜେମା    ଯାହାକୁ ଖଣ୍ଡନ୍ତି
ସେ ପୁଣି ଝୁରେ କର୍ମଶୀଳ ।    । ୧୨ ।
ଶ୍ରୀକୃଷ୍ଣ ବୋଲନ୍ତି    ଚନ୍ଦ୍ର ଦେବତାର
କୋଟି କୋଟି କନ୍ୟା ଅଛନ୍ତି,
ଯାମିନୀ କନ୍ୟା ତା    କ୍ଷଣହେଁ ନ ଥିଲେ
ଘୁଞ୍ଚଇ ତାର ଜ୍ୟୋତି କାନ୍ତି !
ସୁନ୍ଦରୀ,
ଶତ ଚନ୍ଦ୍ର ଉଦ୍ର ନୁହଇ,
ରାଧାକୃଷ୍ଣ ବୋଲି    ଯୁଗ ଯୁଗାନ୍ତରେ
ଶାସ୍ତ୍ର ପୁରାଣେ କହଇ ।    । ୧୩ ।
ରାଧା ବୋଇଲେ    ରାଧାକୃଷ୍ଣ ବୋଲାଇ
ସେରନ୍ଧ୍ରୀ ହୋଇ କି ରହିବ,
ଯଣ୍ଡ ବଣ୍ଡ ହୋଇ    ଲୁଚି ଆସିଅଛ
ରାଜ ନ ପାଇଁ ପଳାଇବ ।
ନାଗର,
ଏଥିଁ ମରଣ ମଣି ଭଲ,
କ୍ଷଣକର ସୁଖ    ସପନ ସମ୍ପତ୍ତି
ପୁଣି କିଁ ସେହି କଳକଳ ।    । ୧୪ ।
ଶ୍ରୀହରି ବୋଇଲେ    ଏହି କଥା ସଖି
ଅନେକ ଯୁଗଯାଏ ଥିବ ।

ବସନ୍ତ ହାସ            ବିଳାସ ରାସ ରସ
ଏଣ୍ଟି ବୃନ୍ଦାବନେ ହୋଇବ ।
ସୁନ୍ଦରି,
ମନେ କିଛି ଚିନ୍ତା ନ କର,
ତୁମ୍ଭ ପାଇଁ            ନାନା ପ୍ରାଣ କରିଅଛୁଁ
ଏଥିକୁ ଦୁଃଖ ଭଜଣର ।            ।୧୫।

ଶୁଣି ସୁନ୍ଦରୀ            ହୃଦୟ ଉଲ୍ଲସିତ
ଗୋବିନ୍ଦଙ୍କୁ ବସନ ଖସିଲା,
ମୁଖେ ମୁଖ ଚୁମ୍ବି            ଭୁଜେ ଭିଡ଼ି ବାଳୀ
ଲମ୍ଫି ଘଞ୍ଚି ଉରେ ବସିଲା ।
ଗନ୍ଧର୍ବ,
ଦେଖି ମୁଖ କଲ ପିଠିକି,
ପୁଷ୍ପଧରେ ବୃକ୍ଷ-            ଶାଖୀ ଭୃଙ୍ଗ ଥିଲେ
ପକ୍ଷୀ ଉଡ଼ାଇଲ ଦୃଷ୍ଟିକି ।            ।୧୬।

ରାଧାକୃଷ୍ଣ ପ୍ରୀତି            ସୁରତି ପ୍ରବନ୍ଧ
ଚୁମ୍ବନ ଆଲିଙ୍ଗନ ଖେଳା,
କାମ ସମୁଦ୍ରେ            ଦେହ ଜନ ବୁଡ଼ିଲେ
ଭସିଣ ଗଲ ଯୌବନ-ଭେଳା ।
ସୁଜନେ,
ଚେତନା କଳେ ପହଁଣିଲେ ।
ଜଳ ପ୍ରବଳେ            ଉତ୍ତୁରି ନ ପାରନ୍ତି
ଯୋଗେ ଭେଳା ପାଇ ଭାସିଲେ ।            ।୧୭।

ସୁରତି ଅନ୍ତେ            ସନ୍ତୋଷ ଦେହ ଜନ
କାମ ମନୋରଥ ପୂରିଲା,
ବେଶ ବସନ            ବାସ ପରିଧାନ
ମନମଥ ଅପସରିଲା ।

ଶୁଣିବେ,
ରାଧାକୃଷ୍ଣ ପଦ୍ମଚରଣ,
ଅରେଣି ଦେବ ଜଗନ୍ତରେ ଆରତ
ପୂଜାର ମାଗଇ ଶରଣ । । ୧୮ ।

( ‘ରସସ୍ୟମଞ୍ଜରୀ’, ନବମ, ଦ୍ୱାଦଶ
ଓ ଚଉଦଶ ଛନ୍ଦରୁ ଗୃହୀତ )

*

# ପରିମଳା

## ନୃସିଂହ ସେଣ

### ( ୧ )

(ରାଗ-କେଦାର, ଚକ୍ରକେଳୀ ବାଣୀ)

ସେଥୁଁ ଅନନ୍ତରେ ଶୁଣ ସୁରସ
ଆସି ବରଷା ହୋଇଲା ପ୍ରବେଶ ।
ମେଘ ଗଗନମଣ୍ଡଳ ଘୋଡ଼ାଇ
ସବୁ ଦିଗେ ପୂରିଣ ଆଶେ ରହି ।
ଘନ ଘନ କରି ହେଲା ଗର୍ଜନ
କାହିଁ ଲୁଚିଲୁ ଆହେ ଆଜ ଦିନ ।
କଣା ଆନନ୍ଦ ହୋଇଣ ବହର
ଆଜି ହରଷ କରିବ ତୋହର ।
ଘୁଂଟଘୁଂଟ ଅନ୍ଧ୍ୟାରା ମାଇଲ
ନକ୍ଷ ପିଞ୍ଜଡ଼ା ସ୍ଵାଦେ ନ ବଣିଲ । ॥ ୧୦ ॥
ଲୁଚିଇଲ ଉଦରେ ଗିରିବର
ମସ୍ତି ଛୁଇଁଲା ଅସି ଘନଧାର ।
ସେହୁ ତିଳ ଦେଖନ୍ତି ଗିରିବର
ସେ କି ରହିବ ବସେଗୀ ନଜର ।
ଜଳ ଚର୍ତ୍ତ୍ରେ ଜାଳ ଘନ ବଢ଼ିଲା
ବିରହିଣୀ ପ୍ରାଣକୁ ଆକ୍ଷେପିଲା ।
କହି ବରଷ କରନ୍ତି ଘନ
ଜଳ କ୍ଷଣେ ନ ଛୁଡ଼େ ଗିରିବର ।
କ୍ଷଣେ କ୍ଷଣେ କେତକୀ ବିକାଶିଲେ
ଗିରିଶ୍ୟାମା ଜାପ ଦେଖି ହସିଲେ । ॥ ୨୦ ॥
ଫୁଟି ଲେନ୍ତେ କୁଟଜ ଶାଖୀ ଶାଖ
ଫିଟିଗଲେ ମାଳତୀ କଲି ମୁଖ ।
ଭୃଙ୍ଗ କଦଳୀ ରଙ୍ଗ ଯେ ବଢ଼ିଲା
କାଶ-କୁସୁମ ଶୁକ୍ଳେ ହସିଲା ।

ଅନୁଭବ ସନ୍ତାପ ଗୁଡ଼ ନଦୀ
କୂଳ ଲଙ୍ଘିଣ ହୋଇଲେକ ବୃଦ୍ଧି ।
ତୁଂଗ ଗୁଡ଼ିଣି ଅବଦମଣ୍ଡନ
ମାନସଙ୍କୁ କଲେ ଅନୁକୂଳ ।
ନୃଜ୍ଞାନିକ ପ୍ରଣୟ ହୋଇ ବଢ଼ି
ନବ ମାନସ ମଧୁଗନ୍ଧ ବଢ଼େ ।
ନବ କୁସୁମ ବିକାଶ ନବର
ନିରତରେ ନିଶ୍ରିଲେ ନବାଗର ।
ଧନଜର ଦୋଳ୍କ ଲଭେଜ ପ୍ରକାଶ
ଭମ ଦେବାକ ହୋଇଲା ଚନ୍ଦନଦେଶ ।
ନିରନ୍ତରେ ମଣ୍ଡଇ ଘନ ବନ
ମନ୍ତ୍ର ମନୁଷ୍ୟ ଟିକୀ ସରେ ଖବ ।
ଗୁଞ୍ଜ ଭାର ବିସ୍ତାରି ଦାନ୍ତ କଟର
କେଳୀ ଗେଗନମୁଳ ସାଦ୍ରେଂ ପୂରେ ।
ଦେଖୁଛି ବୁଝୁକୁ ଦେଖିଣ ବିରସ୍ଥ
ପ୍ରାଣ ଆଶା ଗୁଡ଼ିଲେ ଘନ ଘୂର୍ଣ୍ଣି ।
କେତେ ଗୋବର ଆଶା ଶ୍ରୀ ଗୁଡ଼ିଲ
ଘନ ଘର୍ଣ୍ଣନକୁ ଦାନ ଭେଟିଲ ।
କେଉଁ ବାଳା କରେ ଅତ୍ତ ସାହାସ
ନମ୍ରନରେ ଦେଖିଲା ଘନରସ ।
କେଉଁ ଅନୁରାଗୀର ଏ ବସ୍ତୁର
ଦାନ୍ତ ନ ଦେଖି ଜୀବନ ଟୀକାର ।
ଅନୁଳିତ ହୋଇଲା ତାର ମନ
ତେଣୁ କରିବୁ ବଣ ଉଚ୍ଚ ଜୀବନ ।
ଯେତ୍ତେ ବିରହ ଭାବ ସହୁଥିବ
କାନ୍ତ ମୁଖ ନଦେଖି ପ୍ରାଣ ଦିବ ।
କେଉଁ ରସବନ୍ତ କାମ ଭସ୍ମାନ୍ତ
ଶିଶ୍ରୁ ଖବରେ ପରମ ଦସ୍ତାନ୍ତ ।

ଦୂର କୂଳକୁ ହୋଇଣ ଯେ କଥା
ଯିବୁ ସୁମରି ହୋଏ ମନବ୍ୟଥା ।
ଅଙ୍ଗ ସଙ୍ଗ ଅଛି ଯହିଁ ସୁବଙ୍ଗ
କାନ୍ତ ସେଜ ଆସେ ତୁଲ୍ୟ ନଗଙ୍ଗ ।
ଘନ ତଡ଼ିତ ବରଷା ପ୍ରଖର
ଦେଖି ଉଲ୍ଲସଇ ତନୁ ତାହାର ।
କାନ୍ତ କରେ ଉଚିତ ଉପଚାର
କାମ ମଦକୁ ଶୀତ ଉପଚାର । ।୬୦।

କେହିଁ ତରୁଣୀ ଦେଖି ଯେ ସମୟେ
କରେ ସଦନ ଗମନ ଉପାୟେ ।
କେତୁ ବରଷା ନାରୀମାନ ଚିନ୍ତି
ବାଟେ ଗମନ ପ୍ରିୟ:ମୁଖ ଚିନ୍ତି ।
ଘନ ଗର୍ଜନ ଶୁଣିଲେ ଘନ ଘନ
ଜଇମୁନିଙ୍କି କହି ପ୍ରିୟା ନାମ ।
କାଳ ନିଶାରେ ସେ କେଳି ବିସ୍ତର
ଧ୍ୟାନ କରଇ ମଦନ ମନ୍ଦର ।
କେତୁ ସଦନେ ଯେ:ଭିଲ ପ୍ରବେଶ
ତାପ ଗାଇଲା ଦେଖି ପ୍ରିୟା କୁଶ । ।୭୦।

ସେହି ସମୟେ ମଧୁମଣ୍ଡା-ସ୍ୱରେ
ମଣ୍ଡୁକେଙ୍କୁ ଘନ ଘୂର୍ଣ୍ଣି ବିସ୍ତରେ ।
ଆହା ହୋଇଲୁ ପ୍ରବେଶ ବରଷା
ଜାଣୁ ନାହିଁ ଯେ ମୋର କେହିଁ ଦଶା ।
ମୋର ନୟନ ବେନି ବାରିବାହ
ପ୍ରାୟେ ବାରି ବରଷେ ବାରିବାହ ।
ମୋର ହୃଦୟ ଧରି ଅପ୍ରସନ୍ନ
ହୋଇ ଅଛନ୍ତି ସେତୁ ଭଗମାନ ।
ମୋର ପ୍ରିୟା ପ୍ରାୟେ ନେଈ ଅନ୍ତର
ହୋଇ ଅଛନ୍ତି ହେବା ନିଶାକର । ।୮୦।

ମୋହୋ ତରୁଣ ପ୍ରାଣେଶ ମଣ୍ଡଳ
ହୋଇ ଅନନ୍ତ ଦିବା ଅନୁକୂଳ ।
ସେହୁ ନବୀନ-ଘନସମାନ ମୂର୍ତ୍ତି
ମୁଖ ଚାନ୍ଦ ଯେ ଆଉ ଶୁଭମୂର୍ତ୍ତି ।
ଘନ ଗର୍ଜ୍ଜନ ଶୁଣିଣ ମିଟେ ତେଁ
ଆସି ଖଗଇ ବେଗେ ମୋର ଦେହେ ।
ଶିଖାରେ ନବଘନକୁ ଅନାଇ
ମୋ ମୁଖରେ ଚୁମ୍ବନ ଦେଉଥାଇ ।
ନବ ଘନେଣ ଝଟକେ ବଜୁନ
ମୋ ହୃଦରେ ଝଟକୁ ଆସେ ବାଳୀ ।
ଲାଜ ଭରେ ଲୁଚିଲା ଯେ ସୁନ୍ଦରୀ
ଘନ ଗହନ ସଙ୍ଗ ନ ଛାଡ଼ି ।
ମୋର କର୍ଣ୍ଣେ ଚୁମ୍ବ ଦିଅ ବୋଇଲା
ତାକୁ ଚମକାଇ କୋଳେ ଧଇଲା ।
କେଶରବ ଶୁଣିଣ ଧନେ ବାଳୀ
କର୍ଣ୍ଣେ ଲୁଚିଲା ଯେ କେଶ ଅଞ୍ଚଳ ।
ଘୋର ଦେହରେ ଝାଙ୍କୋଳିଲା ରୋମ
ଯେହ୍ନେ କନକ କଦମ୍ବ କୁସୁମ ।
ମନେ ଲୁଚିଲା ଯେ ମୃଗଲୋଚନ
ଚାଟେ ଆସେ ମାଇଲକ ମଦନ ।
ସେବେ ନ ମାରି କରି ଦନ୍ତଅଙ୍କୁ
ଯତନେଙ୍କ ସେତେ ଦୁଃଖ ଦେଉଛୁ ।
ମାରୁଥାଉନ୍ତି ନର୍ତ୍ତିଲ ଭଣିତ
ବାଳୀ ହେଙ୍କଣ୍ଡ ଯେ ମୋତେ ଭାଷ୍ଟି ।
ତାକୁ ଦେଖିବା ଆଶ ଅଛୁ ଯେଣୁ
ପ୍ରାଣ ଥୋଇଥାଏ ଏନ ଆଜ୍ଞ ତେଣୁ ।
ମନ୍ତ୍ରୀ ସେ ପୃଷ୍ଠୁ ପ୍ରବେଶ ହୋଇଛୁ
ସେଣୁ ଜାଣୁଥିବ ତୁ ନମକାରୀ ।

ଯେବେ ମୋ ଠାରେ ଦୟା କରିଥିବ
ମୋର ସମସ୍ତ ପୀଡ଼ା ସୁମରିବ । ।୧୧୦।
ମୋର ଦୁଃଖ କହୁଥିବ ବଧୁର
ଅଣାପୁତେ ସୁବାଣ୍ଡ ଥିବ ତାର ।

(୨)

( ରାଗ-ଗୁଜ୍ଜରୀ )

ନିଜ ପୁରେ ପ୍ରବେଶ ତରୁଣୀ
ନ ଦେଖିଲେକ ଭ୍ରମରମଣି
ଅନୁସରି ସବୁ ସ୍ଥାନେ ଯାଇ
ନ ପାଇଲା ଭ୍ରମରଙ୍କୁ କାହିଁ ।
ସଖି ଗୋ,
କାହିଁ ଅଛି ମୋ ପ୍ରାଣବନ୍ଧୁ
ସକଳ କଳା ପରିପୂର୍ଣ୍ଣ ସେ ଗୋ
ରୂପେ ମଦନ ଗୁଣରେ ସିନ୍ଧୁ । ।୧।
ଏମନ୍ତେ ବୋଲି ତନୋତ୍ତମା ବାଳୀ
ମୋହେଣ ସେ ପଡ଼ିଲେକ ଢଳି
ତା ଦେଖି କରି ମିଳି ସହଚରୀ
ମୁଖରେ ନେଇ ଛିଞ୍ଚିଲେକ ବାରି ।
ସଖି ଗୋ,
ଧରି ତୋଳିକ୍ତ ସମସ୍ତ ହୋଇ
କର୍ପୂର ଚନ୍ଦନ ପାଣିରେ ଗୋଳି
ଲେପିଲେକ ଦେହ କରି ନେଇ । ।୨।
କଷ୍ଟରେ ସଚେତ ହୋଇ ବାଳୀ
କହଇ ଉତ୍ତର ବଚନେ ଭଲି
ଶୁଣ ଶୁଣସି ମୋର ସଖିଜନ
ମୋର ବନ୍ଧୁକୁ ନେଇ ଦେବେ ଆଣ ।

ସଖି ଗୋ,
ମୁଁ ତାରେ କଲି ଜାଣିଂ ନ ହୋଇ
ଅକାରଣେ କମ୍ପା ଦେଖାଇଲେ ମୋତେ
ହୋଇଲାକ ମୋର ପୁଣ୍ୟ ଶେଷ । ।୩।
ମୁହିଁ ସୁଚେଲ ସେହି ଜଳଧର
ମୁହିଁ ଉତ୍ପଳ ସେ ଦିବାକର
ମୋ ମନକୁମୁଦ ସେ ପୂର୍ଣ୍ଣଶଶୀ
ସେହି ଠାକୁର ମୁହିଁ ତାର ଦାସୀ ।
ସଖି ଗୋ,
ଜାଣିଂ ଅଛି ସେହି କୁମରବର
ତାର ବିନୁ ମୋର ଜୀବ ନ ରହିବ
ତେଜିବଇଁ ନଷ୍ଟେଂ ଏହୁ କଳେବର । ।୪।
ଅନୋଉମାର ବରହ ସେ ଦେଖି
ମନେ ଦବକ ପାଇଲେକ ସଖୀ
ଉତ୍ପଳ ଅକ୍ଷି ସେ ଯବତେଶ
ଶେଯ୍ୟା ରଚ୍ଚିଲେ ଘଣଘଣ କରି ।
ସଖି ଗୋ,
ମୃଦୁ ପଲ୍ଲବ ଶୋଯରେ ନେଇ
ଚନ୍ଦନକର୍ପୂର ଲେପୁଣ ଅଙ୍ଗ
ଶୀତଳ ଜଳକଣା ଦେଇ । ।୫।
ଶୁଆଇଲେ ବାଳୀକ ଚର୍ଣ୍ଣି ନେଇ
ଅନେକ ସୁଷ୍ଟୁବାଣୀମାନ କହୁ
ବସନ୍ତି ସଖୀଜନେ ତଳ୍ପପାଶେ
ବଚନ ତନ୍ତୁ ଜାନ ଜୁଡ଼ାଏଣ ।
ସଖି ଗୋ,
କ୍ଷଣେ କ୍ଷଣକେ ମୋହ ଯାଇ ବାଳୀ,
ପୁଣି ପୁଣି ତାର ଦେହ ଚମକଇ
ଉଲ୍ଲସିତ ହୋଏ ରୋମାବଳୀ । ।୬।

ବାଳୀର ହୃଦର ମୁକ୍ତାହାର
ଫୋଡ଼ି ହୋଇ ତୁଳର ଆକାର
କେତେ ମୃଣାଳ ସଖୀ ଦେଲେ ନେଇ
କାମ ଅନଳେ ସେହୁ ଦଗ୍ଧ ହୋଇ ।
ସଖି ଗୋ,
ପୁଣି ପୁଣି ଲେପନ୍ତୁ ଚନ୍ଦନ
ତତକ୍ଷଣେ ସେହୁ ଶୁଖିଯାଇ
ତାତିଲା ଲୁହେ ଜଳ ଯେସନ । ।୭।
ଶଶଧର ନିର୍ମଳ କର ଦେଖି
ଝରୁହେ ବାଳୀ ହୋଇ ଅତି ଦୁଃଖୀ
କୋକିଳ କୋମଳର ବାଣୀ ଶୁଣି
ମୋହଗତ ଗଲା ତରୁଣୀମଣି ।
ସଖି ଗୋ,
ଉଠି ଚନ୍ଦ୍ରକୁ ବୋଲଇ ସେ ନାରୀ
କମ୍ପା ମୋତେ ଅକାରଣେ ଦହୁଅଛୁ
ମୁଂ ତ ନୁହଇ ତୋର ବଇରୀ । ।୮।
କ୍ଷୀରସମୁଦ୍ରରୁ ଜାତ ଯେ ତୁହି
ତୋତେ ଭଲ ନ ବୁଝିଲିଙ୍ଗ ମୁହିଂ
ମୋର ନିକାନ୍ତ ମସ୍ତକରେ ତୋତେ
ଧଇଲି ତୁମ୍ଭଂ କାନ୍ତି ନଖକ୍ଷତେ
ଚନ୍ଦ୍ର ହେ,
ସେ ଗୁଣ ତ ସ୍ମରେ ନ ଧରୁ ଶଶୀ
ସ୍ୱେ ମୋର ବିରହ ଦୁଃଖ କାଳେ,
ବଇରେ କର ଦହୁଛୁ ଆସି । ।୯।
ଶୀରଙ୍ଗ ନ ଧରୁ ତୁ ଶଶଧର
ତୋତେ ନିତ୍ୟ ଶିରେ ବହଇ ହର
ଯାଇ ତୋହର ପ୍ରାଣ ହରୁଅଛ
ଶିବ ପୁଣି ଗ୍ୟାଂନ ବୋଲି ତାଇଲ୍ଲୁ ।

ଶଶୀ ହେ,
ଦୋଷ ଅଛଇ ତୋର ସ୍ୱଭାବର
ତେଣୁ କରି ଦୋଷ କରନ୍ତୁ ଅଛୁ ତୁ
ଜୀବନ ମୋହର ହେଲେ ହର । ।୧୦।
ଶ୍ରୀକଣ୍ଠ ଘାତକ ଅଛି ଦାରୁଣ
ନ ଜାଣୁ କ ହେ। ତୁ ଶୀତକରଣ
ସେଥିକେ ତ କଳଙ୍କିତ ତୋର ଦେହା
ଆଜ କମା ପୁଣ କରନ୍ତୁ ସ୍ନେହା ।
ଚନ୍ଦ୍ର ହେ,
ପିତା ତୋର କ୍ଷୀର ଜଳଧି
ତାହାର ପୁଣ ହୋଇ ନିଜ ସ୍ୱଭାବ ତୁ
ତ୍ରିସ୍ତଡ୍ୟାକୁ କରନ୍ତୁ କୁଡ଼ି । ।୧୧।
କାନ୍ତ ଭୁଲେ ମୋର ସୁରତି ସବ
ସବୁ ଜାଣିଅଛୁ କଣାଇ ଧବ
ତୋତେ ମୁହିଁ ଭଣ୍ଡାର ଦାଇଥିଲି
ସେ ଫଳ ସେତେବେ ତ ମୁହିଁ ଭୁଞ୍ଜିଲି ।
ଶଶୀ ହେ,
ନ ଜାଣି ପିବା ମୁହିଁ ମୂଢ଼ପଣେ
ହତ ସୁଫଳ ଜନ ପୁରେ ଘଣି
ଦେଳୀ କରଇ ତୋର କାରଣେ । ।୧୨।
ଯେତେ ସୁଖ ଭୁଞ୍ଜିଥିଲି ତୋ ପୁରେ
ସେ ସବୁ ଦୁଃଖ ହେଲା ସେତେବେ ମୋତେ
ଯେସନ ସର୍ପମୁଖେ ଦେଲେ କ୍ଷୀର
ତାହା ଘାତକ ଜାଣ ଘାଲ ଶରୀର ।
ଶଶୀ ହେ,
ସେତେବେ ମୁଁ ଜାଣିଲି ହେ ସ୍ମର
ପିଶୁନ ସମ୍ମୁଖେ ଯେଜଂ କାର୍ଯ୍ୟ କରି
ଭଲ କଥା ଖଂ ହୋଇଥାଇ ମନ୍ଦ । ।୧୩।

ନାହାକୁ ମାନ କରନ୍ତ ସେ ଭାବେ
ସ୍ନେହ କରନ୍ତ ତୋତେ ଦେଖି ଲୋକେ
ସ୍ନେହେ ତୁ ମୋହୋର ବୋଲ ନ ଧରୁ
କ୍ଷମ-କରଣେ ଆନନ୍ଦ ଦେଉ ଥାଉ
ଶଶୀ ହେ,
ଔଷଧଙ୍କର ତୁମ୍ଭେ ପତି
ମଦନ ସେନା କିଂ ସେ ତୁମ୍ଭେ ବଢ଼ାଅ
କସ ବୋଲିବ ମୁହିଂ ସୁବସ୍ଥା । ।୧୪।

ଇଲି ଶଶିବାଣୀ ବୋଲନ୍ତ ମୁହିଂ
ଧନୁବିଦ୍ୟା କହୁ ଶିଖିଲୁ ତୁହି
କୁଣ ଭନ୍ଦକୁ ତୋର ଧନୁ ବାଣ
ବାଣ କମ୍ପାଇଂ ତୁ ବଣୁ ଭଙ୍ଗନ
କାମ ହେ,
ପୁଣି କମ୍ପାଇଂ କୋଦଣ୍ଡ ସେଷ
ଅବଳାଜନ ଛାତେ କମ୍ପା କନ୍ଦୁ
ସମ ଇନ୍ଦୁ ମାରି ମୃଷ ସନ୍ତୋଷ । ।୧୫।

ପୁଣି ବୋଲଇ ଅହେ ପଞ୍ଚଶର
କମ୍ପା ତୁ ପୀଡ଼ୁଛୁ ମୋର ଶରୀର
ନାଥସ୍ଥାନ ମୁହିଂ ବିରହୀ ନାହିଁ
ଅକାରଣେ କାମ ମତେ ନ ମାର ।
କାମ ହେ,
ରଖସି ବାରେ ମୋର ପରାଣ
ତୋହର ଚରଣେ ଶରଣ ପଶିଲି
ତୁ ଦୟାକର କୁସୁମବାଣ । ।୧୬।

× × ×

ବହେ ମଳୟଜ ଶୀତ ପବନ
ଲାଗି ବାଳୀମନ ହୋଇବ ଅଗ୍ୟାନ

ପୁଲକିତ ଶରୀର ହୋଇଯେ ପୁଣି ।
ବଢ଼ିଲା ଉତ୍କଣ୍ଠା ମନେ ଗୁଣି
ସଖି ଗୋ,
ନଷ୍ଟହେଁ ମୋର ଯିବ ଜୀବନ
ଏଣୁ ଆମ୍ଭାକୁ ପ୍ରାଣବଇରୀ, କାମ
ପିକ ଶଶୀ ଭୃଙ୍ଗ ପବନ । ।୧୭।

× × ×

କୋମଳ ଅଙ୍ଗ ମୋର କଳେବର
ହୃଦୟ ଅଙ୍କ ମୋ ବଜ୍ର ଆକାର
ନ ଦେଖି ତୁମର ଚନ୍ଦ୍ରବଦନ
ନ ଯାଏ କମ୍ପାଇଂ ପାପୀ ଜୀବନ ।
ସଖି ଗୋ,
କହେଁ ବସ୍ତି ଲଜ୍ଜାଳକ ଯାହା
କ୍ଷଣ କ୍ଷଣେକେ ମୁହିଂ ମୂର୍ଚ୍ଛା ଲଭୁଛି
କେ ଆନ କରିବ ଆଉ ତାହା । ।୧୮।
ଏତେକେ ବାଳୀ ବୋଲଇ ବଚନ
ଶୁଣସି ମୋର ସଖୀଜନମାନ
ବେଗେ ତୁମ୍ଭେ ଯାଇ ଆଣି ଦୁଃଖାଣ
ତାଙ୍କୁ ମୁହିଂ ବେଗେ ଦେବଇ ଶ୍ୱାସ ।
ସଖି ଗୋ,
ନ ଶୋଭଇ ସ୍ୱର୍ଗ ଚନ୍ଦ୍ରମା ବିନୁ
ମନର ପୁଷ୍ପ ଶୋଭିବ ବିନୁ ଗୋ
ଧିକ ହୋଉ ସୁବର୍ଣ୍ଣର ତନୁ । ।୧୯।

( 'ରସମଳା', ପଞ୍ଚଦଶ ଓ
ଏକବିଂଶ ଛାନ୍ଦରୁ ଗୃହୀତ)

*

# ଗୋପ

## ନୃସିଂହ ସେଣ

ଯମୁନା ବର୍ଣ୍ଣନା ଗାଥା—

ସହସ୍ର କରଣ ସୁତା ଯମ ନୃପ ଯା'ର ଭ୍ରାତା
ଶ୍ୟାମ ସ୍ୱର୍ଣ୍ଣ୍ୟ ସାର ବନ୍ଦେ ଅତି ଅର୍ଣ୍ଣିକା
ପିତା ଭ୍ରାତା ଭବତାପ ନାଶକରେ ତା'ର ଆପ-
ଇହଲୋକ ପରଲୋକ ସୁଖଦ ଶିଳା !

କୃଷ୍ଣ ପାଦ ସଙ୍ଗକଣି କୃଷ୍ଣର ସଦ୍ଗୁଣ ଧରି
କୃଷ୍ଣର ସେ ସମ ହୋଇ ହରେ ଦୁରିତ
ଯା'ର ତଟେ ନିରନ୍ତର ଖେଳ କରେ ଦାମୋଦର
ତାହା ହେ କସ ବର୍ଣ୍ଣିବ ମୁଁ ମୂଢ଼ ଚିତ୍ତ ।

ଯମୁନା ବର୍ଣ୍ଣନା ବୋଲି—

ଯମୁନା ନଦୀ ଅତି ଉତ୍ତମ ଶୀତଳ ପାତଳ ନୀର
ସ୍ୱଚ୍ଛ ଅଞ୍ଜନ ଯେସନେ ଶୋଭା ଅତ୍ୟନ୍ତ ଗମ୍ଭୀର ।
ମେଘମା ଶ୍ୟାମ ମେଳା ଅଛି କ କୁଟିଳ କୁନ୍ତଳ ପାଶ
ତରଙ୍ଗ ଭଙ୍ଗେ କୁଞ୍ଚିତ କରଇ ଅତିଶୟେ କୁସୁମପାଶ ।
ଦେଖି ମନୋଭବ ସନ୍ତାପ ନାଶଇ ଯେସନେ ନବ କାମେଶୀ
ଚନ୍ଦ୍ରକାନ୍ତେ କରି ଶୋଭା ପାଉଅଛି ଯେସନେ ମଧୁ ଯାମେଶୀ ।
ସୁବର୍ଣ୍ଣ ଅଧର ଯେସନ ଜାଣି ଅମୃତ ରସ ବହେ
ତରଙ୍ଗ ଭଙ୍ଗି ଅପାଙ୍ଗ ଯେସନ ସର୍ବଭୂତ ମନ ମୋହେ ।
ପ୍ରମଦା ମନର ଜାଣି ଯେସନ ଅତିଅନ୍ତ ଗମ୍ଭୀର
ସଦେଖି ନାଗରଙ୍କର ଯେସନ ସୁସ୍ମିତେ ମନୋହର ।
ନାଗରେ ନାଗରୀ ସଙ୍ଗବନ ଦେଇ ଯୋଗେନ ହୃଦୟ ତୋଷେ
ଆରହେଳେ ସେ ନ ଦେଖିଲି ବାର୍ଣ୍ଣି ଯାହା ମନ ସନ୍ତୋଷେ ଇତେ !

ନାଗର ସାଗର ସଙ୍ଗ ନିମନ୍ତେ ହୋଇଅଛି ଅଭିସାରୀ
ଚୋଳନାଦ ଛଳେ କି ସେ ଯମୁନା ହୃଦରେ ସଗଭଧାରୀ ।
ଭକତ ପଦ୍ମବଦନ ତା'ର ଯଷ୍ଟି ଇନ୍ଦୀବର ଲୋଚନ
ମୃଣାଳ ବାହୁଲତା ସେ ଜାଣି ସ୍ତନ ଯୁଗଳ ଜଘନ ।

କୁଚ ଚକ୍ରବାକ ମତ୍ତ ଗଜହଂସ ଶବଦ କି ସେ ନୂପୁର
ମୀନ ଧ୍ୱଜେ କଲ୍ଲ ହୃଦସ୍ଥ ଆକୁଳ ଦେଖୁ ବୋଲୁ ଅଛୁ ସ୍ଥିର ।
ସବଜାଖେ କୁଳ ଚେଷ୍ଟୁଂ ଅଛନ୍ତି ଆବର ପ୍ରନାଙ୍କ ଧବ
ନିଜ ବେଳ କୂଳ ଛାଡ଼ି ଯାଉଅଛୁ ସ୍ୱବଶ ସମୃଦ୍ଧ ଭାବ ।
ଭଙ୍ଗୀ ସହିତସ୍ଥ ଛାଡ଼ିଯାଉ ବୋଲି ଯାଉଅଛୁ ଅନ୍ତ ବେଳେ
ଭୁଞ୍ଜ ଜନ୍ମସ୍ଥାନ ପାଦେଶୀଗଲ୍ଲ ଯନ୍ତ୍ର ନାଏକର ଭାବ ଯୋଗେ । ।୩୭।

ବୃନ୍ଦାବନ ବର୍ଣ୍ଣନା ବୋଲି—

ସେହୁସନ ଯମୁନା ନଦୀର ତଟେ ଶ୍ରୀବୃନ୍ଦାବନ ଶୋଭନ
ତରୁ ଲତା ଗୁଳ୍ମେ ଆବୃତ ସେହୁ ମୋହଇ ନୟନମନ ।
ତରୁଗଣ ତହିଁ ମଦନ ଯେସନ ଫୁଲ ଶିଳୀମୁଖଧାରୀ
କାମିନୀ କାମୁକ ହୃଦୟ ବଦ୍ଧନ୍ତି ବିରହ ଦୁଃଖ ବିସ୍ତାରି ।
ବିବିଧ ଲତା ଯେସନ୍ତେ ବନିତା ଯୁକ୍ତକାନେ ପୁଷ୍ପବତୀ
ମନୋହର ରସେ ରସିକା ସେହୁ କଟାକ୍ଷ ଜନ ଚୀରନ୍ତି ।
ଗୁଳ୍ମ କୁଳ ଗଣ୍ଡ ସେସନ ଜାଣି ନାନା ପ୍ରକାରେ ତହିଁ
ଆଶ୍ରିତ ଲତାଙ୍କୁ ମଧୁପ ଡ଼ମ୍ବର ତହିଁକି ବଜନ ନାହିଁ ।
କୁଞ୍ଜ ଭିତର ଅତ ମନେ ହର ଯତେ କରି ପଶି ଦେଖେ
କୁଳବଧୂ ମନ ନିତଣ୍ଡ ଯେସନ ସ୍ୱପ୍ରୁଷ ହୃଦୟ ବନ୍ଧେ । ।୪୦।
କେବଣ କୁଞ୍ଜବେଶ ଧରିକରି ତନୁରେ ଶ୍ୟାମଳ ଛବି
ବର୍ଣ୍ଣାଚ୍ଛ ସୁବର୍ଣ୍ଣ ସୁରଞ୍ଜ କାନ୍ତେ ଯେସନ୍ତେ ପ୍ରକୃତି ଧରଇ ।
କେବଣ କୁଞ୍ଜ ଅତି ନିରମଳ ରଶ୍ମିଜାଲ ସନ ଛନ୍ଦ
ମଞ୍ଜୁ ମଧୁପ ରସେ ବସି କହଇ ସ୍ନେହକେ ଆଲୋକେ ବନ୍ଧ ।
କେବଣ ଲତା ଫୁଲ ଧରି ନବ ପଲ୍ଲବେ ଅରୁଣ ବେଶେ
ହାସ ଅନୁରାଗ ଧରିଥିଲ ରମା ଯେସନେ ମନ ଉଲ୍ଲାସେ ।
ପୁଷ୍ପବନ୍ତ ବୋଲି ମଧୁବାସେ କରି କମ୍ପୁଅଛୁ ତା'ର ଅଙ୍ଗୀ
ସଧୀରେ ତହିଁ ରସି ନ ପାରି ଦୂରେ ଖୋଜୁଅଛୁ ଭୃଙ୍ଗୀ ।
ଭାବେ ନାୟକ ରମି ଲେଉଟିଲେ ଭ୍ରମରୀ ନାରୀ ଯେସନ୍ତେ
ନାହିଁ ନାହିଁ ଶିର କମ୍ପାଇ ବାରଇ ଲତା ଚଞ୍ଚୁଅଛୁ ତେସନ୍ତେ । ।୫୦।

ମହାବନୀ କରୁ ଶୋଭା ପାଉଅଛି ଝଙ୍କଣ ସନ୍ଧ୍ୟାର ଜନ୍ତୁ
ଝରଜ ଗୁଣ ସବୁ ଧରିଅଛି ଯେନ କଠିନ ତା ଜନ୍ତୁ ।
ଗଛକୁ ଗଛ ଲଗିଅଛି ସେ ଦେଖନ୍ତ ଦିଶଇ ସନ୍ଧି
ନିତମ୍ବବଶ ଜିବ ଯେସନ ବରିଇ ସକଳ ବୁଦ୍ଧି ।
ତରୁ ଉପରେ ଲତା ଲଗିଅଛି ବଢୁଅଛି ସର୍ବ ଦିଶି
ନାୟକ ଉପରେ ନାୟିକା ଶୋଭା ଯେହ୍ନେ ବିପରୀତ ରତ ।
ସକଳ ଦିଗରେ ଫଳକୁ ବହଇ ଜନମନ ସୁଖକାରୀ
ସବୁକାଳେ ଯେହ୍ନେ ଆଲିଙ୍ଗନେ ତୋଷ ସୁବୋଧ ଅଙ୍କୁଶ ନାରୀ ।
କ୍ଷିତି ଦ୍ୱିଜଗଣେ ମଣ୍ଡିତ ଶବ୍ଦରେ ଭାଷନ୍ତି ମଧୁର ବାଣୀ
ଉତ୍ତମ କାମେଶ୍ୱ ଆନନ୍ଦ ଯେସନ କାନନ ତେସନ ଜାଣି ।
ମୟୂରମାନେ ନୃତ୍ୟ କରୁଛନ୍ତି ଭଜନ୍ତି ଭୁଜଙ୍ଗ ମନେ
ପୟୋଧରେ କରି ଗରବ କରନ୍ତି ଯେସନେ ଗଣିକାଜନେ ।
ପଲ୍ଲବନ ମଞ୍ଜି ହୋଇ କପୋତ ହୁଁ ହୁଁ କାର ବାଣୀ ଘୋଷେ
ସୁରତକାଳେ କାମିନୀ ଶ୍ୱେଦେ ଯେସନେ ମନ ଉଲ୍ଲାସେ ।
ଭୃଙ୍ଗ ଝଙ୍କାର ଅତି ଶବ୍ଦର କମ୍ପଇ ହୃଦୟ ଶୁଣି
ମାନିନୀ ପ୍ରିୟା ଚୁମ୍ବ କଲା ଶବ୍ଦ ଯେସନ ସମୟେ ମଣି ।
ଶୀତଳ ସୁଗନ୍ଧ ପବନ ବହଇ ପୁଲକ କରଇ ଦେହ
ରତିକାଳେ ଯେହ୍ନେ କାମିନୀ ଚନ୍ଦ୍ର ଜାତ କସ୍ତୁରୀ ମୋହ ।
ଏସନ ବନେ ବସନ୍ତ କାଳେ ଆପଣେ ମଦନରାଜ
ସକଳ ଭୂତ ମୋହିବ ବୋଲି ପୁଷ୍ପଶର ଘେନି ସଜ ।
କମ୍ପିତ ଦିବସ ଶେଷ ସେ ଅଛି ରବି ପଶ୍ଚିମକୁ ଗଲେ
ପ୍ରସରେ ସୂରିତ ସକଳ ଦିଶଇ ଉଦୟରେ ଯେହ୍ନେ ଉଦୟ ।
......ପୂର୍ବ ପଶ୍ଚିମେ ଚନ୍ଦ୍ର ସୂର୍ଯ୍ୟ ଦିଶନ୍ତି ଅତି ମଞ୍ଜୁଳ
ସୁରେନ୍ଦ୍ର କର ଧରି ବିଚାରି ଅମୃତ କରୁଛନ୍ତି କରେ ମୂଳ ।
ଅଷ୍ଟ ମାସଙ୍କ ଅମୃତ ଯେନ ନିଶାକୁ ଦେଖନ୍ତ ତୋଷେ
ଶନକର ତନ୍ତ୍ରୀ ହୋଇ ବନ ସେ ଗଳ ଚନ୍ଦ୍ରରଜପାଦ ଭରେ ।
ପର ବିକଶିତ କୁସୁମକୁନ୍ଦ ରସ ପୂରି ନାହିଁ ଭୁଲେ
ଲୋଭେ ଭ୍ରମର ଘୁଣି ଘୁଣି ବେଢ଼ଇ ଭ୍ରମଇ ଅତି ଆକୁଳେ ।

ସୁରଙ୍ଗୀ ତରୁଣ କୁସୁମ ଦେଖି ମଞ୍ଜୁ ଭରେ ଭୃଙ୍ଗୀ ବସେ
ରସ ନ ପାଇ ତେଜିଲା ତାହା ଦୂରେଣ ଝଙ୍କାର ଘୋଷେ ।
ଶୁଆଁ ଥ ନାସାର ରୂପ ପଲ୍ଲବନ ଦେଖି ରମଇ ସେହିଁ ପୁରୁଷ
ଆପଣାଙ୍କୁ ଛୁ ଛୁ କରି ସେ ନିନ୍ଦଇ ନ ପାଇ ତାହାର ରସ ।
ନ ଯାଇ ତେଜି ମରନ୍ଦମ ମଲ୍ଲି ରସ କଳସରେ ଥିଣ
ବାଳାର ବସ୍ତ୍ର ସନ୍ଧିରେ ଜାଣେ ଯେସନେ ନାସ୍ତିକ ବନ୍ଧ ।
ମଧୁରସ ପାନେ ସନ୍ତୋଷ ହୋଇ କେବଣ ଭ୍ରମର ରମଇ
ପରିହାସ ପ୍ରକାଶ ଶରୀର ଆହାର ଭ୍ରମଇ ମାତୁଳ ହୋଇ ।
ସକଳ କୁସୁମ ପାଣକୁ ଯାଇ ଖୋଜିଲ ତେଜିଲ ବେଗେ
ଦେଖି ଭସେ ପାରୁ ମନ ପୂରୁଅଛି ଆନ କି ମୁଖରେ ଲାଗେ ।
ନିଜ ପ୍ରିୟ ତେମା କମଳ ଶରୀକୁ ଯେସନେ ବଂଶ ନାସ୍ତିକ
ଝଙ୍କୀ ସଙ୍ଗୀ ଭଙ୍ଗି ଛନ୍ଦି ସେ ଦେଖାଇ ଆନନ୍ଦେ ଲଭେ ଭାବୁକ ।

ଏମନ୍ତ ବେଳେ ଦେଖି ଚକ୍ରବାକ ରାମା ରମଣ କାନ୍ତାର ମୁଖ
ଜଣେ ଜଣେ ପ୍ରେମ ଅଧିକ ବଢ଼ାଇ ଜାଣି ବିଚ୍ଛେଦର ଦୁଃଖ ।
ପୂର୍ବ ପଶ୍ଚିମ ଦେଖ ଧରେ ତା'ର ନିରେଖି ବେନି ଲୋଚନ
ଜାଣ ପଞ୍ଚ ପ୍ରାଣେ ଥାଇ ସୁବର୍ଣ୍ଣ ଭୂଷାବାନରେ ଯେସନ ।
ଜଣେ ଜଣେ ସେ କମଳ ସଙ୍କୋଚ କୁମୁଦ ବିକାଶେ
ଚନ୍ଦ୍ରସଙ୍ଗ ତେଜି ମତ୍ତ ମଧୁକର କୁମୁଦରେ ଦେଲ ଆଶେ ।
ଏକକୁ ତେଜିଲ ଆରକୁ ଭଜଇ ଯେସନ ଗଣିକା ଥିବ
ନବ ଯୌବନ ରସକୁ ପାଇ ପାତଶାରେ ପ୍ରକୃତ ଭାବ ।
ପଦ୍ମର ସମ୍ମିତ ସମସ୍ତ ଜାଣି କେବଣ ଭ୍ରମର ମନ
ଆନ କୁସୁମ ଲମିବ ବୋଲି ହୋଉଅଛି ଉନମନ ।
ବାର ନାୟକ ସଙ୍କେତ ନଣ ଯେସନ ଶାଠ ପୁରୁଷ
ନିଜ ରମାର ନିତ ନିବା ଦେଖି ଲଭଇ ମନ ହରଷ ।
ଚନ୍ଦ୍ରମା ଉଦୟ ସମୟ ଜାଣି ଚକୋରୀ ମନ ଉଲ୍ଲାସ
ପୂର୍ବ ଦିଗରେ ଆଶା କରେଣି ଖାଇବ ଅମୃତରସ ।
ପରବାସୁ ପ୍ରିୟ ଆସିବା ଶୁଣି ଯେସନ କାମିନୀ ଜନ
ପଥ ଚାହିଁ ସୁଖ-ଦୁଃଖରେ ଆକୁଳ ଆଶାରେ ଉତ୍ସୁକ ମନ ।

ବୟସ ଶେଷ ସନ୍ଧି ପ୍ରବେଶ ଦୁହିଙ୍କ ମଧ୍ୟ କାଳ
ବୟସ ଶେଷ ଯେତେ ହେଉଅଛି ତେତେ ବଢ଼ୁଛି ମଞ୍ଜୁଳ ।
ଶିଶୁତ୍ୱକ ଶେଷେ ବୟସ ପ୍ରବେଶେ ଯେତେକ ଶୋଭାପାଇ ବାଳା
ବନବୃକ୍ଷ ସନ୍ଧ ନାନା ପ୍ରକାରେ ଧରନ୍ତି ତେସନ ଲୀଳା ।
ଦେବକୁବେର ବନ୍ଦେ ଚନ୍ଦ୍ର ପ୍ରସବ ଲୋଚନ ଆନନ୍ଦ କାରୀ
ଇତର ବାଣ୍ଟି ମନ କୁରାଅଛି କଞ୍ଚନ ସଗର୍ବ ଧରି ।
ଧୀରେ ଧୀରେ ଲଜ ଲଗାଇଅଛି କି ସେ ସମସ୍ତ ପାରି
କୁସୁମ ରଜ ଚୂରଅଛି ଯେକାଳେ ହୋଇଛି ବସ୍ତାରି ।
ଶିଶୁତ୍ୱକ ଶେଷେ ଯୌବନ ଆଦ୍ୟ ଦେଖ ଶୁଦ୍ଧ ରସ ମଣ୍ଡି
ବାଳାର ବୟସ ସନ୍ଧିର ପରସ୍ପେ ପ୍ରତୋଷ କାଳକୁ ଭୁଣ୍ଡି ।
ସେ ସନ ସମସ୍ତେ ବଦେ ବନମାଳୀ କଦମ୍ବ ତଳରେ ଉଭା
ନବ ଜଳଧର କି ସେ ଇନ୍ଦ୍ରଧନୁ ତେସନ ଶରୀର ଶୋଭା ।
କାମିନୀଜନର ମନାଣି ନାଶଇ କଣ୍ଠ ଅଞ୍ଜନା ସ୍ୱରୂପ
ତ୍ରିଭୁବନ ଜନ ମୋହନ କାରଣେ ନବୀନ କୁସୁମରୂପ ।
ସକଳ ଲୋକର ଲୋଚନ ଚକୋର ବଦନ ଚନ୍ଦ୍ରମା ତୁଲ
ଅପାଙ୍ଗ ତରଳ ନାସିକି ଗରୁଡ ନୟନ କମଳ ଫୁଲ ।
ବନ୍ଧୁକ ଅଧର ସୁଧାର ଆଧାର କୁଣ୍ଡଳ ମଣ୍ଡିତ ଗଣ୍ଡ
ଶିଖି ଶିଖଣ୍ଡ ମଣ୍ଡିତ ମୁଣ୍ଡ ଭ୍ରୂଲତା କାମ କୋଦଣ୍ଡ ।
ନାଗର ଦଣ୍ଡ ଭୁଜ ପ୍ରଚଣ୍ଡ ଦଣ୍ଡଇ ବୈରି କୁଳ
ଆଲିଙ୍ଗନ ଭୁଜ ଚିନ୍ତା ନ ମ କରଇ ପୁଲକ ଜଡ଼େ ଆକୁଳ ।
ତିନି ଲୋକର ଶୋକ ସେ ହରଇ ନୋଦନଦ ଶାର୍ଙ୍ଗିକ
ଦୁର୍ଜନ ମରଇ ସଜ୍ଜନ ତାରଇ ଅଭୟ ଦାନେ ସରଳ ।
ବଦନ ଘନ ମାଡ଼ି କବରୀ ଗୋଟି ପ୍ରକାଶ କରଇ
କରନ୍ତ ତେଣି ମନୋଜ ବାଣ ଭରଇ କୁମ୍ଭ ଦାରଇ ।
କଦମ୍ବ ତଳ ସୁଦର୍ଶନ ତଳ ବେଣୁ ଚଳ ଶୋଭା ଭରେ
ସେ ଚକେ ନାସ କୃଦୟ କମ୍ପାଇ ଅନ୍ତରେ ଅସ୍ତର ମାରେ ।
ତରୁଣ କରୁଣ ବରୁଣ ଆଳୟ ହରିଣ ହୃଦୟ ବେଶ
ତରୁଣ ଭୁଜ କୁଙ୍କୁମ ରେଣୁରେ ଅରୁଣ ବର୍ଣ୍ଣ ପ୍ରକାଶ ।

ଶ୍ରୀବତ୍ସ ଚିହ୍ନ ଯାର ମାନସ ପ୍ରିୟାର ବେନି ପାଦପଦ୍ମ ବନ୍ଦେ
ଲଳିତ ସୁରଙ୍ଗ ବେନି ରସେ ରସେ ବେଣୁ ପଲ୍ଲବ ସଦେ ।
ନାଟକେ ଘଟିତ ଗୁମ୍ଫ ଘଣ୍ଟି ଲୁବ୍ଧ କଟିତଟେ ଛନ୍ଦ ଶୋଭା
ପୀତ ବସନ ପରିଧାପନ କଳାନିଧିରେ ଚମ୍ପକା ଆଭା ।
କମଳା କୋମଳ କର କମଳରେ ଲାଳିତ ସେବଣ ପାଦ
ତ୍ରିଭୁବନ ଜନ ଶରଣ ରକ୍ଷଣ ଦୁର୍ଲ୍ଲଭ ଭବ ବିଷାଦ । ।୧୪୦।

ଇନ୍ଦ୍ର ଚନ୍ଦ୍ର ରୁଦ୍ର ଧାତା ସୁରଗଣ ମୁକୁଟର ମାନମଣି
ମୁକୁନ୍ଦ ଚରଣକମଳେ ଯୁକ୍ତେ ଭ୍ରମର ପରାୟେ ମଣି ।
ନାନା ରତ୍ନମୟେ ଭୂଷଣେ ଭୂଷିତ ଦୂଷଣ ରହିତ ତନୁ
ବନ୍ଧ କନ୍ଦର୍ପ ଶୋଭା ପାଉଅଛି କି ଏ ମଦନାର ଧନୁ ।
ମୁକୁତା ହାର ଯେସନେ ତାର ଶୋଭିତ ଦୁଧ ନାଗେନ
କୌସ୍ତୁଭମଣି ଚନ୍ଦ୍ରମା ଜାଣି ପ୍ରକାଶ କରେ କିରଣେ ।
ମାନସ ପ୍ରିୟାର ଲକ୍ଷାର ରଙ୍ଗ ଅଙ୍କିତ ଯେସନ ଭାଳ
କସ୍ତୁରୀ ତିଳକ ରଞ୍ଜିତ ତହିଁ ଚନ୍ଦ୍ରରେ ଅଞ୍ଜନ ଜାଳ ।
ଅଙ୍ଗ ସୁବେଶ କେଶର ହୋଇ ମଦନେ ଆରତ ଚିତ୍ତ
ମଦମତ୍ତ କରି ମୁରଲୀ ବାଦ୍ୟେ ଗାଆନ୍ତି ସୁସ୍ୱର ଗୀତ । ।୧୫୦।
ଶୁଣି ଯୁବତୀ ଉତ୍ସୁକ ମତ୍ତ ବେଣୁ ବାଣୀ କଲେ ଦୂତ
ଯାନ୍ତି ଉତ୍କଣ୍ଠ ଭ୍ରମିତ ମତ୍ତ ଭ୍ରମନ୍ତି ଗୋପିକା ଯୁବତୀ ।
କାହା ଅର୍ଦ୍ଧ ଅଙ୍ଗ ଚନ୍ଦନ-ଚର୍ଚ୍ଚିତ କରେଣ କୁସୁମମାଳ
ଭ୍ରମେ କବରୀ ଖୋସି ନ ପାରିଲା ପିଟିଛି କୁଟିଳ ବାଳ ।
ଗାଣ୍ଡିବେ କୁଣ୍ଡଳ ବଦନ ହେଳିଲେ କୁଣ୍ଡଳ କଣ୍ଠର ହାର
କାଞ୍ଚି ନୂପୁର ଅଙ୍ଗ ମୁଖର ଚନ୍ଦ୍ରରେ ସ୍ୱେଦ ବିକାର ।

କେହୁ ନୟନେ ଆପଣା ହୋଇନେ କସ୍ତୁରୀ ପଙ୍କ ରଞ୍ଜିଲା
କଙ୍କଣମାଳା କଣ୍ଠେ ଖଞ୍ଜିଲା ଚେତନା ଛାଡ଼ି ଧାଇଁଲା ।
ଯାଣା ବାଜୁଥିଲା ଯେସନେ ଯମା ବେଗରେ ବେଗେ ଗଲା ଧାଇଁ
ଯାଣା ପଡ଼ିଲା ଭୂଇଁ ସେ ଗଲା କହୁଁ କିଛି ଜାଣଇ ନାହିଁ । ।୧୬୦।
ଆପଣା କୁଳ ସୁଶୀଳ ଭଳ ଭୂମ୍ୟୀ ପରିତ୍ୟେଜି ମଣି
ଆଶିଷୁ ଅଛି ନ ଜାଣେ କାହୁଁ ମଦନ ଅବେଶ ତରୁଣୀ ।

କହ୍ନୁ ଶ୍ରୀ ମଣ୍ଡ ଭୂଷିତ ଘଣ୍ଟ ନ ଚଳେ ସୁମାରୁ ପାଦ
କଦମ୍ବଘରେ ତନୟ ଥିଲେ ମନରେ ଭରି ବିଷାଦ ।
ମଦନ ମତ୍ତେ ଆନନ୍ଦ ଚିତ୍ତେ ସଜନ ଗୋପିକା ନାରୀ
ଶ୍ରୀକୃଷ୍ଣ ପାଶେ ମିଳିଲେ ହୋଇଣ ସାତ୍ତ୍ୱିକ ଶୃଙ୍ଗାର ଧାରୀ ।

× × × ×

*

# ଶଶିସେଣା

## ପ୍ରଥମ ଖଣ୍ଡ

### (୧)

(ରାଗ-ବଙ୍ଗଳା; ଅଳଙ୍ଗୀ ବାଣୀ ବା ଯୋଗି ସମାଧି ବାଣୀରେ ଗାଇବ)

ସେଥୁ ଅନନ୍ତରେ ଶୁଣ ତୁ ଗୋ ସୁଜନ ସୁମନ୍ତ
ଉତ୍ତମ କେଶରୀ ନୃପତି ସୂର୍ଯ୍ୟ ସୂର୍ଯ୍ୟବଂଶ ।
ଶଶିସେଣା ବାଳୀ ଅଟଇ ଗର୍ଭେ ଜାତ ତାହାର
ସୁନ୍ଦର ସୁଜାଣ ଶିରୋମଣି, ତନୁ ସୁକୁମାର ।
ସମସ୍ତ ଗୁଣେ ସେ ବିଚକ୍ଷଣ ଶିଳ୍ପ ମଧ୍ୟରେ ନାହିଁ
ରୂପ ବୟସେ ନିର୍ମାଣିଲା ବ୍ରହ୍ମ ଯତ୍ନ ଦେଇ ।
ଶରତ ଚନ୍ଦ୍ରମା ଆନନ, ନେତ୍ର ଚକୋର କି ସେ
ଶୃଙ୍ଗାରରସ ସୁଧାରେ କି ଅଛି ଲମ୍ପଟେ ବସେ ।
ଭ୍ରୂଲତା କି କାମ କମାଣ, ଶର ଲୋଚନ କୋଣ
ତାଙ୍କ ଶାଣେ ବଙ୍କ ଚାହାଣି ଶରକ ଅପାଙ୍ଗ ଦେଶ ।
ମନ୍ମଥ-ସଙ୍ଗୀତ-ମନ୍ଦିର ନାସା ଅଟଇ ତାର
ବସନ୍ତ ଆସେ ଉଦ୍‌ଗୀତ ହୋଏ କଂଶୁକଧର ।
ଘନ କୁଟିଳ ଭୃଙ୍ଗ ନନ୍ଦେ ତାର ସୂକ୍ଷ୍ମ ଚିକୁର
ଦଳିତ ଅଞ୍ଜନ, ଚନ୍ଦ୍ରକଣ୍ଠ ମୃଗମଦ ସୁଧର ।
କୁସୁମ ସଂଗେ ସୁଜବସ୍ତ୍ର ଧାରି ନିରନ୍ତ ମନ
ଯାଦେ ବନ୍ଧନ କି ଭଣ୍ଟୁ ମନସିଜ ବନ୍ଧନ ।
କମ୍ବୁ କଣ୍ଠ, ସାରୀ ଶବଦ, ପିକ ସୁସ୍ୱର ବାଣୀ
ଅମିୟ ମାନ ଦୂରେ ଜଳ ଶଣ୍ଢ କଣ୍ଠ ନିର୍ମାଣି ।
ଶୁକ ସନକ ସନାତନ ମୁନି ଶୁଣିଲେ ବାଣୀ
ଯୋଗ ତେଜି ଭୋଗ ଇଚ୍ଛିବେ ମଦନ ବାଞ୍ଛା ତରୁଣୀ ।
ଯୁଗଳ ବାହୁ ମୃଣାଳ ପରି, ବକ୍ଷ ମୁକୁର ଶୋଭାଣି
କହୁ ଲଭାର ଶିଖରେ କି ବସେ ଭୃଙ୍ଗପତି ?
ହେମ କୁନ୍ଦନ ପୀନସ୍ତନ ବେନି ଲାଗନ୍ତି କି ସେ
ଶ୍ରୀମ ମନ୍ମଥ ଗିରି ଦୁଇ ଏକ ଠାବରେ ବସେ ।

ଛଣ୍ଡି ଦୃଷ୍ଟି ଯେମନ ଅନଙ୍ଗ ବାଣ ବରଷନ୍ତି ତହିଁ
ତ୍ରିଭୁବନ ଜିଣି ଗର୍ବରୁ ଯେସନ୍ତ ଧନୁକୁ ଟାଳି ।
ମୋତି ସୂତ୍ର ଯେନ୍ତୁ ଉଚ୍ଚନ୍ତୁ ବହେ ଜାହ୍ନବୀ ନଦୀ
କୁଚ ଉପରେ ରୋମରାଜି ନ ଯେ ମିଶେ କାଳନ୍ଦୀ ।
ସରସ୍ୱତୀ ଲୁପ୍ତ ଅଛଇ ନାଭି ଗହ୍ୱରେ ନାଇ
ତ୍ରିବେଣୀ ସଙ୍ଗେ ପୁଣ୍ୟ ଥିଲେ ନସ୍ତୁତ ତୀର୍ଥକୁ ଲଭି ।
ନିତମ୍ବ କଟିଲୁଣ୍ଠ ଜଟି ଗଢ଼େ ବେଢ଼େ ତହିଁ
ଜାଣି ବିଧାତା ଉଦ୍ଧ ଦଲ ରଜ୍ଜୁ ତ୍ରିବଳୀ ଦେଇ ।
ଜଙ୍ଘ ଯେ କନକ କଦଳୀ, ଦେଖି ରମଣୀ ମୋହେ
ପୁରୁଷର ଧଇର୍ଯ୍ୟ କାହିଁ, ଯୋଗୀ ଭୁଜଙ୍ଗି ବ ଲଭେ ।
ଶୋଣ ପଦ୍ମଚରଣ ବେନ, ରତ୍ନମଞ୍ଜୀର ସାଜେ
ଥଳ ଟେକି ଜଳ ମରାଳ ଦେଖି ପଶିଲେ ଲାଜେ ।
ଗତି ସୁବର୍ଣ୍ଣ ଗଜରାଜ ଜିଣି, ଦେଖେ ପବନ
ସୁନ୍ଦରପଣେ ସମ ନାହିଁ ସେମନ୍ତ ଭୁବନ ତନ ।
ବରଷରେ ଷୋଳ ବରଷ, ଷୋଳ ଉପନ୍ତି ଦେହେ
ମନ ଉଚ୍ଛୁକ, ଅତି ନୋହେ, ଦୁଃଖ ବଞ୍ଚକ ମତ ।
ରତ୍ନମଣ୍ଡୁ ଭବ୍ୟ ମନ୍ଦିରେ ବଢେ ନୂତନ ନେମା
ମନ ଜାଣି ସେବେ ତରୁଣୀ ସଙ୍ଗେ ଲକ୍ଷେକ ବାମା ।
ଦକ୍ଷିଣ ଦିଗ ଉତ୍ତର ପାର୍ଶ୍ୱେ ଦେଖ ମଳୟିର
ବକୁଳ ଚୂତେ ବାଳବୃନ୍ଦ ସହିଁ ଜଗନ୍ତେ ବନ ।
ସୁଜନ ଜନ ନିରନ୍ତରେ କର ଯେ ରୂପ ଲଭେ
ଏନ ଜନ ମୂର୍ଖ କଦର୍ଯ୍ୟ ଶିଶୁ ପ୍ରଭାବ ସ୍ୱଭେ ।

( ୨ )

(ରାଗ-କେଦାର, ଚନ୍ଦ୍ରକଳା ବାଣୀରେ ଗାଇବ)

ସେଥୁଁ ଅନନ୍ତରେ ଶୁଣ ସଜନ
ସନ୍ତୁ ଅଧ ଦୋହଳକ ରଜନୀ ।

କେତେ ଅଚେତନ କାମିନୀ ସକଳ
ନଗ୍ନେ ଜଣବଦ, ନାର୍ତ୍ତି ତରଳ ।
ଜାଣି ଉଠିଲୁ ସୁବର୍ଣ୍ଣରତନ
ଯେଣି ରଚନ ବଚନ ଯତନ ।
ଫୁଲ ବଗିଚା ଭିତରେ ପ୍ରବେଶି
ଦେଖି କୁମର ମନରେ ହରଷ ।
ଯେତେ ଶୂନ୍ୟ ଜଳ ଗାଇ ସ୍ୱତନ୍ତ୍ର
ସାଙ୍ଗ ଖେଳିଲୁ କି ଅନ୍ୟ ଗାତକ ? ।୧୦।

ରଙ୍ଗ ଧନ କି କାଟରେ ଢାଳିଲୁ
ବନଛ ଗୁହାଡ଼ ନାଶିଣ ଖୋଲିଲୁ ।
ଢାଳି ଦୋଳା ଜଳ ଦେଖି କୁମର
ଝେଙ୍କ ମାଧବୀ ଲତାର ଭିତର ।
ନାନା ବିନୋଦ ରସରେ ରସିଲେ
ରତ୍ନଚନ୍ଦ୍ର-ସ୍ୱଚ୍ଛ ମନ୍ତ୍ର ନାଶିଲେ ।
ଗାତ୍ରେ ଆଲିଙ୍ଗନ ଭରି ଗର୍ଭରେ
ମୁଖେ ଚୁମ୍ବନ ଦେଇ ଧାଡ଼ିକାରେ ।
କୁଚ-ଚମ୍ପୁରେ ଛାଣି-ଚନ୍ଦ୍ର ଦେଇ
ଧରି ଅଧରୁ ଅମୃତ ପିଅଇ । ।୨୦।

ଢାଳି ଖାଣ୍ଡି କି ତଳାରେ ଭଙ୍ଗ
କହି ଜଳୁଚି ଖସିଲୁ ଦୁକୂଳ ।
ତନ୍ତୁ ରୋମାଞ୍ଚିତ ଦେହେ ଜଘନ
ତକ୍ଷଣି ପଣବନେ ଦଧାନ ।
ଚେଳ ଭରି କରନାସ୍ତୁ କୁଞ୍ଚିତ
ଅଙ୍ଗ ପୋଛି ପିନ୍ଧିଲେ ସ୍ତ୍ରୀନବାସ ।
ଅନ୍ତଃପାଣିନ୍ୟ ଦୋଳାଇ ମିଳଣି
ଅଶ୍ରୁପାଣିକୁ ପିବା ଫୁଲ ଚୁଣି ।

ବାଛୁ ଅଶିମା ସ୍ୱୁଲ ବଦ୍ୟ ବଟେ
ଯାହା ଚଢ଼ିଲେ ନଥିବକ ଭଏ ।
ସେଠାରେ ବୋଲ୍ଲ ତୋହାପୁଣ୍ଣ ବାହାର
ନଗି ହୋଇଛି ଅଢ଼ାଇ ଦେହର ।
ଯାଇ ପ୍ରବେଶ ହୋଇଲେ ଭୂଇଁର
ବାଳମାନେ ଖୋଇଛନ୍ତି ଯମସ୍ତ ।
ଧୂଳି ଭୂଇଁଙ୍କ ଘଟେ ପଣିଳିକ
ସେବ୍ଧ ଶାଳରେ ହୋଇଛନ୍ତି ସଜ ।
ରଣ୍ଡି ମୂର୍ତ୍ତି ଦେଖିଣ ପେଢ଼ ଘୋଡ଼ା
ଖଣ୍ଡା ଆଗନ୍ଧ ହୋଇଅଛି ଭିଡ଼ା ।
ଦୁର୍ଗା ସୁମର ବେକ ହଟେ ଚଢ଼ି
ଆଜ୍ଞ ଅଶ୍ୱମାନଙ୍କୁ ଦେଲେ ପେଢ଼ ।
ବାଘ୍ର ସ୍ୱେଚ୍ଛାଚାଳ ଲଗି ପ୍ରଚଣ୍ଡ
ଦେଇଁ ବୁଲନ୍ତି ଦନ୍ତୁ ହାଟ ଦାଣ୍ଡ ।
ଅତି ହରଷେ କୁମାର କୁମାରୀ
ସେବ୍ଧ ଗୋଳରେ ଘଟିଲ ଖରକର ।
ସେଥିଁ ବାଳମାନମାନେ ଉଠାଇଁ
ଅତି ଆଗ୍ରହେ ଯୋଇ ଧୂଆଁ ଧୂଳି ।
ବାଳ ଖୁସି ଜନବାରେ ତହଟ
ନସ୍ତ୍ରଜନ ଶୁଣି ଅତି ଉଚାଟ ।
ଶଶିସେଣାର ଧଣୀ ଶୋଇଥିଲେ
ନବ୍ଧାଟରେ ସେ ଯତନେ ଦେଖିଲେ ।
ଭଲ କଥା ତାହାଙ୍କ ମନେ ଥିଲ
ତେଣୁ ଦେଖିଲେ ବାଳୀ ବାଘ ନେଲ ।
ତେଣୁ କରନ୍ତି ଶୋକ ଉଚ୍ଚବାଣୀ
ବଳିବଳାଇ ସକଳ ତରୁଣୀ ।

ମହାଶୋକ ଶୁଭୁଅଛି ବାହାରେ
କନ୍ୟା ଦେଖିଲେ ନାହିଁ ପଲଙ୍କରେ ।
ସତ ହୋଇଲା ସପନ ବୋଇଲେ
ଯାଇ ମାତାଙ୍କ ସମ୍ମୁଖେ କହିଲେ ।
ଉଚ୍ଚ ସ୍ୱରେ ଶୋକବାଣୀ ବଚନ
ମୁଖସ୍ୱର ଧ୍ୱନି ଅତି ଗହନ ।
ଶୁଣି ନୃପତି ପୁଚ୍ଛନ୍ତି ଆଗ୍ରତେ
ମୃଦୁସ୍ୱନ ଜଣାଇଲେ ତ୍ୱରିତେ ।
ସ୍ୱପ୍ନେ ହୋଥେ ଅପମାନ ହୋଇଲେ
ମହାଦେବଙ୍କପୁରକୁ ଚଳେ ଚଳେ ।
ଦେଖ କାମିନୀ ଯକକ ରଜନ
ନାମ ଧରି କଲେ ଘନେ ରୋଦନ ।
ତୁ ମୋ ପ୍ରାଣରୁ ଅଧିକ ସୁମୁଖି
ତତ୍ତ୍ୱେ ନ ଦେଖି ହୋଇଥାଇଁ ଦୁଃଖୀ ।
ତୋର ଲପନ ଶରଦ ଚନ୍ଦ୍ରମା
ତନୁ ଶିରୀଷ ସୁକୁମାର ସୀମା ।
ମୋର ଚକ୍ଷୁର ତୁ ଅବ୍ୟ ଦିଭୁକୀ
ଅନ୍ଧ କରିଣ କେଉଣେ ଗଲୁ ଜାଣ ।
ତୋର ନକଳ୍ପ ସଙ୍ଗୀ ପ୍ରୀତି ଚିତ
ଏବେ ହୋଇଣ କେଉଣେ ଗଲୁ ମାତ ।
ମୋର ସୁତ କୁମାରୀ ସବୁ ଛୁଟି
ତୋହେ କନ୍ୟେ ତତ୍ତ୍ୱେ ହେଁ ନ ବର୍ତ୍ତିଇ ।
ବ୍ୟାଘ୍ରଭୂତ ଧରି ଥାଡା ଅଇଲା
କେଉଁ ଖାଇଣ ତୋତେ ନାଶ କଲା ।
କ୍ରୋଧ ଗୋଧ ତାହାଙ୍କୁ ଦୋଷ ହେଉ
ଲଭୁ ଅକାଳେ ସେହୁ ଅପମୃତ୍ୟୁ ।

ସେତେ ବୋଲି ସ୍ୱପ୍ନେ ଦେଖିଲେ ଅଚେତ
ଚେତାଳ କାମିନୀ କରନ୍ତି ସଚେତ ।
ସେଥିଁ ପ୍ରଭାତ ହୋଇଲା ରଜନୀ
ଶୋକ କଲେ ସେ ବାଳପାଳ ପୁଣି ।
ନଣାକାଦେଣ ଅଶ୍ରୁ ଭଲୁଷନେଲ
ଛିନ୍ନ ସିନ୍ଧାଇ ସବେ ପଳାଇଲେ ।
ଖୋଜି ପାଇଲୁ ନେଇ ସବୁଙ୍କୁଁ
ଋଷିରାଜ ଭୁବନ ବୁଝ ନାହିଁ ।
ରାଜା ଶୁଣି ନଶୁଣିଲା ହୋଇଲେ
ଏତେ ଜଣାଇ ଦେଉଛି ଅଇଲେ । ।୯୦।
ନଗରରେ ଶୁଣିଲ ସେହୁ ବାଣୀ
ବ୍ୟାଘ୍ର ନେଲାକ ନୃପତିକୁଳଣୀ ।
ଶୁଣି ଅନନ୍ତ ସିଦ୍ଧ ସେ ବୋଇଲେ
ଭଲ ଜଗାଏ କରି ବୁଦ୍ଧି ଗଲେ ।
ଅଧିକାରକ ଆମ୍ଭଙ୍କୁ ଦେଖିଲା
ଧାଡ଼ା କରନ୍ତି ପାଟସ୍ଥ ଭଲ ।
ସେଥିତେ ବିଭୁଣି ନୃପତି ସନ୍ଧି
ଯାଇ କହନ୍ତି ଅନେକ ପ୍ରବୋଧ ।
ସେହୁ ସଂସାର ଅନିତ୍ୟ ଅଟଇ
ଜୀବା ନଷ୍ଟରେ ନେଇ ରହି ନାହିଁ । ।୧୦୦।
ଆଗ ପଛକ ସେଥେକ ମାତର
ଜାଣି ହୋଅ କାହିଁ ତୁମ୍ଭେ କାତର ।
ବ୍ୟାଘ୍ର କୁମାରୀ କରନ୍ତି ହରଣ
କାହା ବଳେ ତା କର ହୋଇବ ଆନ ।
ଏବେ ନ କରସି ତୁମ୍ଭେ ଶୋଚନ
ବିଷ୍ଣୁ କରନ୍ତି ଯାହା ନିରମାଣ ।

ଶୁଣି ନୃପତି ଶୋକ ଶାନ୍ତି କରି
ବାହୁଡ଼ିଣ ଅଇଲେ ନିଜ ପୁରୀ ।
ବଉଟିଘାରୁ ବେଳେ ଘରେ ଥାଇ
ଦେଖ ଅଶିଳ ଯୁଦ୍ଧାସ୍ତ୍ର ଗୋସାଇଁ । ।୧୧୦।
କରି ଦର୍ଶନ ଦୂରିତ ବଦାଶ
ମନ ବେଦନା ଜଣାଇଣ ଆସ୍ର ।
ଶିଶୁ ପ୍ରତାପ ରୁଦ୍ରେ ଶିଶୁମନ୍ତ
କର କରୁଣା ଲକ୍ଷ୍ମୀ ଦେବୀ ଏତ ।

(‘ଶଶିସେଣା’, ଦ୍ୱିତୀୟ ଓ
ପଞ୍ଚମ ଛାନ୍ଦରୁ ଗୃହୀତ)

*

# ଭଟ ଇଚ୍ଛାବତୀ

## ବନମାଳୀ ଦାସ

ବନ୍ଦଇଁ ଯେ ଗଣପତି ଗଜସ୍ୱର ବାଳ
ଶ୍ରୀଖଣ୍ଡ ଚନ୍ଦନ ଚୋଡ଼ା ଶୋଭଇ କପୋଳ ।
ଦକ୍ଷିଣ ହାତ ମଣ୍ଡନ ସଦାଶିବ ସୁତ
ମୋତେ ତୁ ପ୍ରସନ୍ନ ହୁଅ ଦେବ ଗଣନାଥ ।
ଅନୁଗ୍ରହ କର ମୋତେ ପାଦସ୍ମରଣରସ୍ତୁ
ଭଟ ଇଚ୍ଛାବତୀ କଥା କହିବି ଉପାସ୍ତୁ ।
ଯେମନ୍ତେ ଲକ୍ଷ୍ମଣ ଦେବଗଣ ପଢ଼ୁଥାନ୍ତି ନିତ
ପଢ଼ନ୍ତି ସକଳ ବିଦ୍ୟା ଗୁରୁଙ୍କ ସଙ୍ଗତି ।
ସେହିକ ଦିନେ ଇଚ୍ଛାବତୀ ଚଢ଼ିବାର ବେଳେ
ହସ୍ତରୁ ଖସିଲା ଖଡ଼ି ପଡ଼ିଗଲା ତଳେ । ।୧୦।
ବୋଲଇ କୁମାରୀ ତୁମ୍ଭେ ଶୁଣସି ହେ ଭଟ
ଖଡ଼ି ଗୋଟି ପଡ଼ିଗଲା ଦିଅ ମୋର ହସ୍ତ ।
ଇଚ୍ଛାର ବଚନେ ଭଟ ବୋଇଲେ ଉତ୍ତର
ଖଡ଼ି ଯେବେ ତୋଳିଦେବି ସତ୍ୟ ମୋତେ କର ।
ଭଟର ବଚନେ ବାଳୀ କଲା ସନମତ
ଖଡ଼ି ଗୋଟି ଦେଇ ଦିଅ ହେଲା ମୋର ସତ୍ୟ ।
ଏମନ୍ତ ବୋଲନ୍ତି ଭଟ ଓହ୍ଲାଇଣ ଗଲା
ଖଡ଼ିଗୋଟି ତୋଳି ଇଚ୍ଛାବତୀ କରେ ଦେଲା ।
ପଢ଼ନ୍ତି ହରଷେ ତହୁଁ ନୃପତି କୁମାରୀ
ମନେ ଆହୁଁ ନମନ୍ତେ ବାମା ଗଲା ଘର କରି । ।୨୦।
ଭଟ ଲୁଣ୍ଠିଣ ଗଲା ଗୁରୁଙ୍କ ସଙ୍ଗରେ
ମେଣେ ଶୋଷୁଁ ଯାଉଣି ବାମା ଗଲା ଧାତିବାରେ ।
ଭଣ୍ଡାରର କାର୍ତ୍ତିକ ସେ ବଖାଣିଲା ସତ୍ୟ
ଏମନ୍ତ ଭଣ୍ଡାର ବାମା ସମର୍ପିଲା ଭୁବିତ ।
ଭଟଶାଳୀ କୋଳେଣ ବାଳୀ ଅଛି ଯୋଗ୍ୟ ହୋଇ
ଏମନ୍ତ ସମସ୍ତେ ଭଟ ମିଳାଇଲେ ଯାଇ ।

କେହି କେଉଁଣେ ନାହିଁ ବୋଲି ସ୍ବର୍ଣ୍ଣିଲ କହେଛି
ପଛଆଡ଼େ ଥାଇ ଇଛା ବୁଝିଲାକ ଆସି ।
ନ ଜାଣଇ କିସ୍ତୁ ତୁମ୍ଭେ କହ ବୋଲି ସୁଟ
ନ ଶୁଣିଲ ଇଛାବତୀ ଉତ୍ତରିଲ ହସ୍ତ ।                    | ୪୮ |

ଚିନ୍ତାଇ ନ ପାରି ସୁଟ ହୋଇଲା କାତର
ନ ଶୁଣୁ ବୋଲଣ ତୋତେ ମୋହନି ସୁନ୍ଦର ।
ସେମନ ସମସ୍ତେ ହସ୍ତ କାଢ଼ିଲା ତୁରିତ
ନେଉଛି ସ୍ୱର୍ଣ୍ଣିଲ ପଟେ ନ ପ୍ରଭୁ ହୋଇତ ।

ହସ ହସ ହୋଇ ବାକ୍ୟ ବୋଲଇ ଉତ୍ତର
ସ୍ୱରୂପ କହଣ ସୁଟ କହ ମୋ ଆଗର ।
ବୋଲନ୍ତି କୁମାରୀ ତୁମ୍ଭେ ଶୁଣସି ହେ ସୁଟ
ଖଣ୍ଡ ତୋକ ଦେଖିବେନେ କରୁଅଛୁ ସତ୍ୟ ।
କହ ତ ସ୍ୱରୂପ ସୁଟ ଗୁପତ ନ କର
ନ କହୁ ବୋଲଣ ତୋତେ ସପଥ ମୋହର ।                    | ୪୯ |

ଇଛାର ବଚନେ ସୁଟ ମଉନ ହୋଇଲା
ମନକୁ ସଂକୋଚ କରି ଉତ୍ତର ନ ଦେଲା ।
ମନେ ମନେ ଭାବୁଅଛି କି କହିବ ବୋଲି
ନ ଜାଣିଣ ଅନମିତେ ସତ୍ୟ କରାଇଲା ।
ସ୍ୱଗତେ ଅଛଇ ଯେ ଯେ ନୃପତିକୁମାରୀ
କୌଣସି ଦେଶରେ ମୁହିଁ ଅଛଇ ଭିକାରୀ ।
କହିଲେ ହେବଂ ପୁଣ କୋପ କରୁଥାଇ ସବୁ
କି ବୋଲି କହିବ ମୁହିଁ ଇଚ୍ଛାବତୀ ଆଗ ।
ନ ପ୍ରତ ଶୁଣିଲେ ନକ କଥାଇବେ ମୋତେ
କୁମାରୀ ଆଗରେ ମୁହିଁ କହିବ କେମନ୍ତେ ।                    | ୫୦ |

ସ୍ୱରୂପ କହିଲେ ମୋତେ ଯାହା ଇଛା କରୁ
ଇଛାବତୀ ଦେଖୁରେ ମୋ ସର୍ମବାର ସତୁ ।
ସେମନ ବିଚାରି ସୁଟ ବୋଲଇ ବଚନ
ଯାହା ପଚାରିଲୁ ଇଛା ସାବଧାନେ ଶୁଣ ।

ଯେଉଁ ଧନୁ ସଙ୍ଗେ ତୋର ପଡ଼ୁଥାଇ ବାଧି
ଅହନିଶି ଶୁଣୁଥାଇ ମନେ ଶୁଭଙ୍କେଶି ।
ତୁ ମୋର ଭାବନା ହେବୁ ମୁହିଁ ତୋର ନାଦ
ନିରନ୍ତରେ ହୃଦେ ମୋର ଭାବୁଥାଉଁ ସ୍ପୃହା ।
ସ୍ପୃହା ଶୁଣି ଇଚ୍ଛାବତୀ ହୋଇଲା ସକ୍ରୋଧ
ହସ୍ତ ଧରି ସୁଟକୁ ସେ ବସାଇଲା ପାଶ । ।୬୦।

ଯାହା ତୁ ବୋଇଲୁ ସୁଟ ଶଙ୍କା ତୁ ନ କର
ନିଶ୍ଚୟେ ଭାବନା ମୁହିଁ ହୋଇବ ତୋହୋର ।
ତୋତେ ମୋତେ ଧାତା ଆଣି କରାଇଲା ଭେଟ
ସେ କଥାକୁ ମନେ କିଛି ନ ଧର ତୁ ସୁଟ ।
ମୋହର ସାହୁରେ ଧାତା ଦୟା ଆଣି ଦେଲା
ମୁହିଁ ଜନ୍ମଭାଗୀ ବୋଲି ତୋତେ ଭେଟାଇଲା ।
ଇଚ୍ଛାର ବଚନେ ସୁଟ ବୋଲେ ଅନୁସରି
ମୁହିଁ ଭିକ୍ଷାବାସୀ ତୁମ୍ଭେ ନୃପତିକୁମାରୀ ।
ଗୁରୁଙ୍କର ଠାରୁ ମୁହିଁ ମାଗି ଖାଉଁ ଅନ୍ନ
ନିର୍ଧନ ପୁରୁଷ ମୋର ହାତେ ନାହିଁ ଧନ । ।୭୦।

ପିତାଙ୍କର ବସ୍ତୁଠାରୁ ଗୁରୁ ଶିଖନ୍ତି ମୋତେ
ସନ୍ତୁଷ୍ଟ ବଚନ ବାମା କହିଲଇଁ ତୋତେ ।
ନିଦ୍ରବ୍ୟ ପୁରୁଷ ମୁହିଁ ମହାଦୁଃଖେ ଦୁଃଖୀ
ମୋହୋର କଷ୍ଟକୁ ସୂର୍ଯ୍ୟ ଧର୍ମ ହିଁ ସେ ସାକ୍ଷୀ ।
ସୁଟର ବଚନେ ଇଚ୍ଛା କହେ ଚରିଶାଇ
ସେବନ ଅଧିକ ମନେ ଧନ୍ଦୁ କାହିଁ ପାଇଁ ।
ତୁମ୍ଭେ ଯେ ବୋଇଲ ମୁହିଁ ନିର୍ଧନ ପୁରୁଷ
ଶୀରଭଧନ ଯେ ଥାଉଁ କରିବାକି କସ ?
ମହତ ବଚନ ସୁଟ ଶାସ୍ତ୍ରଶରେ ଗର
ନିର୍ଧନ ତୁ ଅଟୁ ମୋତେ ଅମୂଲ୍ୟ ଭଣ୍ଡାର । ।୮୦।
ସେ ଗୁଣ ଜୀବନ ମୋର ଥିବ ଯେତେ ଦିନ
ତୁ ମୋର ଜୀବନ ମୁହିଁ କି କରିବି ଧନ ।

ଶୁଂଆର ଯୁବତୀ ପିନା ଧନକୁ ମଣ୍ଡଇ
ସୁଜାଣ ସୁବେଶୀ ପ୍ରୀତି ପାଇଂ ଗାବ ଦେଇ ।
ମୁଣ୍ଡିଂ ଯେବେ ଗୁରୁଙ୍କ ସେବା କରଥିବ ଘର
ତେବେ ପିନା ଯୁକ୍ତ ତୋର ଧରିବଇଂ କର ।
ତୋତେ ମୋତେ ଧାତା ଆଣି କରନ୍ତି ଘଟଣା
ମିଛ ବୋଲେ ମୋତେ ମାତା ପିତାଙ୍କର ଗଣା ।
ଇଚ୍ଛାର ବଚନେ ଯୁକ୍ତ ପରମ ଆନନ୍ଦ
ଭୁଞ୍ଜାଗତେ ସୁମରଇଂ ଶ୍ରୀରାମ ଗୋବିନ୍ଦ । ।୯୦।
ଶୁଣି କୋଳାଗ୍ରତ ଜନ୍ମ ନୃପତିକୁମାରୀ
ଯୁକ୍ତ କଣ୍ଠେ ଲମ୍ବାଇଂଲ୍ଲ ଦେଇ ପୁଷ୍ପମାଳୀ ।
ବେଳ ଜାଣେ ସ୍ୱପ୍ନ ଠାବେ ଆଶେ ଭାଣ୍ଡିଂ କେଶ୍ଚି
ଧରିଧୁରେ ଜୋଡ଼ି ଧନ ଅଛ ତଷ୍ଟୁ ପାଇ ।
ସ୍ୱପ୍ନନ୍ତେ ସମସ୍ତେ ଗୁରୁ ମିଳିଲେକ ଯାଇ
ଦେଖିଣ ପଣ୍ଡି ବସିଲେ ମନ ସୁଖ ପାଇ ।
ସେହି ଦିନୁ ବେଳ ଜାଣେ ସ୍ୱପ୍ନ ଶତ ମନ
ଯାହା ସେହି ପ୍ରଜାପତି କରିଛନ୍ତି ଲେଖନ ।
ସ୍ୱପ୍ନ ମୁଖ ଦେଖି ଦୁହେଂ ବଦ୍ୟା ପଢୁଥାନ୍ତି
ଚନ୍ଦ୍ରକୁ ଦେଖିଣ ଚନ୍ଦ୍ରମଣୀ ଝଟକନ୍ତି । ।୧୦୦।
ଦାଣ୍ଡେ ନ ଦେଖିଲେ ପ୍ରାଣ ନ ରଖନ୍ତି କେହି
ବେଳ ଜାଣଙ୍କର ମୋ ଅଛଇ ସ୍ୱପ୍ନ ଦେହି ।
ସ୍ୱପ୍ନନ୍ତେ ପ୍ରକାରେ ସେ କେତେକେଂ ଦିନ ଗଲା
ଦାଇବେଣ ଗଦେଶ୍ୱର ଚଉପାଠୀ ଚେଡ଼ିଲା ।
ଯୁକ୍ତିକୁ ଡକାଇ ଗୁରୁ ବୋଲନ୍ତି ବଚନ
ପୂଜା କରିବାକୁ ଫଳ ପୁଷ୍ପ ତୋଳି ଆଣ ।
କରଯୋଡ଼ି ଯୋଡ଼ି ଯୁକ୍ତ ବୋଲଇ ଉତ୍ତର
ମୁଁ ସ୍ୱପ୍ନ ଜେମନ୍ତେ ମିଶ ସଙ୍ଗ କରେଣ କର ।
ଶୁଣି କରି ଗୁରୁ ତାଙ୍କୁ ନ ଦେଲେ ଉତ୍ତର
ଓଡ଼ାଙ୍କ ଗୁମ୍ଫରେ ଇଚ୍ଛା ଯୋଡ଼ି ବେଳ କର । ।୧୧୦।

ମୋତେ ଚଟିଆଣ ମୁକ୍ତି ସ୍ପୃଷ୍ଟ ସଙ୍ଗେ ଯିବ
ଫୁଲ ଫଳ ତୋଳି କରି ମୁକ୍ତି ଆଣି ଦେବ ।
ଉତ୍ସାହେ ବୋଇଲେ ତୁମ୍ଭେ ଯାଅ ଫୁଲ ତୋଳି
ଶୁଣିଣ ଆନନ୍ଦ ହେଲା ଇଚ୍ଛାବତୀ ବାଳୀ ।
ସ୍ପୃଷ୍ଟ ଇଚ୍ଛାବତୀ ଦୁହେଁ ଚଳିଗଲେ ଖରେ
ପ୍ରବେଶ ହୋଇଲେ ଯାଇ ଡୋଙ୍ଗାର ଭିତରେ
ପୁଷ୍ପ ତୋଳିବାକୁ ସ୍ପୃଷ୍ଟ ଦଉଡ଼ଇ ମନ
ଅନୁସରି ସ୍ପୃଷ୍ଟଂ ଅଛି କୁମାରୀ ବଦନ ।
ତମେକ ବୃକ୍ଷରେ ବାଳୀ ଉଠିଲେକ ଯାଇ
ପୁଷ୍ପ ତୋଳୁଅଛି ବାଳୀ ଆଙ୍ଗୁଳି ଲଗାଇ ।          ।୧୬୦।

ସ୍ପୃଷ୍ଟ ଲୁଚି ହୋଇଅଛି ସେହି ବୃକ୍ଷ ତଳେ
ପଡ଼ିଲା ପୁଷ୍ପ କୁମରୀ ତୋଳଇ ଅଞ୍ଚଳେ ।
ଦକ୍ଷିଣ ପବନ ଯେ ବହଇ ଧୀରଭର
ବାତବାତେ ତନୁ ଯେ କମ୍ପଇ ଥରହର ।
ଭଙ୍ଗୁ ଯାଇ ତନୁ ଡାଳ ଧରେ ଶୁଭ୍ରକେଶୀ
ହୃଦର ଅଞ୍ଚଳ ତାର ପଡ଼ିଲାକ ଖସି ।
ତଳୁତଳେ ଥାଇଁ ସ୍ପୃଷ୍ଟ ଦେଖିଲେକ ଅନାଇ
ଦେଖିଲେକ ସୁବର୍ଣ୍ଣର ହୃଦେ ବସ୍ତ୍ର ନାହିଁ ।
ଦେଖିକେଣ ସ୍ତନଯୁଗ ଯେ ନାହିଁ ପଟାନ୍ତର
ନବଫଳ ଜିଣା ତାର ମଦନଭଣ୍ଡାର ।          ।୧୬୫।

ଆବର ଦିଶେଣେ ମଧ୍ୟା ଡମ୍ବରୁ ଆକାର
ତାହା ଦେଖି ସ୍ପୃଷ୍ଟ ମନେ ହୋଇଲା କାତର ।
ପଞ୍ଚବାଣ ତାରୁ ଅଙ୍ଗେ ଚିନ୍ତିଲା ମଦନ
ଟଳିଣ ପଡ଼ିଲା ସ୍ପୃଷ୍ଟ ହୋଇ ଅଚେତନ ।
ପବନ ଲାଗନ୍ତେ ବସ୍ତ୍ର ସମ୍ଭାଳିଲା ଇଚ୍ଛା
କି କରୁଛୁ ବୋଲି ସ୍ପୃଷ୍ଟ ତାକୁ କଲା ପୃଚ୍ଛା ।
ଇଚ୍ଛାର ବଚନେ ସ୍ପୃଷ୍ଟ ଉତ୍ତର ନ ଦେଲା
ନାହିଁ ଦେଖି କରି ବୃକ୍ଷ ତଳକୁ ଚାହିଁଲା ।

ଦେଖିଲୁ ତ ତରୁତଳେ କୃଷ୍ଣ ଅଛି ଶୋଇ
ଡରତର ହୋଇ ବୃକ୍ଷୁ ଅଇଲୁ ଓହ୍ଲାଇ ।

ତୋଳଇ କୃଷ୍ଣଙ୍କୁ ଦାଣୀ ମନର ଆକୁଳେ
ଓହ୍ଲାଏ କୋଳ କରିବେ ଅନ୍ତୁର ହୋଇଲେ ।
ନ ଉଠଇ କୃଷ୍ଣ ଇଚ୍ଛା ଅନୁଭବ କର
ମୁର୍ଚ୍ଛା ଯାଇ ଚକ୍ଷୁଅଛି ନ ଦେଇ ଉତ୍ତର ।
କିସ ସେ ହୋଇଲୁ ବୋଲି ଭଣଇ ତରୁଣୀ
ବେଗ କରି କୃଷ୍ଣ ମୁଖେ ଛିଞ୍ଚିଲୁ ପାଣି ।
ଚେତନା ପାଇଣ କୃଷ୍ଣ ଉଠିଣ ବସିଲୁ
କୁମାର ମୁଖକୁ କୃଷ୍ଣ ଅନେକ ଚୁମ୍ବିଲୁ ।
ଇଚ୍ଛାବତୀ ବୋଇଲେ ତୋହୋ କେବଣ ବେଦନ
ତୋହୋର ଅବସ୍ଥା ଦେଖି ତନୁ ମୋ କାତର ।

କାହାକୁ ତୋ ଲଜ୍ଜେ ଶୁଣି କହ ମୋ ଆଗର
ନ କହୁ ବୋଲିଣ କୋଟେ ଶପଥ ମୋହୋର ।
ଇଚ୍ଛାର ବଚନେ କୃଷ୍ଣ ପ୍ରଫୁଲ୍ଲିତ ହୋଇଁ
ବୋଇଲେ ତୋ ରୂପ ଦେଖି ଧ୍ୟାନ ଯାଇଲି ମୁହିଂ ।
କି କରିବି କି ବୋଲିବି ନ ଜାଣଇଂ କିଛି
କେବଳ ସ୍ୱପନେ ମୋ ନିଶ୍ୱାସ ବହୁଛି ।
ସେହିଥା ଶୁଣି ଇଚ୍ଛାବତୀ ସନ୍ତୋଷ ହୋଇଲୁ
ମୁଖରେ ଚୁମ୍ବନ ଦେଇ କୋଳେ ବସାଇଲୁ ।
ଭୁଜରେ ଧରିଣ କୋଳ କରନ୍ତେ ହରଷେ
କୃଷ୍ଣ ଇଚ୍ଛାବତୀ ବୃନ୍ଦେ ଦେନ୍ତି ନାହିଂ ପାସ ।

ନାନା ମତେ ପରିରମ୍ଭ କାମେଣ ମାତିଲେ
ମଦନ ଆକୁଳ ହେବ ଅଙ୍ଗ ଶାନ୍ତି କଲେ ।
ରତିରଙ୍ଗ ସାରି ଜଳେ ସ୍ନାହାନ ସାରିଲେ
ପଦ୍ମବନ୍ଧ ନେତ୍ରବାସ ଅଙ୍ଗ ସମ୍ଭାଳିଲେ ।
ସୁରତି ସାରିଣ ପୁଣ କୁମର କୁମାରୀ
ଇଚ୍ଛା ମୁଖ ଚୁମ୍ବି କୃଷ୍ଣ ବଦନ ପସରି ।

ପିତାମାତା ଛାଡ଼ି ମୁହିଁ ହୋଇଲି ନରେଶ
ତୋର ପରସାଦେ ମୁଁ ଲଭିଲି ମହାସୁଖ ।
ତୋଷିଲେ କି ଦୁଃଖ କାହିଁ ନାହିଁ ପରମତ
ବିଧାତା କନ୍ତାଇ ମୋତେ ଆଣିଲା ଭୁରିତ ।

ନରେଶ ଅଟଇ ମୁହିଁ ଯଶ ତହିଁ ପାଇଁ
ତୋତେ ମୁଁ ପାଇଲି ପୂର୍ବେ ଶଙ୍କରଙ୍କୁ ଧ୍ୟାଇଁ ।
ସୁତ ହୋଇଲେ ବାଳକ କୁମାରୀ ହେଲେ ଯେତ
ଯାବତ ଜୀବନ ମୋର ତୋର ଚିନ୍ତାଂ ଚିତ୍ତ ।
ସଫଳ ଜୀବନ ମୋର ତୋ ସଙ୍ଗ ପୀରତି
ଆଜନ୍ମ ବିଧାତା ମୋତେ ଦେଲା ସମ୍ପତ୍ତି ।
ତଥାପି ଅନୁଚିତ ପ୍ରିୟେ କହୁଅଛୁ ମୋତେ
ସ୍ୱେଚ୍ଛାର ମାଗୁଣି ମୁହିଁ ମାଗୁଅଛି ତୋତେ ।
ସୁତର ବଦନ ଇଚ୍ଛା ହୋଇଲାଣି ଅନ୍ତର
ତୋତେ ମୋତେ ଦେଇଛନ୍ତି ତପସ୍ୱୀ ଶଙ୍କର ।

ଧନ ଯଉବନ ସୁତ ବନ୍ଧୁ ନ ଥାଇ
ପୀରତି କରିବ ସେବା ଦୂରେ ସୁଖେ ଥାଇ ।
ମହା ଯେ ପ୍ରତାପୀ ରାଜା ଶ୍ରେଷ୍ଠ ନୃପବର
ତୁମ୍ଭଙ୍କୁ ପାଇଣ ମୁଁ ଛାଡ଼ିଲି ଭୟେ ତାର ।
ପିତ-ମାତା ଭାଇ ବନ୍ଧୁ ଭଗ୍ନୀ ଗୋତ୍ର ନାହିଁ
ଛାଡ଼ିଲି ସଜନ ସଙ୍ଗ ତୁମ୍ଭର ସେ ପାଇଁ ।
ଯାବତ ଜୀବନ ମୋର ଶରଣରେ ଥିବ
ତୋହ ବିନୁ ଆଉ କି ମୋ ଆନନ୍ଦରେ ବଳିବ ?
ତୁମ୍ଭେ ଯେ ମୋହୋର କାନ୍ତ ମୁହିଁ ତୁମ୍ଭ ଦାସୀ
ଜନ୍ମେଜନ୍ମେ ସେବକଥା ସୁତ ପଦେ ଥିବ ଧରି ।
ଯେ ଶିବ ବୋଲିବ ବୋଲୁ ମୁହିଁ ତୁମ୍ଭ ଦାସା
ମନର ଆଶା ନେଉଥିଲି ପାଇଲି ମୁଁ ତାହା ।
ତୋତେ ମୋତେ ଧାତା ଆଣି କରାଇଛି ହେତୁ
ଆଜଠାରୁ ଅନୁଭବ କରିଥିବୁ ସୁତ ।

ସେପୁରେ ବୋଲି କରିଣ ଯେ କୁସୁମ ତୋଳିଲେ
ଓଷ୍ଠାଗ୍ରେ ବୋଠ କରବେ ଭ୍ରମର ହୋଇଲେ ।
ଲଜ୍ଜାବତୀ ସ୍ପୃଷ୍ଟ ପୂର୍ବେ ଚନାଗଲେ ଘରେ
ପ୍ରବେଶ ହୋଇଲେ ଯାଇଁ ସ୍ପୃଷ୍ଟଶାଳୀ ସରେ । ।୧୯୮।

('ସ୍ପୃଷ୍ଟ ଲଜ୍ଜାବତୀ', ୨ୟ ଖଣ୍ଡ ଦ୍ରଷ୍ଟବ୍ୟ)

*

# ଚଉତିଶା

## ବୀର ସିଂହ

କହେ ବୀର ସିଂହ ଶୁଣ କାସ୍ତାର ବସ୍ତୁର
କାଳ କମଳ ନିରଞ୍ଜନ ଅକ୍ଷୟ ସ୍ୱେଦ ଠାର
କଳା ଧଳା ନେତ୍ରକ କୁଙ୍କୁମ ସୁରବର୍ଣ୍ଣ
କଳ୍ପଦେଲେ ବୀରସିଂହ ହୋଇବ ଯେ ଧ୍ୟାନ ।୧।

ଖୀରସିନ୍ଧୁ ମଧ୍ୟରେ ଯେ ଅନନ୍ତ ଶୋଭନ
ଖିନ ଖାଳ ଉପରେ ଯିବା ଜୋଣ୍ଡ ଦରଶନ
ଖୋଜି ଖୋଜି ଦେଖ ଯେତେ ଭଙ୍ଗ ଯେ ତରଙ୍ଗ
ଖିନ୍ନ କଥା ଧ୍ୟାନ ଯେତେକ କହେ ବୀରସିଂହ ।୨।

ଗୋଲହାଟ ଉପରେ ଦେଖ ଅଦଭୁତ ଧ୍ୱନି
ଗୁପତ କରଣ ଯାହା ରଖିଛନ୍ତି ମୁନି
ଗତ କଥାମାନ ଯେତେ ଶ୍ରବଣରେ ଶୁଣି
ଧ୍ୟାନ ହୋଇବ ଶବଦ ଯେ ବୀରସିଂହ ଭଣି ।୩।

ଘଟରେ ଯେଉଁ ପୁରୁଷ ଲୀଳା ଆରମ୍ଭିଛି
ଘଟଣ ମୁରତ ନାନା ଆକାର ହୋଇଛି
ଘେନ ତୁ ଜଳ୍ପିଲୁ ମନେ ଗାବର ସଧାନ
ଘୋଷି ବୀରସିଂହ କହେ ହୋଇବ ଯେ ଧ୍ୟାନ ।୪।

ଅକାର ଉକାର ଯେ ମକାର ତିନି ଗୁଣ
ଓଁକାର ଉପରେ ମାତ୍ରା ବିନ୍ଦୁଟି ପ୍ରମାଣ
ଉତ୍ପତ୍ତି ସ୍ଥିତି ପ୍ରଳୟ ସତ୍ତ୍ୱ ରଜ ତମ
ଉଚ୍ଚାରିଲେ ବୀରସିଂହ ହୋଇବ ଏ ବ୍ରହ୍ମ ।୫।

ଚରିଖାଳି ଉପରେ ଚଉଦ କୋଟି ଛନ୍ତି
ଚରି ଯେ ଚଉଦ ନାନା ଆକାର ହୋଇଛନ୍ତି
ଚଉଁ ତଉତଳ ଚନ୍ଦ୍ର କଳ୍ପଣା ଯେ ମାନ
ଚେତ ବୀରସିଂହ କହେ ହୋଇବ ଏ ଧ୍ୟାନ ।୬।

ଛତିଶ ସ୍ମୃତି ଅଷ୍ଟାଦଶ ଯେ ପୁରାଣ
ଛଅ ଶାସ୍ତ୍ର ଚତୁର୍ବେଦ ନବ ବ୍ୟାକରଣ
ଛନ୍ଦ ଯଥା ବେଦାନ୍ତ ଯେ ବୈଦ୍ୟ ଆଦିଯାତ
ଛ ଛନ୍ଦେଣ ଗାରସିଂହ କହିଲେ ସିଦ୍ଧାନ୍ତ । ।୭।

ଜୀବ ଯେ ଜଗତଯାକ ପାଇ ଆସୁଅଛି
ଜ୍ୟୋତିଷ୍ମସ୍ୱ ନିରଞ୍ଜନ ଜଗତ ଦେଖୁଛି
ଯାହା ଯେ କହିଲି ଜ୍ଞାନ ନୋହିଲ ନିଶ୍ଚୁର
ଜାଣି ଗାରସିଂହ କହେ ନତ୍ତୁ ଆଗର । ।୮।

ଝଣ୍ଟି ତ୍ରିବେଣୀ ଝର ପୁଣ୍ୟ ତୀର୍ଥଭେଦ
ଝାଡ଼ ତୀର୍ଥ ପଦକ ଯେ ଶର୍ଦ୍ଧାମ୍ବର ଭେଦ
ଝଗଡ଼ ଯେ କଥାମାନ ଜ୍ଞାନ ଏ ନୋହିଲ
ଝିଙ୍ଗିକାରେ ନ ପଡ଼ ତୁ ଗାରସିଂହ କହି । ।୯।

ନସ୍ତୁନ ନାସିକା ଯେ ମୁଦ୍ରିକ ଚାକ୍ର ନଶ୍ୟା
ଲଲାଟ ଭ୍ରୂଲତା ଓଷ୍ଠ ଦେହକୁ ଏ ଶୋଭା
ନୋହିଲଟି ଜ୍ଞାନ ସେହୁ ଶୁଣିଲେ ନଜ୍ଞା
ନଷ୍ଟା ନଶ ଗାରସିଂହ କହୁଛେଲେ ସେହୁ । ।୧୦।

ଟାଣି ଓଢେ ଭନ୍ଦୁଥାନ୍ତି ପରମ ଲକ୍ଷଣ
ଟେକ ସେହୁ କଥାମାନ ନୋହିଲଟି ଜ୍ଞାନ
ଟକିପିବ ଷଟଚକ୍ରେ ଯେ ଜୀବ ପରମ
ଟାକ ଗାରସିଂହ କହେ ନୋହିଲ ଯେ ବ୍ରହ୍ମ । ।୧୧।

ଠୂଳ ଶୂନ୍ୟ ଜ୍ଞାନ ବୋଲି କରନ୍ତି ବିଚାର
ଠାବକେଣ ବ୍ରହ୍ମ ଅଛି ଅମନ ମଧର
ଠୁଣ୍ଡକାନ୍ଧ କଥାମାନ ଜ୍ଞାନ ଯେ ନୋହିଲ
ଠା ଠିକେଣ ଗାରସିଂହ କହୁଛେଲେ ପେଲି । ।୧୨।

ଡାକଇ ମୃଦଙ୍ଗ ନବଦ କର୍ଣ୍ଣରେ ଶୁଣଇ
ଡୋଳ'ରେ ଦେଖଇ ନାନା ବାଦନା ବାରଇ

ଡୁଳୁଛି ଡାଳଡାଳ ଅଛି ମନ ସେ ଗାଳକୁ
ଡାକି ସାରସିଂହ କହିଦେଲେ ନଷ୍ଟପ୍ରଭୁ । ।୧୩।

ଢମ ଢପ୍ର କହୁଥାନ୍ତି ଢେଉ ଅନୁମତେ
ଢାଙ୍କୁଣି ଧଇଲେ ବୁଦ୍ଧ ରହିଛି ଗୁମତେ
ଢଳଚିବ ଢାଙ୍କୁଣି ସେ ରହିବ ଚତୋରେ
ଢାଳ ଉଳ ପ୍ରାୟେ ଗୀତା ସାରସିଂହ ବୋଲେ । ।୧୪।

ଅର୍ଦ୍ଧ ଊର୍ଦ୍ଧ ମଧ୍ୟେ ଧ୍ୟାନ କରନ୍ତି ଈଶ୍ୱର
ଅର୍ଦ୍ଧ ଯେ ସୋପାନ ଅଛି ମୂର୍ଦ୍ଧନ ଉପର
ଅର୍ଦ୍ଧମାତ୍ରା ଘଟେ ଯେତ୍ତୁ ଗମ୍ଭୀର ଅନ୍ତର
ଅଣ ଅକ୍ଷର ନ୍ୟୂନତଣ ସାରସିଂହ କହି । ।୧୫।

ତନ୍ତ୍ର ଯେ ତତ୍ତ୍ୱ ଆଦି ବିକୁଣ୍ଠ ଉପରେ
ତଳ ଗୁମ୍ଫା ଭିତରେ ବସି ଅମର ମନ୍ଦିରେ
ତହୁଁ ଧ୍ୟାନ ହୋଇଲ ଯେ ଶରୀର ପ୍ରକାଶି
ତତ୍ତ୍ୱ ଆଗରେ କହିଲା ସାରସିଂହ ଭକ୍ତି । ।୧୬।

ଥୋକାଏ ପଣ୍ଡିତ କହୁଥାନ୍ତି ଅନୁମାନ
ଥିର ହୋଇ ଜୀବ ଅଛି ଅମର ଭୁବନ
ଥାନମାନ ସବୁ ଗୀତା ଦେହର ବୃତ୍ତାନ୍ତ
ଥିର କରି ସାରସିଂହ କହିଦେଲେ ତତ୍ତ୍ୱ । ।୧୭।

ଦାନ୍ତ ଯେ ପାଷାଣ ଅଛି ଧାତୁ ମୂର୍ତ୍ତି କରି
ଦେବତା ବୋଲଣ କେତେ ମଣ୍ଡନ୍ତି ଆଦରି
ଦେଖୁଁ ଦେଖୁଁ ଅଜ୍ଞାନରେ କରନ୍ତି ପ୍ରଣାମ
ଦୂରେ ସାରସିଂହ ବୋଲେ ନୋହିଲ ସେ ବ୍ରହ୍ମ । ।୧୮।

ଧୂନ ଶାସ୍ତ୍ର ବୋଲନ୍ତି ସେ ଅନାହତ ବାଣୀ
ଧୀରେ ଧାରଣ ପବନ ବାହାନ୍ତି ଜ୍ଞାନୀ
ଧ୍ୟାନେ ଧାରଣା ସଂଯମ ଉଷ୍ମାଙ୍କ ସେ ଯୋଗ
ଧ୍ରୁବ ହୋଇ ସେତୁ ଧ୍ୟାନ କହେ ସାରସିଂହ । ।୧୯।

ନଶି ଯେ ଅବସ୍ଥ ଦୁଇ ଚନ୍ଦ୍ର ସୂର୍ଯ୍ୟ ଦେଖ
ନିଦ୍ରା ଜାଗର ଦେଖ ସ୍ୱପନ ସେ ତିନ
ନସ୍ୟନ୍ତି ଯୋଗ ନୋହିଲ ଧ୍ୟାନ ସେ ପ୍ରସଙ୍ଗ
ନାମ ସେ ଅକ୍ଷର ନୋହେ କହେ ସାରସିଂଘ । ।୨୦।

ପୃଥ୍ୱୀ ଆପ ତେଜ ବାୟୁ ପଞ୍ଚମ ଆକାଶ
ପଚିଂଶ ପ୍ରକୃତି ଯେଣୁ ଦେହେ ପରକାଶ
ପୁରୁଷ ଲୀଳା କରିଛି ପ୍ରକୃତିର ଭୁଲ
ପରମ ତତ୍ତ୍ୱ ନୋହିଲ ସାରସିଂଘ ବୋଲେ । ।୨୧।

ଫେଣି ସ୍ୱସ୍ତ ଉପରେ ଯେ ଅନନ୍ତର ଶିର
ଫେଣାର ଉପରେ ପିନା କାଞ୍ଚିଂଷ ମଣ୍ଡଳ
ଫେରଣ ପବନ ପିନା ଚନ୍ଦ୍ରଂରେ ଗୋଠ୍ୟାନ
ଫୁକାରିଲେ ସାରସିଂଘ ନୋହିଲ ସେ ଧ୍ୟାନ । ।୨୨।

ବାରମାସ ପ୍ରାଣ ଅଟେ ଛତ୍ର ବଳ
ବଶିଷ୍ଠ ଉପରେ ପିନା କୂର୍ମାସ ମଣ୍ଡଳ
ବଙ୍କନାଳ ବ୍ରହ୍ମରନ୍ଧ୍ର ଦେହରେ ସେ ପୂଣ
ବୋଲେ ସାରସିଂଘ ଧ୍ୟାନ ନୋହିଲଟି ଜାଣ । ।୨୩।

ଭ୍ରୂଲୁ ବେନ ମଧ୍ୟରେ ଯେ ଅନନ୍ତର ଶିର
ଭ୍ରମର ଯେ ଗୁମ୍ଫା ଅଛି ଚନ୍ଦ୍ରଂର ମଧ୍ୟର
ଭେଦାଇ କହିବା ସେହି ଧ୍ୟାନ ମନ ଛୁଟି
ଭଣେ ସାରସିଂଘ ଶୁଣ ନକ୍ଷତ୍ର ତଥ୍ୟ । ।୨୪।

ମାତା ପିତା ସଂଯୋଗରୁ ଦେହ ସେ ହୋଇଲା
ମନ ଯେ ପବନ ମିଶି ଲୀଳା ଆରମ୍ଭିଲା
ମୂର୍ଦ୍ଧନ କଣ୍ଠ କପୋଳ ହସ୍ତ ପାଦ ଜଙ୍ଘ
ମିଛ ସେହୁ ଧ୍ୟାନ ସବୁ କହେ ସାରସିଂଘ । ।୨୫।

ଜପନ୍ତି ଯେ ଲକ୍ଷେ ନାମ ସେହୁକାଳରେ ଥାଇ
ଯୋଗରେ ବସନ୍ତି ଜେହୁ ଅଷ୍ଟାଙ୍ଗରେ ଥାଇଂ

ଜାଗ୍ରତ ହୋଇଣ ଦେଖୁ ବସେ ଅବାଜନୀ
ଯୋଗମାର୍ଗ ଧ୍ୟାନ ନୋହେ ସାରସିଂହ ଭଣି । ।୨୬।

ରବି ଶଶୀ ଅନଳ ଯେ ପବନ ବରୁଣ
ଋଷି ତପୀ ଭଗବନ୍ତ ସନ୍ନ୍ୟାସ ବ୍ରାହ୍ମଣ
ଭୂତ ଗୁଣ ବନ୍ଧ କରି ଯେତେକ ଅନନ୍ତ
ଗଲ ନଚ୍ଛିଦ୍ରକୁ ସାରସିଂହ ସେ ଭଣନ୍ତ । ।୨୭।

ନାଭିଠାରୁ ଶିଖା ସୂତ୍ର ଯେତେକ ବସ୍ତୁ ଥାନ
ଲମ୍ବିକା ଘଣ୍ଟିକା ସବୁ ଦେହର ତଥାନ
ଲକ୍ଷ କଥାମାନ ସିନା କେବଳ ଶୂନ ଥିବ
ନଚ୍ଛିଦ୍ରକୁ ସାରସିଂହ କହୁଦେଖିଲେ ଭାବ । ।୨୮।

ବୋଇଲଇଁ ଯାହା ଯେ ଯେ ଶରୀର ଅଟଇ
ବ୍ରହ୍ମରନ୍ଧ୍ର ଘରେ ସିନା ଥକେ ମାହାମାଇ
ବଚନରେ ଯେତେକ କଳ୍ପିବ ଦୃଷ୍ଟାନ୍ତର
ବୋଲେ ସାରସିଂହ ଧ୍ୟାନ ନୋହେ ରେ ନିଜର । ।୨୯।

ଦେଖ ଉପରେ ଯେ ଯେ ଅନନ୍ତ ଶୋଭନ
ଶତ ଦଳ ପଦ୍ମ ପୂର୍ଣ୍ଣି ବଖାଣଇ ପୁଣ
ଯେ ପଦ୍ମକେଶର ପରେ ପରମ ବଖାଣ
ସବ ଧ୍ୟାନ ନୋହେ ସାରସିଂହ ଯେ ଭଣନ୍ତି । ।୩୦।

ଦେଖନ ଉମ୍ବୁରୁ ଉପରେ ମେରୁଦଣ୍ଡ ଶିଖ
ଶ୍ରୀହଟ ପାଟଣା ଅଛି ତଥି ପରେ ଦେଖ
ସୁଷୁମ୍ନା ରନ୍ଧ୍ରେ ସିନା ଥକେ ମାହାମାଇ
ସବଧ୍ୟାନ ନୋହଇ ସେ ସାରସିଂହ କହି । ।୩୧।

ଶରୀରେଣ ସପ୍ତ ଧାତୁ ରକ୍ତ ମାଂସ ଚର୍ମ
ଅସ୍ଥି ନାଡ଼ି ମଜ୍ଜା ଲୋମ ସେ ଅଣ୍ଡ ପ୍ରମାଣ
ସମ୍ଭର ସହସ୍ର ନାଡ଼ି ଦେହରେ ବସ ପୁଣ
କହେ ସାରସିଂହ ଧ୍ୟାନ ନୋହଇଟି ଜାଣ । ।୩୨।

ହରି ହର ବ୍ରହ୍ମା ଯେ ଯେ ଅର୍ଦ୍ଧ ଅଙ୍ଗଜନ
ଦେଖିଛନ୍ତି ଆଁତଯାତ ସେହି ଶୁଣ ଯୋଗ
ଦେଖ ତୁ ଲକ୍ଷ୍ମୀଧ୍ର ମନେ ସ୍ନେହମାନ ଶାପ ନ
ହରଷେଣ ସାରଥିଂଙ୍କ ନରେ ତୁମ୍ଭାହିନ । । ୩୩ ।

ଶ୍ରିତର ମଧ୍ୟରେ ଯେତେକ ଦେଖାନ୍ତି ଆତଯାତ
ଛୁଟିବା ବଢ଼ିବା ସବୁ ଦେହର ପ୍ରକୃତି
ଯୋଗୁ ମନେ ନ ଧରି କହିଲ ମୁଣ୍ଡଂ ସାର୍ଥା
ଶୁଣ ତୁ ନନ୍ଦିନ ମନେ ଦୃଢ଼ କରି ସେହି । । ୩୪ ।

*

# ଛୁଆ ଚଉତିଶା

## ଭଗାରୀ ଦାସ

ଧନ ହେ,   କୃଷ୍ଣ ସ୍ୱଜନାଙ୍କ ଭକ୍ତ ବୋଧର
କରୁଣା କାରଣ କୃପା ଅପାର ।
ନାଥ ମୁଁ ଖୋଜୁଥିଲି ବନନ୍ତରେ
ଖଣ୍ଡିଅଛୁ ପ୍ରତ୍ୟକ୍ଷ ଦୃଷ୍ଟିରେ । ।୧।

ଧନ ହେ,   ଖେଳ ବାଇ ଗୋପାଳ ଜନ ସିତ
ଖଡ଼ି ଖଣ୍ଡୁଅଛୁ ଏ ଶାଳ ବେଳ ।
ନାଥ ତୁ କୋଟି ବ୍ରହ୍ମାଣ୍ଡେ ଏକତ
ଯୁକ୍ତ କ୍ଷୀର ସେତେକ ଗୃହତ । ।୨।

ଧନ ହେ,   ଗଅଁସ ବସି ପୃଷ୍ଠିଶୀ ସ୍ୱାଦେ
ଗାଇଁଙ୍କୁ ଅଟେଷେ ଏକା ଗୋଷ୍ଠାଏ ।
ନାଥ ତୁ ତନ୍ତ୍ରବର୍ଣ୍ଣ ବାସ ଅଟୁ
ଚିତତ ତନ୍ମୟ ତ୍ରିଗୁଣ ନାଟୁ । ।୩।

ଧନ ହେ,   ଘ ଘରେ ତୋ ନାମ ତ୍ରିଗୁଣ
ବ୍ରହ୍ମା ଘ ଋଷି ଗାବପରମଲ୍ଲୁ ଅଲନ୍ଦ ।
ନାଥ ମୁଁ କାତ୍ରତ ନଦୀ ମଧ୍ୟରେ
ନାଗି ବେଷ୍ଟିଲି ନାମ ସେଠାରେ । ।୪।

ଧନ ହେ,   ଙରଙ୍ଗ ବଦେବ ତ୍ରିବେଣୀ ଧାର
ଙର ପଶ୍ଚିମ ନର୍ଦ୍ଦରେ ତୋ ଘର ।
ନାଥ ତୁ ନରଞ୍ଜନ ପ୍ରଭୁ ଦେଖି
ନାମ ବକ୍ଷ ସଙ୍ଗ ଘଟେ ଥାଇ । ।୫।

ଧନ ହେ,   ଚାଲଣି ଯେ ତୋତେ ତୁ ଚାକ୍ଷୁ ଚେଳୁ
ଚଳଇ ନାଣ୍ଡି ସେ ନେଇ ଚେଳକୁ ।
ନାଥ ତୁ ଠାକୁର ଅଟୁ ସବୁର
ଠିକ ଠାବ କରନ୍ତୁ ଭଗାଂସ । ।୬।

ହରି ହୋ, ଜଗଜ୍ଜନକ ଅନୁକମ୍ପେ ଭ୍ରାନ୍ତି
ତୋଳାଇଲ ଦେଖି ମୁଂ ହୋଇଲି ଶାନ୍ତ ।
ନାଥ ମୁଂ ଡାକୁଣୀ ସେବକ ଦେଖିଲ
ଶତ୍ରୁ ଶତ୍ରୁ ଅମୃତ ତୋଳିଲ । ।୭।

ହରି ହୋ, ଅଣ ଅକ୍ଷର ତୋ ପରମ ବନ୍ଧ
ଅଣ ଅକ୍ଷର ଅର୍ଦ୍ଧ ମାତ୍ରା ବଧୀ ।
ନାଥ ମୁଂ ତ୍ରିକୁଟରେ ଠାବ କଲି
ଶୂନ୍ୟ ନାମ ଭଜନ ଚେତିଲି । ।୮।

ହରି ହୋ, ଦଶା ଘର ଏ ତ ମିଛ ସଂସାର
ଥିଲେ ହେ ଏଥି ତ ଅଛି ଅସାର ।
ନାଥ ମୋ ଦୁଃଖ କେମନ୍ତେ ଜାଣିଲୁ
ଦୟାକରି ତ୍ରିବଣ୍ଟୁ ଦେଲୁ । ।୯।

ହରି ହୋ, ଧୂମ ଧୁଆଂଳି ଯୋଗାନ୍ତ ହୃଦେ ଜଳି
ଧରି ମନକୁ ନାମରେ ବାନ୍ଧିଲି ।
ନାଥ ନିସ୍ତେଜ ଭକ୍ତ ଲମ୍ପଟ ।
ନାମ ଭଜିଲେ ହେଉଛି ନିକଟ । ।୧୦।

ହରି ହୋ, ପ୍ରାଣ ବ୍ୟାନ ଉଦାନ ସମାନ
ଅଷ୍ଟଭୂତଙ୍କର ନାମ ଜୀବନ ।
ନାଥ ମୁଂ ସୃଷ୍ଟି ମରଥିଲି ମିଛେ
ପୂଜା କରେ ହେଉଛି ପ୍ରତ୍ୟକ୍ଷ । ।୧୧।

ହରି ହୋ, ବାହନା, କହନା ଗାହାନା ଶ୍ରୁତି
ବୃକ୍ଷ ଅଛନ୍ତି ଏ ନାମକୁ ସେବି ।
ନାଥ ଏ ଭବକୁ ଯେ ନାମ ନାବ
ଭୂତ, ଭବିଷ୍ୟ ଜଣାଅଛି ଠାବ । ।୧୨।

ହରି ହୋ, ମାଟେକୁ ତୋ ନାମେ ବୃକ୍ଷକୁ ହର
ମୋହ ମାୟାକୁ କଲୁ ଦୂରିକର ।

ନାଥ ତୁ ଭଜିଲୁ ବେଦେ ସମକୁ
ଜାହ୍ନ ଭକ୍ତ ଆଶ ଜଳୁଛି ଜାମକୁ । ।୧୩।

ହରି ହେ, ଉ କାହୁ ମ କାହ୍ନ ଲ କାହୁ ସ୍ନିଗ୍ଧ
ବକ୍ଷ ଅଛନ୍ତି ନାମକୁ ରେଖ ।
ନାଥ ମୁଂ ଲେଖି ହୋଇଲି ନାମକୁ
ଲଜ ଜନେ ମୋ ଦୁଷ୍ଟ ଜନକୁ । ।୧୪।

ହରି ହେ, ବ୍ରହ୍ମାଣ୍ଡ କୋଟି କୋଟି ଅନ୍ତରେ
ବ୍ରହ୍ମାଣ୍ଡରେ ତୋର ପ୍ରମାଣ ନାଏ ।
ନାଥ ତୁ ମାନ ନୋହୁ ଅଶେଷ
ସେବା ଜାଣି ଭେ ତୋଳେ ବସ୍ତ୍ରାସ । ।୧୫।

ହରି ହେ, ସବୁ ଛାଡ଼ିଲି ଛଳ ସ୍ୱାର୍ଥ ଧାନ
ଶ୍ରୁତି ସ୍ମୃତି ପୁରାଣ ଅଧ୍ୟାନ ।
ନାଥ ମୁଂ ସବୁ ଉର୍ପିଲିଂ ଦେଇଲି
ସତ ଭକ୍ତ ନାମ ଆରେଣ୍ଡ କଲି । ।୧୬।

ହରି ହେ, ହୋଇଲି ତା ଶ୍ରବ ସମ୍ମୁଖ ସଖ
ହରି ପ୍ରସନ୍ନେ କହିଲ ଭଜଂସି ।
ନାଥ ଏ ଛଦା ଭଜନିଗା ଶେଷ
ଛନ୍ଦ ଅଛି ଅଧର ପୀୟୁଷ । ।୧୭।

*

# ଚକାନୟନ ହେ

## ମାଧବୀ ଦାସୀ

ଚକାନୟନ ହେ, ଜଗୁଆଳନ ଶ୍ରୀହରି ।
କାହରେ ଜଣାଣ କରୁଛି ଛାମୁରେ
ଶୁଣ ପ୍ରଭୁ ଶୃତି ହେଉଛି ।
କେତେ ସଂକଟୁ କାହାକୁ ରଖିନାହିଁ
ଦସ୍ୟାଙ୍କୁ ପାରିଙ୍କଧାସୁ ।
ତା ବର୍ଣ୍ଣି ବସିଲେ ସୋଆଙ୍କର ପାଠ
ନ ବର୍ଣ୍ଣିବ ଏ ଶାମସ୍ତ ।
ଶାବନ୍ତୀ ପିଙ୍ଗଳା ଅଂଶ ବାରବାଳା
ସଂସାରୁ ଗଲେ ନସ୍ତାଣ ।
ଅପାର ମହିମା କେତକ ଜଣାଇ ।୧୦।
ରଖିଛ ଶରତ ଶିସ୍ତ ।
ମୁଁ ଛାର ଦର୍ଶଣୀ କୁମ୍ଭର ସେବକା-
ପଣକୁ ଅଟେଯୋଗ୍ୟା ନାସ୍ତି ।
କହୁଛି ଦାସୀନ ଯୋଡ଼ି କର ଦେନ
ଶୁଣ ମାଧବୀ ଗୁହାରି ।

*

# ଗୋବିନ୍ଦଚନ୍ଦ୍ର ଉପାଖ୍ୟାନ

## ଯଶୋବନ୍ତ ଦାସ

ପୂର୍ବଜନ୍ମେ ଯୋଗୀ କରି ମୁକୁତା ଜନନୀ
ଅସମ୍ଭାବେ ନସୁନନ୍ତୁ ବନ୍ଧୁଅଛି ପ୍ରାଣି ।
କପାଇଁ ଅନ୍ୟାୟ କଥା କଲ ମୁହିଁ ନାଶ
ଏକାଇର ଦଳା ମୋର ହେଲ ତପସ୍ୟ ।
ଦଶମାସ ଗର୍ଭେ ଧରି ହେଲ ଅପୁତ୍ରିକ
କୁଳ ଖସିଗଲା ମୋର ହୋଇଲ ଘରଷ ।
ଦଇବ ପୁରୁଷ ଏହା କରୁଛନ୍ତି ପ୍ରଣି
ମାତା ପୁଅ ଭିନ୍ନ ଭିନ୍ନ କରାଇଲୁ ଆଣି ।
ଦଶରାଜ୍ୟ ସମ୍ପତ୍ତି ମୋ ହେଲ ଲୋଭ କରିବ
ମୁହିଁ ହେ ଗୋବନ୍ଦ ମନ କଲ ଜ୍ଞପଦେବତ ।
ଦାଣ୍ଡ଼ୁପା ବୋଇଲେ ତୁମ୍ଭେ ଏକଳ କପାଇଁ
ଅନେକ ପ୍ରକାରେ ବୁଦ୍ଧି କହିଲି ମଣାଇ ।
ଆପଣା ଇଚ୍ଛାଏ ପୁଅ ଯୋଗୀ କରାଇଲୁ
ଦାରୁଣ ପୁରୁଷ ମନ କହିଁ ବଳାଇଲୁ ।
ଏବେ କି କାନ୍ଦିଲେ ଆଉ ପାଇ ସେହୁ କଥା
ମିଥ୍ୟାରେ ରୋଦନ କରି ମନ କରୁ ବ୍ୟଥା ।
ବୋଲଇ ଗୋବିନ୍ଦଚନ୍ଦ୍ର ଶୁଣିସି ଗୋ ମାଏ
ସାଧୁଙ୍କ ଲେଖଣ ପୂର୍ବେ ବୋଇଲ ନଗାଁଠିଏ ।
ପିତ୍ରୁ ଲଦଶ ଯାତେ ଖସିଲା ବୋଇତ
କୂଳରେ ତ ଲାଗି ସବୁ ଦ୍ରବ୍ୟ ଗଲା ବୁଡ଼ି ।
ମୋତେ ଯେଉଁମତ କରି ମୂର୍ଚ୍ଛା ମହାଦେଇ
ସମୁଦ୍ରେ ଖସିଲା ଧେଳା ନେଉଟିଲେ କି ପାଇ ।
ତୁମ୍ଭେ ହେ କାରଣ ମୋତେ ଜଳ ଗର୍ଭେଧରି
ମୋହ ଜନ୍ମିବେକି ମୁଁ ସଂସାରୁ ହେଲ ପାର ।
ତୁମର ବଚନ ମାଏ ଘେନେ ନଗରକୁ
ଗୁରୁ ଆଜ୍ଞା ଦେଇଚନ୍ତି ଗୋବିନ୍ଦଚନ୍ଦ୍ରକୁ ।

ନବରଙ୍ଗୁ ନ ଯା ବାବୁ ବଧ ମଣ୍ଡପରୁ
ଜନାସ୍ତରୁ ରକ୍ତ ଗୋଉଥିବା ଦେଶାନ୍ତରୁ ।
ଶୁମର ବଚନ ମାଏ ନବରଙ୍ଗୁ ଚଳି
ମଣ୍ଡପେ ବସିଲା ରାଜା ମୃଗଛାଲ ପାଢ଼ି । [୩୦]
ଏମନ୍ତ ବଚନେ ଯେ ଶୁଭିଲା ଶଙ୍ଖଧ୍ୱନି
ପିକ ରବ ହେଲା ଯନ୍ତ୍ରେଁ ପାହିଲା ରଜନୀ ।
ନଗ୍ର ନରନାରୀ ଯେ ବାହାର ହେଲେ ସବୁ
ଦେଖିଲେ ବସିଛି ରାଜା ଅନାଇଲେ ଦୂରୁ ।
ସର୍ବାଙ୍ଗେ ବିଭୂତିମଣ୍ଡେ ଭୂଷିତ ଯୋଗୀ ବେଶ କନ୍ଥା
ଦେଖିଣ ଆଶ୍ଚର୍ଯ୍ୟ ଯେ ପାଇଲେ ମହାବ୍ୟଥା ।
ମୃଦୁସ୍ମିତୀଗଣ ଏହା ଦେଖିଲେକ ଯନ୍ତ୍ରେଁ
ଅନ୍ତଃପୁର ସ୍ତ୍ରୀଦେଶଙ୍କୁ ଧାଇଁଗଲେ ତତ୍ତେଁ ।
ଯେଉଁଠାରେ ବସିଛନ୍ତି ଶ୍ୱେତମା ଗୋତମା
ବାରତା କହନ୍ତି ଯାଇଁ ମୃଦୁମୁଖୀ ବାମା । [୪୦]
ଶୁଣ ମାଏ ଠାକୁରାଣୀ ଦେଖିଲୁଁ ଯାହା
ଯୋଗିବେଶ ହୋଇଛନ୍ତି ଆମ୍ଭ ପ୍ରାଣନାଥ ।
ମଣ୍ଡପରେ ବସିଛନ୍ତି ବିଭୂତି ଭୂଷଣ
କର୍ଣ୍ଣରେ ମୁଦ୍ରା ଭୂଷିତ ଲାଉଜନାମାନ ।
ନଗ୍ର ନରନାରୀମାନେ ଦେଖି ଦେଖୁଛନ୍ତି
ହାହା ସେ ଉଠାଇଲୁ ଏମନ୍ତ ବୋଲନ୍ତି ।
ଶ୍ୱେତମା ଗୋତମା ଦୁଇ ପାଟରାଣୀ ଶୁଣି
ଆତ୍ମା ସମ୍ଭାଳି ନ ପାରୁଛ ମନ ଜାଣି ।
ମୂଳକୁ ଛେଦିଲେ ଯେସନ୍ତ କଦଳୀ ପଡ଼େ
କେଶବାସ ଅସମ୍ଭାଳ ହୃଦୟ ଆକୁଳେ । [୫୦]
ଖଣ୍ଡେକ ଚେତନା ପାଇ ଉଠିଲେକ ରାଣୀ
ପ୍ରିୟସଖୀମାନେ ମୁଖେ ସିଞ୍ଚୁଛନ୍ତି ପାଣି ।
ଚଳନ୍ତୁ ବାହାର କେଶ ଅସମ୍ଭାଳ ହୋଇ
ଯେଉଁଠାରେ ବସିଛନ୍ତି ରାଜା ଯୋଗୀରାଇ ।

ସେଠାରେ ପ୍ରବେଶ ହେଲେ ବେଦନା ଶୋଦନା
ଊର୍ଦ୍ଧ୍ୱ ମୁଖ ହୋଇ ରଡ଼ ଦେଲେ ଦୁଇ ବାମା ।
ତାହାଙ୍କ ପଛରେ ଅନେଶ୍ୱତ ପରିବାସ
ତାଙ୍କ ମୁଖ ଦୃଷ୍ଟିକରି କରନ୍ତି ବୋବାଳି ।
ଆହା ପ୍ରାଣନାଥ କେ ତୁମ୍ଭଙ୍କୁ କଲା ବାଇ
କାହାଠାରୁ ମ୍ଳାନବୁଦ୍ଧି ଶିଖିଲ ଗୋସାଇଁ । ୬୦ ।
ନବଲକ୍ଷ ବଙ୍ଗ ତୋର ଅନେଶ୍ୱତ ରାଣୀ
ଷୋଳଶତ ହସ୍ତୀ ମୂଳଦନ୍ତୀ ଶତ ଛନ୍ଦ ।
ଦ୍ୱିଶତ ସିନ୍ଧୂରାଷ୍ଟ୍ର ଶଢେକ ଖଇର
ବେକ ଶତ ହାଜଣ ଅଟଳ ନରେଶ୍ୱର ।
ଏହିମତେ ଷୋଳଶତ ତୋହର ବାହ୍ମଣ
ହସ୍ତିର ଉପରେ ଦଣ୍ଡ ସିଂହାସନେ ବସ ।
ଏବେ ବଉଜଣ ଗୁଡ଼ିସିଦ୍ଧୁ ଦେଶାନ୍ତର
କାହୁଁକି ଗୋସାଇଁ ଆମ୍ଭ ବୋଲ ଶୀଘ୍ର କର ।
କର୍ଣ୍ଣରୁ ମୁକୁଟ କାଢ଼ି କଲ୍ଲା ଦୂର କର
ତନସ୍ୱରେ କଷ୍ଟଅଛୁ ଦାରେ ରତ୍ନାକର । ୭୦ ।
ଘୃଣ ସତ୍ୱମନ ଭୂତ ହୋଇଲ କି ଅର୍ଥେ
କେ ତୁମ୍ଭଙ୍କୁ ବୁଦ୍ଧି ଦେଲା ନ କହ ଅଗ୍ରତେ ।
ରାଣୀଙ୍କି ନ ଦୃଷ୍ଟି ରାଜା ଦୃଷ୍ଟିଲ ସେଦନା
ଶୁଣସି ଗୋ ବେଦନା ଗୋଦନା ଦେବକଣ୍ଣୀ ।
ମାହୁ ମୋର ତେଜ ଆମ୍ଭେ ଦେଶାନ୍ତର ଯିବୁଁ
ମୃତ୍ତିକା ଶରୀର ଗୋଟି ଅସ୍ପୃ କରିବୁଁ ।
କୋଟିଏ ପୁରୁଷ ମୋର ଥାଇବେ କାରଣ
କାଳୀ ଲଟାଇବୁଁ ଆମ୍ଭେ ଯମର ମୁଖେଣ ।
ଦଣ୍ଡ ସିଂହାସନେ ମୋର ନଲୁଟଇ ମନ
ମାଏ କହିଛନ୍ତି ସେ'ତେ ଏହି ମହାଜ୍ଞାନ । ୮୦ ।
ହାଡ଼ିପା ହୋଇଲେ ଗୁରୁ ଯାଶା ଦେଲେ ମୋତେ
